

ବାପାଙ୍କ ସହ କାମ କରିବେ ବରୁଣ
▸ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 42 ◆ISSUE-17 ◆BHUBANESWAR ◆FRIDAY ◆12 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୨ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ସରିଲା ଯାଞ୍ଚ; ଆଜି ତିନି ରଥର ଦକ୍ଷିଣ ମୋଡ଼



■ ପୁରୀ, ୧୧।୭ (ସମିସ): ଭାଇ, ଭଉଣୀଙ୍କ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଆଡପମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡିବେ। ଏବେ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ। ଆସନ୍ତା ୧୫ ତାରିଖରେ ବାହୁଡ଼ା ଯାତ୍ରା। ବାହୁଡ଼ା ପାଇଁ ଶୁକ୍ରବାର ତିନିରଥର ହେବ ଦକ୍ଷିଣ ମୋଡ। ଅର୍ଥାତ୍ ତିନିରଥଙ୍କୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ ସେଥିଲାଗି ଗୁରୁବାର ସ୍ୱତନ୍ତ୍ର ବୈଷୟିକ ଟିମ୍ ଓ

### ହେରାପଞ୍ଚମୀରେ ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ ଏମିତି ଛୋଟ ଛୋଟ ମରାମତି କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟ ମୋଟ ମରାମତି ହୋଇଛି। ଫାଟ ଜାଗାରେ ପହିପାଟିଆ ଓ ଲୁହା କ୍ଲାମ୍ପ ଦିଆଯାଇ ମରାମତି ହୋଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା ତାହାର ମରାମତି କରାଯାଇଛ। ସୂଚନାଥାଉ କି, ଦକ୍ଷିଣମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ଯାଞ୍ଚ କରାଯାଇଥିଲା। ଶୁକ୍ରବାର ତିନିରଥର ହେବ ଦକ୍ଷିଣ ମୋଡ଼। ତେବେ ରଥ ଦକ୍ଷିଣ ମୋଡ଼ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ▸ପୃଷ୍ଠା-୧୦

### ନିଟ୍ ପରୀକ୍ଷା ବିଭ୍ରାଟ ମାମଲାରେ ସିବିଆଇର ରିପୋର୍ଟ

# ପ୍ରଶ୍ନପତ୍ର ପ୍ରଘଟ 'ପ୍ରାୟୋଜିତ'

### ଗୁଜରାଟର ଦୁଇଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ଓଡ଼ିଶା ସମେତ ୫ ରାଜ୍ୟର ଛାତ୍ରଛାତ୍ରୀ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ନିଟ୍-ୟୁଜି ପରୀକ୍ଷା ବିଭ୍ରାଟକୁ ନେଇ ସାରା ହଙ୍ଗାମା ଜାରି ରହିଛି। ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କୁ ଦାୟୀ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ଲଗାଇଛନ୍ତି। ଏହି ମାମଲା ସଡ଼କଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। କେନ୍ଦ୍ର ସରକାର ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୁପ୍ରିମକୋର୍ଟରେ ଗୋଟିଏ ପରେ ଗୋଟିଏ ସତ୍ୟପାଠ ଦାଖଲ କରାଯାଇ ଦୋଷ ଛଡ଼ାଇବାକୁ ଉଦ୍ୟମ କରୁଛନ୍ତି। ଏହା ମଧ୍ୟରେ ପରୀକ୍ଷା ବିଭ୍ରାଟକୁ ନେଇ ସିବିଆଇ ଯାଞ୍ଚରୁ ନୂଆ ତଥ୍ୟ ସାମନାକୁ ଆସିଛି। ନିଟ୍ ପରୀକ୍ଷା ବିଭ୍ରାଟର ମୂଳକ୍ଷେତ୍ର ଗୁଜରାଟ ବୋଲି ଜଣାପଡ଼ିଛି। ଗୁଜରାଟର ଗୋଧ୍ରା କୋର୍ଟରେ ସିବିଆଇ ଦାଖଲ କରିଥିବା




ଗୋଧ୍ରା କୋର୍ଟଙ୍କୁ ଜଣାଇଲା ସିବିଆଇ

ଜାଲିଆତି ପାଇଁ କରାଯାଇଥିଲା ସମ୍ପୂର୍ଣ୍ଣ ବ୍ୟବସ୍ଥା

୧୮ରେ ସୁପ୍ରିମକୋର୍ଟରେ ପରବର୍ତ୍ତୀ ଶୁଣାଣି

**ଅଭିଯୁକ୍ତଙ୍କୁ ସିଟି କୋ-ଅର୍ଡିନେଟର ନିଯୁକ୍ତ କରିଥିଲା ଏନ୍‌ଟିଏ**

ରିପୋର୍ଟରେ ଦର୍ଶାଯାଇଛି ଯେ ପରୀକ୍ଷାରେ ବିଭ୍ରାଟ ପାଇଁ ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ବିକଶିତ କରିଦିଆଯାଇଥିଲା। ଗୋଧ୍ରାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଓଡ଼ିଶା ସମେତ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସମସ୍ତେ ଗୁଜରାଟୀ ଭାଷାରେ ପରୀକ୍ଷା ଦେଇଥିଲେ। ଅଭିଯୁକ୍ତମାନେ ସମସ୍ତଙ୍କୁ ଏହି ଭାଷା ଚୟନ କରିବାକୁ କହିଥିଲେ। ପରୀକ୍ଷା ଦେଉଥିବା ଅନ୍ୟ ଛାତ୍ରଛାତ୍ରୀମାନେ କପି କରି ଉତ୍ତର ଖାତା ପୂରଣ କରିବା ପାଇଁ ଏହି ସୁବିଧା କରାଯାଇଥିଲା। ଏହି ଛାତ୍ରଛାତ୍ରୀଙ୍କୁ ନିଜ ସ୍ଥାୟୀ ଠିକଣାରେ ପଞ୍ଚମହଲ କିମ୍ବା ଭଦୋଦରା ଲେଖିବାକୁ କୁହାଯାଇଥିଲା। କାରଣ ଏହି ଦୁଇ କେନ୍ଦ୍ରର ନିୟନ୍ତ୍ରଣ ଜଣେ ନିର୍ଦ୍ଦେଶକଙ୍କ ହାତରେ ଥିଲା। ଅଭିଯୁକ୍ତମାନେ ଅଲଗା ଅଲଗା ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ▸ପୃଷ୍ଠା-୧୦

### ମାଷ୍ଟରମାଇଣ୍ଡ ସଞ୍ଜୀବର ଘନିଷ୍ଠ ରକି ଗିରଫ



■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସିବିଆଇ ଗୁରୁବାର ମାଷ୍ଟରମାଇଣ୍ଡ ସଞ୍ଜୀବ ମୁଖିଆର ଘନିଷ୍ଠ ସହଯୋଗୀ ରାକେଶ ରଞ୍ଜନ ଓରଫ ରକିକୁ ବିହାର ନାଳନ୍ଦାରୁ ଗିରଫ କରିଛି। ସେ ପ୍ରଶ୍ନପତ୍ରର ସମାଧାନ କରାଇ ଏହାକୁ ମୋବାଇଲରେ ଅନ୍ୟ ଏକ ଅଭିଯୁକ୍ତ ଚିଣ୍ଟୁକୁ ପଠାଇ ଥିଲା। ସିବିଆଇ ଗିରଫ କରିବା ପରେ ରକିକୁ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୦ ଦିନ ପାଇଁ ସିବିଆଇ ରିମାଣ୍ଡକୁ ପଠାଇ ଦେଇଛନ୍ତି। ▸ପୃଷ୍ଠା-୧୦

### ୧୦୦ ସିଟ୍‌ର ଯାଜପୁର ମେଡିକାଲ କଲେଜ ଆଶା ମଉଳିଲା

## ନାମଲେଖା ପୂର୍ବରୁ କଟିଲା ସିଟ୍

■ ଭୁବନେଶ୍ୱର, ୧୧।୭(ସମିସ): ନାମଲେଖା ପୂର୍ବରୁ କମିଲା ଯାଜପୁର ଯଯାତିକେଶରୀ ମେଡିକାଲ କଲେଜର ଆସନ ସଂଖ୍ୟା। ପୂର୍ବରୁ ଏହି ମେଡିକାଲ କଲେଜରେ ୧୦୦ ଆସନରେ ନାମଲେଖା ପାଇଁ ଧାର୍ଯ୍ୟ ହୋଇଥିବାବେଳେ ଏବେ ତାହାକୁ ଜାତୀୟ ଆୟୁର୍ବିଜ୍ଞାନ ଆୟୋଗ (ଏନ୍‌ଏମ୍‌ସି) ୫୦କୁ ହ୍ରାସ କରିଛନ୍ତି। ଫଳରେ ଚଳିତ ବର୍ଷ ଏଠାରେ ମାତ୍ର ୫୦ଟି ଆସନରେ ନାମଲେଖା ହେବା ସୂଚନା ମିଳିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଯାଜପୁରରେ ପ୍ରତିଷ୍ଠିତ ଯଯାତିକେଶରୀ ମେଡିକାଲ କଲେଜରେ ୧୦୦ ଜଣ ଛାତ୍ରଛାତ୍ରୀ ଏମ୍‌ବିବିଏସ୍‌ରେ ନାମ ଲେଖାଇ ଥାଆନ୍ତେ। ଏଥିପାଇଁ ସବୁ ପ୍ରକାର ଭିତ୍ତିଭୂମି ବ୍ୟବସ୍ଥା କରି ରାଜ୍ୟ ସରକାର ଏନ୍‌ଏମ୍‌ସିକୁ ଆବେଦନ କରିଥିଲେ। ଏନ୍‌ଏମ୍‌ସି ପକ୍ଷରୁ ଏବାବଦରେ ମଧ୍ୟ ଏକପ୍ରକାର ପ୍ରତିଶ୍ରୁତ ମିଳିଥିଲା; ମାତ୍ର ଚଳିତ ମାସ ୬ ତାରିଖରେ ଏନ୍‌ଏମ୍‌ସି ଯାଜପୁର ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିବା ଅନୁମତିପତ୍ରରେ ଯାଜପୁର ମେଡିକାଲ କଲେଜ ସିଟ୍ ସଂଖ୍ୟାକୁ ୫୦କୁ ହ୍ରାସ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମସିହାରୁ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଯାଜପୁର ମେଡିକାଲ କଲେଜ କର୍ତ୍ତୃପକ୍ଷ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରିଛନ୍ତି। ରାଜ୍ୟରେ ନୂତନ ଭାବେ ପୂର୍ବରୁ ସ୍ଥାପିତ ମେଡିକାଲ କଲେଜରେ ପୂର୍ବ ନିର୍ଦ୍ଧାରିତ ସିଟ୍ ସଂଖ୍ୟା ମୁତାବକ, କଲେଜରେ ନାମଲେଖା ହେଉଥିବାବେଳେ ଯାଜପୁର ମେଡିକାଲ କଲେଜର ସିଟ୍ ସଂଖ୍ୟା ୫୦% ହ୍ରାସ ହେବା ଘଟଣା ଆଶାୟୀ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ରାଜ୍ୟ ଅତିରିକ୍ତ ଡିଏମ୍‌ଇଟି ଡାକ୍ତର ଉମାକାନ୍ତ ଶତପଥୀ କହିଛନ୍ତି, ଚଳିତ ଶିକ୍ଷାବର୍ଷରେ ୫୦ ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ପାଇଁ ଅନୁମତି ମିଳିଛି। ୧୦୦ ସିଟ୍‌ରେ ନାମଲେଖା ପାଇଁ ଏନ୍‌ଏମ୍‌ସିକୁ ପୁଣିଥରେ ଆବେଦନ କରାଯିବ। ଏହା ଫଳବତୀ ନହେଲ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରେ ଦ୍ୱିତୀୟ ଆବେଦନ କରାଯିବ। ନିଟ୍ ଜରିଆରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କ ଚୟନ କରାଯିବ ବୋଲି ସେ କହିଛନ୍ତି।

**୧୦୦ ବଦଳରେ ୫୦ଟି ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖାବାକୁ ସଂଶୋଧିତ ଅନୁମତି**

ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜରେ ପ୍ରଥମ ଥର ପାଇଁ ନାମ ଲେଖା ପୂର୍ବରୁ ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ▸ପୃଷ୍ଠା-୧୦

### ବଜ୍ରପାତ ମୃତ୍ୟୁ ରୋକିବା ବଡ଼ ଆହ୍ୱାନ

## ତାଳଗଛ ଭରସାରେ ସରକାର

■ ଭୁବନେଶ୍ୱର, ୧୧।୭ (ସମିସ): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ତାଳଗଛ ଉପରେ ଭରସା କରିଛନ୍ତି ରାଜ୍ୟ ସରକାର। ସାରା ରାଜ୍ୟରେ ବ୍ୟାପକ ତାଳ ଗଛ ରୋପଣ ନିର୍ଦ୍ଦେଶ ସହ ପୁରୁଣା ତାଳଗଛ କାଟିବା ଉପରେ ବନ ବିଭାଗ ପ୍ରତିବନ୍ଧକ ଲଗାଇଛି। ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ବନ ବିଭାଗ ଓ କୃଷି ବିଭାଗ ପକ୍ଷରୁ ବ୍ୟାପକ ତାଳ ମଞ୍ଜି ରୋପଣ ଚାଲିଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ବର୍ତ୍ତମାନ ଦିନରେ କେତେ ଫଳପ୍ରଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ରାଜ୍ୟରେ ଯେତେ ସଂଖ୍ୟକ ତାଳ ଗଛ ରହିଛି, ▸ପୃଷ୍ଠା-୧୦



ଗଛ ବଢ଼ିବା ପାଇଁ ଆବଶ୍ୟକ ୨୦ ବର୍ଷ

ମୁକାବିଲା ପାଇଁ ଲୋଡ଼ା ତୁରନ୍ତ ପଦକ୍ଷେପ

ବର୍ଷକୁ ବଜ୍ରପାତରେ ଯାଉଛି ୩୦୦ ଜୀବନ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

## ବିଶ୍ୱବାସୀଙ୍କୁ ବ୍ୟଥିତ କରିଛି ପହଣ୍ଡି ଅଘଟଣ

■ ଭୁବନେଶ୍ୱର, ୧୧।୭ (ସମିସ): ବଡ଼ଠାକୁର ବଳଭଦ୍ର ଆଡ଼ପ ପହଣ୍ଡି ବେଳେ ରଥ ଉପରେ ପଡ଼ିଯିବାକୁ ନେଇ ଭକ୍ତମହଲରେ ଅସନ୍ତୋଷ ଥମୁନାହିଁ। ଅଘଟଣକୁ ନେଇ ସମସ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ବେଳେ ରାଜ୍ୟ ସରକାର ଏହାକୁ ଛୋଟିଆ ଘଟଣା କହି ପ୍ରସଙ୍ଗକୁ ହାଲୁକାରେ ନେବାକୁ ଚେଷ୍ଟା କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏହି ସମୟରେ ଘଟଣାକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ନବୀନ ଏହି ଘଟଣା ଯେପରି ପୁନର୍ବାର ଭବିଷ୍ୟତରେ ପୁନରାବୃତ୍ତି ନ ହେବ ତାହାକୁ ସୁନିଶ୍ଚିତ ▸ପୃଷ୍ଠା-୧୦



ଜଗନ୍ନାଥ ପ୍ରେମୀଙ୍କ ଦୁଃଖକୁ ଦ୍ୱି'ଗୁଣିତ କରିଛି ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ହାଲୁକା ମନ୍ତବ୍ୟ

ଏପରି ଅଘଟଣ ଯେପରି ପୁନରାବୃତ୍ତି ନହେବ, ତାହା ଆପଣ ନିଜେ ସୁନିଶ୍ଚିତ କରାନ୍ତୁ



ଘଟଣାର ପୁନରାବୃତ୍ତି ନହେବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଛି

### ଆପଣଙ୍କ ପରାମର୍ଶ ସବୁବେଳେ ସମ୍ମାନର ସହ ଗ୍ରହଣୀୟ: ମୋହନ

■ ଭୁବନେଶ୍ୱର, ୧୧।୭ (ସମିସ): ବଳଭଦ୍ରଙ୍କ ଆଡ଼ପ ବିଜେ ପହଣ୍ଡି ଅଘଟଣକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଘଟଣାରେ ସେ ଗଭୀର ଭାବେ ମର୍ମାହତ। ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ଘଟିବ ସେଥିପାଇଁ ଯତ୍ନବାନ ହେବାକୁ ମୁଁ ପରାମର୍ଶ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଜଗତର ନାଥ ଜଗନ୍ନାଥ କେବଳ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ନୁହନ୍ତି, ସେ ସାରା ଜଗତ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ନାଥ ଅଟନ୍ତି। ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମିଳିତ ସମାହାର । ତାଙ୍କର ପୂଜନ ▸ପୃଷ୍ଠା-୧୦

## କେବଳ ତଦନ୍ତ ନୁହେଁ; କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



■ ଭୁବନେଶ୍ୱର, ୧୧।୭ (ସମିସ): ବଡ଼ଠାକୁର ବଳଭଦ୍ରଙ୍କ ଆଡ଼ପ ପହଣ୍ଡି ବେଳେ ଘଟିଥିବା ଅଘଟଣକୁ ନେଇ ମତ ରଖିଛନ୍ତି କଟକ ବିଜେପି ସାଂସଦ ଭର୍ତ୍ତୃହରି ମହତାବ। ସେ କହିଛନ୍ତି ଯେ ଘଟଣାକୁ ହାଲୁକା ଭାବେ ନେବା ଉଚିତ୍ ନୁହେଁ। ଏହା ଅତ୍ୟନ୍ତ ଦୁଃଖଦାୟକ ଅଟେ। ଏଭଳି ଘଟଣା ଆମେ ଅନ୍ତତଃ କେବେ ଶୁଣିନଥିଲୁ। ରଥରେ ଏତେ ଲୋକ ଚଢ଼ିଲେ କେମିତି ଏବଂ କାହିଁକି ଚଢ଼ିଲେ? ରଥ ଉପରେ ବହୁ ପରିମାଣରେ ମଧ୍ୟରେ ଠେଲାପେଲା ହେଉଥିଲା। ଏନେଇ କେବଳ ତଦନ୍ତ ନୁହେଁ ବରଂ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ▸ପୃଷ୍ଠା-୧୦

### ଲୋକକଥା



ତଦନ୍ତ କମିଟି ଗଢ଼ିଲେ ସର୍କାର
ସେଇ ଅଫିସର ନେଇ,
ଯିଏ ରହିଥିଲେ ଘୋଷଯାତରାର
ସୁପରିଚାଳନା ପାଇଁ !
'ଚୋର ହାତେ ଚାବି' ଥାଇ,
କିଭଳିଆ ନ୍ୟାୟ ଭକତ ପାଇବେ
ସମୟ ଦବ ବତେଇ !!

# ଭାରତରେ ଆତ୍ମହତ୍ୟା ହାର ବିଶ୍ୱରେ ସର୍ବାଧିକ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଭାରତରେ ଆତ୍ମହତ୍ୟା ମାମଲା ଦିନକୁ ଦିନ କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଶର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପାଲଟି ଯାଇଛି। ଯୁବ ହୁଅନ୍ତୁ କି ବୟସ୍କ ସବୁ ବର୍ଗର ଲୋକ ଆତ୍ମହତ୍ୟା କରୁଛନ୍ତି। ଏପ୍ରିଲରେ ରିଲିଜ୍ ହୋଇଥିବା ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନସିଆରବି)ର ଡାଟା ଅନୁଯାୟୀ ୨୦୨୨ରେ ଭାରତରେ ୧ ଲକ୍ଷ ୭୧ ହଜାର ଜଣ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ହାର ବଢ଼ି ୧ ଲକ୍ଷରେ ୧୨.୪% ହେଲାଣି ଅର୍ଥାତ୍ ପ୍ରତି ଲକ୍ଷେ ଲୋକଙ୍କ ମଧ୍ୟରେ ୧୨.୪ ଜଣ ଆତ୍ମହତ୍ୟା କରୁଛନ୍ତି। ଏନ୍‌ସିଆରବିର ରିପୋର୍ଟ ଅନୁଯାୟୀ ୨୦୨୨ରେ ଦିନକୁ ୪୬୮ ଲୋକ ଆତ୍ମହତ୍ୟା କରୁଥିଲେ। ଏମାନଙ୍କ ମଧ୍ୟରେ ଏକ ତୃତୀୟାଂଶ ଦିନ ମଜୁରିଆ, କୃଷି ଶ୍ରମିକ ଏବଂ ଚାଷୀ ଆଦି ସାମିଲ ଅଛନ୍ତି। ଆତ୍ମହତ୍ୟାକାରୀ ମଧ୍ୟରେ ୨୬ ପ୍ରତିଶତ ଦିନ ମଜୁରିଆ, ୧୪.୮ ପ୍ରତିଶତ ଗୃହିଣୀ, ୧୧.୪ ପ୍ରତିଶତ ଆତ୍ମନିର୍ଭର ବ୍ୟକ୍ତି, ୯.୬ ପ୍ରତିଶତ ବେକାରୀ, ୯.୨ ପ୍ରତିଶତ ଚାକିରିଆ ତଥା ଛାତ୍ରଛାତ୍ରୀ ସାମିଲ ରହିଛନ୍ତି। ୨୦୨୧ ତୁଳନାରେ ୨୦୨୨ରେ ଆତ୍ମହତ୍ୟା ହାର ୪.୨ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ୨୦୧୮ ତୁଳନାରେ ୨୭ ପ୍ରତିଶତ ଅଧିକ। ସେହିପରି ୫ ବର୍ଷ ତଳେ ପ୍ରତି ଲକ୍ଷେ ଜନସଂଖ୍ୟାରେ ଆତ୍ମହତ୍ୟା ହାର ୧୦.୨ ପ୍ରତିଶତ ଥିଲା। ଆତ୍ମହତ୍ୟାରେ ରାଜଧାନୀ ଦିଲ୍ଲୀ ଆଗରେ ରହିଛି। ଏଠାରେ ୨୦୨୧ ତୁଳନାରେ ଆତ୍ମହତ୍ୟା ମାମଲା ୨୨ ପ୍ରତିଶତ ବୃଦ୍ଧି ପାଇ ୩,୩୬୭ରେ ପହଞ୍ଚିଛି।

**ପ୍ରତି ୧ ଲକ୍ଷରେ ୧୨.୪ ଜଣଙ୍କ ଆତ୍ମହତ୍ୟା**

**୨୦୨୨ରେ ଆତ୍ମହତ୍ୟା କରିଥିଲେ ୧.୭୧ ଲକ୍ଷ**



ଅବସାଦ ଆତ୍ମହତ୍ୟାର ବଡ଼ କାରଣ ଭାବେ ଉଭା ହୋଇଛି। ଅବସାଦ ଏକ ମାନସିକ ବ୍ୟାଧି। ଏହା ବଂଶଗତ ହୋଇପାରେ କିମ୍ବା ଅନ୍ୟ କୌଣସି ଚାପ ପାଇଁ ହୋଇପାରେ ବୋଲି ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସପିଟାଲର ଇନଷ୍ଟିଚ୍ୟୁଟ୍ ଅଫ୍ ସାଇକିଆଟ୍ରି ଆଣ୍ଡ ବିହାଭିଓରାଲ ସାଇନ୍ସର ଉପାଧ୍ୟକ୍ଷ ରାଜୀବ ମେହେଟା କହିଛନ୍ତି। ଚାପ ବିଭିନ୍ନ ପ୍ରକାରର ହୋଇପାରେ। କାମର ଚାପ, ଆର୍ଥିକ ସଙ୍କଟର ଚାପ, ସମ୍ପର୍କ ତିକ୍ତ ହବାର ଚାପ ଓ ସ୍ୱାସ୍ଥ୍ୟ ବିଗୁଡ଼ୁଥିବାର ଚାପ ଆଦି। ଜୀବନରେ ଯେତେବେଳେ ଉତଥାନ ପତନ ଦେଖାଦିଏ ମାନସିକ ଚାପ ସୃଷ୍ଟି ହୋଇଥାଏ। ଚାପ ▸ପୃଷ୍ଠା-୧୦

### କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କି ପଦକ୍ଷେପ ନେଇଛ ଜଣାଅ



■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ଅହେତୁକ ବୃଦ୍ଧି ପାଇବା ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) । ଏକ ଗୁରୁତର ସାମାଜିକ ସମସ୍ୟା ବୋଲି କହିବା ସହ ଆତ୍ମହତ୍ୟା ରୋକିବା ଦିଗରେ କି ପଦକ୍ଷେପ ନିଆଯାଇଛି, ସୂଚନା ଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଗୌରବ ବଂଶଲଙ୍କ ଜନସ୍ୱାର୍ଥ ମାମଲା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ରୋକିବା ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏକ ଆରିଟିଆଇର ଉତ୍ତରରେ ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ ୨୦୧୪ରୁ ୨୦୧୮ ମଧ୍ୟରେ ଦିଲ୍ଲୀ ୧୮ ବର୍ଷରୁ କମ୍ ବୟସର ପ୍ରାୟ ୪୦୦ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି।




ସକାଳ
THE SAKALA
www.sakalaepaper.com

## ପୁରାଣେ ପୁରୁଷୋତ୍ତମ- ୯

# ବରାହ ମହାପୁରାଣ



ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ବରାହ ମହାପୁରାଣ ଅନ୍ୟତମ। ବରାହରୂପି-ବିଷ୍ଣୁ ଓ ପୃଥିବୀଙ୍କ କଥୋପକଥନକୁ ନେଇ ସନ୍ନିର୍ମିତ ଏହି ପୁରାଣରେ ରହିଛନ୍ତି ସମୁଦାୟ ୨୧୮ଟି ଅଧ୍ୟାୟ ଓ ୧୦୫୦୦ଶ୍ଳୋକ। ଏଥିରେ ମୁଖ୍ୟତଃ ସୃଷ୍ଟିତତ୍ତ୍ୱ, କର୍ମକାଣ୍ଡ, ହରପାର୍ବତୀବିବାହ, ବିବିଧ ତୀର୍ଥମାହାତ୍ମ୍ୟ, ପିତୃପୁରୁଷଙ୍କ ସେବାପୂଜା-ବିଧି ଇତ୍ୟାଦି ପ୍ରମୁଖଭାବରେ ବର୍ଣ୍ଣିତ। ଏହାର (୭/୪୨)ରେ ପୁରୁଷୋତ୍ତମ-ମହାବିଷ୍ଣୁଙ୍କ କଥା ବର୍ଣ୍ଣିତ-

"ଶଙ୍ଖଚକ୍ରଗଦାପାଣିର୍ଗରୁଡସ୍ଥୋ ବିୟନ୍ମତଃ।
ଉବାଚ ମେଘଗମ୍ଭୀରଧୀରବାକ୍ ପୁରୁଷୋତ୍ତମଃ ।।"

ପୁନଶ୍ଚ ଏଥିରେ ଧର୍ମବ୍ୟାଧ ପ୍ରସଙ୍ଗରେ (୮/୪୨, ୪୫)ରେ ଧର୍ମବ୍ୟାଧ ତୀର୍ଥାଟନରେ ଯାଇ ପୁରୁଷୋତ୍ତମକ୍ଷେତ୍ରରେ ପହଞ୍ଚି ନୀଳପର୍ବତରେ (ଧରେ-ପର୍ବତେ) ତପଶ୍ଚରଣପୂର୍ବକ ତ୍ରିଧା (ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ସ୍ଥିତି ବିଚାର୍ଯ୍ୟ) ଅବସ୍ଥିତ ତଥା ଚକ୍ରଧାରୀ ମଙ୍ଗଳମୟ, ଦୁଷ୍ଟଧ୍ୱଂସୀ, ବିଶ୍ୱଗୁରୁ, ପୁରୁଷୋତ୍ତମ-ମହାବିଷ୍ଣୁଙ୍କ ଦର୍ଶନ କରିଥିବା ବର୍ଣ୍ଣିତ ହୋଇଛି; ଯାହାକି ଶ୍ରୀଜଗନ୍ନାଥଙ୍କ ସହ ପ୍ରତ୍ୟକ୍ଷ ସଂପର୍କିତ। ଯଥା-

"ପୁରୁଷୋତ୍ତମାଖ୍ୟଂ ଚ ପୁରଂ ତତ୍ର ଗତ୍ୱା ସମାହିତଃ।
ତପଶ୍ଚଚାର ନିୟମାତ୍ ପଠନ୍ ସ୍ତୋତ୍ରମିଦଂ ଧରେ।।

ତ୍ରିଧା ସ୍ଥିତଂ ତିଗ୍ମରଥାଙ୍ଗଧାରିଣଂ ନୟସ୍ଥିତଂ ଯୁକ୍ତମନୁତ୍ତମୈର୍ଗୁଣୈଃ। ନିଃଶ୍ରେୟସାଖ୍ୟଂ କ୍ଷୟିତେତରଂ ଗୁରୁଂ ନମାମି ବିଷ୍ଣୁଂ ପୁରୁଷୋତ୍ତମଂ ତ୍ୱହମ୍।।" ଉପରୋକ୍ତ ବର୍ଣ୍ଣନାରେ କ୍ଷେତ୍ର ଓ କ୍ଷେତ୍ରାଧୀଶ ଉଭୟ 'ପୁରୁଷୋତ୍ତମ'ନାମରେ ପରିଚିତ ହେବା ପ୍ରମାଣିତ ହୁଏ। ସେହିପରି ଏହି ପୁରାଣର(୧୫/୧୯)ରେ ଅବତାରୀ ପୁରୁଷୋତ୍ତମଙ୍କୁ ବାରମ୍ବାର ପ୍ରଣାମ କରାଯାଇଛି- "ନମୋ ନମସ୍ତେ ପୁରୁଷୋତ୍ତମାୟ ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ।।" ଜଗନ୍ନାଥନାମା ବିଷ୍ଣୁଙ୍କ ଶ୍ରୀମୁଖରୁ ବିବିଧତୀର୍ଥଙ୍କ ଗୂଢମାହାତ୍ମ୍ୟ ଶୁଣି ପୁଲକିତା ପୃଥିବୀ ତାଙ୍କୁ ସ୍ତୁତି କରିଛନ୍ତି (୧୫୧/୨)- "ଶ୍ରୁତମେତଜ୍ଜଗନ୍ନାଥ ବିଷ୍ଣୋ ଗୁହ୍ୟମନୁତ୍ତମମ୍। ଯତ୍ ଶ୍ରୁତ୍ୱାଽପି ମହାଭାଗ ଜାତାଽସ୍ମି ବିଗତଜ୍ୱରା।।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୭୩୨୪

## ଆଜିର ଇତିହାସ

- ୧୮୨୩: ଭାରତରେ ନିର୍ମିତ ପ୍ରଥମ ବାଷ୍ପଚଳିତ ଜାହାଜ 'ଡାଏନା'କୁ କଲିକତାରେ ଅନାବରଣ କରାଗଲା।
- ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଦର୍ଶନ କରାଯାଉଥିବା ପ୍ରଥମ ବିଦେଶୀ ଫିଲ୍ମ ହେଲା।
- ୧୯୬୦- ଭାଗଲପୁର ଓ ରାଞ୍ଚି ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୭୦: ଅଳକାନନ୍ଦା ନଦୀରେ ଭୀଷଣ ବନ୍ୟା ଯୋଗୁଁ ପାଖାପାଖି ୬୦୦ ଲୋକଙ୍କର ପ୍ରାଣହାନି।
- ୨୦୦୧- ଅଗରତାଲା ଓ ଢାକା ମଧ୍ୟରେ ମୈତ୍ରୀ ବସ୍ ସେବା ଆରମ୍ଭ ହେଲା।



# ବାପାଙ୍କ ସହ କାମ କରିବେ ବରୁଣ

ବଲିଉଡ୍ ଅଭିନେତା ବରୁଣ ଧୱନ୍ ଏବେ ଆକ୍ସନ୍ ଭିତ୍ତିକ ଫିଲ୍ମ 'ବେବି ଜନ୍'ର ସୁଟିଂ ଇତିମଧ୍ୟରେ ସାରିଛନ୍ତି। ଏବେ ବରୁଣ ତାଙ୍କ ଆଗାମୀ ଫିଲ୍ମର ସୁଟିଂ ଆରମ୍ଭ କରିବେ। ଏହି ଫିଲ୍ମରେ ବରୁଣ ତାଙ୍କ ପିତା ତଥା ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଡେଭିଡ୍ ଧୱନ୍‌ଙ୍କ ସହ କାମ କରିବେ। ଫିଲ୍ମର ଟାଇଟଲ୍ ରହିଛି 'ହେ ଜୱାନି ତୋ ଇସ୍କ ହୋନା ହେ'। ଏହା ଏକ ରୋମାଣ୍ଟିକ୍ କମେଡି ଫିଲ୍ମ ହେବ। ଏଥିରେ ବରୁଣଙ୍କ ସହ ମୃଣାଳ ଠାକୁର ଓ କନ୍ନଡ଼ ଅଭିନେତ୍ରୀ ଶ୍ରୀଲୀଲା ନଜର ଆସିବେ। ୨ ଅକ୍ଟୋବର, ୨୦୨୫ରେ ଏହା ପରଦାକୁ ଆସିବ। ଜଲ୍‌ଦି ବରୁଣ ଏହାର ସୁଟିଂ ଆରମ୍ଭ କରିବେ। ବାନ୍ଦ୍ରାସ୍ଥିତ ମେହବୁବ ଷ୍ଟୁଡିଓରେ ସୁଟିଂ ଆରମ୍ଭ ହେବ। ସୁଟିଂ ପାଇଁ ଏଠାରେ ଏକ ବଡ଼ ସେଟ୍ ନିର୍ମାଣ କରାଯାଇଛି। ବର୍ଷା ପାଇଁ ସୁଟିଂ କିଛିଦିନ ପାଇଁ ବାନ୍ଦ୍ରା ଷ୍ଟୁଡିଓରେ କରାଯିବ। ଏହାପରେ ଅଲଗା ଲୋକେସନ୍‌ରେ ସୁଟିଂ କରାଯିବ। ତେବେ ଡେଭିଡ୍‌ଙ୍କ ସହ ବରୁଣଙ୍କର ଏହା ଚତୁର୍ଥ ଫିଲ୍ମ ହେବ। ଏହାପୂର୍ବରୁ ଏହି ବାପ-ପୁଅ ଯୋଡ଼ି ଏକାଠି ୨୦୧୪ରେ 'ମେ ତେରା ହିରୋ', ୨୦୧୭ରେ 'ଜୁଡୱା-୨', ୨୦୨୦ରେ 'କୁଲି ନମ୍ବର ୱାନ୍'ରେ କାମ କରିଥିଲେ।

## ବିଶ୍ୱ ପେପର ବ୍ୟାଗ୍ ଦିବସ



ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବା ପେପର୍ ବ୍ୟାଗ୍ ଉପଯୋଗ କରିବା ଦିଗରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ବିଶ୍ୱ ପେପର୍ ବ୍ୟାଗ୍ ଦିବସ' ଭାବେ ପାଳନ କରାଯାଉଛି। ଦିନକୁ ଦିନ ପ୍ଲାଷ୍ଟିକ୍ ବ୍ୟବହାର ଏତେ ବେଶି ବୃଦ୍ଧି ପାଉଛି ଯେ, ଏହା ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି। ସେଥିପାଇଁ ଏହିଦିନ ପ୍ଲାଷ୍ଟିକ୍‌ର ଦୁଷ୍ପରିଣାମ ବାବଦରେ ଲୋକଙ୍କୁ ସଚେତନ କରାଯାଏ। ଯଦିଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିଛି, ତଥାପି ଲୋକେ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌କୁ ବ୍ୟବହାର କରୁଛନ୍ତି। ପ୍ଲାଷ୍ଟିକ୍ ମାଟିରେ ସହଜରେ ବିଘଟନ ହେଉ ନ ଥିବା ବେଳେ କାଗଜ ବ୍ୟାଗ୍ ପରିବେଶ ପାଇଁ ଅନୁକୂଳ। ତା'ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଦିଗରେ ପେପର୍ ବ୍ୟାଗ୍ ସାହାଯ୍ୟ କରିଥାଏ। ୧୮୫୨ ମସିହା ଆଜିର ଦିନରେ ଫ୍ରାନ୍ସିସ୍ ୱଲେ ପ୍ରଥମଥର ପାଇଁ ପେପର୍ ବ୍ୟାଗ୍ ମେସିନ୍ ତିଆରି କରିଥିଲେ। ସେହିଦିନକୁ ସ୍ମରଣୀୟ କରିବା ପାଇଁ ବିଶ୍ୱ ପେପର୍ ବ୍ୟାଗ୍ ଦିବସ ପାଳନ କରାଯାଉଛି। ୧୮୭୦ରେ ମାର୍ଗାରେଟ୍ ଏଲୋଏସ୍ ନାଇଟ୍, ଫ୍ଲାଟ୍ ବଟମ ପେପର୍ ବ୍ୟାଗ୍ ତିଆରି କରିବା ପାଇଁ ଆଉ ଏକ ମେସିନ୍ ବିକଶିତ କଲେ। ଏହାପରେ ସେ 'ମଦର୍ ଅଫ୍ ଦ ଗ୍ରସରି ବ୍ୟାଗ୍' ଭାବେ ପରିଚିତ ହେଲେ। ପରବର୍ତ୍ତୀ ସମୟରେ ଚାର୍ଲସ ଷ୍ଟିଲ୍‌ୱେଲ୍ ଏବଂ ୱାଲ୍ଟର ଏବଂ ଲିଡିଆ ଡ୍ୟୁବେନର୍‌ଙ୍କ ଦ୍ୱାରା ଉନ୍ନତମାନର ପେପର୍ ବ୍ୟାଗ୍‌ର ଡିଜାଇନ୍ ଓ ନିର୍ମାଣ ପ୍ରକ୍ରିୟା ବିକଶିତ ହେଲା। ୧୯୯୯ରେ, ସାନ୍‌ଫ୍ରାନ୍ସିସ୍କୋ ସହର ପୃଥିବୀରେ ପ୍ରଥମେ ଦୋକାନ ବଜାର ଏବଂ ବଡ଼ ଫାର୍ମାସିରେ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏହା ପରେ ବିଶ୍ୱର ଅନ୍ୟ ଦେଶ ଏବଂ ସହରଗୁଡ଼ିକରେ କାଗଜ ବ୍ୟାଗ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବ୍ୟାଗ୍ ବ୍ୟବହାର କରିବାର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱବ୍ୟାପୀ କାଗଜ ବ୍ୟାଗ୍ ଦିବସ ପାଳନ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ଧନପ୍ରାପ୍ତ ଯୋଗ ଅଛି। ଅଚାନକ ଖୁସି ଖବର ମିଳିପାରେ। କର୍ମ ଅନୁସାରେ ଫଳ ମିଳିବ।

**ବୃଷ:** ବିନମ୍ରତା ସହ କଥାବାର୍ତ୍ତା କରନ୍ତୁ। ପରିବାରରେ ହସଖୁସି ଲାଗିରହିବ। ଅଟକି ଥିବା କାର୍ଯ୍ୟ ପୂରା ହେବ। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** ଅଟକିଥିବା କାର୍ଯ୍ୟ ପୁଣି ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଶୁଭ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଦାମ୍ପତ୍ୟଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ କରନ୍ତୁନି। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ଚିନ୍ତା ଦୂର ହେବ। ଧୈର୍ଯ୍ୟ ହରାନ୍ତୁନି। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ପିଲାଙ୍କ ପଢ଼ା ପାଇଁ ଅଭିଭାବକ ବ୍ୟସ୍ତ ବିବ୍ରତ ହେବେ। ସମାଜସେବାରେ ସମୟ ଦେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ପଡ଼ୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜିବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ଭାଇ-ଭାଇ ମଧ୍ୟରେ କଳହ ଉପୁଜିପାରେ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହୋଇପାରନ୍ତି। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗଦେବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିପାରେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

## ସୁସ୍ଥ ମନ ସୁସ୍ଥ ଶରୀର



# ହାପିନେସ୍ ହର୍‌ମୋନ୍

**'ଲୁଣ ଖାଏ ହାଣ୍ଡି; ଚିନ୍ତା ଖାଏ ଗଣ୍ଡି', ଏହି ଆପ୍ତବାକ୍ୟ ଅକ୍ଷରେ ଅକ୍ଷରେ ସତ । ମଣିଷ ସ୍ୱାସ୍ଥ୍ୟକୁ ଚିନ୍ତା ପ୍ରଭାବିତ କରି ଶହେ ରୋଗ ସୃଷ୍ଟି କରେ। ଚିନ୍ତା ଦୂର ପାଇଁ ଅନେକ ନାନା ପ୍ରତିକାର ତଥା ପଦ୍ଧତି ଆପଣାଇଥାନ୍ତି। ହେଲେ ଚିନ୍ତା ଦୂର କରିବାର ପ୍ରାକୃତିକ ମହୌଷଧି ହେଉଛି ଖୁସି। ମନ ଖୁସି ରହିଲେ, ଶରୀର ସୁସ୍ଥ ରହେ। ବାତାବରଣ, ସମ୍ପର୍କ, ସଫଳତା ଆଦି ଖୁସିର କାରଣ। ଖୁସି ମନୁଷ୍ୟର ମନ, ଭାବନା, ଚିନ୍ତାଧାରା ଆଦିକୁ ନିୟନ୍ତ୍ରଣ କରିଥାଏ। ଏହି ପ୍ରକ୍ରିୟାରେ କ୍ଷରଣ ହେଉଥିବା ହର୍‌ମୋନ୍‌କୁ ହାପିନେସ୍ ହର୍‌ମୋନ୍ ତଥା ନ୍ୟୁରୋଟ୍ରାନ୍ସମିଟର ନାମରେ ଜଣାଯାଏ। ହାପିନେସ୍ ହର୍‌ମୋନ୍‌କୁ ଯନ୍ତ୍ରଣାନାଶକ ଭାବେ ମଧ୍ୟ ବିବେଚନା କରାଯାଏ।**

ମସ୍ତିଷ୍କର ନ୍ୟୁରାନ୍ସ ମଧ୍ୟରେ ସଙ୍କେତକୁ ରାସାୟନିକ ଦୂତ ପରି ନ୍ୟୁରୋଟ୍ରାନ୍ସମିଟର ପ୍ରସାରିତ କରେ। ଏଣ୍ଡରଫିନ୍, ଅକ୍ସିଟୋସିନ୍, ଡୋପାମିନ୍ ଏବଂ ସେରୋଟୋନିନ୍ ଆଦି ଖୁସିର ପ୍ରମୁଖ ହର୍‌ମୋନ୍। ଏହା ସକ୍ରିୟ ହେଲେ ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିପାରିବେ। ତେବେ କେଉଁ ରୋଗ ପାଇଁ ଏହି ହର୍‌ମୋନ୍ ମହୌଷଧି ପରି କାମ କରେ ଓ ହର୍‌ମୋନ୍ ସନ୍ତୁଳିତ ରହିବାର ଉପାୟ ଜାଣନ୍ତୁ।

**ଚିନ୍ତା କମ୍ କରେ ଏଣ୍ଡରଫିନ୍:** ଏଣ୍ଡରଫିନ୍ ପ୍ରାକୃତିକ ଯନ୍ତ୍ରଣା ଲାଘବ କରୁଥିବା ହର୍‌ମୋନ୍। ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ କମ୍ କରିବାକୁ ମସ୍ତିଷ୍କର ଓପିଓଇଡି ରିସେପ୍ଟର୍ସ ସହିତ ଜଡ଼ିତ କାମ କରେ। ସବୁ ସମୟରେ ଖୁସି ରହିଲେ ଏଣ୍ଡରଫିନ୍ ସକ୍ରିୟ ରହିଥାଏ। ଏହି ହର୍‌ମୋନ୍ ମନ ଉପରେ ନିୟନ୍ତ୍ରଣ କରି ଚିନ୍ତା କମ୍ କରେ। ଆନନ୍ଦ ପ୍ରଦାନ କରେ। ଶାରୀରିକସ୍ତରରେ ସକ୍ରିୟ ରହିବା, ତଥା ଏରୋବିକ୍ ବ୍ୟାୟାମ କରିବା, କିଛି ରାଗୁଆ ଖାଦ୍ୟ ପଦାର୍ଥ ଗ୍ରହଣ ଦ୍ୱାରା ଏଣ୍ଡରଫିନ୍ ହର୍‌ମୋନ୍ କ୍ଷରଣ ବୃଦ୍ଧି ପାଇଥାଏ।

### ପ୍ରେରଣା ଏବଂ ଧ୍ୟାନ ପାଇଁ ଡୋପାମାଇନ୍

ଖୁସି ଏବଂ ଆନନ୍ଦ ହେଲେ ଡୋପାମାଇନ୍ ହର୍‌ମୋନ୍ ନିର୍ଗତ ହୁଏ। ଏହା ଏକ ପ୍ରକାର ହିତକାରୀ ରସାୟନ। ପ୍ରେରଣା ଏବଂ ଧ୍ୟାନ ପାଇଁ ଡୋପାମାଇନ୍ ହର୍‌ମୋନ୍ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲକ୍ଷ୍ୟ ପୂରଣଜନିତ ଆନନ୍ଦରୁ ଏହି ହର୍‌ମୋନ୍ କ୍ଷରଣ ବୃଦ୍ଧିପାଏ। ଅନ୍ୟପଟେ ଛୋଟ ଛୋଟ ଖୁସି ମୁହୂର୍ତ୍ତ କିମ୍ବା ନିଜ ପସନ୍ଦର ଲୋକଙ୍କ ସହ ସମୟ ବିତାଇବା ଦ୍ୱାରା ଏହି ହର୍‌ମୋନ୍ ସ୍ତର ବଢ଼ିଥାଏ।

**ମନକୁ ନିୟନ୍ତ୍ରଣ କରେ ସେରୋଟୋନିନ୍:** ସେରୋଟୋନିନ୍ ହର୍‌ମୋନ୍ ମନ, କ୍ଷୁଧା, ନିଦକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରିଥାଏ। ଶରୀରରେ ଏହି ହର୍‌ମୋନ୍ ଅଭାବରୁ ଚିନ୍ତା ବୃଦ୍ଧି ପାଇଥାଏ। ତେଣୁ ପ୍ରତିଦିନ କିଛି ସମୟ ସୂର୍ଯ୍ୟକିରଣରେ ରହିବା ଦ୍ୱାରା ସେରୋଟୋନିନ ହର୍‌ମୋନ୍ ସନ୍ତୁଳିତ ରହେ। ସେହିପରି ପ୍ରାକୃତିକ ପରିବେଶରେ ସମୟ ବିତାଇବା ଦ୍ୱାରା ହର୍‌ମୋନ୍ ବୃଦ୍ଧି ପାଇଥାଏ। ଏହି ହର୍‌ମୋନ୍‌କୁ ସନ୍ତୁଳିତ ରଖିବାକୁ ନିୟମିତ ପ୍ରାଣାୟାମ ଏବଂ ମନକୁ ଖୁସି କଲା ପରି କାମ କରିବା ଦରକାର ।

**ଶାରୀରିକ ସ୍ପର୍ଶରୁ ଅକ୍ସିଟୋସିନ୍ ବୃଦ୍ଧି:** ଅକ୍ସିଟୋସିନ୍‌କୁ ଲଭ୍ ହର୍‌ମୋନ୍ କୁହାଯାଇଥାଏ। ସାମାଜିକ ବନ୍ଧନ, ବିଭିନ୍ନ ସମ୍ପର୍କରେ ଆତ୍ମୀୟତା ଅନୁଭବ ଦେବାରେ ଏହି ହର୍‌ମୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ବ୍ୟକ୍ତିର ବିଶ୍ୱାସ ଭାବନାକୁ ବୃଦ୍ଧିକରେ। ଚିନ୍ତା ଓ ଅବସାଦ ଦୂର କରିବାରେ ଏହି ହର୍‌ମୋନ୍ ସାହାଯ୍ୟ କରେ। ଶାରୀରିକ ସ୍ପର୍ଶରୁ ଅକ୍ସିଟୋସିନ୍ ସନ୍ତୁଳିତ ରହେ। ତେଣୁ ମନ ଚାହୁଁଥିବା ବ୍ୟକ୍ତି ତଥା ପ୍ରିୟଜନଙ୍କୁ ଭେଟି ସେମାନଙ୍କ ସହ ଭାବବିନିମୟ କରିବା ଉତ୍ତମ ବିକଳ୍ପ। ପୋଷା ପ୍ରାଣୀଙ୍କ ସହ ଖେଳିବା କିମ୍ବା ସମୟ ବିତାଇବା ଦ୍ୱାରା ଏହି ହର୍‌ମୋନ୍ ବୃଦ୍ଧି ପାଇଥାଏ।






# ଡେଙ୍ଗୁ

**ବର୍ଷାଦିନରେ ବାୟୁମଣ୍ଡଳ ତାପମାତ୍ରା ଓ ଆର୍ଦ୍ରତାର ଏକ ନିର୍ଦ୍ଦିଷ୍ଟ ସମୀକରଣରେ ଭୂତାଣୁ, ଜୀବାଣୁ ଓ କୀଟାଣୁଙ୍କ ସଂଖ୍ୟା ବଢ଼େ। ବିଭିନ୍ନ ସ୍ଥାନରେ ପାଣି ଜମି ମଶା ବଂଶ ବୃଦ୍ଧି ପାଏ। ତେଣୁ ବର୍ଷାଦିନେ ମେଲେରିଆ, ଚିକନଗୁନିଆ ଏବଂ ଡେଙ୍ଗୁ ହେବାର ଅଧିକ ଆଶଙ୍କା ରହିଥାଏ। ଏଡିସ୍ ମଶା କାମୁଡ଼ାରୁ ଡେଙ୍ଗୁ ଜ୍ୱର ହୋଇଥାଏ। ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଏ। ପ୍ଲେଟଲେଟ୍ କମିଯାଇଥାଉଥିବାରୁ ଏଥିପ୍ରତି ସଚେତନ ରହିବା ଜରୁରି। ତେଣୁ ଡେଙ୍ଗୁ ରୋଗକୁ ପ୍ରତିହତ କରିବାକୁ କିଛି ଦିଗ ପ୍ରତି ସଚେତନ ରୁହନ୍ତୁ।**

ଡେଙ୍ଗୁ ଏକ ଭୂତାଣୁଜନିତ ରୋଗ। ସ୍ନାନାଗାର, ରୋଷେଇଘର, ପୁରୁଣା ଟାୟାର ଆଦିରେ ଜମିଥିବା ପାଣିରେ ମଶାଙ୍କ ବଂଶ ବୃଦ୍ଧି ପାଏ। ଏଡିସ୍ ମଶା କାମୁଡ଼ିଲେ ଡେଙ୍ଗୁ ହୋଇଥାଏ। ଏହି ମଶା ପ୍ରାୟତଃ ଦିନରେ ସୁସ୍ଥ ମନୁଷ୍ୟଙ୍କୁ କାମୁଡ଼ିଥାନ୍ତି। ମଶା କାମୁଡ଼ିବାର ପ୍ରାୟ ୪ରୁ ୬ ଦିନ ମଧ୍ୟରେ ପ୍ରବଳ ଜ୍ୱର ହୋଇଥାଏ। ଚେହେରାରେ ଚକଳା ପଡ଼ିଯିବା, ଭୋକ ନ ଲାଗିବା, ପ୍ଲେଟଲେଟ୍ ୪୦ ହଜାରରୁ କମ୍ ହେବା, ପେଟ ଦରଜ, କମ୍ ପରିସ୍ରା ହେବା, ବାନ୍ତି ଦେଖାଇବା ଆଦି ଲକ୍ଷଣ ଦେଖାଦିଏ। ନିକଟସ୍ଥ ହସ୍‌ପିଟାଲରେ ଡେଙ୍ଗୁ ଟେଷ୍ଟ କରାଇ ଜ୍ୱର କମ୍ କରିବାକୁ ପାରାସିଟାମଲ୍, ଏସ୍‌ପିରିନ ତଥା ଯନ୍ତ୍ରଣା ଲାଘବ ପାଇଁ ଔଷଧ ଖାଇପାରିବେ। ଡେଙ୍ଗୁରୁ ଆରୋଗ୍ୟ ହେବା ପରେ ଦ୍ୱିତୀୟଥର ଡେଙ୍ଗୁ ହେବା ବିପଜ୍ଜନକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି। ଜଙ୍ଗଲ ଓ ବୃକ୍ଷଲତା ମଧ୍ୟରେ ଅଧିକ ସମୟ ବିତାଉଥିବା ବ୍ୟକ୍ତିଙ୍କୁ, ଦ୍ୱିତୀୟ ଥର ଡେଙ୍ଗୁ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଡେଙ୍ଗୁ ଜ୍ୱରରୁ ରକ୍ଷା ପାଇବା ପାଇଁ ମଶା କାମୁଡ଼ା ରୋକିବାକୁ ବିଭିନ୍ନ ପ୍ରକାର ଲେପ ବ୍ୟବହାର କରିପାରିବେ। ଦିନକୁ ୩ରୁ ୪ ଲିଟର ପାଣି ପିଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ –ସି ଯୁକ୍ତ ଖଟା ଫଳ, ଜାମୁକୋଳି ଆଦି ଖାଇବା ଜରୁରି।

### ଆୟୁର୍ବେଦ ଉପଚାର





ରକ୍ତ ଓ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ନିୟମିତ ପଇଡ଼, ପ୍ରଚୁର ପାଣି, ଡାଳିମ୍ବ ଖାଆନ୍ତୁ। ପ୍ଲେଟଲେଟ୍ ବଢ଼ାଇବାରେ ଡାଳିମ୍ବ ଓ ଅମୃତଭଣ୍ଡା ପତ୍ର ରସ ସାହାଯ୍ୟ କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅନୁମୋଦିତ ହାରରେ ତାଜା ଅମୃତଭଣ୍ଡା ପତ୍ରକୁ କୁଟି ଏଥିରୁ ଅର୍କ(ରସ) ବାହାର କରି ସେଥିରେ ଅଳ୍ପ ପାଣି ଏବଂ ଲେମ୍ବୁ ରସ ମିଶାନ୍ତୁ। ଏହି ରସକୁ ଖାଲିପେଟରେ ଦିନକୁ ଦୁଇ ଥର ପିଅନ୍ତୁ। ସେହିପରି ଅମୃତଭଣ୍ଡା ପତ୍ରକୁ ପାଣିରେ ଫୁଟାଇ ଏକ କପ୍ କରି ଦିନରେ ଅଳ୍ପ ଅଳ୍ପ ପିଇପାରିବେ।

ଘି-କୁଆଁରୀ, ଗୁଡୁଚି, ଅଁଳା, ରସୁଣ, ପରିବା ସୁପ୍, ସାଲାଡ, ତୁଳସୀ ଚା' ପିଇ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିପାରିବେ।

## ସ୍ୱାସ୍ଥ୍ୟ ବିଜ୍ଞାନ



# ଲ୍ୟାବ୍ ଅନ୍ ଚିପ୍‌ରୁ ସ୍ନାୟୁଜନିତ ରୋଗ ଚିହ୍ନଟ

ଆଇଆଇଟି ବାରାଣସୀର (ବିଏଚ୍‌ୟୁ) ର ବୈଜ୍ଞାନିକଙ୍କ ଦ୍ୱାରା ତିଆରି ହୋଇଥିବା ଏକ ଉପକରଣ ଏବେ ମନୁଷ୍ୟ ମସ୍ତିଷ୍କ ନ୍ୟୁରୋ ଟ୍ରାନ୍ସମିଟରକୁ ଚିହ୍ନଟ କରିପାରିବ। ଫଳରେ ସ୍ନାୟୁଜନିତ ରୋଗର ପ୍ରାରମ୍ଭିକ ଚିହ୍ନଟ ସହଜ ହେବ। ତା ସହ ସଠିକ୍ ସମୟରେ ଏହି ରୋଗର ଚିକିତ୍ସା ସମ୍ଭବ ହୋଇପାରିବ। ବୈଜ୍ଞାନିକଙ୍କ ଏହି ଗବେଷଣା ଆମେରିକାନ୍ କେମିକାଲ ସୋସାଇଟି ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି। ଲ୍ୟାବ୍-ଅନ୍-ଚିପ୍ ଡିଭାଇସ ନାମିତ ଏହି ଉପକରଣଟି ମେଟାଲିକ୍ ନାନୋ ପାର୍ଟିକଲ୍ ତଥା ପତଳା ଏବଂ ୨-ଡି ସେମିକଣ୍ଡକ୍ଟର। ଏହା ଏସ୍‌ଇଆର୍‌ଏସ୍‌କୁ ଉପଯୋଗ କରିଥାଏ। ଲ୍ୟାବ୍-ସ୍କେଲ ଡିଭାଇସ୍‌ଟି ଶରୀର କୌଣସି କ୍ଷତି ଘଟାଏ ନାହିଁ। ବରଂ ସଠିକ୍ ସମୟରେ ଅବସାଦ, ପାର୍କିନ୍‌ସନ୍, ସିଜୋଫ୍ରେନିୟା ଆଦି ସ୍ନାୟୁଜନିତ ରୋଗକୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରିବ। ସେରେମିକ୍ ଇଂଜିନିୟରିଂ ବିଭାଗର ପ୍ରଫେସର ଡା. ଶାନ୍ତନୁ ଦାସଙ୍କ କହିବାନୁସାରେ ଏହି କୌଶଳ ଏବେ ସ୍ନାୟୁଜନିତ ରୋଗର ପ୍ରାରମ୍ଭିକ ଚିହ୍ନଟ, ଚିକିତ୍ସା ଓ ନିରାକରଣ କ୍ଷେତ୍ରରେ ନୂତନ କ୍ରାନ୍ତି ଆଣିବ। ଯେହେତୁ ଶରୀରରେ ଡୋପାମାଇନ୍‌ର ଏକ ନିର୍ଦ୍ଦିଷ୍ଟ ସ୍ତର ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରେ, ହେଲେ ଏହାର କମ୍ ଓ ବୃଦ୍ଧି ଯୋଗୁଁ ସ୍ନାୟୁଜଡିତ ରୋଗ ହୋଇଥାଏ। ସେଥିପାଇଁ ଲ୍ୟାବ୍ ଅନ୍ ଚିପ୍ ଉପକରଣଟି ଡୋପାମାଇନ୍ ଉପରେ ଦୃଷ୍ଟି ରଖିପାରିବ। ଆଗାମୀ ଦିନରେ ଏହି ଉପକରଣ ଅବସାଦ, ପାର୍କିନ୍‌ସନ୍ ରୋଗ ଏବଂ ସିଜୋଫ୍ରେନିୟା ଆଦି ରୋଗ ହେବା ପୂର୍ବରୁ ଭବିଷ୍ୟବାଣୀ କରି ଜୀବନ ବଞ୍ଚାଇପାରେ।

■ ଏମିତି ବି ଆସେ ମୃତ୍ୟୁ!

# ଭଜନ ଗାଉ ଗାଉ ମଞ୍ଚରେ ଟଳିପଡ଼ିଲେ ଏଡିଏମ୍

**ପାରଳାଖେମୁଣ୍ଡି, ୧୧।୭(ସମିସ):** ଏମିତି ବି ଆସେ ମୃତ୍ୟୁ। ମଞ୍ଚରେ ଜଗନ୍ନାଥଙ୍କ ଭଜନ ଗାଉ ଗାଉ ଟଳି ପଡ଼ିଲେ ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ। ବୁଧବାର ରାତିରେ ଘଟିଥିବା ଏହି ଘଟଣାକୁ ନେଇ ଉଭୟ ପ୍ରଶାସନିକ ଓ ରାଜନୈତିକମହଲରେ ଗଭୀର ଶୋକ ପ୍ରକାଶ ପାଉଛି।

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ**

ସୂଚନାନୁଯାୟୀ, ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ସମାପନକୁ ନେଇ ବୁଧବାର ସନ୍ଧ୍ୟାରେ ପାରଳାଖେମୁଣ୍ଡି ବୃନ୍ଦାବନ ପ୍ୟାଲେସ୍‌ରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଶ୍ରୀ ଦାସ ନିଜର ଅଭିଭାଷଣ ରଖିବା ପରେ ମଞ୍ଚରେ ଜଗନ୍ନାଥଙ୍କ ଭଜନ ଗାଇବାକୁ ଆରମ୍ଭ କରିଥିଲେ। ଦୁଇପଦ ଗୀତ ଗାଇଛନ୍ତି କି ନାହିଁ, ଉଚ୍ଚ ରକ୍ତଚାପ ଯୋଗୁଁ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ତୁରନ୍ତ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର



କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ଦକ୍ଷ ଓ କର୍ମଠ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ସାଧାରଣ ଲୋକମାନଙ୍କ ସମସ୍ୟା ସମାଧାନ ଦିଗରେ ତାଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସ୍ୱର୍ଗତ ଦାସଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

ଗୁରୁବାର ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ରାଜେନ୍ଦ୍ର ମିଞ୍ଜି ପ୍ରମୁଖ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅନ୍ତର୍ଗତ ବାଲୁଝରୀ ଗ୍ରାମକୁ ପଠାଇବାର ବନ୍ଦୋବସ୍ତ କରିଥିଲେ।

ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ଦାସ ଗଜପତି ଜିଲ୍ଲାରେ ଗତବର୍ଷ ମାର୍ଚ୍ଚ ୧୩ ତାରିଖରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ।

**ମୋହନ ସରକାରକୁ ମାସେ**

# ୨ କ୍ୟାବିନେଟ, ୩ ବିବାଦ, ୩ ପଦକ୍ଷେପ

**ଭୁବନେଶ୍ୱର,୧୧।୭(ସମିସ):** ରାଜ୍ୟରେ ବିଜେପି ସରକାରକୁ ଆସନ୍ତାକାଲି ମାସେ ପୂରିବ। ଗୋଟିଏ ସରକାରର ମୂଲ୍ୟାୟନ ନିମନ୍ତେ ଯଦିଓ ମାସଟିଏ ଯଥେଷ୍ଟ ନୁହେଁ; ତଥାପି ଓଡ଼ିଆ ଅସ୍ମିତା ଓ ବିକଶିତ ଓଡ଼ିଶା ଗଠନର ପ୍ରତିଶ୍ରୁତି ଦେଇ ରାଜ୍ୟରେ ପ୍ରଥମଥର କ୍ଷମତାସୀନ ହୋଇଥିବା ବିଜେପି ସରକାରଙ୍କ ପ୍ରଥମ ମାସଟି ଅତ୍ୟନ୍ତ ଘଟଣାବହୁଳ ରହିଛି। ଏହି ୩୦ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଦୁଇଟି କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି, ସେହିପରି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା, ରଥଯାତ୍ରାରେ ଅଘଟଣ ଓ ମଜୁରୀ ବୃଦ୍ଧି ଘୋଷଣାକୁ ନେଇ ବିବାଦ ସୃଷ୍ଟି ହୋଇଛି ଏବଂ ଏମ୍‌ଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି, ଜନଶୁଣାଣି କାର୍ଯ୍ୟକ୍ରମ ଓ ଓଡ଼ିଆରେ ସରକାରୀ କାର୍ଯ୍ୟ ପରି ୩ଟି ପ୍ରମୁଖ ନିଷ୍ପତ୍ତି ସରକାର ଗ୍ରହଣ କରିଛନ୍ତି ।

ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ସେହିଦିନ ରାଜ୍ୟ କ୍ୟାବିନେଟର ପ୍ରଥମ ବୈଠକରେ ୪ଟି ପ୍ରସ୍ତାବ ଉପରେ ଲାଗିଥିଲା ମୋହର। ଶ୍ରୀମନ୍ଦିର ଚାରି ଦୁଆର ଖୋଲା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି, ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ଏବଂ ସମୃଦ୍ଧ କୃଷକ ନୀତି ଅଧିନରେ ଆସନ୍ତା ଖରିଫ୍ ଠାରୁ କୃଷକଙ୍କୁ ଧାନର ଏମଏସପି ବାବଦରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଆଦି ରହିଥିଲା। କ୍ୟାବିନେଟ ବୈଠକର ପରଦିନ ମୁଖ୍ୟମନ୍ତ୍ରୀ ନିଜେ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସହ ୪ ଦୁଆର ଖୋଲିଥିଲେ। ତେବେ ଏହାପରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଅସମ୍ଭାଳ ଭିଡ଼, ମନ୍ଦିର ଭିତରେ ଅଣନିଶ୍ୱାସୀ ଭକ୍ତଙ୍କ ଅଭିଯୋଗ ପରେ ଗୋଟିଏ ତିନି ଦ୍ୱାରରେ ପ୍ରବେଶ ଉପରେ

■ ପ୍ରଥମ କ୍ୟାବିନେଟରେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ସଂକଳ୍ପ
■ ଦ୍ୱିତୀୟ କ୍ୟାବିନେଟ୍‌ରେ ପାଞ୍ଚଟି ପ୍ରସ୍ତାବ ଉପରେ ମୋହର
■ ବିବାଦରେ ଚାରିଦ୍ୱାର, ମଜୁରି ବୃଦ୍ଧି, ରଥଯାତ୍ରାରେ ଅଘଟଣ
■ ଏମ୍‌ଏସ୍‌ପି, ଜନଶୁଣାଣି, ଓଡ଼ିଆରେ ସରକାରୀ କାର୍ଯ୍ୟ ପଦକ୍ଷେପ
■ ମାସେ ହେଲା ଖାଲି ପଡ଼ିଛି ଆଡଭୋକେଟ୍ ଜେନେରାଲ ପଦ

କଟକଣା ଲଗାଯାଇଥିଲା। ଗୋଟିଏ ଦ୍ୱାରରେ ପ୍ରବେଶ ସହ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ପରବର୍ତ୍ତୀ ସମୟରେ ରଥଯାତ୍ରା ସମୟରେ ଦଳାଚକଟାରେ ଜଣେ ଭକ୍ତଙ୍କ ମୃତ୍ୟୁ, ଶତାଧିକ ଡ଼ାକ୍ତରଖାନାରେ ଭର୍ତ୍ତି ହେବା ଓ ମହାପ୍ରଭୁ ବଳଭଦ୍ରଙ୍କ ଆଡ଼ପ ପହଣ୍ଡି ସମୟରେ ବଡ଼ ଅଘଟଣ ଘଟିବା ସରକାରଙ୍କୁ ଅଡୁଆରେ ପକାଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଗତ ମାର୍ଚ୍ଚ ମାସରେ ତତ୍‌କାଳୀନ ସରକାରଙ୍କ ମଜୁରୀ ବୃଦ୍ଧି ନିଷ୍ପତ୍ତିକୁ ପୁନର୍ବାର ଦ୍ୱିତୀୟ କ୍ୟାବିନେଟ୍‌ରେ ଅନୁମୋଦନ ମଧ୍ୟ ବିବାଦ ସୃଷ୍ଟି କରିଛି । ସେହିପରି ନୂଆ ସରକାର ଗଠନ ପରେ ମାସେ ହେଲା ଆଡ଼ଭୋକେଟ୍ ଜେନେରାଲ ପଦ ପୂରଣ ହୋଇ ନ ଥିବା ସାମ୍ବିଧାନିକ ଶୂନ୍ୟତା ସୃଷ୍ଟି କରିଛି । ପୂର୍ବ ଆଡ଼ଭୋକେଟ ଜେନେରାଲ ଇସ୍ତଫା ଦେବାପରେ ଜଣେ କାମଚଳା ଆଡ଼ଭୋକେଟ ଜେନେରାଲଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି; ମାତ୍ର ଏଯାଏ ସ୍ଥାୟୀଭାବେ ଏହି ପଦ ପୂରଣ ହୋଇପାରି ନାହିଁ ।

ଅପରପକ୍ଷରେ ଗତ ମାସକ ମଧ୍ୟରେ ମୋହନ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛନ୍ତି । ପୂର୍ବ ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହିବା ପାଇଁ ୨୦୩୩ ଯାଏ ଚୁକ୍ତି କରିଥିଲେ; ମାତ୍ର ମୋହନ ସରକାର ତାହାକୁ ୨୦୩୬ ମସିହା ଯାଏ ବୃଦ୍ଧି କରିଛନ୍ତି । ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନିଜେ ଜନ ଶୁଣାଣି କରିଛନ୍ତି ଓ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପକ୍ଷାନ୍ତରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ, ନୂଆ ମୁଖ୍ୟ ଶାସନ ସଚିବଙ୍କ ନିଯୁକ୍ତି ଆଦି ଏଥିରେ ଅନ୍ତର୍ଭୁକ୍ତ ରହିଛି। ସେହିପରି ଏହି ଏକମାସର ଅବଧି ମଧ୍ୟରେ ମୁଖ୍ୟମନ୍ତ୍ରୀ ନିଜ ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀ ଯାଇ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟଙ୍କୁ ଭେଟିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ ସଭିଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି।

ତେବେ ସବୁଠାରୁ ରଥଯାତ୍ରା ଅଘଟଣ ଏବଂ ରତ୍ନଭଣ୍ଡାର ଖୋଲିବା ନେଇ ସରକାରଙ୍କ ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାପ୍ରଭୁ ବଳଦେବଙ୍କ ଆଡ଼ପ ବିଜେ ବେଳେ ମୁହଁ ମାଡ଼ି ପଡ଼ିଯିବା ଘଟଣାକୁ ଅତ୍ୟନ୍ତ ହାଲୁକା ଭାବରେ ନେବାକୁ ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାବ୍ୟତୀତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରତ୍ନଭଣ୍ଡାରରେ ଗଣତି ମଣତି ପାଇଁ ଜଷ୍ଟିସ ଅରଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ମାତ୍ର ମୋହନ ସରକାର ଏହି କମିଟିକୁ ଭାଙ୍ଗିଦେଇ ଏକ ନୂଆ କମିଟି ଗଠନ କରିଛନ୍ତି। ପୁରୁଣା କମିଟିକୁ ଭାଙ୍ଗି ନୂଆ କମିଟିର ଆବଶ୍ୟକତା କଣ ଥିଲା ଏବଂ କେବେ ରତ୍ନଭଣ୍ଡାର ଗଣତି ଆରମ୍ଭ ହେବ ସେନେଇ ସାଧାରଣରେ ସଂଶୟ ଲାଗି ରହିଛି।

**ପହଣ୍ଡି ଅଘଟଣ ପ୍ରସଙ୍ଗରେ କଂଗ୍ରେସର ଆହ୍ୱାନ**

# ଆତ୍ମଶୁଦ୍ଧି ପାଇଁ ଓଳିଏ ଉପବାସ କରନ୍ତୁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୭(ସମିସ):** ଆଡ଼ପ ପହଣ୍ଡି ବେଳେ ବଡ଼ ଠାକୁର ପଡ଼ିଯିବା ଘଟଣା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କୁ ଆହତ ଦେଇଛି। ଏହି ଘଟଣା ସମସ୍ତଙ୍କୁ ପ୍ରାଣାନ୍ତକ ପୀଡ଼ା ଦେଇଛି। ଏହି ଶୋଚନୀୟ ଘଟଣା କେବେ ଘଟିଥିବା କଥା କେହି ଜାଣି ନାହାନ୍ତି। ଏହି ଘଟଣା ପାଇଁ ଆମେ ସମସ୍ତେ ଦୋଷୀ। ତେଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ପ୍ରାୟଶ୍ଚିତ ନିମନ୍ତେ ଗୋଟି ଓଳି ଆତ୍ମଶୁଦ୍ଧି ଉପବାସ କରିବାକୁ ଆହ୍ୱାନ ଦେଇଛନ୍ତି ପୂର୍ବତନ ପିସିସି ସଭାପତି ତଥା କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ।



ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ ପହଣ୍ଡି ଅଘଟଣ ଓ ରତ୍ନଭଣ୍ଡାର ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି। ସେ କହିଛନ୍ତି ଯେ ଆଇନ୍ ଅନୁଯାୟୀ ରତ୍ନ ଭଣ୍ଡାର ଚାବି ଟ୍ରେଜେରିରେ ରହିବା କଥା; ମାତ୍ର ବର୍ତ୍ତମାନ ଏହି ଚାବି ରେକର୍ଡ ରୁମ୍‌ରୁ ମିଳିଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରକୃତରେ ଏହି ଚାବି ଷ୍ଟୋର୍ ରୁମ୍‌କୁ କିପରି ଗଲା ତାହା ସରକାର ସ୍ପଷ୍ଟ କରନ୍ତୁ। ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନ ଭଣ୍ଡାର ଖୋଲାଯାଇଥିଲା। ତାଲିକା ସହ ସମସ୍ତ ରତ୍ନର ତଥ୍ୟ ଦିଆଯାଇଥିଲା। ଯଦି ସେତେବେଳେ ସେଭଳି ସ୍ଥିତିରେ ରତ୍ନ ଭଣ୍ଡାର ଖୋଲାଯାଇପାରିଲା ତେବେ ଏବେ କାହିଁକି ଖୋଲାଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ପୂର୍ବ କମିଟିକୁ ଭାଙ୍ଗି ଏବେ ନୂତନ କମିଟି ଗଠନ କରିଛନ୍ତି। ଏହି କମିଟି ୬ ନେଉନାହାନ୍ତି ତାକୁ ନେଇ ପ୍ରସାଦ ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର ସମୟରେ ଚାବି ପାତାଳରେ ଥିଲେ ବି ଚାବି ଖୋଜି ଆଣିବେ ବୋଲି ଘୋଷଣା

● ରତ୍ନଭଣ୍ଡାର ପ୍ରସଙ୍ଗରେ ଶ୍ୱେତପତ୍ର ପ୍ରକାଶ ପାଇଁ ପ୍ରସାଦଙ୍କ ଦାବି
● ଟ୍ରେଜେରୀରୁ ରେକର୍ଡ ରୁମ୍‌କୁ ଚାବି କିପରି ଗଲା ପଚାରିଲେ ପ୍ରଶ୍ନ

ତାରିଖ ଓ ୯ ତାରିଖରେ ଦୁଇଟି ବୈଠକ କରିଥିଲା। ବୈଠକ ପରେ ରତ୍ନ ଭଣ୍ଡାର ଚାବି ଅଛି ବୋଲି କୁହାଯାଇଛି। ତେଣୁ ସରକାର ତୁରନ୍ତ ରତ୍ନ ଭଣ୍ଡାର ଖୋଲି ଏ ସମ୍ପର୍କରେ ସମସ୍ତ ତଥ୍ୟ ଶ୍ୱେତପତ୍ର ମାଧ୍ୟମରେ ସାଧାରଣ ଲୋକଙ୍କୁ ଅବଗତ କରାନ୍ତୁ ବୋଲି ପ୍ରସାଦ ଦାବି କରିଛନ୍ତି। ରତ୍ନଭଣ୍ଡାର ଖୋଲିବା ନେଇ ପରିଚାଳନା କମିଟି ସହମତି ଦେଉଥିବା ବେଳେ କାହିଁକି ସରକାର ଏ ଦିଗରେ ପଦକ୍ଷପ କରିଥିଲେ। ଏବେ ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି। ତେଣୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ। ସେହିପରି ରତ୍ନଭଣ୍ଡାର ଚାବି ହଜିବା ଘଟଣାର ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ମଧ୍ୟ ଉପସ୍ଥାପନ କରାଯିବ ବୋଲି ବିଜେପି ନେତାମାନେ କହିଥିଲେ। ଏହି ରିପୋର୍ଟ କେବେ ଉପସ୍ଥାପନ କରାଯିବ ବୋଲି ସେନେଇ ମଧ୍ୟ ପ୍ରସାଦ ପ୍ରଶ୍ନ କରିଛନ୍ତି।

■ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

# ଉତ୍ସୁକତା ଯେତିକି ଦ୍ୱନ୍ଦ୍ୱ ବି ସେତିକି

**ପୁରୀ, ୧୧।୭(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ହେବ। ଆସନ୍ତା ୧୪ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲାଯିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହି ଖବର ଜାଣିବା ପରେ ଜନସାଧାରଣଙ୍କ ମଧ୍ୟରେ ଏକପ୍ରକାର ଉତ୍ସୁକତା ପ୍ରକାଶ ପାଇଛି। ରତ୍ନଭଣ୍ଡାର ଭିତରେ କି କି ରତ୍ନ ଅଳଙ୍କାର ରହିଛି, କେତେ ପରିମାଣର ରହିଛି ଏ ସବୁ ଜାଣିବା ପାଇଁ ଅନେକ ଚାହିଁ ରହିଛନ୍ତି। ଅପରପକ୍ଷେ ରତ୍ନଭଣ୍ଡାର ଖୋଲିବାକୁ ନେଇ ଏବେ ବି ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ଏତେ କମ୍ ସମୟ ମଧ୍ୟରେ ଖୋଲିବ କିପରି? ଯଦି ଖୋଲାଯିବ ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କର ଦୁର୍ମୁଲ୍ୟ ରତ୍ନଅଳଙ୍କାରକୁ କେଉଁଠାକୁ ସ୍ଥାନାନ୍ତର କରାଯିବ? ତାହାର ସୁରକ୍ଷା ବ୍ୟବସ୍ଥା କ'ଣ ରହିବ ଏମିତି ନାନା ପ୍ରକାର ଦ୍ୱନ୍ଦ୍ୱ ବି ସୃଷ୍ଟି ହେଉଛି।

ଧାର୍ଯ୍ୟ ତାରିଖରେ ହିଁ ଖୋଲିବ ରତ୍ନଭଣ୍ଡାର। ଗୁରୁବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପ୍ରତିକ୍ରିୟା ପରେ ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ସ୍ପଷ୍ଟ ବୋଲି କୁହାଯାଉଛି। ନୀତିକାନ୍ତି ସହ ଖାପଖୁଆଇ ନିଆଯିବ ନିଷ୍ପତ୍ତି। ଧାର୍ଯ୍ୟ ତାରିଖରେ ଖୋଲିବା ପ୍ରାୟତଃ ସ୍ପଷ୍ଟ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ତେବେ ଚାବି କାମ କରୁ କି ନ କରୁ ରତ୍ନଭଣ୍ଡାର ଖୋଲିବା ନିଶ୍ଚିତ ବୋଲି ପୂର୍ବରୁ ସ୍ପଷ୍ଟ କରିଥିଲେ ତଦାରଖ କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ। ଅପରପକ୍ଷେ ରତ୍ନଅଳଙ୍କାରର ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି ଶ୍ରୀମନ୍ଦିର ସେବାୟତ। ନୀତିକାନ୍ତିରେ ବ୍ୟାଘାତ ନ କରି ରତ୍ନ ଅଳଙ୍କାରକୁ ସୁରକ୍ଷିତ ରଖି ରତ୍ନଭଣ୍ଡାର ଖୋଲିବା ଲାଗି ସେମାନେ ପରାମର୍ଶ ଦେଇଛନ୍ତି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷା ଆଗ। ଏହି ରତ୍ନ ଅଳଙ୍କାରକୁ ବାହାରକୁ ନ କାଢି ଭିତରକାଠ ପାଖରେ ଥିବା ଚାଙ୍ଗଡ଼ା ଘରେ ରଖାଯାଉ। ଯଦି ସେଠାରେ ନ ରଖି ବାହାରକୁ ଆସେ ତେବେ ଏହାର ପ୍ରତିବାଦ କରିବୁ। ଏମାର ମଠରୁ ବାହାରିଥିବା ରୁପା ଇଟା ଇଟା ଭଳି ମହାପ୍ରଭୁଙ୍କ ରତ୍ନଅଳଙ୍କାର ନେଇ ଯଦି କେଉଁଠି ରଖିଲେ ଏବଂ ଏହାକୁ ନେଇ କେହି ଜନସ୍ୱାର୍ଥ ମାମଲା ରୁଜୁ କରେ ତେବେ ଏହାର ଫେରିବା ଅନିଶ୍ଚିତ ହୋଇଯିବ। ଚାଙ୍ଗଡା ଘରେ ରହିଲେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷିତ ରହିବ ବୋଲି କହିଛନ୍ତି ଶ୍ରୀ ଦାସ ମହାପାତ୍ର।

# ପ୍ରଧାନଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭଦ୍ରକ/ଅସୁରାଳି, ୧୧।୭ (ସମିସ):** ମାସକ ପରେ କାର୍ଯ୍ୟରୁ ଅବସର ନେଇଥା'ନ୍ତେ। କିନ୍ତୁ ତା' ପୂର୍ବରୁ ମିଳିଲା ଝୁଲନ୍ତା ମୃତଦେହ। ମୃତକ ହେଲେ, ବ୍ରାହ୍ମଣୀପାଳ ବାହାରବିଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା। ତାଙ୍କ ଘର ଦିହିପୁର ପଞ୍ଚାୟତର ନାରାୟଣପୁରରେ।



ସୂଚନାନୁଯାୟୀ, ଗତ ବୁଧବାର ରାତିରେ ଶ୍ରୀ ପଣ୍ଡା ଘରକୁ ଫେରି ନଥିଲେ। ପରିବାରଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ତେବେ ଆଜି ସକାଳେ ଦହିପୁରୁ ପଞ୍ଚାୟତ ଦେଇ ଯାଇଥିବା ୫ନମ୍ବର କେନାଲ ମଧ୍ୟରେ ଥିବା କଲଭର୍ଟ ନିକଟ ଏକ ଲିମ୍ବ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହାକୁ ନେଇ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ହେଉଛି। କେହି କେହି ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ଆଉ କିଛି ଲୋକ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛନ୍ତି।

# ଆଇପିଏସ୍ ଆଶିଷ ସିଂହ ଗୃହ ବିଭାଗର ଓଏସଡି ନିଯୁକ୍ତ

**ଭୁବନେଶ୍ୱର, ୧୧।୭(ସମିସ):** ୨୦୦୪ ବ୍ୟାଚର ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂହଙ୍କୁ ମିଳିଛି ନୂଆ ନିଯୁକ୍ତି। ରାଜ୍ୟ ସରକାର ଆଜି ଶ୍ରୀ ସିଂହଙ୍କୁ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ଦେଇଛନ୍ତି। ସେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ଏ ସଂକ୍ରାନ୍ତରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

■ ବଇରୀ ସାଜିଲା ଅଭାବ, ଅନଟନ!

# ସାଥି ହୋଇ ଜୀବନ ହାରିଲେ ଦମ୍ପତି

**ଡେରାବିଶ, ୧୧।୭ (ସମିସ):** ଜୀବନସାରା ସାଥି ହୋଇ ରହିବେ ବୋଲି ଅଗ୍ନିକୁ ସାକ୍ଷୀ ରଖି ପରସ୍ପରର ହାତ ଧରିଥିଲେ। କିନ୍ତୁ ଦଇବ ସହିଲାନି। ଗୋଟିଏ ପରେ ଗୋଟିଏ ଝଡ଼ ଦୁହିଁଙ୍କ ଜୀବନକୁ କ୍ଷତବିକ୍ଷତ କରିଦେଲା। ତେଣୁ ସାଥୀ ହୋଇ ବଞ୍ଚିବା ଅପେକ୍ଷା ଦୁହେଁ ମରିବାକୁ ଉଚିତ ମଣିଲେ। ବେକରେ ରଶି ଦେଇ ଆରପାରିକୁ ଚାଲିଗଲେ। ଡେରାବିଶ ଥାନା ଅଧୀନ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ଦଳିତ ସାହିରେ ଘଟିଥିବା ଏମିତି ଏକ ହୃଦୟବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତ ଦମ୍ପତି ହେଲେ, ଗ୍ରାମର ଧରଣୀ ଯେନାଙ୍କ ସାନ ପୁଅ କାର୍ତ୍ତିକ ଯେନା(୨୫)



**ବନ୍ଦ କୋଠରିରୁ ମୃତଦେହ ଉଦ୍ଧାର**

ଓ ତାଙ୍କ ସ୍ତ୍ରୀ ପିଙ୍କି ଦାସ(୨୩)। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦମ୍ପତିଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭାବ, ଅନଟନ ଯୋଗୁଁ ଦୁହେଁ ଏପରି ଚରମ ପଦକ୍ଷେପ ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ପୁଲିସ୍ ପ୍ରକୃତ କାରଣ ସଂପର୍କରେ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ କହିଛନ୍ତି। ପରିବାର ପକ୍ଷରୁ ଥାନାରେ ହୋଇଥିବା ୨ଗୋଟି ଅଭିଯୋଗକୁ ଭିତ୍ତି କରି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପରିବାରର ସୂଚନା ଅନୁଯାୟୀ, କାର୍ତ୍ତିକ ଦୁଇ ବର୍ଷ ତଳେ ଖମୋଳ ପଞ୍ଚାୟତ ଡାଳିଜି ଗ୍ରାମର ପିଙ୍କିଙ୍କୁ ପ୍ରେମବିବାହ କରିଥିଲେ। କିନ୍ତୁ ବିବାହର କିଛି ମାସ ପରେ ଗୋଟିଏ ଦୁର୍ଘଟଣା ଦୁହିଁଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। କାର୍ତ୍ତିକ ଏକ ଦୁର୍ଘଟଣାର ଶିକାର ହୋଇ ଭିନ୍ନକ୍ଷମ ହେବା ସହ ବେରୋଜଗାର ହୋଇପଡ଼ିଲେ ଏବଂ ଧୀରେଧୀରେ ଅଭାବ ଅନଟନ ସେମାନଙ୍କୁ କବଳିତ କରି ପକାଇଲା ବୋଲି କୁହାଯାଉଛି। ତେବେ ସବୁଦିନ ପରି ଗତକାଲି ରାତିରେ ଖାଇପିଇ ସାରିବା ପରେ ଉଭୟ କାର୍ତ୍ତିକ ଓ ପିଙ୍କି ନିଜ ଘରେ ଶୋଇବାକୁ ଯାଇଥିଲେ। କିନ୍ତୁ ଆଜି ସକାଳେ ତାଙ୍କ କୋଠରିର କବାଟ ଦୀର୍ଘ ସମୟ ଯାଏ ଖୋଲିନଥିଲା। ସନ୍ଦେହ ହେବାରୁ ପରିବାରଲୋକ ବାରମ୍ବାର କବାଟ ବାଡ଼େଇ ବିଫଳ ହେବା ପରେ କବାଟକୁ ଭାଙ୍ଗି ଦେଇଥିଲେ। ଘର ଭିତରେ କାର୍ତ୍ତିକ ଓ ପିଙ୍କି ବେକରେ ରଶି ଲଗାଇ ଘର ସଙ୍ଗାରେ ଝୁଲୁଥିବା ଦେଖି ପରିବାରଲୋକ ସ୍ତବ୍ଧ ହୋଇଯାଇଥିଲେ।

# ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଚିକିତ୍ସା ପାଇଁ ୩ଲକ୍ଷ ଦେଲା ସଂସ୍କୃତି ବିଭାଗ

**ଭୁବନେଶ୍ୱର, ୧୧।୭(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ତାଙ୍କ ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ ୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ତାଙ୍କ ପରିବାରବର୍ଗଙ୍କ ସହ ଫୋନରେ କଥାହୋଇ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ପରେ ମନ୍ତ୍ରୀ ଗଞ୍ଜାମର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ଶ୍ରୀ ସ୍ୱାଇଁଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସାସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀ ସ୍ୱାଇଁ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ଗୋବିନ୍ଦପୁର ଗ୍ରାମର ଲୋକନାଟକ କୃଷ୍ଣଲୀଳାର ଗାୟକ ଶ୍ରୀ ସ୍ୱାଇଁ ଓଡ଼ିଶାର ଲୋକକଳା ଜଗତର ଏକ ସମ୍ମାନସ୍ପଦ ନାମ। ଓଡ଼ିଶାର ଲୋକକଳାର ଆଦୃତି ନିମନ୍ତେ ସେ ବିଶେଷ ଅବଦାନ ଦେଇଛନ୍ତି। କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଚଳିତ ବର୍ଷ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା।

# ମହିଳାଙ୍କୁ ଗଣଦୁଷ୍କର୍ମ; ୫ ଗିରଫ

**କବିସୂର୍ଯ୍ୟନଗର,୧୧।୭(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଇରପଲ୍ଲୀ ରାସ୍ତାକଡ଼ରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କୁ ମାଡ଼ ମାରିବା ଓ ଯୌନାଙ୍ଗରେ ମଦ ବୋତଲ ପୂରାଇବା ଭଳି ଅମାନୁଷିକ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଗୁରୁବାର ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ, କୋଟିନଡ଼ା ଥାନା ଅଧୀନସ୍ଥ ଖାରିଆ ଗ୍ରାମର ସନ୍ତୋଷ ନାହାକ (୩୬), କବିସୂର୍ଯ୍ୟନଗର ଥାନା ବାଣନଇଖରିଡା ଗ୍ରାମର ରାଜେନ୍ଦ୍ର ପ୍ରଧାନ(୨୬), କୋଦଳା ଥାନା ଛଚିନା ଗ୍ରାମର ଟୁଲୁ ପ୍ରଧାନ(୨୫), କୋଦଳା ଥାନା ରାଣୀପଡ଼ା ଗ୍ରାମର ଶୁଭ ମୁନି(୧୯) ଓ କୋଦଳା ଥାନା ବେଲପଡ଼ା ଗ୍ରାମର ଆଲୋକ ମଲ୍ଲିକ (୨୩)।

**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି**

ଥାନାଠାରୁ ମାତ୍ର କିଛି ଦୂରରେ ଘଟଣା ଘଟିଥିଲେ ହେଁ କିଭଳି ପୁଲିସକୁ ଖବର ମିଳିନଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଗଞ୍ଜେଇ କାରବାରକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅଭିଯୋଗ ହେଉଥିବା ବେଳେ ପ୍ରକୃତ ଗଞ୍ଜେଇ ମାଫିଆ ପୁଲିସ ନଜର ବାହାରେ। ପ୍ରକୃତ କିଙ୍ଗପିନ ଧରା ନପଡ଼ିଲେ ଏହି କାରବାରର ଚେର କେତେଦୂର ଲମ୍ବିଛି, ତାହା ଜାଣିବା କଷ୍ଟକର ହୋଇପଡ଼ିବ।

ଅପରପକ୍ଷେ କଲେଜ ପଢୁଆ ଝିଅମାନେ ମଧ୍ୟ ଗଞ୍ଜେଇ ବେପାରରେ ଲିପ୍ତ ଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳୁଛି। ପୁଲିସ ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କ କହିବା ଅନୁଯାୟୀ, ସମସ୍ତ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ କୋଦଳା ଜେଲ୍‌କୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଛାନଭିନ୍ କରିଛି।

**ସମ୍ବଲପୁରରେ ଧାର୍ମିକ ଶୋଭାଯାତ୍ରା ପ୍ରସଙ୍ଗ**

# ଜିଲ୍ଲାପାଳ ହଁ କହିଥିଲେ; ଆଇଜି ମନା କରିଦେଲେ

**ସମ୍ବଲପୁର, ୧୧।୭ (ସମିସ):** ଗତକାଲି ଜିଲ୍ଲାପାଳ ହଁ କହିଥିଲେ, ଆଜି ଆଇଜି ମନା କରିଦେଲେ। ସମ୍ବଲପୁର ସହରରେ ଧାର୍ମିକ ଶୋଭଯାତ୍ରାକୁ ନେଇ ଦୁଇ ଦିନ ଭିତରେ ଦୁଇ ବରିଷ୍ଠ ଅଧିକାରୀ, ଜିଲ୍ଲାପାଳ ଓ ଆଇଜିଙ୍କ ଭିନ୍ନଭିନ୍ନ ନିଷ୍ପତ୍ତି ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଗତବର୍ଷ ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ସମୟରେ ହିଂସା ଘଟି ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ଏହାକୁ ନେଇ ୨୦୨୩ ଜୁଲାଇ ୨୦ ତାରିଖରେ ପୁଲିସ ପ୍ରଶାସନ ପକ୍ଷରୁ ଏକବର୍ଷ ପାଇଁ ଧାର୍ମିକ ଶୋଭାଯାତ୍ରା ଉପରେ କଟକଣା ଲଗାଯାଇଥିଲା। ହେଲେ ଗତକାଲି ମହରମ୍ ପାଇଁ ଶାନ୍ତି କମିଟି ବୈଠକ ପରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କଟକଣା ଉଠାଇ ଦେଇଥିଲେ। ଶୋଭାଯାତ୍ରା ବାହାରି ପାରିବ ବୋଲି କହିଥିଲେ। ଏହାକୁ ନେଇ ଚାରିଆଡ଼େ ଖବର ପ୍ରଚାର ହୋଇଥିଲା। କିନ୍ତୁ ଆଜି ହଠାତ୍ ଆଇଜି ହିମାଂଶୁ ଲାଲ ଶୋଭାଯାତ୍ରାକୁ ମନା କରିଦେଇଛନ୍ତି।

ଆଜି ଆଇଜି ଅଫିସ୍ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଆଇଜି ହିମାଂଶୁ ଲାଲ ଶୋଭାଯାତ୍ରା ଉପରେ କଟକଣାକୁ ବଳବତ୍ତର

**ସମନ୍ୱୟ ବୈଠକରେ ପୁଲିସ୍, ପ୍ରଶାସନର ନାହିଁ ସମନ୍ୱୟ!**

ରଖିଛନ୍ତି। ଶୋଭାଯାତ୍ରା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। କେବଳ ନିଜ ପଡ଼ାରେ ଶୋଭାଯାତ୍ରା ହୋଇପାରିବ ଓ ନିଜ ଉତ୍ସବ ପୂର୍ବବର୍ଷ ଭଳି ପାଳନ କରିବେ ବୋଲି ସେ କହିଛନ୍ତି। ଦୁଇ ଦିନରେ ଦୁଇ ଅଧିକାରୀଙ୍କ ଭିନ୍ନ ନିଷ୍ପତ୍ତିକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ପୁଲିସ ଓ ପ୍ରଶାସନ ଭିତରେ ସମନ୍ୱୟ ନାହିଁ ବୋଲି ଆଲୋଚନା ହେଉଛି।

ଅପରପକ୍ଷେ, ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ କିଭଳି ଭାବେ ଏପରି ନିଷ୍ପତ୍ତି ନେଇଥିଲେ, ପୁଲିସ କ'ଣ ସହମତି ଦେଇ ନ ଥିଲା? ଯଦି ଦେଇଥିଲା, ତେବେ କାହିଁକି ଓ କାହା ଚାପରେ ୨୪ ଘଣ୍ଟା ନ ପୂରୁଣୁ ନିଷ୍ପତ୍ତି ବଦଳାଇ ଦିଆଗଲା ବୋଲି ପ୍ରଶ୍ନ ଉଠିଛି।

ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏସ୍‌ପି ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ, ମହାନଗର ନିଗମ କମିସନର୍ ବେଦଭୂଷଣଙ୍କ ସମେତ ଧାର୍ମିକ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ସମସ୍ତେ ନିଜନିଜ ମତ ଦେଇଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ପରେ ପ୍ରଶାସନକୁ ଅଡୁଆରେ ପକାଇ ଦେଇଥିଲେ। ପୁଲିସ୍ ଏକ ବର୍ଷ ପାଇଁ କଟକଣା କରିଥିଲା, ଯାହାର ଅବଧି ଜୁଲାଇ ୨୦ ତାରିଖ ଶେଷ ହେଉଛି। ଏହାର ୩ଦିନ ପୂର୍ବରୁ ୧୭ ତାରିଖରେ ମହରମ ପାଳନ ହେବ। ତେଣୁ ପ୍ରଶାସନ ଦେଇଥିବା ନିର୍ଦ୍ଦେଶ କିଭଳି ପାଳନ ହେଉନାହିଁ। ବାସ୍ତବରେ ସମ୍ବଲପୁର ସ୍ଥିତି ସୁଧୁରୁଛି କି ନାହିଁ, ତାହାର ମଧ୍ୟ ରିପୋର୍ଟ ହେବା ଆବଶ୍ୟକ ରହିଛି ବୋଲି ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପରେ ପୁଲିସ ପୁଣି କଟକଣା ଅନିର୍ଦ୍ଦିଷ୍ଟ ସମୟ ପାଇଁ ଲାଗୁ କରିଛି।

ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ ହନୁମାନ ଜୟନ୍ତୀ ସମୟରେ ଯେଭଳି ସ୍ଥାନୀୟ ଶୋଭାଯାତ୍ରା ହୋଇଥିଲା ମହରମ ସମୟରେ ମଧ୍ୟ ସେମିତି ଉତ୍ସବ ଓ ଶୋଭାଯାତ୍ରା କରିବେ। ଏବେ ଯୁଗ୍ମ କମିଟି ଗଠନ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଲୋକମାନଙ୍କ ସହିତ ବୈଠକ କରିବେ। ମତ ନିଆଯିବ, ଯଦି ପରିସ୍ଥିତି ସୁଧାର ଆସିଲା ଭଳି ପରିଲକ୍ଷିତ ହେବ ଓ ଲୋକମାନେ ଚାହିଁବେ ତାହା ହେଲେ ନିଶ୍ଚିତଭାବେ କଟକଣା ହଟାଇ ଦିଆଯିବ ବୋଲି ସେ କହିଛନ୍ତି।

# ନିଅଣ୍ଟିଆ ବର୍ଷା; ବୋରିଂ ଭରସାରେ ଧାନ ଚାଷୀ

**କବାଟବନ୍ଧ, ୧୧।୭ (ସମିସ)**

ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷୀ ବିଲରେ ପାଣି ମଡ଼ାଇ ତଳି ରୋଇବା ଦେଖିବାକୁ ମିଳିଛି। ଏହି ବ୍ଲକରେ ଚଳିତ ବର୍ଷ ୧୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହେଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ଲକର ମର୍ଜିତପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା, ଅଞ୍ଜିରା, ଚକ୍ରଧରପୁର, ଜେନାପୁର, ବୃନ୍ଦାବନପୁର ଆଦି ଅଞ୍ଚଳରେ ଶହ ଶହ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଏହି ଅଞ୍ଚଳର ଚାଷୀ ସମ୍ପୂର୍ଣ୍ଣ ମୌସୁମୀ ଉପରେ ନିର୍ଭରଶୀଳ ଅଛନ୍ତି। ଚାଷ ପାଇଁ ଆବଶ୍ୟକତା ଅନୁସାରେ କିମ୍ବା ଠିକ୍ ସମୟରେ ବର୍ଷା ହେଉନାହିଁ। ଯାହାକୁ ନେଇ ଚାଷୀ ଚିନ୍ତାରେ। କେହି କେହି ଚାଷୀ ନିଜ ଉଦ୍ୟମରେ ବୋରିଂ କରିଥିବାରୁ ତଳି ରୋଇବା ଆରମ୍ଭ କରିଛନ୍ତି। ଜଳବାୟୁର ଏଭଳି ପରିବର୍ତ୍ତନକୁ ନେଇ ଚାଷୀ ଚିନ୍ତାରେ। କୃଷି ବିଭାଗ କେବଳ ବିହନ ଯୋଗାଇ ଦେଇ ନିଜ କର୍ତ୍ତବ୍ୟ ସମ୍ପାଦନ କରି ଦେଉଛି। ଜଳସେଚନ ପାଇଁ ଉକ୍ତ ଅଞ୍ଚଳରେ ଆଦୌ ସୁବିଧା କରାଯାଇନାହିଁ। ଜୁନ ମାସରେ ସାଧାରଣତଃ ସ୍ୱାଭାବିକ ବର୍ଷା ହୋଇଥାଏ। ଚଳିତ ବର୍ଷ ଜୁଲାଇ ମାସରେ ବର୍ଷା ଆରମ୍ଭ ହୋଇଥିଲେ ମଧ୍ୟ ତାହା ଚାଷ କାମ ପାଇଁ ସେତେ ଉପଯୋଗୀ ହୋଇପାରୁନାହିଁ। ଚାଷୀ ବିଭିନ୍ନ ସ୍ଥାନରୁ ଧାର, କରଜ ଆଣି ବିହନ, ସାର, ଔଷଧ କିଣି ଚିନ୍ତାରେ ରହିଛନ୍ତି। କେତେକ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



## ଓଭରହେଡ୍ ପାଣି ଟାଙ୍କିରୁ ଝରୁଛି ପାଣି



**ଦଶରଥପୁର, ୧୧।୭ (ସମିସ):** ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତର ଆବୋଲା ଡିହସାହିରେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯାଇଛି। ୨.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ଓଭରହେଡ୍ ପାଣିଟାଙ୍କି ନିର୍ମାଣ ନିମନ୍ତେ ପାନୀୟ ଜଳ ବିଭାଗ ପକ୍ଷରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଉକ୍ତ ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମକୁ ୨ ମାସ ବିତିନାହିଁ, ଏହି ପାଣିଟାଙ୍କିର ବିଭିନ୍ନ ସ୍ଥାନରେ ଘଳିଆ ସୃଷ୍ଟି ହେବା ସହିତ ପାଣି ଟାଙ୍କିରୁ ବିଶୁଦ୍ଧ ପାନୀୟ ଜଳ ତଳେ ପଡ଼ି ନଷ୍ଟ ହେଉଛି। ଠିକାଦାରଙ୍କ ଏଭଳି ବେପରୁଆ ତଥା ଲାଭଖୋର ନିର୍ମାଣ କାର୍ଯ୍ୟକୁ ନେଇ ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ପାଣି ଟାଙ୍କିର ନିମ୍ନ ଭାଗରେ ପୋଖରୀର ଭ୍ରମ ସୃଷ୍ଟି କରୁଥିବାବେଳେ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ସେହି ପାଣିରେ ଗାଧୁଆ ପାଧୁଆ କରୁଛନ୍ତି। ପାଣିଟାଙ୍କି ନିର୍ମାଣ ସମୟରେ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଓ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଦିନ କେଇଟା ମଧ୍ୟରେ ଟାଙ୍କିର ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦଶରଥପୁର ଜଳ ଓ ପରିମଳ ବିଭାଗ ଉକ୍ତ ଓଭରହେଡ୍ ପାଣିଟାଙ୍କି ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ମନୋଜ ବେହେରାଙ୍କୁ ପଚାରିବାରୁ ସବୁ ନୂଆ ପାଣିଟାଙ୍କି କାର୍ଯ୍ୟକ୍ଷମ ସମୟରେ ଏଭଳି ଘଟିଥାଏ ବୋଲି କହିଛନ୍ତି।

## ସିଆଇଟିୟୁର ଦାବିପତ୍ର ପ୍ରଦାନ




**ଯାଜପୁର, ୧୧।୭ (ସମିସ):** ଦେଶବ୍ୟାପୀ ଦାବି ଦିବସ ପରିପ୍ରେକ୍ଷୀରେ ଭାରତୀୟ ଟ୍ରେଡ ୟୁନିଅନ କେନ୍ଦ୍ର (ସିଆଇଟିୟୁ) ଯାଜପୁର ଜିଲ୍ଲା କମିଟି ନେତୃତ୍ୱରେ ଶ୍ରମିକଙ୍କ ଏକ ପଟୁଆର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ବାହାରି ରାଜ୍ୟର ଶ୍ରମିକ କର୍ମଚାରୀ ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଓଡ଼ିଶାରେ ବନ୍ଦ ଥିବା କାରଖାନା ଖୋଲିବା ଓ ଅଗ୍ରାଧିକାର ଭିତ୍ତିରେ ରାଜ୍ୟର ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦେବା, ଦରବୃଦ୍ଧି ନିୟନ୍ତ୍ରଣ କରିବା, ସର୍ବନିମ୍ନ ମଜୁରି ମାସିକ ୨୬୦୦୦ ଟଙ୍କା କରିବା, ସ୍କିଲ୍ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା, ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀକୁ ପୂରଣ କରିବା ପାଇଁ ପଦକ୍ଷେପ ନେବା, ସରକାରୀ ଉଦ୍ୟୋଗର ଘରୋଇକରଣକୁ ପ୍ରତ୍ୟାହାର କରିବା ଓ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସହାୟତାକୁ ତୁରନ୍ତ ପ୍ରଦାନ କରିବା ଆଦି ଦାବି ନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ସି.ଆଇ.ଟି.ୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ଡା. ନିର୍ମଳ ରଥ, ପାଚିକା ସଂଘର ଜିଲ୍ଲା ସଭାପତି ବିଜୟ ନାୟକ, ସମ୍ପାଦିକା ପ୍ରଭାତୀ ଦାସ, ଆଶାକର୍ମୀ ସଭାପତି ମଞ୍ଜୁଲତା ମଲିକ, ସୁକାନ୍ତୀ ପଣ୍ଡା, ତ୍ରିଲୋଚନ ରାଉତ, ଗଣେଶ ସାହୁ, ଅମୂଲ୍ୟ ନାୟକ, ସୁରେଶ ସାହୁ, ମନ୍ମଥ ରାୟ ଓ ବାଙ୍କବିହାରୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା



**ସୁକିନ୍ଦା, ୧୧।୭ (ସମିସ):** ବୁଧବାର ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ସଂଘ ସୁକିନ୍ଦା ଶାଖାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜୟଦେବ ବେଜଙ୍କୁ ସଭାପତି, ସ୍ୱପ୍ନା ବେହୁରାଙ୍କୁ ଉପସଭାପତି, ସତ୍ୟନାରାୟଣ ମହାପାତ୍ରଙ୍କୁ ସମ୍ପାଦକ, ଚିତ୍ତରଞ୍ଜନ ବେହୁରାଙ୍କୁ ସହସମ୍ପାଦକ, ଅକ୍ଷୟ କୁମାର କୁଣ୍ଡୁଙ୍କୁ କୋଷାଧ୍ୟକ୍ଷ, ଦେବେନ୍ଦ୍ର ପଟ୍ଟନାୟକଙ୍କୁ ଉପଦେଷ୍ଟା ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ବୈଠକରେ ମନୋନୀତ କର୍ମକର୍ତ୍ତାଙ୍କୁ ଉପଦେଷ୍ଟା ଦେବେନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ପ୍ରହଲ୍ଲାଦ ରାଉତ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତର ଶତାଧିକ ବରିଷ୍ଠ ସଭ୍ୟ ଯୋଗଦେଇଥିଲେ।

## ହାଇୱା ଓ ବାଇକ୍ ଧକ୍କା, ୨ ମୃତ

**ଯାଜପୁର, ୧୧।୭ (ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ-ରାଜଘାଟ ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ଏଆର୍ଏସ୍ଏସ୍ କମ୍ପାନୀର ଏକ ହାଇୱା ସହ ବାଇକ୍ ଧକ୍କା ହେବା ଫଳରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବରୁଆଁ ପଞ୍ଚାୟତ ସାନକୁଖାଲା ଗ୍ରାମର ହରିହର ବେହେରାଙ୍କ ପୁଅ ବଳିଆ ବେହେରା (୧୮) ଓ ତାଙ୍କ ସାଙ୍ଗ ଝାଡ଼ଖଣ୍ଡର ଦେଓଘର ଥାନା ଅନ୍ତର୍ଗତ ଚାନ୍ଦି ଗ୍ରାମର ମହମ୍ମଦ ଅଲ୍ଲିମୁଦ୍ଦିନଙ୍କ ପୁଅ ସୋହେଲ ଅନସାରୀ (୨୬) ବାଇକ୍ ଯୋଗେ ଭଦ୍ରକରୁ ସାନକୁଖାଲା ଗ୍ରାମକୁ ଫେରୁଥିବା ସମୟରେ ରାସ୍ତା ଉପରେ ଠିଆ ହୋଇ ରହିଥିବା ହାଇୱାର ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱା ଓ ବାଇକ୍କୁ ଜବତ କରି ଥାନାକୁ ଆଣିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

### କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ୟା

## ଯାଜପୁର ସୁରକ୍ଷା ସେନା ପକ୍ଷରୁ ଗଣଧାରଣା ଜାରି

**କୋରେଇ, ୧୧।୭ (ସମିସ)**



କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ ଯାଜପୁର ସୁରକ୍ଷା ସେନା ପକ୍ଷରୁ ଚାଲିଥିବା ଗଣଧାରଣା ଚତୁର୍ଥ ଦିବସରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏ ଧାରଣା ଜାରି ରହିବ ବୋଲି ସୁରକ୍ଷା ସେନା ସଭାପତି ସୁରେନ୍ଦ୍ର କୁମାର ବରାଳ ସୂଚନା ଦେଇଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପରିଚାଳନାଗତ ତ୍ରୁଟି ସହ ବହୁ ସମସ୍ୟା ଲାଗି ରହିଛି। ଅଞ୍ଚଳବାସୀ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହି କେନ୍ଦ୍ର ଉପରେ ଗୁରୁତ୍ୱାରୋପ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟସେବା ସମସ୍ୟାରେ ସୁଧାର ଆଣିବା ପାଇଁ ଯାଜପୁର ସୁରକ୍ଷା ସେନା ସହିତ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ନିରାମୟ ଯୋଜନାରେ ୨୪ ଘଣ୍ଟିଆ ମାଗଣା ଔଷଧ ବଣ୍ଟନ ବ୍ୟବସ୍ଥା ଥିବାବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୬ ଘଣ୍ଟା ନିରାମୟ କେନ୍ଦ୍ର ଖୋଲା ରହୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ, ଇସିଜି, ଏକ୍ସରେ ଆଦି ବ୍ୟବସ୍ଥା ନାହିଁ। ଶିଶୁ ବିଭାଗ, ମହିଳା ଓ ପ୍ରସୂତି ବିଭାଗର ଡାକ୍ତର ନାହାଁନ୍ତି। ୧୨ ଜଣ ସିକ୍ୟୁରିଟି ଗାର୍ଡଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୩ଜଣ ମେଡିକାଲ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। ବନ୍ଦ ହୋଇପଡ଼ିଥିବା ଜନନୀ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ କରିବା, ନୂତନ ଏମସିଏଚ ବିଲ୍ଡିଂ କାର୍ଯ୍ୟ ଆରମ୍ଭ, ଦୀର୍ଘଦିନ ଧରି ରହିଥିବା ଡାକ୍ତରଙ୍କୁ ବଦଳି କରି ନୂତନ ଡାକ୍ତରଙ୍କୁ ନିଯୁକ୍ତ କରାଯିବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାମ ଲେଖାଯିବା ସହ ମୁଖ୍ୟ ଗେଟ୍ ମରାମତି କରିବା, ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏଟିଏମ୍ ଖୋଲିବାକୁ ନେଇ ଧାରଣା ଜାରି ରହିଛି। ଚତୁର୍ଥ ଦିନରେ ଧାରଣା ପହଞ୍ଚିଥିଲେ ମଧ୍ୟ କୌଣସି ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ନେତା ଏ ପର୍ଯ୍ୟନ୍ତ ଧାରଣା ସ୍ଥଳକୁ ଆସିନାହାଁନ୍ତି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। ଦିନକୁ ଦିନ ବହୁ ବୁଦ୍ଧିଜୀବୀ ଏହି ଧାରଣାରେ ସାମିଲ୍ ହେବା ସହିତ ଜନସମର୍ଥନ ବଢ଼ୁଛି। ଏହି ଧାରଣାରେ ସୁରକ୍ଷା ସେନାର ସଭାପତି ସୁରେନ୍ଦ୍ର କୁମାର ବରାଳ, ଉମାକାନ୍ତ ବେହେରା, ରବି ପ୍ରକାଶ ନାୟକ, ଶୁଭକାନ୍ତ ଖଣ୍ଡେଇ, ବିଜୟ କୁମାର ନାୟକ, ଶ୍ରୀଧର ଜେନା, ନାରାୟଣ ଜେନା, ମାୟାଧର ବାଣ୍ଠ, କୁଳମଣି ଜେନା, ଭୀମସେନ ଜେନା, ଗଣେଶ ଜେନା, ନିରାକାର ଜେନା, ରବୀନ୍ଦ୍ର ନାଥ, ସସ୍ମିତା ଜେନା, ବିଭୁଦତ୍ତ ମଲ୍ଲିକ, ତପନ କୁମାର ମଲ୍ଲିକ ପ୍ରମୁଖ ସାମିଲ ହୋଇଛନ୍ତି।

## ରାସ୍ତାକଡ଼ ଉଠାଦୋକାନୀଙ୍କଠୁ ଆଦାୟ ହେବ ଜରିମାନା

**ଯାଜପୁର, ୧୧।୭ (ସମିସ):** ଯାଜପୁର ଜିଲ୍ଲାର ସମସ୍ତ ଉଠା ଦୋକାନୀ, ଜାତୀୟ ରାଜପଥ ଓ ରାଜ୍ୟ ସଡ଼କ ପଥକୁ ଲାଗି କରିଥିବା ବ୍ୟବସାୟ ପ୍ରତିଷ୍ଠାନ ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଦୋକାନ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଗାଡ଼ି ରଖିବା ଦ୍ୱାରା ରାସ୍ତା ସଙ୍କୁଚିତ ହୋଇ ଯାତାୟାତରେ ଅସୁବିଧା ହେବା ସହ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଛି। ଏହାଦ୍ୱାରା ମୂଲ୍ୟବାନ ଜୀବନ ଯାଉଛି। ଏଣୁ ସମସ୍ତ ଦୋକାନୀ ଓ ପ୍ରତିଷ୍ଠାନ ବେଆଇନ ଭାବେ ରାସ୍ତା ଉପରେ ନ କରିବା ସହ ସାମନାରେ କୌଣସି ଭିଡ଼ ନ ଜମାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଆଦେଶ ଖିଲାପ କଲେ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଜରିମାନା ଆଦାୟ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ଶିକ୍ଷକ ସଂଘ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

**କୁଆଖିଆ, ୧୧।୭ (ସମିସ):** ରସୁଲପୁର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ନବନିର୍ବାଚିତ ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଆଜି ମୂଳାପାଳ ଛକସ୍ଥ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ରସୁଲପୁର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ରାଜ୍ୟ ସଭାପତି ବିକ୍ରମ କୁମାର ଦାସ, ଉପଦେଷ୍ଟା ପ୍ରଦୀପ କୁମାର ସାମଲ, ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ବିଜୟ ଭଦ୍ର, ଧୀରେନ୍ଦ୍ର କୁମାର ସାହୁ, ଶ୍ରୀକାନ୍ତ ରଥ, ଧର୍ମେନ୍ଦ୍ର ବେହେରା, ବିଜୟ ସାହୁ, ରାଜେନ୍ଦ୍ର ସାହୁ, ଦେବକୀ ପାତ୍ର, ନୀଳମଣି ଲେଙ୍କା, ଅଶୋକ ରାଉତ, ପ୍ରକାଶ ଚନ୍ଦ୍ର ରଣା, ଅବିନାଶ ଆଇଚ, ଚନ୍ଦ୍ରକାନ୍ତ ରଥ, ମିତ୍ରଭାନୁ ନାୟକ, ସୁକାନ୍ତ ମଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷକଙ୍କ ବହୁ ସମସ୍ୟା ଉପରେ ସାଂସଦଙ୍କୁ ଅବଗତ କରାଇବା ସହ ପ୍ରତିକାର ନିମନ୍ତେ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା।

## ରେଳବାଇ କର୍ତ୍ତୃପକ୍ଷଙ୍କୁ ରେଳଯାତ୍ରୀ ସଂଘର ଦାବି

**ବ୍ୟାସନଗର, ୧୧।୭ (ସମିସ):** ବାରମ୍ବାର ରେଳ କର୍ତ୍ତୃପକ୍ଷଙ୍କୁ ଦାବି ଜଣାଇଲା ପରେ ବି ରେଳବାଇ କୌଣସି କର୍ଣ୍ଣପାତ କରୁ ନ ଥିବା ନିୟମିତ ରେଳ ଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଜି ପର୍ଯ୍ୟନ୍ତ ଏକ୍ସପ୍ରେସ ଭଡ଼ା ହ୍ରାସ ପରେ ମଧ୍ୟ ଆହୁରି ଅନେକ ଟ୍ରେନରେ ଅନ୍ୟାୟ ଭାବେ ଯାଜପୁର କେନ୍ଦୁଝର ରୋଡରୁ ଖଡଗପୁର ଯାଉଥିବା ଦୈନିକ ପାସେଞ୍ଜର ଟ୍ରେନ ଓ ଖୋର୍ଦ୍ଧାରୋଡ ଖଡଗପୁର ଫାଷ୍ଟ ପାସେଞ୍ଜରରେ ଅଧିକ ଭଡ଼ା ନିଆଯାଉଛି। ଏଥିରେ ସାଧାରଣ ଯାତ୍ରୀ ଭଡ଼ା ନେବାକୁ ଦାବି କରାଯାଉଛି। କେନ୍ଦୁଝରକୁ ଯାଉଥିବା ସମସ୍ତ ଟ୍ରେନ ଯାଜପୁର କେନ୍ଦୁଝର ରୋଡ ବାଟ ଦେଇ ସମ୍ପ୍ରସାରଣ ହେବା, ଭଦ୍ରକ ଓ ଦଶପଲ୍ଲା ମେମୁର ବୈରୀ ଷ୍ଟେସନରେ ଥିବା ରହଣି ସମୟ ପରିବର୍ତ୍ତନ କରିବା, ଜଳେଶ୍ୱରରୁ ପୁରୀ ମେମୁରେ କୋଚ୍ ସଂଖ୍ୟା ବୃଦ୍ଧି, ଯାଜପୁର ରୋଡରୁ ଭାୟା ସୁକିନ୍ଦା ରୋଡ ଦେଇ ଅନୁଗୋଳକୁ ନୂତନ ପାସେଞ୍ଜର ଟ୍ରେନ ଚଳାଇବା, ଯାଜପୁର କେନ୍ଦୁଝର ରୋଡ୍କୁ ମଡେଲ ରେଳ ଷ୍ଟେସନ ମାନ୍ୟତା ଦେବା, ଯାଜପୁର କେନ୍ଦୁଝର ରୋଡରେ କାର୍ଯ୍ୟରତ ପୋର୍ଟର ଓ ପାର୍ସଲ ବୟଙ୍କ ପାଇଁ ବିଶ୍ରାମାଗାର ସୁବିଧା ଦେବା, ସରକାରୀ ରେଳବାଇ ଫାଣ୍ଡିକୁ ଥାନାରେ ପରିବର୍ତ୍ତନ କରିବା, ଟିକଟ କାଉଣ୍ଟର ସଂଲଗ୍ନ ଏକ ବଡ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ନିୟମିତ ରେଳଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବି ଜଣାଇଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ହେଉ ନ ଥିବାରୁ ଯାତ୍ରୀ ଅସନ୍ତୋଷ ଦେଖାଦେଇଛି। ଏହାକୁ ତୁରନ୍ତ ସମାଧାନ ଗ୍ରହଣ ନ କଲେ ସଂଘ ଚରମ ପଦକ୍ଷେପ ନେବ ବୋଲି ଚେତାବନୀ ଦେଇଛି।

### ଚୋରି ମାମଲାରେ ପୁଲିସ ଚୁପ୍

## ଏସ୍ପିଙ୍କୁ ଭେଟିଲେ ଅଭିଯୋଗକାରୀ

**ପାଣିକୋଇଲି, ୧୧।୭ (ସମିସ):** ବିଂଝାରପୁର ଥାନା ଅଧୀନସ୍ଥ ବାଛୋଳ ବାମଦେବପୁର ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ଧଳଙ୍କ ପୁଅ ବିକାଶ କରିଥିବା ଅଭିଯୋଗ ଅନୁସାରେ ସେ ଦିଲ୍ଲୀରେ ରହୁଥିବାବେଳେ ଗ୍ରାମରେ ବୃଦ୍ଧା ମାଆ ଓ ପରିବାର ରୁହନ୍ତି। ଗତ ଜୁନ ୨୯ ତାରିଖ ଦିନ ଘରେ କେହି ନ ଥିବାବେଳେ ଅପରାହ୍ନ ସମୟରେ କିଛି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ଘରେ ଥିବା ଆନୁମାନିକ ୬ ଲକ୍ଷ ଟଙ୍କାର ସୁନାଗହଣା, ନଗଦ ୫୦ ହଜାର ଟଙ୍କା, ଗୋଟିଏ ଆକ୍ୱାଗାର୍ଡ଼, ଦୁଇଟି ମାଇକ ସେଟ, ଦୁଇଟି ଷ୍ଟାଣ୍ଡ ଫ୍ୟାନ, ଗୋଟିଏ ସେଟ ପିତଳ ବାସନ ଆଠଟି ପ୍ଲାଷ୍ଟିକ ଚେୟାର, ସିସିଟିଭିରେ ଲାଗିଥିବା ୱାଇଫାଇ ରାଉଟରକୁ ଚୋରି କରିବା ସହିତ ପଲଙ୍କ ଓ କାଟ କବାଟକୁ ଭାଙ୍ଗି ଦେଇଥିଲେ। ଏ ନେଇ ବିକାଶ ନିଜ ପରିବାରବର୍ଗଙ୍କଠାରୁ ଜାଣିବା ପରେ ମାଆ ବନଲତା ଧଳ ସେହିଦିନ ବିଂଝାରପୁର ଥାନାରେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଅଭିଯୋଗ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ଅଭିଯୋଗକାରିଣୀ ବୃଦ୍ଧା ବନଲତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ପରେ ମାଆଙ୍କଠାରୁ ଖବର ପାଇବା ପରେ ବିକାଶ ଦିଲ୍ଲୀରେ ଥାଇ ଗତ ଜୁଲାଇ ୩ ତାରିଖରେ ଫୋନରେ ସମସ୍ତ ଘଟଣା ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇବା ପରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବିଂଝାରପୁର ପୁଲିସ ଏତଲାକୁ ପଞ୍ଜୀକୃତ କରିଥିଲା। ମାତ୍ର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ନାମକୁ ମାତ୍ର ତଦନ୍ତ କରିଥିଲା। ଏଯାଏଁ ଅଭିଯୁକ୍ତଙ୍କୁ ଧରିବା ଲାଗି କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଫଳେର ବିଂଝାରପୁର ଥାନା ପୁଲିସଠାରୁ ନ୍ୟାୟ ପାଇବା ଆଶା ନ କରି ବିକାଶ ଦିଲ୍ଲୀରୁ ଫେରି ବୁଧବାର ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏସପି ଉକ୍ତ ଘଟଣାକୁ ଗୁରୁତର ସହିତ ନେଇ ସ୍ୱତନ୍ତ୍ର ଅଧିକାରୀଙ୍କ ମାଧ୍ୟମରେ ଉକ୍ତ ଘଟଣାର ସଠିକ୍ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ ବିକାଶ ଆରକ୍ଷୀ ଅଧୀକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଧର୍ମଶାଳା ଶ୍ରୀଗୁଣ୍ଡିଚା ମନ୍ଦିରରେ ଗୀତା ପାରାୟଣ

**ଜାରକା, ୧୧।୭ (ସମିସ):** ଧର୍ମଶାଳା ହାଟପଡ଼ିଆସ୍ଥ ମାଉସୀ ମା' ମନ୍ଦିର ପରିସରରେ ଗୀତା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭଗବତ ଗୀତା ସତସଙ୍ଗ ପରିବାର ଓ ଓଡ଼ିଶୋ ଗୀତା ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚହଟା ଗୀତା ପରିବାର ସଂଯୋଜକ ଅଶୋକ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ସାହୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସୁଶ୍ରୀ ଅମ୍ରିତା ସାହୁ ଗୀତାର ଦ୍ୱାଦଶ ଅଧ୍ୟାୟ ଆବୃତ୍ତି କରିଥିଲେ।



ଅଧ୍ୟାପକ ସନ୍ତୋଷ କୁମାର ଶରଣ ଜଗନ୍ନାଥଙ୍କ ସ୍ତୋତ୍ର ପାଠ କରିଥିଲେ। ପଣ୍ଡିତ ବିଭୂତି ଭୂଷଣ ପଣ୍ଡା ବେଦସ୍ତୁତି ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ତ ସାହୁ, ବାବାଜୀ ନାୟକ, ପ୍ରଦୀପ ଷଣ୍ଢ, ପ୍ରମୋଦ କୁମାର ଦାସ, ସନ୍ତୋଷ ଜେନା, ନୃସିଂହ ମହାନ୍ତି, ଗୋଲକ ବିହାରୀ ରାଉତ, ପ୍ରସନ୍ନ ପୃଷ୍ଟି, ବିଚିତ୍ରାନନ୍ଦ ରାଉତ, ସରସ୍ୱତୀ ସାହୁ, ପୁଷ୍ପଲତା ସାହୁ, ଅରୁପ ପ୍ରଧାନ ପ୍ରମୁଖ ପାରାୟଣ କାର୍ଯ୍ୟକ୍ରମରେ ଯୋଗଦେଇ ଗୀତା ପଠନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁନସୀ ମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିପିନ ବିହାରୀ ନାୟକ, ଗଙ୍ଗାଧର ମହାରଣା, ଭଲୁଖାଇ ଜଗନ୍ନାଥ ମନ୍ଦିର କମିଟି ସଭାପତି ପ୍ରସନ୍ନ ବରାଳ, ସମ୍ପାଦକ ଇନ୍ଦ୍ରମଣି ମହାନ୍ତି, କୋଷାଧ୍ୟକ୍ଷ ପ୍ରଭୁଦତ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀବନ୍ତପୁର ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି ଶିବିର



**କୁଆଖିଆ, ୧୧।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ଭଣ୍ଡାରିପଡ଼ା ଖେଳ ପଡ଼ିଆରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ, ରାସନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଜନହିତକାରୀ ଯୋଜନାକୁ ସମୀକ୍ଷାରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଶିବିରରୁ ଜଣାଯାଇଥିଲା। ଏଥିସହ ୨୦୧୧ ଜନଗଣନା ଆଧାରରେ ରାସନକାର୍ଡ ପଂଜିକରଣ ହୋଇଥିଲା। ବହୁ ନୂତନ ପରିବାର ସୃଷ୍ଟି ହେଲେଣି। ସେମାନଙ୍କୁ ନୂତନ ରାସନ କାର୍ଡ ମିଳିପାରୁନାହିଁ। ନୂଆ ଟାର୍ଗେଟ ଆସୁ ନ ଥିବାରୁ ଲୋକଙ୍କ ଆବେଦନକୁ ଯୋଗାଣ ବିଭାଗ ବିଚାରକୁ ନେଇପାରୁନାହିଁ। ବହୁ ଯୋଗ୍ୟ ପରିବାରର ନୂତନ ସଦସ୍ୟଙ୍କ ନାମ ରାସନ କାର୍ଡରେ ଯୋଡ଼ାଯାଇପାରୁନାହିଁ। ଏଭଳି ସମସ୍ୟା ପ୍ରାୟତଃ ୫ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଲାଗି ରହିଛି। ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଚାୟତରେ ଅଧିକାଂଶ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଏହା ସତ୍ତ୍ୱେ ବହୁ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ଅଛନ୍ତି। ସେମାନଙ୍କୁ ଭତ୍ତା ପ୍ରଦାନ କରିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ତୁରନ୍ତ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀ ସାଧାରଣ ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଗ୍ରହଣ କରିବା ସହ ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।

## ମିଶନ ଶକ୍ତିର 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ହାତୀବାରି, ୧୧।୭ (ସମିସ):** ହାତୀବାରି ପଞ୍ଚାୟତର ମିଶନ୍ ଶକ୍ତି ବିଶେଶ୍ୱର ମହାସଂଘ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଜି ମିଶନ୍ ଶକ୍ତି ମାଆମାନଙ୍କ ଦ୍ୱାରା ସୁଚାରୁରୂପେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ପଦ୍ମିନୀ ସାହୁ, ସେକ୍ରେଟାରୀ ପ୍ରଶାନ୍ତୀ ନାୟକ, ଏମ୍‌ବିକେ. ଦୀପ୍ତିଲତା ନାୟକ, ସିଆରପି ସୁଷମା ସ୍ୱାଇଁ, ରେଣୁବାଳା ବାରିକ, ମନ୍ଦାକିନୀ ସେଠୀ, କୁନ୍ତଳା ନାଥ, ମୀନାକ୍ଷୀ ପ୍ରଧାନ, ପ୍ରଭାତୀ ଧଳ, ସତ୍ୟଭାମା ପାତ୍ର ଓ ଅନେକ ମିଶନ ଶକ୍ତି ମହିଳା ଯୋଗଦାନ କରିଥିଲେ।

# କାଳିଆପାଣି ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଭୂତକୋଠି

**କାଳିଆପାଣି, ୧୧।୭ (ସମିସ)**




ଦିନଥିଲା ଟାଟା କମ୍ପାନୀ ପକ୍ଷରୁ ଖଣି ଅଞ୍ଚଳରେ ସାଧାରଣ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରି ସେବା ଯୋଗାଇ ଆସୁଥିଲା। ଅତ୍ୟାବଶ୍ୟକ ସେବା ଯୋଗାଇ ଦେବା ସହିତ ସାଧାରଣ ଜନତାଙ୍କ ସମସ୍ତ ପ୍ରକାର ରୋଗବ୍ୟାଧିର ଉପସମ ଏଠାରେ କରାଯାଉଥିଲା। ଉକ୍ତ ହସ୍ପିଟାଲ ଉପରେ ଖଣି ଅଞ୍ଚଳର ୨୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଗ୍ରାମୀଣ ଅଞ୍ଚଳର ସାଧାରଣ ଜନତାଙ୍କ ଭରସା ଥିଲା। ୨୦୧୯ରେ ଟାଟା କମ୍ପାନୀର ଲିଜ୍ ସମାପ୍ତ ହେବା ପରେ କମ୍ପାନୀ ଏଠାରୁ ତା'ର ସମସ୍ତ ପ୍ରକାର ଜରୁରି ଡାକ୍ତରୀ ଉପକରଣ ଉଠାଇନେବା ସହିତ ହସ୍ପିଟାଲର ସମସ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ହଟାଇ ନେଇଥିଲା। ହସ୍ପିଟାଲକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା। ପରେ ୨୦୨୧ରେ ଉକ୍ତ ପୁରାତନ ମେଡିକାଲକୁ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ କାର୍ଯ୍ୟକ୍ଷମ କରାଯାଇଥିଲା। ଉକ୍ତ ହସ୍ପିଟାଲର ମରାମତି, ବିଦ୍ୟୁତିକରଣ, ପାନୀୟ ଜଳ ସହିତ ଅନ୍ୟାନ୍ୟ କାମ ନିମନ୍ତେ ଆସିଥିବା ଅନୁଦାନକୁ ଠିକାଦାର ବାଟମାରଣା କରି ଚାଲିଯାଇଛନ୍ତି। ଜିଲ୍ଲା ଖଣିଜ ପାଣ୍ଠିରୁ ଅନୁମୋଦିତ ୧୭, ୫୦, ୦୦୦ ଟଙ୍କା କେବଳ ଫଳକ ଲାଗିବାରେ ଜଣାପଡ଼େ। ୨୦୨୧-୨୦୨୨ ଆର୍ଥିକ ବର୍ଷରେ ହସ୍ପିଟାଲର ବିଦ୍ୟୁତିକରଣ, ରଙ୍ଗ ଓ ମରାମତି କରାଯାଇଥିଲା। ଠିକାଦାର କେବଳ ଆଗପଟ କାନ୍ଥରେ ସାମାନ୍ୟ ରଙ୍ଗ ଦେଇଥିବାବେଳେ ଭିତର ପଟ ଘରେ ଲାଗିଥିବା କବାଟ, ଝରକା ନେଇଯାଇଛନ୍ତି। କେବଳ ୬ଟି ଗୃହରେ ବିଦ୍ୟୁତିକରଣ କରାଯାଇଥିବାବେଳେ ଅନ୍ୟ ସମସ୍ତ ଗୃହରେ ବିଜୁଳିର ନାମଗନ୍ଧ ନାହିଁ। ଫଳରେ ଉକ୍ତ ହସ୍ପିଟାଲଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ କ୍ରୋମ ଉପତ୍ୟକା ସୁକିନ୍ଦା ଖଣି ଅଞ୍ଚଳ ଏବେ ସ୍ୱାସ୍ଥ୍ୟ ସେବା ଦିଗରେ ବହୁ ପଛରେ ରହିଛି। ଖଣି ଅଞ୍ଚଳର ଯୁବ ସମାଜସେବୀ କୁନା ମହାନ୍ତ, ଲମ୍ବୋଦର ମହାନ୍ତ, ବାଦଲ ମହାନ୍ତ, ଶରତ ମହାନ୍ତ ସଚି ହେମ୍ବ୍ରମ ପ୍ରମୁଖ ଦାବି କରିଛନ୍ତି ଯେ, ୩ ବର୍ଷ ପୂର୍ବେ ଏହି ହସ୍ପିଟାଲର ମରାମତି ଓ ବିଦ୍ୟୁତିକରଣ କରିଥିବା ଠିକାଦାରଙ୍କ ବିରୁଦ୍ଧରେ ତଦନ୍ତ କରାଯିବା ସହ ଏହାକୁ ପୁନଃନବୀକରଣ କରାଯିବାକୁ ଦାବି କରିଛନ୍ତି। ମେଡିକାଲରେ କାର୍ଯ୍ୟରତ ଡାକ୍ତର ପ୍ରଦୀପ ରାଉତରାୟ କହିଛନ୍ତି, ଏହି ମିଡିକାଲର ଉନ୍ନତିକରଣ କରିବାକୁ ହେଲେ ଏଠାରେ ବିଭିନ୍ନ ବିଭାଗର ଡାକ୍ତର, କମ୍ପାଉଣ୍ଡର ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏଥିସହିତ ଦୁଇଜଣ ସୁଇପର, ତିନିଜଣ ସୁରକ୍ଷା କର୍ମଚାରୀଙ୍କ ଆବଶ୍ୟକତା ଥିବା କହିଛନ୍ତି।

## କୁସୁମା କଟେଜ୍‌କୁ ରଙ୍ଗଶାଳା ଆଖ୍ୟା ଦେବା ପ୍ରସଙ୍ଗ

# ସାମ୍ବାଦିକଙ୍କ ଗିରଫ ଦାବିରେ ତାତିଲେ ଯାଜପୁର ସହରବାସୀ






**ଯାଜପୁର, ୧୧।୭ (ସମିସ)**

କୁସୁମା କଟେଜ୍‌କୁ ରଙ୍ଗଶାଳା ଆଖ୍ୟା ଦେଇଥିବା ଏକ ଟିଭି ଚ୍ୟାନେଲ ଓ ଏହାର ସାମ୍ବାଦିକଙ୍କ ବିରୋଧରେ ଜନଆକ୍ରୋଶ ଜାରି ରହିଛି। ଆଜି ଯାଜପୁର ପୌରପାଳିକାର ୧୦ନଂ ୱାର୍ଡ ବାସିନ୍ଦାଙ୍କ ପକ୍ଷରୁ କୁସୁମା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ତୁରନ୍ତ ଚ୍ୟାନେଲ କର୍ତ୍ତୃପକ୍ଷ କ୍ଷମା ପ୍ରାର୍ଥନା କରିବା ସହିତ ସାମ୍ବାଦିକଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି।

ଗତ କିଛିଦିନ ତଳେ କୁସୁମା କଟେଜ୍‌କୁ ନେଇ ଏକ ଟିଭି ଚ୍ୟାନେଲରେ ନାନା ବିଭ୍ରାନ୍ତୀକର ଓ ଅରୁଚିକର ଖବର ପରିବେଷଣ କରାଯାଇଥିଲା। ଏପରିକି ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନାଁକୁ ଯୋଡ଼ି ନାନା ଅପପ୍ରଚାର କରିବା ସହିତ କୁସୁମା କଟେଜକୁ ଏକ ରଙ୍ଗଶାଳାର ଆଖ୍ୟା ଦିଆଯାଇଥିଲା। ଏହାପରେ ଯାଜପୁର ସହରବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଯାଜପୁର ନାଗରିକ ସଂଘ ପକ୍ଷରୁ ସମ୍ପୃକ୍ତ ଚ୍ୟାନେଲକୁ ୭୨ ଘଣ୍ଟା ଭିତରେ କ୍ଷମା ପ୍ରାର୍ଥନା କରିବା ସହିତ ରଙ୍ଗଶାଳା ନେଇ ଯଦିକୌଣସି ପ୍ରମାଣ ଥାଏ, ତା'ହେଲେ ତାକୁ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୃକ୍ତ ଚ୍ୟାନେଲ କୌଣସି କ୍ଷମା ପ୍ରାର୍ଥନା ନ କରିବାରୁ ଆଜି ଯାଜପୁର ପୌରପାଳିକାର ୧୦ନଂ ୱାର୍ଡବାସୀଙ୍କ ପକ୍ଷରୁ ବିକ୍ଷୋଭ କରାଯିବା ସହିତ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ କାଉନସିଲର ମିନାକ୍ଷୀ ନନ୍ଦଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଆଜି ପୂର୍ବାହ୍ନରେ କୁସୁମା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଚ୍ୟାନେଲ ତୁରନ୍ତ ଯାଜପୁରବାସୀଙ୍କୁ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହିତ ଏହାର ସାମ୍ବାଦିକଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ନଚେତ୍ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦ ଶୋଭାଯାତ୍ରାରେ ସ୍ୱଦେଶ ପଟ୍ଟନାୟକ, ଇକବାଲ ଅଲ୍ଲୀ ଖାଁ, କାହ୍ନୁଚରଣ ମହାନ୍ତି, ସେଖ ରମଜାନି, ନୃସିଂହ ରାଉତ, ବଳଭଦ୍ର ଦାସ, ରୁଦ୍ରନାରାୟଣ ମହାନ୍ତି, ସ୍ୱସ୍ତିକ ପହି, ତୁଷାର ବେହେରାଙ୍କ ସମେତ ଶତାଧିକ ସମର୍ଥକ ସାମିଲ ହୋଇଥିଲେ।

## ପୋବଳ ଗ୍ରାମରେ ଭାଲୁ ଆତଙ୍କ

**ଜାରକା, ୧୧।୭ (ସମିସ):** ଧର୍ମଶାଳା ବ୍ଲକ ତରଞ୍ଜିଆ ପଞ୍ଚାୟତର ପୋବଳ ଗ୍ରାମକୁ ୩ଟି ଭାଲୁ ପଶି ଆସିବା ଯୋଗୁଁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ବୁଧବାର ସନ୍ଧ୍ୟାରେ ପୋବଳ ଗାଁ ରାସ୍ତାରେ ୩ଟି ଭାଲୁ ବୁଲୁଥିବା ଲୋକେ ଦେଖିଥିଲେ। ଖବର ଜଣାପଡ଼ିବା ପରେ ପୋବଳ, ତରଞ୍ଜିଆ, ପାଖର, ପାରିକ୍ଷେତ, ଉତିମରା, ଖଟୁଆପଡ଼ା, କମ୍ପାଲୁ ମଙ୍ଗରାଜପୁର ଆଦି ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ଏହି ଭାଲୁ ଦେଖାଯାଇ ନ ଥିବାବେଳେ ଲୋକେ ଭୟରେ ପାଖର- ପୋବଳ ରାସ୍ତାରେ ଯାତାୟତ କରିବାକୁ ଭୟ କରୁଛନ୍ତି। ଏହି ଭଲୁ ଢେଙ୍କାନାଳ କପିଳାସ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଳାଇ ଆସିଥିବା ସନ୍ଦେହ କରାଯାଉଛି। ଏହି ଭାଲୁ ବନ ବିଭାଗ ପକ୍ଷରୁ ଘଉଡ଼ାଇବାକୁ ସାମାଜିକ କର୍ମୀ ଶୁଭକାନ୍ତ ନାୟକ ଅନୁରୋଧ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

**ସୁକିନ୍ଦା, ୧୧।୭ (ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଦୁର୍ଘଟଣା ଘଟି ଗୋଟିଏ ପରିବାରର ତିନିଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଅଜୟ ଭୂୟାଁଙ୍କ ପତ୍ନୀ ଶାନ୍ତିଲତା (୫୫), ପୁଅ ଆଲୋକ (୨୮) ଓ ଝିଅ କାଜଲ(୧୪) ସୁକିନ୍ଦା ଶିବମନ୍ଦିରରେ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବା ସମୟରେ ସୁକିନ୍ଦା ଛକ ପାଖ ରେଙ୍ଗାଲି କେନାଲ ବ୍ରିଜ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ଶିଶୁ ସୁରକ୍ଷା ନୀତି ସମ୍ପର୍କିତ ଆଲୋଚନାଚକ୍ର



**ଯାଜପୁର, ୧୧।୭ (ସମିସ):** ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ, କଟକର ମିଳିତ ସହଯୋଗରେ ଶିଶୁ ପରିଚର୍ଯ୍ୟା ଆନୁଷ୍ଠାନରେ ଶିଶୁ ସୁରକ୍ଷା ନୀତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ଅନ୍ତେବାସୀ, କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ୟୁନିଟ୍ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ରୂପେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା ଓ ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଦସ୍ୟ ଜୟନ୍ତ ଗୋସ୍ୱାମୀ, ରମେଶ ଚନ୍ଦ୍ର ସେଠୀ, ସମାଜ କଲ୍ୟାଣ ବିଭାଗ ସୁରକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ଦଣ୍ଡପାଟ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ଆନୁଷ୍ଠାନରେ ରହୁଥିବା ପିଲାଙ୍କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ପିଲାଙ୍କ ପାଇଁ କିଶୋର ନ୍ୟାୟ ଅଧିନିୟମ ଅନ୍ତର୍ଗତ ସମସ୍ତ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂଯୋଗର ମଣ୍ଡଳ ସଂଯୋଜକ ରୂପାଲୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷୟ ବିଶାରଦ ରୂପେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ଅନୁଷ୍ଠାନ ଶିଶୁ ସୁରକ୍ଷା ନୀତିର ପ୍ରସ୍ତୁତି ଓ କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନର କର୍ମକର୍ତ୍ତାଙ୍କ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ। ଏହା ପିଲାଙ୍କ ବିକାଶ, ସୁରକ୍ଷା ଓ ଥଇଥାନ ସହ ହିଂସା ଓ ଶୋଷଣ ମୁକ୍ତ ଆନୁଷ୍ଠାନ ଗଠନ କରିବା ଦିଗରେ ପ୍ରୟାସୀ ହେବ ବୋଲି ଆଶା ରଖିଥିଲେ। ଶିଶୁ ସୁରକ୍ଷା ନୀତି ପ୍ରଣୟନ ହେଲେ ଅନୁଷ୍ଠାନରେ ଶିଶୁ ମର୍ଯ୍ୟାଦାଜନକ ଜୀବନ ବିତାଇ ପାରିବେ ବୋଲି ଉଲ୍ଲେଖ କରିଥିଲେ। ଶିଶୁ ସୁରକ୍ଷା ନୀତି ଶିଶୁ ନିର୍ଯାତନା କ୍ଷେତ୍ରରେ ଏକ ଶୂନ୍ୟ-ସହନଶୀଳତା ନୀତି ଅନ୍ତର୍ଭୁକ୍ତ କରିଥାଏ ବୋଲି ମତ ଦେଇଥିଲେ।

ଉତ୍କଳ ବାଳଶ୍ରମ ଅନ୍ତେବାସୀ ରାହୁଲ ରାଉତ, ମଙ୍ଗଳ ସିଂହ ଯମୁଡ଼ା, ଶିବ ଶଙ୍କର ମହାରଣା, କାର୍ତ୍ତିକ ମହନ୍ତ, ପଣ୍ଟୁ ପୂର୍ତ୍ତି, ମିଥୁନ ଯମୁଡ଼ା, ବାବୁଲି ଗୁୟା ଅଂଶଗ୍ରହଣ କରି ଶିଶୁ ସୁରକ୍ଷା ନୀତି ପ୍ରସ୍ତୁତିରେ ସେମାନଙ୍କ ସହଭାଗିତା କିଭଳି ରହିବ ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷାଧିକାରୀ ନିରଞ୍ଜନ କର ଜିଲ୍ଲାରେ ସମସ୍ତ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ ପର୍ଯ୍ୟାୟ କ୍ରମେ ଶିଶୁ ସୁରକ୍ଷା ନୀତି ଅନୁପାଳନ କରିବେ ଓ ସଂଯୋଗ ଏଥିପାଇଁ ଆନୁଷ୍ଠାନର କର୍ମକର୍ତ୍ତାଙ୍କୁ ଆବଶ୍ୟକ ସହଯୋଗ କରିବ ବୋଲି କହିଥିଲେ। ସଂଯୋଗର ବରିଷ୍ଠ କର୍ମକର୍ତ୍ତା ବିକାଶ ରଞ୍ଜନ ମହାନ୍ତି, ଜଗନ୍ନାଥ ସାହୁ, ରିଙ୍କୁ ରାଉତ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞାସିନୀ ସାହୁ, ଅର୍ଚ୍ଚନା ପ୍ରିୟଦର୍ଶିନୀ ସାହୁ, ଜଗନ୍ନାଥ ମିଶ୍ର, ପ୍ରିୟରଞ୍ଜନ ପଣ୍ଡା, ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ଦାସ, ଦୀପକ ବେହେରା, ଦେବାଶିଷ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତା ଶିଶିର ମଲ୍ଲିକ ଓ ବିଶ୍ୱନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ ବାଳାଶ୍ରମର ତତ୍ତ୍ୱାବଧାରିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଛତିଆ ଭାରୀଯାନ ଡ୍ରାଇଭିଂ ତାଲିମ କେନ୍ଦ୍ରର ସଫଳତା

# ଓଡ଼ିଶାର ୩୦ ଡ୍ରାଇଭର ଜାପାନରେ ଗାଡ଼ି ଚଳାଇବେ

**ଯାଜପୁର, ୧୧।୭ (ସମିସ):** ବଡ଼ଚଣା ବ୍ଲକ ଛତିଆରେ ରାଜ୍ୟ ସରକାର ଓ ଅଶୋକ ଲିଲ୍ୟାଣ୍ଡର ମିଳିତ ଉଦ୍ୟମରେ ଚାଲିଥିବା ଭାରୀଯାନ ଡ୍ରାଇଭର ତାଲିମ କେନ୍ଦ୍ରକୁ ବଡ଼ ସଫଳତା ମିଳିଛି। ଏହି କେନ୍ଦ୍ରରେ ତାଲିମ ନେଇଥିବା ୩୦ ଜଣ ଡ୍ରାଇଭର ଜାପାନରେ ଗାଡ଼ି ଚଳାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ରାଜ୍ୟର ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହି ୩୦ ଜଣିଆ ଡ୍ରାଇଭର ଦଳ ମଧ୍ୟରେ ଜଣେ ମହିଳା ଡ୍ରାଇଭର ମଧ୍ୟ ଅଛନ୍ତି। ସେମାନଙ୍କୁ ବେଙ୍ଗାଲୁରୁରେ ପ୍ରାଥମିକ ଜାପାନିଜ ଭାଷାରେ ତାଲିମ ଦିଆଯିବ ଓ ପରେ ସେମାନଙ୍କୁ ଜାପାନ ନିଆଯିବ ବୋଲି ଜଣାପଡ଼ିଛି।



ସୂଚନା ମୁତାବକ, ଏହି ଭାରୀଯାନ ଡ୍ରାଇଭିଂ ତାଲିମ କେନ୍ଦ୍ରରେ ଗୁଣାତ୍ମକ ତାଲିମ ପ୍ରଦାନ କରାଯାଏ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ସମସ୍ତ ପ୍ରକାର ସୁବିଧା ଦିଆଯାଇଥାଏ। ଜାପାନରେ ଟ୍ରକ୍ ଡ୍ରାଇଭରଙ୍କ ଆବଶ୍ୟକତା ଥିବାରୁ ନାଭିସ ଏଚଆର କମ୍ପାନୀ ଏହି କେନ୍ଦ୍ରକୁ ଆସି ଡ୍ରାଇଭରଙ୍କ ବିଭିନ୍ନ ପରୀକ୍ଷା କରିଥିଲା। ଏଠାରେ ୧୮୦ ଜଣ ଡ୍ରାଇଭରଙ୍କ ମଧ୍ୟରୁ ୩୦ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସୁଚିତ୍ରା ସେଠୀ ନାମକ ଜଣେ ମହିଳା ଅଛନ୍ତି। ସମସ୍ତଙ୍କୁ ଆସନ୍ତା ୧୭ ତାରିଖରୁ ସାଢ଼େ ୪ ମାସ ପର୍ଯ୍ୟନ୍ତ ବେଙ୍ଗାଲୁରରେ ଜାପାନିଜ ଭାଷା ସମ୍ପର୍କରେ ତାଲିମ ଦିଆଯିବ। ତାଲିମ ଶେଷ ପରେ ସମସ୍ତଙ୍କୁ ଜାପାନ ନିଆଯିବ ବୋଲି ତାଲିମ କେନ୍ଦ୍ରର ଅଧ୍ୟକ୍ଷ ସାଦିକ ହୁସେନ ସୟଦ କହିଛନ୍ତି। ସମସ୍ତଙ୍କ ତାଲିମ ଓ ଯାତାୟତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଜଣାପଡ଼ିଛି।

## ଦୁର୍ଘଟଣାରେ ୨ ଗୁରୁତର

**ସୁକିନ୍ଦା, ୧୧।୭ (ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। କାଞ୍ଜିଆପାଳ ଗ୍ରାମର ସାଗର ମହାନ୍ତ ଓ ଆମଦୂଳ ଗ୍ରାମର ଲାଲୁ ମହାନ୍ତ ଗୁରୁବାର ବିରାଶାଳ ଗ୍ରାମରୁ ଫେରୁଥିବା ସମୟରେ ଗ୍ରାମପାଖ ରାସ୍ତାରେ କୋଇଲ ଗ୍ରାମର କୁଳମଣିଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଲାଲୁ ଓ କୁଳମଣି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ୧୫ରେ ଜଳସେଚନ କାର୍ଯ୍ୟାଳୟ ଘେରିବେ ଚାଷୀ

**ବଡ଼ଚଣା, ୧୧।୭ (ସମିସ):** କୃଷି, କୃଷକ ଓ କୃଷିକ୍ଷେତ୍ରର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ଅସାଧୁ ମେଣ୍ଟ ଯୋଗୁଁ ଏହାର ସୁଫଳ ଚାଷୀ ପାଇପାରୁନାହାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହାଇଲେବୁଲ୍ କେନାଲ ଓ ତା'ର ଶାଖା କେନାଲ୍ ଦଳ ସଫେଇ ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଉଛି, ମାତ୍ର କେନାଲର ଅବସ୍ଥା ସୁଧୁରି ନାହିଁ। ଜଳସେଚନ ବିଭାଗର ଖାମଖିଆଲ ନୀତି ଓ ଇଚ୍ଛାଶକ୍ତି ଅଭାବ ଯୋଗୁଁ ଚଳିତ ବର୍ଷ ବହୁ ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ଅନିଶ୍ଚିତ ମୌସୁମୀ ସାଙ୍ଗକୁ ନିଅଣ୍ଟିଆ ବର୍ଷା ଚାଷୀ ଓ ଚାଷକୁ ଚିନ୍ତାରେ ପକାଇବା ସାଙ୍ଗକୁ ଜଳସେଚନ ବିଭାଗର ଅବହେଳା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ସୁଙ୍ଗୁଡ଼ା ଗ୍ରାମଦେବତୀଙ୍କ ନିକଟରେ ଥିବା ଜଳଯୋଗାଣ ପଥଟି ପୋତି ହେବ ଓ ଶାଖା କେନାଲରୁ ବାହାରିଥିବା ଜଳଯୋଗାଣ ପଥଟି ଅବରୋଧ ହେବା ଫଳରେ ପ୍ରାୟ ୧୦୦ ଏକର ଜମିରେ ଫସଲ ହାନି ହେବା ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଚାଷୀ ଖୋସାଲିପୁରସ୍ଥ ଜଳସେଚନ କାର୍ଯ୍ୟାଳୟ ସହ ଯୋଗାଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଜି ସୁଙ୍ଗୁଡ଼ା ଗ୍ରାମର ଶତାଧିକ ଚାଷୀ ବୈଠକରେ ଏକତ୍ରିତ ହୋଇ ଆଗାମୀ ୧୫ ତାରିଖ ସୁଦ୍ଧା ଜଳଯୋଗାଣ ପଥ ଓ ଜଳପଥ ଅବରୋଧ ହଟା ନ ଗଲେ ଖୋସଲିପୁରସ୍ଥ ଜଳସେଚନ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, କୃଷି ସଚିବଙ୍କୁ ସାକ୍ଷାତ କରି ଅଭିଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଲଘୁ ଖଣିଜ ବିଭାଗ ପକ୍ଷରୁ ୪୨ଟି କ୍ରସରରେ ଚଢ଼ଉ

**ଜାରକା, ୧୧।୭ (ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ୪୨ଟି କ୍ରସରରେ ଲଘୁଖଣିଜ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇଛି। ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଭିନ୍ନ ଲଘୁ ଖଣିଜ ଖାଦାନ ବିଶେଷ କରି କଳାପଥର ଖାଦାନ ଓ କ୍ରସରରେ ଚାଲିଥିବା ବେଆଇନ ବ୍ୟବସାୟ ଉପରେ ଚଢ଼ଉ ଜାରି ରହିଛି। ଗତ ୨ ଦିନ ହେଲା ବିଭାଗ ପକ୍ଷରୁ ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର, ଡଙ୍କାରୀ, ବିଛାଖଣ୍ଡି, ଲୁଣିବର, ଚଢେଇଧରା ଆଦି ଅଞ୍ଚଳରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ନୋଟିସ ଦିଆଯାଉଛି। ଆଜି ଜିଲ୍ଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଖଣି ଅଧିକାରୀ ଯଶକେତନ ସେଠୀ, ପରିବେଶ ବିଭାଗ ଅତିରିକ୍ତ ଅଧିକାରୀ ହିମାଂଶୁ ସାହୁ, ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ, ମାନସ ରଞ୍ଜନ ବେଜଙ୍କ ସମେତ ଧର୍ମଶାଳା ଓ ଜେନାପୁର ପୁଲିସ ମିଳିତ ଭାବେ ବାଜବାଟି, ମୁରାରୀପୁର, ଆରୁହା, ଅଞ୍ଜିରା, କୃଷ୍ଣନପୁର ଅଞ୍ଚଳରେ ଥିବା କ୍ରସରରେ ଚଢ଼ଉ କରିଥିଲେ। ଅବଶିଷ୍ଟ ୪୦ଟି କ୍ରସରରେ ଏଭଳି ଚଢ଼ଉ କରାଯିବ ବୋଲି ଜିଲ୍ଲା ଲଘୁଖଣିଜ ଉପନିର୍ଦ୍ଦେଶକ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ବେଆଇନ ପରିବହନ କରୁଥିବା ୩ଟି ହାଇୱା ଜବତ

**ଜାରକା, ୧୧।୭ (ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଲଘୁ ଖଣିଜ ବିଭାଗ ପକ୍ଷରୁ ବେଆଇନ ଭାବେ ପରିବହନ କରୁଥିବା ୩ଟି ହାଇୱା ଗାଡ଼ିକୁ ଜବତ କରାଯାଇଛି। ଆଜି ଜିଲ୍ଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ବିଭିନ୍ନ କ୍ରସରରେ ଚଢ଼ଉ କରି ଫେରୁଥିବାବେଳେ କବାଟବନ୍ଧ-ଧର୍ମଶାଳା ରାସ୍ତାର ନାକପୋଲଠାରେ ବେଆଇନ ଭାବେ ପରିବହନ କରୁଥିବା ଏକ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିବାବେଳେ ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ହାଇୱାକୁ ଜବତ କରିଥିଲେ। ପରେ ୫୩ ନମ୍ବର ଜାତୀୟ ରାଜପଥର ଚଢେଇଧରା ନିକଟରେ ବେଆଇନ ଭାବେ ପରିବହନ କରୁଥିବା ୨ଟି ହାଇୱା ଗାଡ଼ିକୁ ଜବତ କରିଥିଲେ। ମାଟି ବୋଝେଇ ହାଇୱା ଧର୍ମଶାଳା ଥାନାରେ ରଖାଯାଇଥିବାବେଳେ କଳାପଥର ବୋଝେଇ ୨ଟି ହାଇୱାକୁ ଚଢେଇଧରା ବିଟ୍ ହାଉସରେ ରଖାଯାଇଛି।

## ଦଧିବାମନଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଯାଜପୁର, ୧୧।୭ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କବିରପୁର ପାଢ଼ୀ ସାହିର ଆରାଧ୍ୟ ଠାକୁର ପ୍ରଭୁ ଦଧିବାମନଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମର ୫୪ ଜଣ ମହିଳା ଓ ପୁରୁଷ ବ୍ରତଧାରୀ ନିକଟସ୍ଥ ଖରସ୍ରୋତା ନଦୀର ରାଜଘାଟ ନିକଟରୁ ପବିତ୍ର ଜଳ ଧାରଣ କରି ଶୋଭାଯାତ୍ରାରେ ଆସି ମନ୍ଦିର ନିକଟରେ ଥିବା ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ଅଧିବାସ ପୂର୍ବକ କୁଣ୍ଡ ମଣ୍ଡଳ ସ୍ଥାପନ କରାଯାଇଥିଲା। ପରଦିନ ପ୍ରତ୍ୟୁଷରୁ ଗ୍ରାମ ଦେବତୀ ମା' ଜାଗୁଲେଇ, ମା' ରକ୍ଷାକାଳୀଙ୍କ ସ୍ନାନ, ବେଶ ଓ ପୂଜା କରାଯିବା ପରେ ଯଜ୍ଞ କାର୍ଯ୍ୟ ପୂର୍ବରୁ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳାଦି ପୂଜା ଓ ସର୍ବ ଦେବାଦେବୀ ପୂଜା ପରେ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବ୍ରଜ କିଶୋର ପାଢ଼ୀ, କର୍ତ୍ତି ଭାବେ ପ୍ରେମଲତା ପାଢ଼ୀ ଓ କୁଳପୁରୋହିତ ନୀଳମଣି ପତି, ଇନ୍ଦ୍ରମଣି ପତି, ମନୋରଞ୍ଜନ ପତି, ପଣ୍ଡିତ ସୀତାରାମ ପତି, ବିଚିତ୍ର ପାଢ଼ୀ, ଅମୀୟ ପତି ଓ ସହଯୋଗୀ ଭାବେ ଶ୍ରୀଧର ବାରିକ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଗାୟକ ରଣଜିତ୍ ମିଶ୍ର ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ପ୍ରଭୁ ଦଧିବାମନ ସିଂହାସନରେ ବିଜେ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ।

## ଯୋଡ଼ାବର ଗ୍ରାମବାସୀଙ୍କ ଦ୍ୱାରା ଏଆର୍‌ଏସ୍‌ଏସ୍‌ର ୨୮ ଗାଡ଼ି ଅଟକ

# ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**ବ୍ୟାସନଗର, ୧୧।୭ (ସମିସ)**

ଆବଶ୍ୟକତାଠାରୁ ଅଧିକ ମାଲ ପରିବହନ କରି ଗ୍ରାମ୍ୟ ରାସ୍ତାରେ ବେପରୁଆ ଯାତାୟତ କରିବା ସହିତ ଗ୍ରାମ ରାସ୍ତା ନଷ୍ଟ ହେଉଥିବା ଦାବିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଠିକାସଂସ୍ଥା ଏଆରଏସଏସ କମ୍ପାନୀର ୨୮ଟି ଗାଡ଼ିକୁ ସ୍ଥାନୀୟ ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ଯୋଡ଼ାବର ଗ୍ରାମବାସୀ ଅଟକ ରଖିଥିଲେ। ଦୀର୍ଘ ସମୟ ଗାଡ଼ିଗୁଡ଼ିକ ଅଟକ ରଖିବା ପରେ ଯାଜପୁର ପରିବହନ ବିଭାଗ ପହଞ୍ଚି

### କାଗଜରେ ୨୬ ଟନ୍ ପରିବହନ ନିୟମ ଥିଲା, ୬୦ ଟନ୍ ପରିବହନ





ପ୍ରାୟ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିଛି।

ସୂଚନା ମୁତାବକ, ରେଳୱେ ବିଭାଗର ହୋହରୀକରଣ କାର୍ଯ୍ୟରେ ଏକ କଙ୍କର୍ଡ କମ୍ପାନୀ ନିୟୋଜିତ ହୋଇଛି। ଏହି କମ୍ପାନୀରେ ଏଆରଏସଏସ ନାମକ ଠିକାସଂସ୍ଥା କାର୍ଯ୍ୟରତ ଥିବାବେଳେ ଏହି ସଂସ୍ଥା ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ବିଭିନ୍ନ ପ୍ରକାରର ମାଲ ବୋଝେଇ କରି ଯୋଡାବର ଗ୍ରାମ ରାସ୍ତାରେ ଯାତାୟାତ କରିଥାଏ। ଏହା ଦ୍ୱାରା ଗ୍ରାମ ରାସ୍ତା ନଷ୍ଟ ହେବା ସହିତ ଖାଲଢ଼ିପ ହୋଇଯାଇଛି। ଫଳରେ ଯାତାୟାତ ସମୟରେ ଗ୍ରାମର ଲୋକ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ଗ୍ରାମବାସୀ କମ୍ପାନୀ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଓଲଟା କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଗୁରୁବାର ଯୋଡ଼ାବର ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ୨୮ଟି ମାଲ ବୋଝେଇ ଗାଡ଼ିକୁ ଅଟକ ରଖିବା ସହିତ କାଗଜପତ୍ର ଯାଞ୍ଚ କରିବାରୁ ଆଶ୍ଚର୍ଯ୍ୟଜନିତ ତଥ୍ୟ ସାମ୍ନାକୁ ଆସିଥିଲା। ଯାଞ୍ଚ ସମୟରେ ପ୍ରତ୍ୟେକ ମାଲ୍ ବୋଝେଇ ଟ୍ରକ୍‌ରେ ୨୬ ଓ ୨୮ ଟନ ମାଲ ବୋଝେଇ ନିମନ୍ତେ ଅନୁମତିପତ୍ର ଓ ଜିଏସଟି ବିଲ୍ ରହିଥିବାବେଳେ ଏହି ଟ୍ରକ୍‌ରେ ୬୦ ଟନ ମାଲ ବୋଝେଇ ହୋଇଥିଲା। ଦିନ ଦ୍ୱିପ୍ରହରରେ ସରକାରଙ୍କ ଆଖିରେ କଳାପଟି ବାନ୍ଧି ଏଆରଏସଏସ ସଂସ୍ଥା ଦୈନିକ କୋଟି କୋଟି ଟଙ୍କା ଟିକସ ଫାଙ୍କି ନିଜେ ମାଲେମାଲ ହେଉଥିଲା। ଏହି ଘଟଣା ଜାଣିସାରିବା ପରେ ଗ୍ରାମବାସୀ ଯାଜପୁର ପରିବହନ ବିଭାଗ ଓ ଜିଏସଟି ବିଭାଗକୁ ସୂଚନା ଦେଇଥିଲେ। ୨ ବିଭାଗର ଅଧିକାରୀ ପହଞ୍ଚି ପ୍ରତ୍ୟେକ ଗାଡ଼ି ଉପରେ ଚଢ଼ଉ କରି ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ଆଇନର ଉଲ୍ଲଂଘନ କରି ସରକାରଙ୍କୁ ଧୋକା ଦେଉଥିବା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିବା ସହିତ ରାସ୍ତାକୁ ନୂତନ ନିର୍ମାଣ କରିବାକୁ ଦାବି କରିଛନ୍ତି।

## ସ୍ୱଳ୍ପ ବୃଷ୍ଟି ଚାଷୀଙ୍କୁ କରୁଛି କଳବଳ

# ପଛେଇ ଗଲାଣି ଚାଷ କାମ

**କେନ୍ଦୁଝର,୧୧।୭ (ସମିସ):** କୃଷି ପ୍ରଧାନ କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟେକ ବର୍ଷ ବିଭିନ୍ନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥାଏ। କେତେ ଜମିରେ ଧାନ ହେବ, କେତେ ଜମିରେ ମକା, କେତେ ଜମିରେ ତୈଳବୀଜ କିମ୍ବା ପନିପରିବା; ତାହା କୃଷି ବିଭାଗ ସ୍ଥିର କରିଥାଏ। କିନ୍ତୁ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଜିଲ୍ଲା କୃଷି ବିଭାଗର ଏହି ଲକ୍ଷ୍ୟ ପୂରଣ ହେବାରେ ବାଧକ ସୃଷ୍ଟି କରିଛି।

କେନ୍ଦୁଝର ଏକ କୃଷି ପ୍ରବଣ ଜିଲ୍ଲା। ଜିଲ୍ଲାରେ ମୁଖ୍ୟତଃ ଧାନ ଚାଷ ସହିତ ମକା, ତୈଳବୀଜ, କ୍ଷୁଦ୍ରଶସ୍ୟ, ପନିପରିବା ଓ ଡାଲି ଜାତୀୟ ଫସଲ ବିଶେଷ ଭାବେ ହୋଇଥାଏ। ଜୁନ-ଜୁଲାଇ ମାସର ସ୍ୱଳ୍ପବୃଷ୍ଟି ଏହିସବୁ ଚାଷକୁ ପଛାଇ ଦେଇଛି। ବିଗତ ବର୍ଷମାନଙ୍କର ଚାଷକୁ ଅନୁମାନ କରି କୃଷି ବିଭାଗ ଜିଲ୍ଲାରେ ଧାନ ଫସଲ କେତେ ହେବାକୁ ଯାଉଛି, ତୈଳବୀଜ ଜାତୀୟ ଫସଲ କେତେ ହେବ, ଡାଲି ଜାତୀୟ ଫସଲ କେତେ ହେବ, କ୍ଷୁଦ୍ରଶସ୍ୟ ଜାତୀୟ ଫସଲ କେତେ ହେବାର ସମ୍ଭାବନା ରହିଛି ତାକୁ ନେଇ ଲକ୍ଷ୍ୟଧାର୍ଯ୍ୟ କରିଛି। କିନ୍ତୁ ସ୍ୱଳ୍ପ ବୃଷ୍ଟି କାରଣରୁ ସବୁ ଚାଷ ଅନେକ ପଛାଇ ଗଲାଣି। କେବଳ ଜଳସେଚନର ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଫସଲ ଆଗେଇଥିବା ବେଳେ ଡିପଜମି, ନିପାଣିଆ ଜମି ଗୁଡ଼ିକରେ ଚାଷ କାର୍ଯ୍ୟ ଆଗେଇ ପାରିନାହିଁ।

### କୃଷିବିଭାଗର ଚାଷ ଲକ୍ଷ୍ୟ ପୂରଣ ହେବାରେ ବାଧକ

କୃଷିବିଭାଗରୁ ମିଳିଥିବା ସୂଚନା ଅନୁସାରେ ଏବର୍ଷ ଖରିଫରେ ଜିଲ୍ଲାରେ ମୋଟ ୧,୫୯,୭୦୦ ହେକ୍ଟର ଜମିରେ ଧାନଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୧ ଲକ୍ଷ ୮ ହଜାର ହେକ୍ଟର ଉଚ୍ଚମାନରେ ହାଇବ୍ରିଡ ଧାନ, ୪୫,୫୦୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଏବଂ ୬,୧୦୦ ହେକ୍ଟର ଜମିରେ ସ୍ଥାନୀୟ ପାରମ୍ପରିକ ଧାନ ଚାଷ ନିମନ୍ତେ ଲକ୍ଷ୍ୟ ରହିଛି। ସେହିଭଳି ଜିଲ୍ଲାରେ ୨୨,୯୦୦ ହେକ୍ଟର ଜମିରେ ମକାଚାଷ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୧୯ ହଜାର ହେକ୍ଟରରେ ହାଇବ୍ରିଡ ଏବଂ ୩୯୦୦ ହେକ୍ଟର ଜମିରେ ପାରମ୍ପରିକ ମକା ଚାଷ ହେବାକୁ ଲକ୍ଷ୍ୟ ରହିଛି। ଜିଲ୍ଲାର ୫୬୦୦ ହେକ୍ଟରରେ ରାଗି ଫସଲ ନିମନ୍ତେ ଲକ୍ଷ୍ୟ ରହିଥିବା ବେଳେ ୫୫୦ ହେକ୍ଟରରେ ଯ' ଚାଷ ଲକ୍ଷ୍ୟ ରହିଛି। ସେହିଭଳି ୭୦ ହେକ୍ଟର ଜମିରେ ବାଜରା ଚାଷ ନିମନ୍ତେ ଲକ୍ଷ୍ୟ ରହିଛି। ସେପଟେ ୬୦୦ ହେକ୍ଟର ଜମିରେ କ୍ଷୁଦ୍ରଶସ୍ୟ ଚାଷ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ରହିଛି। ମୋଟାମୋଟି ଭାବେ ଧାନ, ମକା, ରାଗି, ଯ', ବାଜରା ଏବଂ ମାଣ୍ଡିଆ ଭଳି କ୍ଷୁଦ୍ରଶସ୍ୟକୁ ମିଶାଇ ମୋଟ ୧,୮୯,୪୭୦ ହେକ୍ଟର ଜମିରେ ଶସ୍ୟ ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ୩୦,୬୦୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୪୫୦୦ ହେକ୍ଟରରେ ମୁଗଡାଲି, ୧୨୦୦୦ ହେକ୍ଟରରେ ବିରି, ୪୦୦୦ ହେକ୍ଟରରେ ହରଡ, ଏବଂ ୧୦୦ ହେକ୍ଟର ଜମିରେ ଅନ୍ୟାନ୍ୟ ପାରମ୍ପରିକ ଡାଲି ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୬୦୦ ହେକ୍ଟର ଜମିରେ ବାଦାମ ଚାଷ, ୭୦୦୦ ହେକ୍ଟରରେ ସୋରିଷ ଚାଷ, ସମେତ ମୋଟ ୨୩୬୫୦ ହେକ୍ଟର ଜମିରେ ତୈଳବିଜ ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟ ରହିଛି। ୨୬୦୦ ହେକ୍ଟର ଜମିରେ ଝୋଟ ଜାତୀୟ ଚାଷପାଇଁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ଖରିଫ ଋତୁରେ ୩୯୯୦୦ ହେକ୍ଟରରେ ପନିପରିବା ଚାଷ, ୪୬୦୦ ହେକ୍ଟରରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ରହିଥିବାବେଳେ ୬୨୦୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ ପାଇଁ ଲକ୍ଷ୍ୟ ରହିଛି। ସେଥିରୁ ୨୭୦୦ ହେକ୍ଟରରେ ଲଙ୍କା ଚାଷ, ୧୯୬୦ ହେକ୍ଟରରେ ହଳଦୀ ଚାଷ, ୧୫୪୦ ହେକ୍ଟର ଜମିରେ ଅଦାଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏତଦଭିନ୍ନ ଜିଲ୍ଲାର ୧୦୦ହେକ୍ଟର ଜମିରେ ପଶୁଖାଦ୍ୟ ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ନିଅଣ୍ଟିଆ ବର୍ଷା ସବୁ ଫସଲକୁ ଅସୁବିଧାରେ ପକାଇ ଦେଇଛି।

## ନିଅଣ୍ଟିଆ ବର୍ଷାକୁ ନେଇ ଚାଷୀ ଚିନ୍ତିତ

# ଧାନ ତଳିକୁ ଗରା ଓ ଝରାପାଣି ଭରସା





**ଚମ୍ପୁଆ,୧୧।୭ (ସମିସ)**

ନିଅଣ୍ଟିଆ ବର୍ଷା ଯୋଗୁଁ ଚଳିତବର୍ଷ ଚମ୍ପୁଆ ବ୍ଲକରେ ଗଜାମରୁଡ଼ିର ସମ୍ଭାବନା ଦେଖାଯାଇଛି। ତେବେ ତଳିଘେରାକୁ ବଞ୍ଚାଇ ବର୍ଷକର ଆହାର ପାଇଁ ଚାଷୀ ଅଭିନବ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ଏପରିକି ବର୍ଷା ଅଭାବରୁ ବୁଣାଧାନ ଅପେକ୍ଷା ରୁଆ ଧାନଚାଷ ଲକ୍ଷ୍ୟ ରଖିଥିବା ଚାଷୀ ଧାନ ତଳି ବଞ୍ଚାଇବା ପାଇଁ ଗରା ଓ ଝରାର ସାହାଯ୍ୟ ଆପଣାଇ ନେଇଛନ୍ତି। ଚଳିତ ବର୍ଷ ମୌସୁମି ଜନିତ ବର୍ଷା ନିରୁତ୍ସାହଜନକ ହୋଇଥିବା ବେଳେ ଜଳଉତ୍ସ ଗୁଡ଼ିକରେ ଜଳସ୍ତର ମଧ୍ୟ କମ ରହିଛି। ସୂଚନା ଅନୁସାରେ ଚଳିତ ବର୍ଷ ଚାଷ ପାଇଁ ପାଗ ଅନୁକୂଳ ହୋଇନଥିବାରୁ ବୁଣାଧାନ ଉପରେ ନିର୍ଭର କରୁଥିବା ଚାଷୀ ଧାନ ବୁଣି ପାରିନଥିଲେ। ମାତ୍ର ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ବୁଣାଧାନ ଅପେକ୍ଷା ରୁଆଚାଷକୁ ଆଶା କରି ବିଲରେ ଧାନତଳି ପକାଇଥିଲେ। ହେଲେ ବର୍ଷା ମୁହଁ ଫେରାଇବାରୁ ହତାଶ ହୋଇପଡ଼ିଥିବା ଚାଷୀ ଦୂରଦୂରାନ୍ତରୁ ବିଭିନ୍ନ ଜଳଉତ୍ସରୁ ପାଣି ଉଠାଇ ଝରା ଓ ଗରାର ସାହାଯ୍ୟରେ ଜଳସିଞ୍ଚନ କରି ଧାନତଳି ବଞ୍ଚାଇବାର ପ୍ରୟାସ ଚଳାଇଛନ୍ତି। କେତେକ ଭାରରେ ପାଣି ଆଣି ତଳିରେ ପାଣି ଦେଉଛନ୍ତି। ଗତ ବର୍ଷ ଜୁନ ମାସରେ ୧୫୧.୬ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ୬୯.୮ ମିମି ବର୍ଷା ହୋଇଥିଲା। ମାତ୍ର ଚଳିତ ବର୍ଷ ଜୁନ ମାସରେ ୭୯.୮ ମିମି ବର୍ଷା ହେଉଥିବା ବେଳେ ଜୁଲାଇ ମାସରେ ବର୍ତ୍ତମାନ ସୁଧା ୩୮.୮ ମିମି ବର୍ଷା ହୋଇଛି। ଫଳରେ ଧାନ ତଳିକୁ କିପରି ବଞ୍ଚାଯାଇପାରିବ ସେନେଇ ଚାଷୀ ସନ୍ଦୀହାନ ହୋଇପଡ଼ିଲେଣି। ଚାଷି ନରୋତ୍ତମ ମହାନ୍ତଙ୍କ କହିବା ଅନୁଯାୟୀ ଉନ୍ନତ ମାନର ଧାନ ବିହନ ୩ କିଗ୍ରାକୁ ୧୧ ଶହ ଟଙ୍କାର କିଣିବା ସହିତ ଆବଶ୍ୟକ ପଦକ୍ଷେପ ନେଇ ତଳି ପକାଇଥିଲୁ। ମାତ୍ର ବର୍ଷା ଅଭାବରୁ ତଳି ଗୁଡ଼ିକ ହଳଦିଆ ହେବାକୁ ଲାଗିବାରୁ ବାଧ୍ୟ ହୋଇ ଝରା ଓ ଗରା ସାହାଯ୍ୟରେ ଉଭୟ ମହିଳା ପୁରୁଷ ନିକଟ ପୋଖରୀରୁ ପାଣି ଆଣି ଢାଳିବାକୁ ପଡୁଛି। ମାତ୍ର ବର୍ଷା ନହେଲେ ଚଳିତ ବର୍ଷ ଧାନ ଚାଷରେ ଆମେ ପ୍ରଭୁତ କ୍ଷତି ସହିବୁ ବୋଲି ସୂଚନା ଦେଇଛନ୍ତି। ସେହିପରି ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାଶଙ୍କୁ ପଚାରିବାରୁ କହିଛନ୍ତି ଯେ ପାଣିପାଗ ସୂଚନା ଅନୁଯାୟୀ ୧୨ କିମ୍ବା ୧୩ ତାରିଖ ସୁଧା ବର୍ଷା ହେବାର ସମ୍ଭାବନା ରହିଛି। ଯଦି ବର୍ଷା ଠିକ ଭାବରେ ହୁଏ ତା'ହାଲେ ଚାଷ ପୁଣି ଟ୍ରାକ୍‌କୁ ଫେରିବ ବୋଲି ସୂଚନା ଦେଇଛନ୍ତି।

---

## ● ସୋସୋ ମଝିସାହି ସାଲନ୍ଦୀ ନଦୀ ଘାଟ

# ପୋଲ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ଦାବି

**ସୋସୋ, ୧୧।୭ (ସମିସ):** ହାଟଡିହୀ ବ୍ଲକର ସୋସୋ ଗ୍ରାମର ତଳପାର୍ଶ୍ୱରେ ସାଲନ୍ଦୀ ନଦୀ ଯାଇଛି। ନଦୀ ଉପର ପାର୍ଶ୍ୱରେ ଗ୍ରାମର ଚାଷଜମି ରହିଥିବାବେଳେ ଗୋରୁଗାଈ ଚରିବା ପାଇଁ ପଡିଆ, ଶବଦାହ ପାଇଁ ଜମି ରହିଛି। କିନ୍ତୁ ବର୍ଷର ୪ମାସ ନଦୀରେ ପାଣି ଅଧିକ ରହୁଥିବାରୁ ନଦୀପାର ହୋଇ ଚାଷ କାର୍ଯ୍ୟ କରିବା କଷ୍ଟ କର ହୋଇପଡିଥିବା ବେଳେ ଗୋରୁଗାଈ ଚରିବା ମଧ୍ୟ କଷ୍ଟକର ହୋଇପଡିଛି। ଫଳରେ ଲୋକମାନଙ୍କର ଆର୍ଥିକ ସ୍ଥିତ ଦୁର୍ବଳ ହୋଇପଡୁଛି। ଯଦି ଜିଲ୍ଲା ପ୍ରଶାସନ ଲୋକମାନଙ୍କର ସମସ୍ୟାକୁ ଦୃଷ୍ଟି ଦେଇ ସୋସୋ ମଝିସାହି ନଦୀଘାଟ ନିକଟରେ ପୋଲ ନିର୍ମାଣ କରନ୍ତେ ତେବେ ଲୋକମାନଙ୍କର ଯାତାୟତାରେ ସୁବିଧା ହେବା ସହିତ ଚାଷ କାର୍ଯ୍ୟ, ଗୋରୁଗାଈ ଚରିବା, ଶବଦାହ କରିବାରେ ସୁବିଧା ହୋଇପାରନ୍ତା ବୋଲି ସରପଞ୍ଚ ରାଜକିଶୋର ଦାସ, ରମେଶ ଚନ୍ଦ୍ର ମହାନ୍ତି, ଶରତ କୁମାର ରାଉତ, ପୂର୍ବତନ ସରପଞ୍ଚ ତ୍ରୈଲୋଚନ ନାୟକ, ଦୀନବନ୍ଧୁ ପହି, ରାମାକାନ୍ତ ସିଂ, ବିନୋଦ ସିଂ, ନାରାୟଣ ଚନ୍ଦ୍ର ରାଉତ, ମୋହନ କୁମାର ମହାନ୍ତି, ପ୍ରଣବ ମହାନ୍ତି, ବସନ୍ତ କୁମାର ଦାସ, ଗିରିଶ ଚନ୍ଦ୍ର ନାୟକ, ବସନ୍ତ କୁମାର ରାଉତ, ବସନ୍ତ କୁମାର ମହାନ୍ତି, ଅନାଦି ଚରଣ ନାୟକ, ରଙ୍ଗାଧର ସିଂ, ଦେବନ୍ଦ୍ର ପ୍ରଧାନ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଶାଳବଣିରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଆନନ୍ଦପୁର,୧୧।୭ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ଗ୍ରାମର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଅଜିତ୍ କୁମାର ସାହୁଙ୍କ ଅବସର କାଳୀନ ବିଦାୟ ସାମର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଓଷ୍ଟା ସଙ୍ଘ କେନ୍ଦୁଝର ଜିଲ୍ଲାର ସଭାପତି ଶାନ୍ତନୁ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅତିରିକ୍ତ ଅଧିକାରୀ ହେମେନ୍ଦ୍ର କୁମାର ମହାନ୍ତି ଯୋଗଦାନ କରିଥିଲେ। ବିଦ୍ୟାଳୟ କମିଟିର ଅଧକ୍ଷ ରବିନ୍ଦ୍ର କୁମାର ଦାସ, ପ୍ରଧାନ ଶିକ୍ଷକ ରଙ୍ଗାଧର ବିଶ୍ୱାଳ, ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁ, ଝାଡେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘଡେଇ, ଶାଳବଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟକାନ୍ତ ଚୌଧୁରୀ, ଶାଳବଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ଦେ, କଣ୍ଟିପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର, ଶିକ୍ଷକ ହୃଦାନନ୍ଦ ମିଶ୍ର, ଶିକ୍ଷୟିତ୍ରୀ ମୁକଳରାଣୀ ପ୍ରଧାନ, ଉର୍ମିଳା ଦେଇ, କମିଟିର ସଦସ୍ୟ ଶ୍ୟାମସୁନ୍ଦର ମିଶ୍ର, ରଘୁନନ୍ଦନ ନାହାକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହିନ୍ଦୀ ଶିକ୍ଷକ ଶ୍ରୀଧର ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ସାହୁ ମାନପତ୍ର ପାଠ ଓ ରାଜୀବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରୁ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି ହୋଇଥିବା ସେବାକାରୀ ରାମଚନ୍ଦ୍ର ବେହେରା ଏବଂ ଶିକ୍ଷକ ଜୟନ୍ତ କୁମାର ମାଝୀଙ୍କୁ ଉକ୍ତ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାମ୍ବାଦିକଙ୍କ ପରଲୋକ



**ତୁରୁମୁଙ୍ଗା, ୧୧।୭ (ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକର ବରିଷ୍ଠ ସାମ୍ବାଦିକ ଅଜୟ କୁମାର ପ୍ରଧାନଙ୍କ ଅକାଳ ବିୟୋଗ ହୋଇଛି। ସେ ସମାଜ, ସମ୍ବାଦ ଓ ଅମୃତ ଦୁନିଆ ଭଳି ପ୍ରତିଷ୍ଠିତ ଖବର କାଗଜରେ ସାମ୍ବାଦିକତା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗତ କିଛିଦିନ ହେବ ସେ ଲିଭର ସିରୋସିସ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେଠାରୁ ଚିକିତ୍ସିତ ହେବା ପରେ ସେ କରଞ୍ଜିଆ କରଡ଼ିଆସ୍ଥିତ ନିଜ ପୈତୃକ ବାସଭବନରେ ଗୁରୁବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସ୍ଥାନୀୟ ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ଚାରାରୋପଣ



**ତୁରୁମୁଙ୍ଗା, ୧୧।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଫୁଲକଅଁଳେଇ ନୋଡାଲ ହାଇସ୍କୁଲ, ପାଟଣା ବ୍ଲକ ନିହୁଆ ଗ୍ରାମ ଓ ସୋରାସପଶି ଗ୍ରାମରେ ବନବିଭାଗ ପକ୍ଷରୁ ଗୁରୁବାର ବୃକ୍ଷରୋପଣ ହୋଇଛି। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥି ଶହ ୩ହଜାର ଉର୍ଦ୍ଧ୍ୱ ଚାରାକୁ ବିଧାୟକ ବଣ୍ଟନ କରିଥିଲେ। ଫୁଲ କଅଁଳେଇ ହାଇସ୍କୁଲରେ ଏସିଏଫ୍ ଅକ୍ଷୟ ଛତ୍ରୀୟା, ଆଇଏଫ୍ଏସ୍‌କେ ନାଗା ରାଜୁ, ଉଖୁଣ୍ଡା ବନପାଳ ପ୍ରମୋଦ ବେହେରା, ଜ୍ୟୋତିରୂପା ପାଣି ବନରକ୍ଷୀ ସାଗରିକା ବେଜ୍ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୀବନଜ୍ୟୋତି ମହାନ୍ତଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ।

## ଘସିପୁରା ତହସିଲରେ ଜମି କେଳେଙ୍କାରୀ

# ମୃତକଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନୋଟିସ୍

**ଆନନ୍ଦପୁର,୧୧।୭ (ସମିସ):** ଘସିପୁରା ତହସିଲଦାରଙ୍କ କାର୍ଯ୍ୟାଳୟ ମୃତ ବ୍ୟକ୍ତିଙ୍କ ନାମରେ ପଟ୍ଟା ପାଇବା ପାଇଁ ଦାଖଲ ଖାରଜ ମକଦ୍ଦମା ଦାଏର କରାଯାଇଛି।

ତହସିଲରୁ ଆସିଥିବା ନୋଟିସ୍ ଅନୁସାରେ ସୁଡୁସୁଡିଆ ଅଞ୍ଚଳରେ ଭାସ୍କର ଜେନା ଓ ରାଧାବଲ୍ଲଭ ମହାପାତ୍ରଙ୍କ ନାମରେ ଥିବା ଖାତା ନଂ. ୨୪୬/୨୦୧, ପ୍ଲଟ ନଂ. ୬୩, କିସମ ଶାରଦ-୧ର ଏ୫୧ଡେସିମିଲ୍ ଜମି ରହିଛି। ଉକ୍ତ ଜମିରୁ ୨୫ ଡେସିମିଲ୍ ଭାସ୍କର ଜେନା ୧୯୯୯ ମସିହାରେ ସୋସୋ ଗ୍ରାମର ଦୁଲ ସେଠୀ ସ୍ୱାମୀ ବାବାଜୀ ସେଠୀଙ୍କୁ ବିକ୍ରୟ କବଲା କରିଦେଇଛନ୍ତି।

ତେବେ ଦୀର୍ଘ ବର୍ଷ ପରେ ସେଇ ଜମିର ପଟ୍ଟା ପାଇବା ପାଇଁ ମୃତ ଦୁଲ ସେଠୀ, ସ୍ୱାମୀ ବାବାଜୀ ସେଠୀ ଗତ ତା. ୨୧-୩-୨୪ରେ ଏକ ଦାଖଲ ଖାରଜ ମକଦ୍ଦମା ମୃତ ଭାସ୍କର ଜେନାଙ୍କ ନାମରେ କରିଛନ୍ତି। ଯାହାର ନଂ. ୭୦୭/୨୪। ଉକ୍ତ ମକଦ୍ଦମା ବାବଦରେ ଭାସ୍କର ଜେନାଙ୍କ ଉତ୍ତରାଧିକାରୀମାନେ ଜାଣିବା ପରେ ଘସିପୁରା ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଅଭିଯୋଗ ପାଇବା ପରେ ଗତ ତା. ୭-୫-୨୪ରେ ଉକ୍ତ କବଲାଟି ଅସିଦ୍ଧ ବୋଲି ଘୋଷଣା କରି ଦାଖଲ ଖାରଜ ମକଦ୍ଦମାକୁ ଖାରଜ କରିଦେଇଛନ୍ତି।

ତେବେ ପୁନଶ୍ଚ ଦୁଲୁ ସେଠୀର ପୁଅ କ୍ଷେତ୍ରବାସୀ ସେଠୀ ନିଜର ଠିକଣା ବଦଳାଇ ଗ୍ରାମ ସୋସୋ ପରିବର୍ତ୍ତେ ସୁଡୁସୁଡ଼ିଆ ଠିକଣାରେ ଏକ ଦାଖଲ ଖାରଜ ମକଦ୍ଦମା କରିଥିବା ଭାସ୍କର ଜେନା ଉତ୍ତରାଧିକାରୀ ମାନେ ଜାଣିବାକୁ ପାଇଛନ୍ତି। ଯାହାର ନଂ ୧୩୮୬/୨୦୨୪ ତାରିଖ ୩-୭-୨୪। ଏହି ନୋଟିସ୍ ଅନୁସାରେ ମୃତ ଭାସ୍କର ଜେନା ଘସିପୁରା ତହସିଲ କାର୍ଯ୍ୟାଳୟରେ ହାଜର ହୋଇ ଅଭିଯୋଗ ଦେଇପାରିବେ ବୋଲି ନୋଟିସ୍ ନଂ ୩୭୩୭୦ରେ ଦର୍ଶାଯାଇଛି। ଏ ବିଷୟରେ ପରୋକ୍ଷ ଭାବରେ ଜାଣିବାକୁ ପାଇବା ପରେ ଭାସ୍କର ଯେନାଙ୍କ ଉତ୍ତରାଧିକାରୀମାନେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ରୋଟାରୀ କ୍ଲବ ପକ୍ଷରୁ ଜନସଂଖ୍ୟା ଦିବସ ପାଳିତ




**ଯୋଡ଼ା,୧୧।୭ (ସମିସ):** ଯୋଡ଼ା ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଡ଼ା ପୌରାଧକ୍ଷ ଡ.ଜଗଦୀଶ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ଉପରେ ଉପସ୍ଥିତ ବସ୍ତିବାସିନ୍ଦାଙ୍କୁ ସଚେତନ କରିଥିଲେ। ଜନସଂଖ୍ୟା ବୃଦ୍ଧିକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଏହା ଅର୍ଥନୈତିକ ବିକାଶ, ରୋଜଗାର ସୁଯୋଗ, ପାନୀୟ ଜଳ, ଖାଦ୍ୟ, ଶକ୍ତି, ଜଳବାୟୁ ଉପରେ କିପରି ପ୍ରତିକୂଳ ପ୍ରଭାବ ପକାଉଛି ସେ ନେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରୀ କ୍ଲବର ସଭାପତି ପ୍ରକାଶ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସାରଦା ପ୍ରସାଦ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ଜିତେନ୍ଦ୍ର ନାଥ ବୈଦ୍ୟ, ମନୋଜ କୁମାର ସାହୁ, ପଦ୍ମଲୋଚନ ମହାକୁଡ, ସୁମନ ଭଟ୍ଟାଚାର୍ଯ୍ୟ, ସ୍ୱରୂପ ପଣ୍ଡା ପ୍ରମୁଖ ସଦସ୍ୟମାନେ ଓ ଶତାଧିକ ବସ୍ତି ବାସିନ୍ଦା, ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

# ଦୁଇ ଶିକ୍ଷୟିତ୍ରୀ ହାତାହାତି

**ଆନନ୍ଦପୁର, ୧୧।୭ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତର ଅତା ପ୍ରାଥମିକ ବିଦ୍ୟାଳୟରେ ଦୁଇ ଶିକ୍ଷୟିତ୍ରୀ ହାତାହାତି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଳୟରେ ଥିବା ଶିକ୍ଷକମାନଙ୍କ ପ୍ରେମ ବ୍ୟାପାରକୁ ନେଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ମାଡମରା ନେଇ ଥାନା କିମ୍ବା ବିଇଓଙ୍କ ନିକଟରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି। ଗତ ସୋମବାର ଦିନରୁ ଘଟିଥିବା ଏହି ଘଟଣା ପଛରେ ଏକ ସମ୍ବେଦନଶୀଳ ତଥ୍ୟ ଲୁଚି ରହିଥିବାରୁ ଦୁଇ ଶିକ୍ଷୟିତ୍ରୀ ମୁହଁ ଖୋଲୁ ନଥିବା ଏବଂ ବିଦ୍ୟାଳୟର ପରିଚାଳନା କମିଟି ନଥିବାରୁ ଏହି ପ୍ରସଙ୍ଗ ଶିକ୍ଷାବିଭାଗ କିମ୍ବା ଥାନାରେ ପହଞ୍ଚି ପାରିନାହିଁ। ସୂଚନା ଯୋଗ୍ୟ ଯେ ଖୋର୍ଦ୍ଧା ଓ ଭଦ୍ରକ ଅଞ୍ଚଳର ଏହି ଦୁଇ ଶିକ୍ଷୟିତ୍ରୀ ଅତା ବିଦ୍ୟାଳୟ ନିକଟରେ ଭଡ଼ା ଘରେ ରୁହନ୍ତି।

# ବାଲି ବୋଝେଇ ଟ୍ରକ୍ ଚଳାଚଳକୁ ନେଇ ବଢୁଛି ଅସନ୍ତୋଷ



**ସୋସୋ, ୧୧।୭ (ସମିସ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବୈତରଣୀ ନଦୀରୁ ବାଲି ବୋଝେଇ ହାଇୱା ଗାଡି ଓ ଟ୍ରାକ୍ଟରରେ ଚାଲାଣ ହେଉଥିବା ବେଳେ ଏଥିପ୍ରତି ପ୍ରଶାସନର ଆଙ୍କୁଶ ନାହିଁ। ପୁଲିସ ବାଲି ମାଫିଆଙ୍କ ସୁରକ୍ଷା କବଚ ପାଲଟିଥିବା ବେଳେ ଆଲୋଚିତ ହେଉଛି। ରାସ୍ତା ଗୁଡ଼ିକର ଓଭର ଲୋଡିଂ ହୋଇ ଗାଡି ଯାତାୟାତ କରୁଥିବାରୁ ରାସ୍ତା ଗୁଡିକ ବଡ ବଡ ଖାଲ ସୃଷ୍ଟି ହୋଇ ବିପଦ ସୃଷ୍ଟି କରିଛି। ଏବେ ଛେନାପଦି ଦେଇ ଡେଙ୍କା, ସୋସୋ ରାସ୍ତାର ଥାନା ଛକ ବାଟ ଦେଇ ଆଗରପଡା ଯାଉଛି। ରାସ୍ତା ଗୁଡିକ ନୂତନ ଭାବେ ତିଆରି ହେଉଥିବା ବେଳେ ୫୦ଟନର ବାଲି ଲୋଡିଂ ହୋଇଯାଉଥିବାରୁ ରାସ୍ତା ଗୁଡିକ ନଷ୍ଟ ହେବା ସହିତ ଭାରାସ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହେବା ଆଶଙ୍କା ଦେଖାଯାଇଛି। ବାଲି ବୋଝେଇ କ୍ରମାଗତ ଭାବେ ଚାଲୁଥିବାରୁ ସାଧାରଣ ଲୋକଙ୍କର ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ସହ ଜୀବନହାନି ହେବାର ଆଶଙ୍କା ରହିଛି। ସୋସୋ ଥାନା ଦେଇ ଓଭରଲୋଡିଂ ଗାଡି ସହ ସହ ବାଲି ବୋଝେଇ ହୋଇ ଯାଉଥିଲେ ମଧ୍ୟ ସେହି ଗାଡି ଗୁଡିକୁ ପୁଲିସ ସୁରକ୍ଷାରେ ଯାଉଛି ବୋଲି ଆଲୋଚିତ ହେଉଛି। ଯଦି ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ଗାଡି ଗୁଡିକର ରୟାଲିଟି ଓ ଓଭର ଲୋଡିଂ ପ୍ରତି ଆଙ୍କୁଶ ନ ଲଗାନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବା ନେଇ ସଜବାଜ ହେଉଥିବା ଆଲୋଚିତ ହେଉଛି। ତେବେ ବାଲି ବୋଝେଇ ଗାଡି ଗୁଡିକ ପୁଲିସ ଜାଣତରେ ଓ ସୁରକ୍ଷାରେ ଯାତାୟାତ କରୁଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ନାମକୁ ମାତ୍ର କିଛି ଗାଡିକୁ ପୁଲିସ ଅଟକାଇ ନିଜର ସ୍ୱଚ୍ଛତା ବଜାଇ ରଖିବାକୁ ପ୍ରୟାସ କରୁଥିବା ବେଳେ ଅନ୍ୟ ପକ୍ଷରେ ଗାଡି ପିଛା ମୂଲ୍ୟ ବଢାଯାଉଥିବା କୁହାଯାଉଛି।

# ନୂତନ ଆର୍‌ଆଇ ଅଫିସ କାର୍ଯ୍ୟକ୍ଷମ କରିବାକୁ ଦାବି

**ସୋସୋ, ୧୧।୭ (ସମିସ):** ହାଟଡିହି ତହସିଲ ଅଧୀନରେ ୩ଟି ନୂତନ ଆର୍‌ଆଇ କାର୍ଯ୍ୟାଳୟ ପଢ଼ୀଆରୀପଲ୍ଲି, ଓରାଳି ଓ ହଦଗଡ଼ ଦୁଇ ବର୍ଷ ପୂର୍ବରୁ ଖୋଲାଯାଇଥିଲା। ଏହାକୁ ନେଇ ସେ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଖୁସି ବ୍ୟକ୍ତ କରାଯାଇଥିଲା। ରାଜସ୍ୱ କାର୍ଯ୍ୟ ଗୁଡିକ ସୁବିଧା ହେବା ସହ ଦୂରଦୂରାନ୍ତ ଯିବାକୁ ପଡିବ ନାହିଁ ବୋଲି ଲୋକମାନେ ଭାବିଥିଲେ। ଏଥିପାଇଁ ସରକାର ପଢିଆରିପଲ୍ଲି ଓ ଓରାଳି ଠାରେ ନୂତନ ଦୁଇ ମହାଲ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା।



କିନ୍ତୁ ନିର୍ମାଣ ହେବାର ମାସ ମାସ ବିତିଯାଇଥିଲେ ମଧ୍ୟ ସେହି ନୂତନ ଗୃହରେ ଆର୍‌ଆଇ କାର୍ଯ୍ୟାଳୟ ଖୋଲୁନଥିବାରୁ ସେହି ଗୃହଗୁଡିକରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିବା ବେଳେ ପଢୀଆରୀପଲ୍ଲି ଆର୍‌ଆଇ କାର୍ଯ୍ୟାଳୟର ବିଭିନ୍ନ ସ୍ଥାନରେ ଫାଟି ଗଲାଣି। ସରକାର ଲୋକମାନଙ୍କର ସୁବିଧା ପାଇଁ ନୂତନ ଆର୍‌ଆଇ କାର୍ଯ୍ୟାଳୟ ଖୋଲିବାକୁ ଅନୁମତି ଦେଇଥିବା ବେଳେ ପ୍ରଶାସନର ଅବହେଳା ପାଇଁ ଆର୍‌ଆଇ କାର୍ଯର୍ୟାଳୟ ଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହି ସ୍ଥାନରେ ନିଯୁକ୍ତ ଆର୍‌ଆଇ ଅନ୍ୟ ଆର୍‌ଆଇ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆର୍‌ଆଇ କାର୍ଯ୍ୟାଳୟ ଗୁଡିକ ଶିଘ୍ର କାର୍ଯ୍ୟକ୍ଷମ କରିବାକୁ ସରପଞ୍ଚ ଅଜିତ କୁମାର ରାଉତ, ପୂର୍ବତନ ସରପଞ୍ଚ ନିରୁପମା ପାତ୍ର, ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ରାଉତ, ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ବିନୋଦ ରାଉତ, ସୁଧାଂଶୁ ଦକ୍ଷିଣରାୟ (ଟୁଟୁ), ପ୍ରଦିପ ନାୟକ ପ୍ରମୁଖ ବହୁ ବରିଷ୍ଠ ବ୍ୟକ୍ତି ଓ ନାଗରିକ ଦାବି କରିଛନ୍ତି। ଏହାକୁ ନେଇ ତହସିଲଦାର ହାବିଲ ଖାଖାଙ୍କୁ ପଚାରିବାରୁ ନିର୍ବାଚନ ପାଇଁ ଖୋଲାଯାଇପାରିନଥିଲା। ଏବେ ଖୁବଶୀଘ୍ର ନୂତନ ଆର୍‌ଆଇ କାର୍ଯ୍ୟାଳୟ ଗୁଡିକ ଖୋଲାଯିବ ବୋଲି କହିଥିଲେ।

# ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସୋସୋ,୧୧।୭ (ସମିସ):** ହାଟଡିହୀ ବ୍ଲକ ବାଙ୍ଗୋର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅନନ୍ତ ଚରଣ ରାଉତ ଓ ଶିକ୍ଷୟିତ୍ରୀ ପ୍ରେମଲତା ବ୍ରହ୍ମଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳିକ ବିଦାୟ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଖାମୁରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଉଳା କଲେଜର ପ୍ରାକ୍ତନ ଅଧକ୍ଷ ଶିବ ଚରଣ ଖାମୁରାଇ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ସଂଘ ନେତା ରଞ୍ଜନ କୁମାର ଘଡେଇ, ହାଟଡିହୀ ଓଷ୍ଟା ସଂଘର ସମ୍ପାଦକ ଶିଶିର କୁମାର ବିଶ୍ୱାଳ, ଧନୁର୍ଜୟପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଇସିଂ ମୁଣ୍ଡା, ସିଆରସିସି ବସନ୍ତ କୁମାର ନାଇକ, ପଢୀଆରିପଲ୍ଲି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ, ବଣିଆପଙ୍କ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାୟକ, ପରିଚାଳନା କମିଟିର ସଭାପତି ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।। ଶିକ୍ଷକ ଶଶି ଭୁଷଣ ପୁହାଣ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଶିବ ନାରାୟଣ ସେଠୀ, ମାମାଲିସା ବାରିକ, ହିମାଂଶୁ ଭୁଷଣ ପୁହାଣ, ରୂପାଲି ଆୟଚ, ସୁଚିସ୍ମିତା ରାଉତ, ଅନ୍ନପୂର୍ଣ୍ଣା ଦଳେଇ, ମଞ୍ଜୁଲତା ସାମଲ, ମଧୁସ୍ମିତା ଧଳ, କେଶବ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ରାଉତ, ଉତମ କୁମାର ମଲ୍ଲିକ, ଦେବାଶିଷ ଜେନା, ମନୋଜ ଜେନା, ନବଘନ ନାୟକ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ।



## ଚର୍ଚ୍ଚାରେ ଟ୍ରେନି ଆଇଏଏସ୍ ପୂଜା ଖେଡ଼କର

# ଠକି ପାଇଛନ୍ତି ଚାକିରି; କେନ୍ଦ୍ରର ତଦନ୍ତ ନିର୍ଦ୍ଦେଶ





**କ୍ଷମତାର ଅପବ୍ୟବହାର କରୁଛନ୍ତି**

**୧୭ କୋଟି ସମ୍ପତ୍ତିର ମାଲିକ ପୂଜା**

**ଜାଲ୍ ପ୍ରମାଣପତ୍ର ମାଲାରେ ଫସିଛନ୍ତି**

**ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** ଦେଶର ଅନେକ ସମୟରେ ଆଇଏଏସ ଏବଂ ଆଇପିଏସ ଅଧିକାରୀ ଚର୍ଚ୍ଚାରେ ରହିଥାନ୍ତି। କିଏ ଭଲ କାମ ପାଇଁ ତ ଆଉ କିଏ ବିବାଦ ପାଇଁ ପରିଚିତ। ଏବେ ମହାରାଷ୍ଟ୍ର ଜଣେ ଟ୍ରେନି ଆଇଏଏସ ପୂଜା ଖେଡ଼କର ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ପୁନେର ଜିଲ୍ଲାପାଳ ଡ. ସୁହାସ ଦିବସେ ତାଙ୍କ ବିରୋଧରେ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି। ଏହା ପରେ ପୂଜାଙ୍କ ବଦଳି କରିଦିଆଯାଇଛି। ତାଙ୍କୁ ୱାଶିମ ଜିଲ୍ଲାର ସହକାରୀ ଜିଲ୍ଲାପାଳ ନିଯୁକ୍ତ କରାଯାଇଛି। ସେ ଜଣେ ସିଭିଲ ସେବା ଅଧିକାରୀ ଭାବେ ପୁନେରେ ନିଜ କ୍ଷମତାର ଅପବ୍ୟବାହର କରୁଥିବା ଅଭିଯୋଗ ହୋଇଛି। ଏବେ ସେ ୨୦୨୫ ଜୁଲାଇ ୩୦ ପର୍ଯ୍ୟନ୍ତ ୱାଶିମ ଜିଲ୍ଲାରେ ଟ୍ରେନି ଆଇଏଏସ ଭାବେ ଦାୟିତ୍ୱ ସମ୍ପାଦନ କରିବେ। ନିଜ ଅଡି ଗାଡ଼ି (ଘରୋଇ) ନାଲୀ-ନୀଳ ବତି ଏବଂ ଭିଆଇପି ନଂ ଲଗାଇ ଚର୍ଚ୍ଚାକୁ ଆସିଥିଲେ। ସେ ବ୍ୟକ୍ତିଗତ କାର୍‌କୁ ସରକାରୀ ଭାବେ ବ୍ୟବହାର କରିଥିଲେ। ଏହା ସହିତ ଟ୍ରେନି ଅଧିକାରୀଙ୍କୁ ମିଳୁଥିବ ସୁବିଧା ଦେବା ପାଇଁ ସେ ପ୍ରଶାସନକୁ ଦାବି କରିଥିଲେ। ପୁନେ ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ଟ୍ରେନି ଅଧିକାରୀ ଭାବେ ନିଯୁକ୍ତି ହେବା ପରେ ପୂଜା ଅଲଗା କ୍ୟାବିନ, କାର୍, କ୍ୱାର୍ଟର ଏବଂ ପିଅନ ପ୍ରଦାନ କରିବାକୁ ଦାବି କରିଥିଲେ। ତେବେ ତାଙ୍କୁ ଏହି ସୁବିଧା ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ପୂଜାଙ୍କୁ ପାଇଖାନା ଥିବା ଏକ ଭିଆଇପି ଘର ଦିଆଯାଇଥିଲା। କିନ୍ତୁ ସେ ଘରକୁ ନୂଆ କରିବାକୁ ଦାବି କରିଥିଲେ। ଏହା ସହିତ ଜିଲ୍ଲାପାଳଙ୍କ ପାଖରେ ନିଜ କ୍ୟାବିନ ରଖିବାକୁ କହିଥିଲେ। କେବଳ ସେତିକି ନୁହେଁ ପୂଜା ଅନୁମତି ବିନା ଜିଲ୍ଲାପାଳଙ୍କ ପ୍ରକୋଷ୍ଠରୁ ସୋଫା, ଟେବୁଲ ଏବଂ ଚୌକି ହଟାଇ ତାହାକୁ କବ୍ଜା କରି ନେଇଥିଲେ। ଏହି ପ୍ରକୋଷ୍ଠରେ ନିଜ ନମ୍ବର ପ୍ଲେଟ ଲଗାଇ ଥିଲେ। ଏହା ସହିତ ଷ୍ଟାମ୍ପ, ଭିଜିଟିଂ କାର୍ଡ, ପେପରୱେଟ, ଜାତୀୟ ପତାକା, ଇଣ୍ଟରକମ ମଧ୍ୟ ଆରମ୍ଭ କରିଥିଲେ। ଏଥିପାଇଁ ସେ ନିଜେ ନିର୍ଦ୍ଦେଶ ଦେଇଥିଲେ।

ପୂଜା ଜାଲ୍ ଦିବ୍ୟାଙ୍ଗ ଏବଂ ଓବିସି ପ୍ରମାଣପତ୍ର ଦାଖଲ କରିଥିବା ନେଇ ମଧ୍ୟ ଅଭିଯୋଗ ଲାଗିଛି। ଏହା ସହିତ ସେ ମାନସିକ ରୋଗର ଶିକାର ଥିବା ନେଇ ପ୍ରମାଣ ପତ୍ର ଦେଇଥିଲେ। ଏହି ପ୍ରମାଣପତ୍ରର ଯାଞ୍ଚ ପାଇଁ ୨୦୨୨ ଏପ୍ରିଲରେ ଦିଲ୍ଲୀ ଏମ୍ସ ଯିବାକୁ ତାଙ୍କୁ କୁହାଯାଇଥିଲା। ମାତ୍ର କରୋନା ଥିବା ଦର୍ଶାଇ ସେ ଉପସ୍ଥିତ ହୋଇ ନ ଥିଲେ। ଏହା ପରେ ବିଭିନ୍ନ ଆଳ ଦେଖାଇ ୬ ଥର ମେଡିକାଲ ପରୀକ୍ଷାରୁ ଦୂରେଇ ରହିଥିଲେ। ଏବେ କେନ୍ଦ୍ର ସରକାର ଏହି ମାମଲାରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ପୂଜା ଦାଖଲ କରିଥିବା ସମସ୍ତ ପ୍ରମାଣପତ୍ରର ଯାଞ୍ଚ ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। ଏହି ଜଣିକିଆ କମିଟି ଯାଞ୍ଚ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବ। କାର୍ମିକ ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଅତିରିକ୍ତ ସଚିବସ୍ତରର ଜଣେ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ପୂଜା ୧୭ କୋଟି ସମ୍ପତ୍ତିର ମାଲିକ ବୋଲି ଜଣାପଡ଼ିଛି।

## ସିଆଇଏସ୍‌ଏଫ୍‌ରେ ଅଗ୍ନିବୀରଙ୍କୁ ୧୦% ସଂରକ୍ଷଣ

**ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** ଅଗ୍ନିବୀରଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ଦୁଇ ବର୍ଷ ପରେ ସିଆଇଏସ୍‌ଏଫ ଏବଂ ବିଏସଏଫ୍ ପକ୍ଷରୁ ଗୁରୁବାର ବଡ଼ ଘୋଷଣା କରାଯାଇଛି। ପୂର୍ବତନ ଅଗ୍ନିବୀରଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ ବୋଲି କୁହାଯାଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଚି। ଖୁବଶୀଘ୍ର ଏହି ନିୟମ କାର୍ଯ୍ୟକାରୀ କରାଯିବ। ବିଏସଏଫ୍ ଡିଜି ନିତିନ ଅଗ୍ରୱାଲ ଏବଂ ସିଆଇଏସଏଫ ଡିଜି ନିନା ସିଂହ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୨ ଜୁନ୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏ ନେଇ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ ସିଏପିଏଫ ଏବଂ ଆସାମ ରାଇଫଲ୍ସରେ ପୂର୍ବତନ ଅଗ୍ନିବୀରଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ ବୋଲି କୁହାଯାଇଥିଲା। ସିଏପିଏଫ ଅଧିନରେ ବିଏସଏଫ, ସିଆରପିଏଫ, ଆଇଟିବିପି, ଏସଏସବି ଏବଂ ସିଆଇଏସଏଫ୍ ଆସୁଛି। ସିଆଇଏସଏଫ ଡିଜି କହିଛନ୍ତି ଯେ ଅଗ୍ନିବୀରଙ୍କୁ ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବନି। ବୟସ ସୀମା ମଧ୍ୟ ହ୍ରାସ କରାଯିବ। ପ୍ରଥମ ବ୍ୟାଚ୍‌ର ବୟସ ସୀମାକୁ ୫ ବର୍ଷ ଏବଂ ଏହା ପର ବ୍ୟାଚ୍ ପାଇଁ ୩ ବର୍ଷ କୋହଳ କରାଯିବ। ସେହିପରି ବିଏସଏଫ ଡିଜି କହିଛନ୍ତି ଯେ ଅଗ୍ନିବୀର ଯୋଜନାରେ



**ଅଗ୍ନିବୀରଙ୍କୁ ଆଶ୍ୱସ୍ତି**

**ପ୍ରଥମ ବ୍ୟାଚ୍ ପାଇଁ ବୟସସୀମା ୫ ବର୍ଷ କୋହଳ**

**ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବନି**

ଯବାନଙ୍କୁ ୪ ବର୍ଷର ଅଭିଜ୍ଞତା ମିଳୁଛି। ସେମାନେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ପାଇସାରିଛନ୍ତି। ଏହା ବିଏସଏଫ ପାଇଁ ଲାଭକାରୀ ହେବ। ପ୍ରଶିକ୍ଷଣ ପରେ ଚୟନ ହୋଇଥିବା ଅଗ୍ନିବୀରଙ୍କୁ ସୀମାରେ ମୁତୟନ କରାଯିବ।

## ପତଞ୍ଜଳିର ୧୪ ନିଷିଦ୍ଧ ଔଷଧ ବଜାରରେ ମିଳୁଛି

**ନୂଆଦିଲ୍ଲୀ, ୧୧।୭(ଏଜେନ୍ସି):** ପତଞ୍ଜଳିର ୧୪ ବ୍ୟାନ୍ ଔଷଧ ଏବେ ବି ବଜାରରେ ମିଳୁଛି। ହିନ୍ଦୁସ୍ତାନ ଟାଇମ୍ସର ସାମ୍ବାଦିକମାନେ ଦିଲ୍ଲୀ, ଲକ୍ଷ୍ନୌ, ପାଟନା ଓ ଡେରାଡୁନରେ ଥିବା ପତଞ୍ଜଳି ଷ୍ଟୋରଗୁଡ଼ିକରୁ ବ୍ୟାନ ଲାଗୁ କରାଯାଇଥିବା ସେହି ସମସ୍ତ ୧୪ ପ୍ରକାରର ଔଷଧ ଜୁଲାଇ ୯ ତାରିଖରେ କିଣି ତାହାର ରସିଦ ସଂଗ୍ରହ କରିଛନ୍ତି। ବ୍ୟାନ ଲାଗୁ କରାଯାଇଥିବା ୧୪ ପ୍ରକାରର ପତଞ୍ଜଳି ଔଷଧ ଆଉ ବିକ୍ରି କରାଯାଉନାହିଁ ଓ ସେଗୁଡ଼ିକୁ ଷ୍ଟୋର୍‌ମାନଙ୍କରୁ ଫେରାଇ ଅଣାଯାଇଛି ବୋଲି ପତଞ୍ଜଳି ସୁପ୍ରିମ୍‌କୋର୍ଟଙ୍କୁ ମିଛ କହିଥିବା ପ୍ରମାଣ ହିନ୍ଦୁସ୍ତାନ ଟାଇମ୍ସ ପାଖରେ ରହିଛି। ଉତ୍ତରାଖଣ୍ଡ ଲାଇସେନ୍ସିଂ ବିଭାଗ ଗତ ଏପ୍ରିଲ ୧୫ରେ ପତଞ୍ଜଳି ଆର୍ୟୁବେଦର ୧୪ଟି ଔଷଧର ଲାଇସେନ୍ସ ରଦ୍ଦ କରିଥିଲା। ଔଷଧ ଦୋକାନଗୁଡ଼ିକରୁ ସେହି ୧୪ ପ୍ରକାରର ଔଷଧ ପ୍ରତ୍ୟାହାର କରିନେବା ପାଇଁ, ସେହି ଔଷଧର ବିଜ୍ଞାପନ ନ କରିବା ପାଇଁ ସୁପ୍ରିମ୍‌କୋର୍ଟ ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଥିଲେ। ପତଞ୍ଜଳି ମଧ୍ୟ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଥିଲା ଯେ ବ୍ୟାନ୍‌କୁ ମାନିବାକୁ ସମସ୍ତ ଷ୍ଟୋର୍ ମାଲିକ ଓ ବିଜ୍ଞାପନ ସଂସ୍ଥାଙ୍କୁ କୁହାଯାଇଛି।

## ଭାରତ ବିଶ୍ୱକୁ ଯୁଦ୍ଧ ନୁହେଁ; ବୁଦ୍ଧ ଦେଇଛି: ମୋଦୀ

**ଭିଏନା, ୧୧।୭(ଏଜେନ୍ସି):** ସମ୍ପ୍ରତି ଅଷ୍ଟ୍ରିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଭିଏନାରେ ଭାରତୀୟ ସଂଗୋଷ୍ଠୀଙ୍କ ସମାବେଶରେ କହିଛନ୍ତି, ଭାରତ ବିଶ୍ୱକୁ ବୁଦ୍ଧ ଦେଇଛି, ଯୁଦ୍ଧ ନୁହେଁ। ଭାରତ ସର୍ବଦା ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ଦେଇଥାଏ। ଏକବିଂଶ ଶତାବ୍ଦୀରେ ଭାରତ ତା'ର ଭୂମିକାକୁ ବଳିଷ୍ଠ କରିବ। ଭାରତର ପ୍ରଦର୍ଶନ ଯେପରି ସର୍ବୋତ୍ତମ ହୁଏ, ଦେଶ ଯେପରି ସଫଳତାର ଶିଖର ଛୁଏଁ, ସର୍ବୋଚ୍ଚ କିର୍ତ୍ତିମାନ ସ୍ଥାପନ କରେ ସେଥିପାଇଁ ନିରନ୍ତର କାର୍ଯ୍ୟ ଚାଲିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଭାରତ-ଅଷ୍ଟ୍ରିଆ ମୈତ୍ରୀର ୭୫ ବର୍ଷ ପୂର୍ତ୍ତି ହେବା ବେଳକୁ ସେ ଅଷ୍ଟ୍ରିଆ ଆସିବା ସୁଯୋଗ ପାଇଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତ ଓ ଅଷ୍ଟ୍ରିଆ ପରସ୍ପରଠାରୁ ବହୁ ଦୂରରେ, କିନ୍ତୁ ଉଭୟ ଦେଶ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଉଭୟ ଦେଶ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଆପଣାଇଛନ୍ତି। ମୁକ୍ତି, ସମାନତା, ବିବିଧତା, ଆଇନର ଶାସନ ପ୍ରତି ସମ୍ମାନ ଆଦି ମୂଲ୍ୟବୋଧରେ ଉଭୟ ଦେଶ ବିଶ୍ୱାସୀ। ଉଭୟ ଦେଶରେ ସଂସ୍କୃତିକ ବିବିଧତା, ଭାଷା ବିବିଧତା ରହିଛି। ବିବିଧତା ଭିତରେ ଏକତାର ନିଦର୍ଶନ ହେଉଛି ନିର୍ବାଚନ। ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ଲକ୍ଷ୍ୟ ହାସଲ କରାଯିବ। ଗ୍ରୀନ ଗ୍ରୋଥ୍, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଓ ଇନୋଭେସନ୍ କ୍ଷେତ୍ରରେ ଅଗ୍ରଣୀ ଦେଶ ଅଷ୍ଟ୍ରିଆ ସହ ଦ୍ୱିପାକ୍ଷିକ ସହଯୋଗକୁ ପ୍ରସାରିତ କରିବାକୁ ଭାରତ ଆଗ୍ରହୀ। ଦୁଇଟି ଦେଶ ମଧ୍ୟରେ ସମ୍ପର୍କ କେବଳ ସରକାର ଗଢ଼ନ୍ତି ନାହିଁ, ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସଂପ୍ରୀତି ସେଥିରେ ବଡ଼ ଭୂମିକା ନିଭାଇଥାଏ। ଭାରତୀୟ ଦର୍ଶନ, ବିଚାର ଓ ଭାଷା ଜାଣିବା ପାଇଁ ଅଷ୍ଟ୍ରିଆ ଲୋକଙ୍କ ଆଗ୍ରହ ଶତାବ୍ଦୀ ଶତାବ୍ଦୀ ପୁରୁଣା। ୨୦୦ ବର୍ଷ ତଳେ ଭିଏନା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ପଢ଼ାଯାଉଥିଲା।

■ ଡିଡିଏକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଯମୁନା ତଟରୁ ଜବରଦଖଲ ହଟାଅ

**ନୂଆଦିଲ୍ଲୀ, ୧୧।୭(ଏଜେନ୍ସି):** ଯମୁନା ନଦୀ ଶଯ୍ୟା, ନଦୀ ବନ୍ଧ ଓ ଯମୁନାକୁ ପଡ଼ିଥିବା ଡ୍ରେନ୍‌ରୁ ସମସ୍ତ ଜବରଦଖଲ ଓ ବେଆଇନ ନିର୍ମାଣ ହଟାଇବାକୁ ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ(ଡିଡିଏ) ଉପାଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ମନମୋହନ ଓ ବିଚାରପତି ତୁଷାର ରାଓ ଗିଡେଲାଙ୍କୁ ନେଇ ଗଠିତ ହାଇକୋର୍ଟ ଖଣ୍ଡପୀଠ ଗତ ୮ ତାରିଖରେ ଦେଇଥିବା ଏହି ନିର୍ଦ୍ଦେଶ ଗତକାଲି ହାଇକୋର୍ଟ ଓ୍ୱେବସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି, ଏମ୍‌ସିଡି, ଦିଲ୍ଲୀ ପୁଲିସ୍, ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍, ଦିଲ୍ଲୀର ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବିଭାଗ, ପିଡବ୍ଲ୍ୟୁଡି, ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ବନ ବିଭାଗ ସହ ସମନ୍ୱୟ ରକ୍ଷା କରି ଡିଡିଏ ଯମୁନା ତଟରୁ ଜବରଦଖଲ ଓ ବେଆଇନ ନିର୍ମାଣ ହଟାଇବ।

■ ଦିଲ୍ଲୀ ପୁଲିସକୁ ହାଇକୋର୍ଟଙ୍କ ଆଦେଶ

## ଶିଶୁ ନିଖୋଜ ମାମଲାର ତୁରନ୍ତ ଯାଞ୍ଚ୍ କର

**ନୂଆଦିଲ୍ଲୀ, ୧୧।୭(ଏଜେନ୍ସି):** ନାବାଳକ କିମ୍ବା ସାବାଳକ ହେଉ, ନିଖୋଜ ଅଭିଯୋଗ ଆସିଲେ ପୁଲିସ୍ ଅଭିଯୋଗକାରୀଙ୍କ ଏଫ୍‌ଆଇଆର୍ ତୁରନ୍ତ ପଞ୍ଜିକରଣ ନକରି ୨୪ ଘଣ୍ଟା ପରେ ନିଖୋଜ ଜଣକ ଘରକୁ ନ ଫେରିଲେ ଥାନାକୁ ଆସିବାକୁ କହିଥାଏ। ଦିଲ୍ଲୀ ହାଇକୋର୍ଟ ଜଣେ ନିଖୋଜ ବାଳିକାର ପିତାଙ୍କ ପିଟିସନର ଶୁଣାଣି କରି ଦିଲ୍ଲୀ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି, ନିଖୋଜ ଘଟଣାରେ ପ୍ରଥମ ୨୪ ଘଣ୍ଟା ହିଁ ଗୁରୁତ୍ୱପୂର୍ଣ୍ଣ ଯାହା ନିଖୋଜଙ୍କୁ ପାଇବାରେ ସଫଳତା ଦେଇପାରେ। ତେଣୁ ଦିନଟିଏ ପ୍ରତୀକ୍ଷାରେ ନଷ୍ଟ ନକରି ଅଭିଯୋଗ ତୁରନ୍ତ ପଞ୍ଜିକୃତ କରି ତଦନ୍ତ ଓ ଯାଞ୍ଚ କର। ନିଖୋଜ ଫେରିଆସିବ ଏହା ଆଶା କରି ଦିନଟିଏ ପ୍ରତୀକ୍ଷା କରିବା ଆଦୌ ଦରକାର ନାହିଁ। ଜଷ୍ଟସ୍ ପ୍ରତିଭା ଏମ ସିଂହ ଓ ଜଷ୍ଟିସ୍ ଅମିତ ଶର୍ମାଙ୍କୁ ନାଇ ଗଠିତ ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି, ଶିଶୁ ନିଖୋଜ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଦିଲ୍ଲୀ ପୁଲିସ୍ ପ୍ରସ୍ତୁତ କରିଥିବା ଏସଓପିରେ ସ୍ପଷ୍ଟ ଲେଖାଅଛି ଯେ ଏପରି କ୍ଷେତ୍ରରେ ପୁଲିସ୍ ଅଭିଯାଗ ପାଇବା ମାତ୍ରେ ତତ୍ପରତାର ସହ ଆକ୍ସନ ନେବ।

■ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

## ଷଷ୍ଠ-ସପ୍ତମ ଶ୍ରେଣୀର ୩ ଅଭିଯୁକ୍ତ

**ନନ୍ଦ୍ୟାଲ, ୧୧।୭ (ଏଜେନ୍ସି):** ଆନ୍ଧ୍ର ପ୍ରଦେଶ ନନ୍ଦ୍ୟାଲ ଜିଲ୍ଲା ପଗଡ଼ିୟାଲରୁ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାରେ ତୃତୀୟ ଶ୍ରେଣୀରେ ପଢୁଥିବା ୮ ବର୍ଷୀୟ ଶିଶୁକନ୍ୟାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଛି। ପୁଲିସ ଶିଶୁ ପଢୁଥିବା ସ୍କୁଲ୍‌ର ତିନି ଜଣ ଛାତ୍ରଙ୍କୁ ଅଭିଯୁକ୍ତ ବନାଇଛି। ଏ ପର୍ଯ୍ୟନ୍ତ ଶିଶୁକନ୍ୟାର ମୃତଦେହ ମିଳିନାହିଁ। କେନାଲରେ ତଲାସୀ ଅଭିଯାନ ଜାରି ରହିଛି। ୨ ଅଭିଯୁକ୍ତ ଷଷ୍ଠ ଶ୍ରେଣୀର ଛାତ୍ର। ଉଭୟଙ୍କ ବୟସ ୧୨ ବର୍ଷ। ଅନ୍ୟ ଜଣେ ଅଭିଯୁକ୍ତ ସପ୍ତମ ଶ୍ରେଣୀର ଛାତ୍ର (୧୩)। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ସନ୍ଧ୍ୟାରେ ଶିଶୁ କନ୍ୟା ପଗାଡିୟାଲା ସ୍ଥିତ ଏକ ପାର୍କରେ ଖେଳୁଥିଲା। ଏହି ସମୟରେ ଅଭିଯୁକ୍ତମାନେ ଖେଳିବା ବାହାନାରେ ଛାତ୍ରୀଙ୍କୁ ଶୂନଶାନ ସ୍ଥାନକୁ ନେଇ କୁକର୍ମ କରିଥିଲେ। ଶିଶୁ ଏହି ଘଟଣା ବିଷୟରେ ବାପାମାଆଙ୍କୁ କହିଦେବା ଭୟରେ ହତ୍ୟାକରି ନିକଟସ୍ଥ କେନାଲକୁ ଫୋପାଡ଼ି ଫେରାର ହୋଇ ଯାଇଥିଲେ। ଦୀର୍ଘ ସମୟ ପରେ ଶିଶୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଶେଷରେ ଏତଲା ଦେଇଥିଲେ। ଏହା ପରେ ମଙ୍ଗଳବାର ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଗାଁର ୩ ନାବାଳକଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଯାଇଥିଲା। ଏମାନଙ୍କ ମଧ୍ୟରୁ ଜଣେ ଘଟଣା ବିଷୟରେ ସ୍ୱୀକାର କରି ଦେଇଥିଲା। ଏହା ପରେ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ ପୁଲିସକୁ ଗୁଣିଗାରେଡ଼ି ସମ୍ବନ୍ଧିତ ସାମଗ୍ରୀ ମିଳିଛି। ଏହି ଦୃଷ୍ଟିରୁ ମଧ୍ୟ ତଦନ୍ତ କରାଯାଉଛି। ସେହିପରି ମୃତଦେହ ନ ମିଳିବା ପର୍ଯ୍ୟନ୍ତ କେନାଲରେ ତଲାସୀ ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଏଏସ୍‌ଆଇଙ୍କୁ ଚାପୁଡ଼ା ମାରିଲେ ସ୍ପାଇସ ଜେଟ୍ କ୍ରୁ ସଦସ୍ୟ



**ଜୟପୁର, ୧୧।୭ (ଏଜେନ୍ସି):** ଜୟପୁର ବିମାନବନ୍ଦରରେ ସ୍ପାଇସ ଜେଟ୍‌ର ଜଣେ ମହିଳା କ୍ରୁ ସଦସ୍ୟ ସିଆଇଏସ୍‌ଏଫ୍‌ର ଏଏସଆଇଙ୍କୁ ଚାପୁଡ଼ା ମାରିଛନ୍ତି। ଗୁରୁବାର ସକାଳ ୪ଟାରେ ଏହି ଘଟଣା ଘଟିଥିଲା। ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ବିମାବନ୍ଦରରେ ପହଞ୍ଚି ଥିଲେ। ଏହି ସମୟରେ ସେ ବିନା ଯାଞ୍ଚରେ ଭିତରେ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ଏହା ଦେଖି ଏଏସଆଇ ତାଙ୍କୁ ଅଟକାଇ ଦେଇଥିଲେ ଏବଂ ସ୍କ୍ରିନିଂ କରାଇବାକୁ କହିଥିଲେ। ମହିଳା କର୍ମଚାରୀ ନ ଥିବା କହି କ୍ରୁ ସଦସ୍ୟ ଏହାକୁ ଏଡ଼ାଇ ଯାଇଥିଲେ। ମହିଳା ସଦସ୍ୟ ପହଞ୍ଚିବା ପୂର୍ବରୁ ସେ ଏଏସଆଇଙ୍କୁ ଚାପୁଡ଼ା ମାରି ଦେଇଥିଲେ। ତେବେ ସ୍ପାଇସ ଜେଟ୍ ପକ୍ଷରୁ କୁହାଯାଇଛି ଯେ ସିଆଇଏସଏଫ ଯବାନ ମହିଳା କର୍ମଚାରୀଙ୍କୁ ଖରାପ ବ୍ୟବହାର କରିଥିଲେ। ଡ୍ୟୁଟି ସାରିବା ପରେ ତାଙ୍କ ଘରକୁ ଯିବାକୁ କହିଥିଲେ। ଅନ୍ୟପକ୍ଷରେ ଏଏସଆଇ ଗିରିରାଜ ପ୍ରସାଦ ମହିଳା କ୍ରୁ ସଦସ୍ୟଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି।

## ପାକିସ୍ତାନ ଯାଉଥିବା ନିଷିଦ୍ଧ ରାସାୟନିକ ଜବତକଲା ଭାରତ

**ଚେନ୍ନଇ, ୧୧।୭(ଏଜେନ୍ସି):** ଚୀନର ସାଂଘାଇରୁ ପାକିସ୍ତାନର କରାଚି ବନ୍ଦରକୁ ଯାଉଥିବା ଏକ ମାଲବାହୀ ଜାହାଜରୁ ଅନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ ଘୋଷିତ ମାରାତ୍ମକ ରସାୟନ ଭରା ପ୍ୟାକେଜ୍‌କୁ କଷ୍ଟମସ୍ ବିଭାଗର ତାମିଲନାଡୁର କାଟ୍ଟୁପାଲ୍ଲି ବନ୍ଦରରୁ ଜବତ କରିଛି। ଚୀନ କମ୍ପାନୀ ଚେଙ୍ଗଡୁ ସିଚେନ୍ ଟ୍ରେଡିଂ କୋ ପାକିସ୍ତାନର ରାଓଲପିଣ୍ଡିରେ ଥିବା ରୋହାଇଲ୍ ଏଣ୍ଟରପ୍ରାଇଜେସ୍'କୁ ଟିୟର୍ ଗ୍ୟାସ ଓ ଦଙ୍ଗା ନିୟନ୍ତ୍ରକ ଏଜେଣ୍ଟ ତିଆରିରେ ବ୍ୟବହାର କରାଯାଉଥିବା ଅର୍ଥୋ-କ୍ଲୋରୋ ବେଞ୍ଜିଲିଡିନ୍ ମାଲୋନନିଟ୍ରିଲେ ନାମକ ଏହି ନିଷିଦ୍ଧ ଘୋଷିତ ରସାୟନ ପଠାଇଥିଲା। ପାକିସ୍ତାନର ରୋହାଇଲ୍ ଏଣ୍ଟରପ୍ରାଇଜେସ୍ ହେଉଛି ଏକ ଡିଫେନ୍ସ ସପ୍ଲାୟର୍ କମ୍ପାନୀ। ଏହି ରସାୟନ ଭାରତର ଏକ୍ସପୋର୍ଟ କଣ୍ଟ୍ରୋଲ ତାଲିକାରେ ଥିବାରୁ କଷ୍ଟମସ୍ ବିଭାଗ ଏହାକୁ ଜବତ କରିଛି। ଜବତ ରସାୟନର ଓଜନ ୨୫୬୦ କିଲୋଗ୍ରାମ। ୨୫ କିଲୋର ୧୦୩ଟି ଡ଼ବାରେ ଏହା ପ୍ୟାକ୍ ହେଇଥିଲା। ସାଇପ୍ରସ୍ ପତାକା ଥିବା ମାଲବାହୀ ଜାହାଜଟି ପାକିସ୍ତାନର କରାଚି ବନ୍ଦରକୁ ଯାଇଥାନ୍ତା। ପାକିସ୍ତାନ ରସାୟନିକ ଓ ଜୈବିକ ଅସ୍ତ୍ର ବିକଶିତ କରୁଥିବା ଆଶଙ୍କା କରାଯାଉଛି। ସେପରି ଅସ୍ତ୍ର ତିଆରିରେ ମଧ୍ୟ ଜବତ ରସାୟନକୁ ବ୍ୟବହାର କରିହେବ।



## ସାଉଦି ବିମାନରେ ନିଆଁ; ଅଳ୍ପକେ ବର୍ତ୍ତିଲେ ୩୦୦ ଯାତ୍ରୀ



**ପେଶାୱାର:** ସାଉଦି ଆରବରୁ ପାକିସ୍ତାନ ଆସୁଥିବା ଏକ ବୋଇଂ ବିମାନ ପାକିସ୍ତାନ ପେଶାୱାର ବିମାନବନ୍ଦରରେ ଅବତରଣ କରୁଥିବା ବେଳେ ଏଥିରେ ନିଆଁ ଲାଗିଯାଇଥିଲା। ବିମାନରେ ପ୍ରାୟ ୩୦୦ ଯାତ୍ରୀ ରହିଥିଲେ ମଧ୍ୟ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। କୌଣସି ଯାତ୍ରୀଙ୍କର କିଛି କ୍ଷୟକ୍ଷତି ହୋଇନାହିଁ। ବିମାନଟି ଅବତରଣ କରୁଥିଲା ବେଳେ ଏହାର ଲ୍ୟାଣ୍ଡିଂ ଗିୟର୍‌ରେ ତ୍ରୁଟି ଯୋଗୁଁ ଏଥିରେ ନିଆଁ ଲାଗିଯିବା ସହ ପ୍ରବଳ ଧୂଆଁ ବାହାରିଥିଲା ବୋଲି ପେଶାୱାର ବିମାନବନ୍ଦର ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍ (ଏ.ଟି.ସି) ରୁମ୍ ପକ୍ଷରୁ କୁହାଯାଇଛି। ବିମାନରୁ ଧୂଆଁ ବାହାରୁଥିବା ଜଣାପଡ଼ିବା ପରେ ତୁରନ୍ତ ଅଗ୍ନିଶମ ଟିମ୍ ଏବଂ ଉଦ୍ଧାରକାରୀ ଦଳଙ୍କୁ ମୁତୟନ କରାଯାଇଥିଲା। ବିମାନ ଅବତରଣ ପରେ ତୁରନ୍ତ ସମସ୍ତ ଯାତ୍ରୀଙ୍କୁ ଖାଲି କରି ଦିଆଯାଇଥିଲା।

## ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି ସମ୍ପତ୍ତି

# ସ୍କାନର୍‌ରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କ ୩ ଏକର ଜମି

**ବେଙ୍ଗାଲୁରୁ, ୧୧।୭ (ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ନିଜ ପତ୍ନୀଙ୍କ ନାମରେ ଥିବା ୩ ଏକରରୁ ଅଧିକ ଜମିକୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। କର୍ଣ୍ଣାଟକ କଂଗ୍ରେସର ଜଣେ ବରିଷ୍ଠ ନେତା ଭାବେ ସିଦ୍ଧରମୟା ବିଗତ ତିନି ବିଧାନସଭା ନିର୍ବାଚନରେ ନିଜ ସମ୍ପତ୍ତି ପରିମାଣକୁ ନେଇ ସତ୍ୟପାଠ ଦାଖଲ କରିଥିଲେ ହେଁ ନିଜ ପତ୍ନୀଙ୍କ ନାମରେ ଥିବା ଏହି ଜମି ସମ୍ପର୍କରେ କେବେବି ଉଲ୍ଲେଖ କରିନାହାନ୍ତି। ଯାହାକୁ ନେଇ କର୍ଣ୍ଣାଟକ ବିରୋଧୀ ଦଳ ସିଦ୍ଧରମୟାଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ମହୀଶୂରରେ ରହିଥିବା ଏହି ତିନି ଏକର ଜମିକୁ ସିଦ୍ଧରମୟାଙ୍କ ଶାଳକ ୨୦୧୦ରେ ତାଙ୍କ ଭଉଣୀ ତଥା ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ବି. ଏମ୍. ପାର୍ବତୀ ସିଦ୍ଧରମୟାଙ୍କୁ ଦାନ ସୂତ୍ରରେ ଦେଇଥିଲେ। କିନ୍ତୁ ଏହି ଜମିର ପଞ୍ଜିକରଣ ସମୟରେ ହୋଇଥିବା ସତ୍ୟପାଠକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ଏତେ ପରିମାଣର ଜମି ସିଦ୍ଧରମୟାଙ୍କ ଶାଳକଙ୍କ ନାମରେ କିଭଳି ହେଲା ଏବଂ ସେ ତାଙ୍କ ଭଉଣୀ ପାର୍ବତୀଙ୍କୁ କିଭଳି ଦାନ ସୂତ୍ରରେ ଦେଲେ ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏହି ଜମି ହସ୍ତାନ୍ତର ପ୍ରକ୍ରିୟାରେ ଜାଲିଆତି କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏହି ଜମିକୁ ୨୦୨୧ରେ ରାଜ୍ୟ ସରକାରଙ୍କ ଏକ ହାଉସିଂ ପ୍ରକଳ୍ପକୁ ନେଇ ୫୦:୫୦ ଫର୍ମୁଲାରେ ହସ୍ତାନ୍ତର କରାଯାଇ ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣଠାରୁ ୧୪ଟି ହାଉସିଂ ପ୍ଲଟ୍ ନିଆଯାଇଛି। କିନ୍ତୁ ମୂଳ ଜମି ପଞ୍ଜିକରଣ ସମୟରେ କିଛି ଅନିୟମିତତା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ବିରୋଧୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।



ସେ କହିଛନ୍ତି ଯେ, ଯେଉଁ ସମୟରେ ଜମି ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଥିଲା ସେ ସମୟରେ ବିଜେପି ହିଁ କ୍ଷମତାରେ ରହିଥିଲା। ଏହା ଛଡ଼ା ଯଦି ଆବଶ୍ୟକ ପଡ଼େ ତେବେ ସେ ନେଇଥିବା ୧୪ଟି ପ୍ଲଟ୍ ଫେରସ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣର ବର୍ତ୍ତମାନର ଜମି ମୂଲ୍ୟ ନିର୍ଦ୍ଧାରଣକୁ ନେଇ ଏଥିପାଇଁ ୬୨ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି ସିଦ୍ଧରମୟା କହିଛନ୍ତି।

### କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

## ମାମଲାର ରାଜନୀତିକରଣ ବଦଳରେ ପ୍ରମାଣକୁ ଧ୍ୟାନ ଦିଅ

**ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** ଜେଡିଏସ୍‌ର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କ ସମ୍ବନ୍ଧିତ ସେକ୍ସ ସ୍କାଣ୍ଡାଲ ମାମଲାରେ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ବୁଧବାର ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ଆପରାଧିକ ମାମଲାରେ ତଦନ୍ତକୁ ରାଜନୀତିକରଣ ନ କରନ୍ତୁ ବୋଲି କହିଛନ୍ତି। ପ୍ରଜ୍ୱଳଙ୍କ ମାଆ ଭବାନୀ ରେଭନ୍ନାଙ୍କୁ ହାଇକୋର୍ଟରୁ ମିଳିଥିବା ଆଗୁଆ ଜାମିନ ବିରୋଧରେ ଏସ୍‌ଆଇଟି ପକ୍ଷରୁ ଦାଏର ଆବେଦନ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଥିଲେ। ଭାବନୀଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଶିକାର ଜଣେ ମହିଳାଙ୍କୁ ଅପହରଣ କରାଇଥିବା ଅଭିଯୋଗ ଲାଗିଛି। ଶୁଣାଣି ସମୟରେ ଏସ୍‌ଆଇଟିର ଓକିଲ କପିଲ ସିବଲ ଭବାନୀଙ୍କ ଜାମିନକୁ ଦୁର୍ଭାଗ୍ୟଜନକ କହିଥିଲେ। ଏହା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଏବଂ ରାଜନୈତିକ ଉଦ୍ଦେଶ୍ୟକୁ ଅଲଗା ଅଲଗା ରଖିବା ଜରୁରୀ। ମାମଲାର ରାଜନୀତିକରଣ କରିବା ଛାଡ଼ିଦିଅ। ହାଇକୋର୍ଟ ଦର୍ଶାଇ ଥିବା କାରଣକୁ ଦେଖ। ଅଭିଯୁକ୍ତ ମହିଳାଙ୍କ ବୟସ ୫୫ ବର୍ଷ। ତାଙ୍କ ପୁଅ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସେ ବିଦେଶ ଫେରାର ହୋଇଯିବା ପରେ ଫେରିଛନ୍ତି। ଏଥିରେ ମାଆଙ୍କର କି ଭୂମିକା ରହିଛି ବୋଲି ପଚାରି ଥିଲେ। ଭାବନା ବଦଳରେ ପ୍ରମାଣକୁ ଅଧିକ ଧ୍ୟାନ ଦେବାକୁ କୋର୍ଟ ସିବଲଙ୍କୁ ପରାମର୍ଶ ଦେଇଥିଲେ। ଏଭଳି ଏକ ଗୁରୁତର ମାମଲାରେ ପରିବାର ଏବଂ ଆଚରଣ ଆଦିର ବ୍ୟବହାର କରିବା ଅନୁଚିତ ବୋଲି କହିଛନ୍ତି। ଏହା ସହିତ ଏସଆଇଟି ଅନୁରୋଧରେ ଭବାନୀଙ୍କୁ ଜବାବ ମାଗିଛନ୍ତି।

ସକାଳ
THE SAKALA

## ସର୍ବୋଚ୍ଚ ଅଦାଲତଙ୍କ ଐତିହାସିକ ରାୟ

# ମହିଳାଙ୍କ ସ୍ୱାଭିମାନ ଓ ଅଧିକାରକୁ ସମ୍ମାନ

ଭାରତର ସର୍ବୋଚ୍ଚ ଅଦାଲତ ବୁଧବାର ଏକ ଐତିହାସିକ ରାୟ ଦେଇ ନିଜ ନିଜର ଧର୍ମ ନିର୍ବିଶେଷରେ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ଭରଣପୋଷଣ ପାଇବାର ଅଧିକାର ପ୍ରଦାନ କରିଛନ୍ତି। ଜଷ୍ଟିସ୍ ବି.ଭି ନାଗରତ୍ନ ଓ ଜଷ୍ଟିସ ଅଗଷ୍ଟିନ୍ ଜର୍ଜ ମାସିଙ୍କୁ ନେଇ ସୁପ୍ରିମକୋର୍ଟର ଏକ ପୀଠ ଏ ସଂକ୍ରାନ୍ତ ଏକ ମାମଲାର ବିଚାର କରି ତାଙ୍କ ରାୟରେ କହିଛନ୍ତି ଯେ ଭାରତୀୟ ଦଣ୍ଡବିଧି ସଂହିତା (ସିଆର୍‌ପିସି)ର ଧାରା ୧୨୫ ଅନୁସାରେ ଛାଡ଼ପତ୍ର ପାଇଥିବା ସବୁ ମହିଳା ନିଜର ପୂର୍ବତନ ସ୍ୱାମୀଙ୍କଠାରୁ ଭରଣପୋଷଣ ବାବଦ ଅର୍ଥ ପାଇବାକୁ ହକ୍‌ଦାର। ଏଥିରେ କୌଣସି ଧର୍ମ ଓ ବ୍ୟକ୍ତିଗତ ଆଇନ ବାଧକ ସାଜିବ ନାହିଁ ଏବଂ ମୁସଲମାନ ପର୍ସନାଲ ଆଇନ ମଧ୍ୟ କାମ ଦେବ ନାହିଁ। ବିଚାରପତି ଦ୍ୱୟ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ ସିଆର୍‌ପିସିର ଧାରା ୧୨୫ ଏକ ଧର୍ମନିରପେକ୍ଷ ଆଇନ ଏବଂ ଏଥିରେ ମୁସଲମାନ ମହିଳା ସୁରକ୍ଷା ଅଧିକାର ଓ ବିବାହ ବିଚ୍ଛେଦ ଆଇନ ୧୯୮୬ କିମ୍ବା ଅନ୍ୟ କୌଣସି ଧର୍ମର ବ୍ୟକ୍ତିଗତ ଆଇନ ବା ପର୍ସନାଲ ଲ'ର ସ୍ଥାନ ନାହିଁ। ଏହି ରାୟ ମହିଳାଙ୍କ ସ୍ୱାଭିମାନ ଓ ଅଧିକାରକୁ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଛି।

ଏହି ରାୟ ସ୍ୱାଗତଯୋଗ୍ୟ ଓ ଐତିହାସିକ ଏହି କାରଣରୁ ଯେ ଏଥିରେ ଦେଶର ସବୁଧର୍ମର ମହିଳା ଛାଡ଼ପତ୍ର ମାମଲାରେ ଏକପ୍ରକାର ସୁବିଧା ସୁଯୋଗ ପାଇବାକୁ ହକ୍‌ଦାର ହେବେ ଏବଂ କାହାରିକୁ ଉପଯୁକ୍ତ ଭରଣପୋଷଣରୁ ବଞ୍ଚିତ କରାଯାଇ ପାରିବ ନାହିଁ। ମୁସଲମାନ ମହିଳାଙ୍କ କ୍ଷେତ୍ରରେ ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମ ଥିଲା, ବିଚାରପତି ଦ୍ୱୟ ତାହାକୁ ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଜଣେ ମୁସଲମାନ ମହିଳା ୧୯୮୬ର ଆଇନ ପ୍ରବର୍ତ୍ତନ ସତ୍ତ୍ୱେ ସେ ଚାହିଁଲେ ବିବାହ ବିଚ୍ଛେଦ ପରେ ପୂର୍ବତନ ସ୍ୱାମୀଙ୍କଠାରୁ ସିଆରପିସି ଧାରା ୧୨୫ ଅନୁସାରେ ଭରଣପୋଷଣ ଦାବି କରିପାରିବେ। ଏହାବ୍ୟତୀତ ସେ ଚାହିଁଲେ ୧୯୮୬ ର ଆଇନ ଅନୁସାରେ 'ଇଦତ୍' ସହିତ ସିଆର୍‌ପିସିର ଧାରା ୧୨୫ ଅନୁସାରେ ଭରଣପୋଷଣ ମଧ୍ୟ ଦାବି କରିପାରିବେ।

ଏହି ବିଷୟଟି ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ଏଥିରେ ଭାରତୀୟ ମୁସଲମାନ ମହିଳାଙ୍କ ସମେତ ଆଉ କେତେକ ଧର୍ମର ବିବାହିତ ନାରୀ 'ପର୍ସନାଲ ଲ' ବ୍ୟବସ୍ଥା ଅନୁସାରେ ସିଆର୍‌ପିସି ଧାରା ୧୨୫ର ଲାଭ ପାଉ ନଥିଲେ। ଏ କ୍ଷେତ୍ରରେ ଦୁଇଟି ଆଇନ ରହିଥିଲେ ମଧ୍ୟ ଉପଯୁକ୍ତ ଭରଣପୋଷଣ ପାଇବାକୁ କେଉଁଠି କାହାରିକୁ ନିଷେଧ କରାଯାଇନାହିଁ ବୋଲି ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟରୁ ସ୍ପଷ୍ଟ ହେବା ସହିତ ଦ୍ୱନ୍ଦ୍ୱ ମଧ୍ୟ ଦୂର ହୋଇଯାଇଛି। ଲିଙ୍ଗଗତ ସମାନତାରେ ଭରଣପୋଷଣର ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଥିରେ ସମତା ରହିବା ଆବଶ୍ୟକ। ଏହାଫଳରେ ଭରଣପୋଷଣ ଗ୍ରହୀତା ଦୟା ବା ଦାନ ନୁହେଁ, ବରଂ ନ୍ୟାୟସଂଗତ ହକ୍ ଓ ସମାନତା ପାଇବାକୁ ଯୋଗ୍ୟ। ଏଥିରେ ଧାର୍ମିକ ବା ବ୍ୟକ୍ତିଗତ ଆଇନଜନିତ ପ୍ରତିବନ୍ଧକର ସ୍ଥାନ ନାହିଁ। ଏହାଫଳରେ ମହିଳାଙ୍କ ସମାନତା, ସାମାଜିକ ନ୍ୟାୟ ସୁନିଶ୍ଚିତ ହୋଇଛି।

ଏହି ରାୟ କେବଳ ଭାରତୀୟ ବିବାହିତ ମହିଳାଙ୍କୁ ଆଉ ଏକ ସମାନତା ଅଧିକାର ଦେଇ ନାହିଁ, ଏହା ମଧ୍ୟ ସେମାନଙ୍କୁ ଓ ସେମାନଙ୍କ ଅପତ୍ୟଙ୍କୁ ସଶକ୍ତ କରିବା ଦିଗରେ ନୂଆ ପ୍ରତିମାନ ସୃଷ୍ଟି କରିଛି। ବିଚାରପତି ଦ୍ୱୟ ଉଭୟ ଆଇନର ତର୍ଜମା କରିବା ପରେ କହିଛନ୍ତି ଯେ ସିଆର୍‌ପିସିର ୧୨୫ ଧାରା ଛାଡ଼ପତ୍ର ପାଇଥିବା ମହିଳାଙ୍କ ପାଇଁ ୧୯୮୬ ଆଇନର ଧାରା ୩ ଠାରୁ ଅଧିକ ଭଲ। ୧୨୫ ଧାରା ଅନୁସାରେ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ପୁନର୍ବିବାହ କରିବା ଯାଏଁ ଏବଂ ସେମାନଙ୍କ ସନ୍ତାନଙ୍କୁ ୧୮ ବର୍ଷ ହେବାଯାଏଁ ଭରଣପୋଷଣ ଦେବାର ବ୍ୟବସ୍ଥା ଅଛି। ତେଣୁ ଏହି ରାୟ ଦ୍ୱାରା ମୁସଲମାନ ମହିଳାମାନେ ବିଶେଷ ଉପକୃତ ହେବେ। ଏଠାରେ ସୂଚନାଯୋଗ୍ୟ ଯେ ୧୯୮୫ ଏପ୍ରିଲର ପ୍ରସିଦ୍ଧ ଶାହାବାନୁ ମାମଲାରେ ସୁପ୍ରିମକୋର୍ଟ ଭୋପାଳର ଏହି ପୀଡ଼ିତା ମହିଳାଙ୍କୁ ଭରଣପୋଷଣ ଦେବାକୁ ରାୟ ଦେବା ପରେ ରକ୍ଷଣଶୀଳ ମୁସଲମାନ ସମୁଦାୟ ଏହାର ଦୃଢ଼ ବିରୋଧ କରିଥିଲା। ଏହାପରେ ତତ୍‌କାଳୀନ ରାଜୀବ ଗାନ୍ଧୀ ସରକାର ୧୯୮୬ରେ ଏକ ଆଇନ ପ୍ରଣୟନ କରି ମୁସଲମାନଙ୍କ ପର୍ସନାଲ ଲ ବା ବ୍ୟକ୍ତିଗତ ଆଇନରେ ହସ୍ତକ୍ଷେପ ନ କରିବାର ବ୍ୟବସ୍ଥା କରିଥିଲେ। ତେବେ ତଲାକ୍ ପାଇଥିବା ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ସୀମିତ ଭରଣପୋଷଣର ବ୍ୟବସ୍ଥା ଅଳ୍ପ ସମୟ ପାଇଁ ଦେବାର ନିୟମ କରାଯାଇଥିଲା। ସେତେବେଳେ ଏହି ଆଇନକୁ ପ୍ରବଳ ବିରୋଧ କରାଯାଇ ଏହା ମହିଳା ବିରୋଧୀ, ଦମନମୂଳକ ଓ ସମ୍ବିଧାନ ବିରୋଧୀ ବୋଲି ବିଭିନ୍ନ ରାଜନୈତିକ ଦଳ ମତ ଦେଇଥିଲେ।

ସର୍ବୋଚ୍ଚ ଅଦାଲତଙ୍କର ସଦ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ରାୟକୁ ମହିଳାଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଚାର କରାଯିବା ଉଚିତ। ଏହାକୁ ରାଜନୈତିକ ରଙ୍ଗ ଦେବା ମଧ୍ୟ ଅନାବଶ୍ୟକ। ବିବାହିତ ମହିଳାଙ୍କୁ ସାହାଯ୍ୟ ସମର୍ଥନ କରିବାର ଯେଉଁ ବ୍ୟକ୍ତି ଓ ସର୍ବୋପରି ରାଷ୍ଟ୍ରର ଯେଉଁ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି, ସେଥିରେ ଧାର୍ମିକ, ସମ୍ପ୍ରଦାୟଗତ ଓ ଅନ୍ୟାନ୍ୟ ପ୍ରତିବନ୍ଧକର ଅବସାନ ଘଟାଇ ଏହାକୁ ଲିଙ୍ଗ ନିର୍ଦ୍ଧାରିତ କରାଯିବା ସବୁଠୁ ବଡ଼ କଥା। ସୁପ୍ରିମକୋର୍ଟ ଏ କ୍ଷେତ୍ରରେ ଧର୍ମନିରପେକ୍ଷତା ଅବଲମ୍ବନ କରି ସବୁ ସମ୍ପ୍ରଦାୟର ମହିଳାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ସେଥିପାଇଁ ଉଭୟ ବିଚାରପତି ଓ ସର୍ବୋଚ୍ଚ ଅଦାଲତ ଅଭିନନ୍ଦନର ପାତ୍ର। ବିଜେପି, କଂଗ୍ରେସ ସହିତ ଦେଶର ପ୍ରାୟ ସମସ୍ତ ପ୍ରମୁଖ ରାଜନୈତିକ ଦଳ ଏହି ରାୟକୁ ସ୍ୱାଗତ କରିଛନ୍ତି ଏବଂ ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ମଧ୍ୟ। ତେବେ ସର୍ବଦା ନିଜର ଦୃଷ୍ଟିକୋଣ ଓ ମତାମତକୁ ଅଗ୍ରାଧିକାର ଦେଉଥିବା ଅଲ ଇଣ୍ଡିଆ ମୁସଲିମ ଲ ବୋର୍ଡ ଓ ଜାମିଆତ ଉଲେମା ଇ ହିନ୍ଦ୍ ଭଳି ସଂଗଠନ ହଠାତ୍ କୌଣସି ପ୍ରତିକ୍ରିୟା ନ ଦେଇ କହିଛନ୍ତି ଯେ ସେମାନେ ସୁପ୍ରିମକୋର୍ଟର ରାୟକୁ ଅନୁଧ୍ୟାନ କରୁଛନ୍ତି ଏବଂ ଏହା ପରେ ନିଜର ମତାମତ ଦେବେ।

କିଏ କ'ଣ କହିବ ବା କହିଲା ବଡ଼ କଥା ନୁହେଁ। ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ଆଗରେ ସମସ୍ତେ ସମାନ ଏବଂ ସଭିଏଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାନ ସୁବିଧାସୁଯୋଗ ଓ ନ୍ୟାୟ ପାଇବାକୁ ସମ୍ବିଧାନ ଦ୍ୱାରା ଅଧିକୃତ। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଏ କ୍ଷେତ୍ରରେ ମୁସଲମାନ ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ସେମାନଙ୍କୁ ସମର୍ଥ ଓ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ କରିଛନ୍ତି, ଯାହା ସବୁଠାରୁ ବଡ଼ କଥା। ଜଣେ ବିବାହିତ ମହିଳା ଛାଡ଼ପତ୍ର ପରେ ଯଦି ସ୍ୱାମୀଙ୍କୁ ଭରଣପୋଷଣ ମାଗିଲା ତାଙ୍କୁ ଧାର୍ମିକ ବିଚାର ଆଧାରରେ ଦାନ ଭଳି କିଛି ଅର୍ଥ କେଇବର୍ଷ ପାଇଁ ଦେବାର ଯଥାର୍ଥତା କ'ଣ? ତେଣୁ ଭାରତର ମୁସଲମାନ ମହିଳାଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟ ଐତିହାସିକ ଓ ଯୁଗାନ୍ତକାରୀ। ଏଥିପାଇଁ ଯେଉଁ ମୁସଲମାନ ମହିଳାମାନେ ଦୀର୍ଘ ବର୍ଷ ଧରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ, ସେମାନଙ୍କ ପ୍ରାର୍ଥନା ପୂରଣ ହୋଇଛି। ସାହାବାନୁଙ୍କ ଆତ୍ମାକୁ ଅବଶ୍ୟ ଶାନ୍ତି ମିଳିଥିବ।

# 'ଆତ୍ମଘୋଷିତ ବାବା' ସଂସ୍କୃତି



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

କିଛିଦିନ ତଳେ ଉତ୍ତରପ୍ରଦେଶର ହାଥ୍‌ରସରେ 'ଭୋଲେ ବାବା' ଓରଫ ସୁରଜ ପାଲ ସିଂହ ନାମକ ଜଣେ ଆତ୍ମଘୋଷିତ ବାବାଙ୍କ ପ୍ରବଚନ ସମୟରେ ଦଳାଚକଟା ଯୋଗୁଁ ପ୍ରାୟ ୧୨୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଅବିଶ୍ୱସନୀୟ ହେଲେ ମଧ୍ୟ ଏହା ସତ ଯେ ଜଣେ ପୁଲିସ କନେଷ୍ଟବଳ ଚାକିରି ଛାଡ଼ି ବାବା ପାଲଟିଥିବା ସୁରଜ ପାଲ ସିଂହଙ୍କ ଦ୍ୱାରା ସମ୍ବୋଧିତ ସମାବେଶରେ ପାଖାପାଖି ୧୦ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏହି ଘଟଣା ପରେ ଦେଶରେ ବାବା ସଂସ୍କୃତିର ଉନ୍ମାଦକୁ ନେଇ ପୁଣି ଥରେ ବିତର୍କ ଆରମ୍ଭ ହୋଇଯାଇଛି। ଆଧ୍ୟାତ୍ମିକ ପରମ୍ପରା ଏବଂ ବିବିଧ ସଂସ୍କୃତି ଭରା ଭାରତ ସର୍ବଦା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଏବଂ ଧାର୍ମିକ ଗୁରୁମାନଙ୍କ ପାଇଁ ଏକ ଆଦର୍ଶ ସ୍ଥାନ ହୋଇ ରହିଆସିଛି। କିନ୍ତୁ ଏମାନଙ୍କ ମଧ୍ୟରୁ 'ଆତ୍ମଘୋଷିତ ବାବା' ଓ 'ବାବା ସଂସ୍କୃତି'ର କାରନାମା ଦେଶର ଆଧ୍ୟାତ୍ମିକ ଦୃଶ୍ୟପଟ୍ଟରେ ସମୟ ସମୟରେ ବିବାଦୀୟ ଅଧ୍ୟାୟ ଲେଖିଦେଇଛି।

ଧର୍ମନିରପେକ୍ଷ ଦେଶ ଭାରତରେ ବିଭିନ୍ନ ଧର୍ମାବଲମ୍ବୀ ଓ ସମ୍ପ୍ରଦାୟଙ୍କ ପାଇଁ ଧର୍ମାନୁଷ୍ଠାନର ଅଭାବ ନାହିଁ। ତଥାପି ଲୋକମାନେ ଆଧ୍ୟାତ୍ମିକ ପ୍ରବଚକ ଓ ବ୍ୟକ୍ତିତ୍ୱମାନଙ୍କୁ ଅନୁସରଣ, ବିଶ୍ୱାସ ଓ ପୂଜା କରନ୍ତି। ସାଧାରଣତଃ ଭାରତରେ ଯୋଗୀ ଓ ସାଧୁମାନଙ୍କୁ 'ବାବା' ଭାବରେ ବିବେଚନା କରାଯାଏ। ଏକ ପରିସଂଖ୍ୟାନ ଅନୁଯାୟୀ, ଭାରତରେ ୪୦ ଲକ୍ଷରୁ ଅଧିକ ସାଧୁ ସନ୍ଥ ଅଛନ୍ତି। ବେସରକାରୀ ଭାବେ ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ। ଭାରତରେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ଏହି ପରମ୍ପରା ଦେଶର ଇତିହାସ ଓ ସଂସ୍କୃତି ସହ ଗଭୀର ଭାବରେ ଜଡ଼ିତ। ସାଧୁସନ୍ଥମାନଙ୍କର ନିଜର ଜୀବନଶୈଳୀ ସହ କିଛି ଆତ୍ମପ୍ରଣୀତ ନିୟମ ଅଛି। ଜୀବନଚକ୍ରରୁ ମୁକ୍ତି ଲାଭ କରିବାର ନିଜସ୍ୱ ଉପାୟ ମଧ୍ୟ ଅଛି।

'ନୂତନ ଧର୍ମ ଆନ୍ଦୋଳନ' ବା ବିକଳ୍ପ ଆଧ୍ୟାତ୍ମିକତା ହେଉଛି ଧର୍ମ ଭିତରେ ଏକ ବିକଳ୍ପ। ଏହାକୁ ବୁଝିବାକୁ ହେଲେ ଏହାର ଆଧୁନିକ ଉତ୍ପତ୍ତି ବିଷୟରେ ଜାଣିବାକୁ ହେବ। ଏହାର ଉତ୍ପତ୍ତି ଦୁଇଟି ପୃଥକ ଧାର୍ମିକ ଘଟଣା ସହିତ ଜଡ଼ିତ। ପ୍ରଥମଟି ହେଉଛି ପ୍ରମୁଖ ଧର୍ମ ଯଥା ହିନ୍ଦୁ ଓ ଖ୍ରୀଷ୍ଟିଆନ ଆଦି ଇତ୍ୟାଦି ସହିତ ଆଦିବାସୀ ସଂସ୍କୃତି ଓ ସ୍ଥାନୀୟ ଧର୍ମର ଯୋଗାଯୋଗ ଏବଂ ବିନିମୟ କାରଣରୁ ନୂତନ ଧର୍ମ ଆନ୍ଦୋଳନ ଉତ୍ପତ୍ତି। ଦ୍ୱିତୀୟ, ଉତ୍ତର ଆଧୁନିକ ସମାଜରେ ନିୟମିତ ଘଟଣା। ନୂତନ ଧର୍ମର ଏହି ଆଧୁନିକ ରୂପ ପ୍ରତିଷ୍ଠିତ ତଥା ପାରମ୍ପରିକ ଧର୍ମ ଦର୍ଶନର ମିଶ୍ରଣ ପ୍ରକ୍ରିୟା ମାଧ୍ୟମରେ ସୃଷ୍ଟ। ଉଦାହରଣ ସ୍ୱରୂପ, ଏକ ଆକଳନ ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ୪୦-୪୫ ଟି ନୂତନ ଧାର୍ମିକ ଆନ୍ଦୋଳନ ସୃଷ୍ଟି ହୁଏ। ନୂତନ ଧର୍ମର ଉଦ୍ଦେଶ୍ୟ ହେଉଛି ସାମ୍ପ୍ରତିକ ଓ ପରିବର୍ତ୍ତିତ ସାମାଜିକ-ମାନସିକ ଆବଶ୍ୟକତାଗୁଡ଼ିକୁ ସମର୍ଥନ କରିବା ସହିତ ସେଗୁଡ଼ିକର ସମାଧାନର ବାଟ ଦେଖାଇବା। ବିଶ୍ୱରେ ଅନେକ ନୂଆ ଧାର୍ମିକ ଆନ୍ଦୋଳନ ସୃଷ୍ଟି ହୋଇଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶରେ ମାତ୍ର ଅଳ୍ପସଂଖ୍ୟକ ସଦସ୍ୟ ଥିବା ବେଳେ କେତେକରେ ହଜାର ହଜାର ଏବଂ ଆଉ କେତେକରେ ୧୦ ଲକ୍ଷରୁ ଅଧିକ ସଦସ୍ୟ ଅଛନ୍ତି।

ଆମ ଦେଶରେ ନୂଆ ଧାର୍ମିକ ଆନ୍ଦୋଳନ ପରିବର୍ତ୍ତେ ଲୋକମାନେ ଏକ ନୂତନ ସାମାଜିକ-ଧାର୍ମିକ ସମ୍ପ୍ରଦାୟ ବା କଲ୍ଟ କୁ ଅନୁସରଣ କରିବାକୁ ପସନ୍ଦ କରନ୍ତି। ଏହି ସମ୍ପ୍ରଦାୟକୁ ଏକ ଘନିଷ୍ଠ ଗୋଷ୍ଠୀ ଭାବରେ ବ୍ୟାଖ୍ୟା କରାଯାଇପାରେ, ଯାହା କିଛି ସାଧାରଣ ଧାର୍ମିକ ବିଷୟବସ୍ତୁ ଏବଂ ଆଗ୍ରହ ଉପରେ ସଂଗଠିତ ହୋଇଥାଏ। ଏଥିରୁ ହିଁ ଆତ୍ମଘୋଷିତ ବାବା ଓ ବାବା ସଂସ୍କୃତିର ଉତ୍ପତ୍ତି ହୁଏ। ସାମ୍ପ୍ରତିକ ପରିସ୍ଥିତିରେ 'ବାବା' ଶବ୍ଦଟି ପ୍ରାୟତଃ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱମାନଙ୍କୁ ବୁଝାଏ, ଯେଉଁମାନେ ଈଶ୍ୱରୀୟ ଶକ୍ତି କିମ୍ବା ବିଶେଷ ବୁଦ୍ଧିର ଅଧିକାରୀ ବୋଲି ଦାବି କରନ୍ତି। ବାବାଙ୍କ ଅନୁଗାମୀ ତାଲିକା ବହୁତ ଲମ୍ବା। ସେଲିବ୍ରିଟି, ରାଜନେତା, ସାଧାରଣ ଜନତାଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଶ୍ରଦ୍ଧାଳୁ ସେହି ତାଲିକାରେ ଅଛନ୍ତି। ବାବାମାନେ ପ୍ରାୟତଃ ଆଶ୍ରମ କିମ୍ବା ଆଧ୍ୟାତ୍ମିକ କେନ୍ଦ୍ର ପ୍ରତିଷ୍ଠା କରନ୍ତି, ଯେଉଁଠାରେ ସେମାନେ ମାର୍ଗଦର୍ଶନ କରନ୍ତି, ରୀତିନୀତି ସହ ବିଭିନ୍ନ ସାମାଜିକ ସେବା ମଧ୍ୟ କରନ୍ତି। ପରବର୍ତ୍ତୀ ସମୟରେ କେତେକ ସ୍ଥାନରେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠେ ଏବଂ ବାବାମାନେ ବିବାଦୀୟ ହୋଇପଡ଼ନ୍ତି। ପ୍ରଶ୍ନ ଉଠେ ଭାରତରେ ଏତେସଂଖ୍ୟାରେ ଲୋକମାନେ କାହିଁକି ବାବାମାନଙ୍କ ଜାଲରେ ଫସିଯାଆନ୍ତି? ଏହାର ପ୍ରଥମ ଉତ୍ତର ହେଉଛି ଜାତି ପ୍ରଥା। ଉତ୍ତମ ଜୀବନ ଜିଇଁବାର ରହସ୍ୟକୁ ନେଇ ଭିନ୍ନ ଭିନ୍ନ ଜାତି ଭିନ୍ନ ଭିନ୍ନ ମତ ପୋଷଣ କରିଥା'ନ୍ତି। ନିମ୍ନ କିମ୍ବା ଅବହେଳିତ ବର୍ଗ ସର୍ବଦା ସାମାଜିକ ସମାନତା, ମର୍ଯ୍ୟାଦା ଓ ନ୍ୟାୟ ସହିତ ଏକ ଉତ୍ତମ ଜୀବନର ଆଶା କରନ୍ତି। କେତେକାଂଶରେ ମିଛ ହୋଇପାରେ କିନ୍ତୁ ବାବାମାନେ ପ୍ରଚାର କରିବା ସମୟରେ କିଛି ଆଦର୍ଶଗତ ଭାବନା ଦିଅନ୍ତି, ଯାହାକୁ ଅନୁଗାମୀମାନେ ସମସ୍ୟାର ସମାଧାନ ଭାବରେ ଗ୍ରହଣ କରିନିଅନ୍ତି। ଦ୍ୱିତୀୟ, ବାବା ଓ ତାଙ୍କର ଅନୁଗାମୀମାନଙ୍କ ମଧ୍ୟରେ ସମ୍ପର୍କ ଜଣେ ଯାଦୁଗର ଓ ଦର୍ଶକ ଭଳି। ଅନୁଗାମୀମାନେ ନିଜ ଜୀବନରେ କିଛି ଚମତ୍କାର ପାଇବା ପାଇଁ ବାବାଙ୍କ ନିକଟତର ହୁଅନ୍ତି। ତୃତୀୟ, ଧର୍ମନିରପେକ୍ଷ ଗଣତନ୍ତ୍ରର ଅଗ୍ରଣୀ ରାଜନେତାମାନେ ଏହି ବାବାମାନଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବିବେଚନା କରନ୍ତି। ଏହା ମଧ୍ୟ ସତ୍ୟ ଯେ ସବୁ ରାଜନେତା ଏହି ସମ୍ପ୍ରଦାୟକୁ ସମର୍ଥନ କରନ୍ତି ନାହିଁ। ଶେଷରେ ଭାରତୀୟ ବାବାଙ୍କର ବିଜ୍ଞାପନ ଓ ମାର୍କେଟିଂ କୌଶଳ ବହୁତ ଭଲ। ଏହା ପରିଚାଳନା ରଣନୀତି ଓ ବାବାଙ୍କର ଏକ ଆଧ୍ୟାତ୍ମିକ ଯାତ୍ରାର ସୁନ୍ଦର ମିଶ୍ରଣ। ଏମିତି ଅନେକ ଦୃଷ୍ଟାନ୍ତ ଅଛି, ଯେଉଁଠି ବିଜ୍ଞାପନ ଦ୍ୱାରା ଅନେକ ବାବା ଧନୀ, ଶକ୍ତିଶାଳୀ ଓ ଲୋକପ୍ରିୟ ହୋଇଛନ୍ତି। ଭାରତରେ କିଛି ଧାର୍ମିକ ପ୍ରବଚକ ବାବା ପାଲଟିଯାଇଛନ୍ତି ତ ଆଉ କିଛି ଆତ୍ମଘୋଷିତ ବାବା ନିଜକୁ ଭଗବାନ ବୋଲି ଘୋଷଣା କରିସାରିଛନ୍ତି। ମନେ ରଖିବାକୁ ହେବ ଯେ ଯେପର୍ଯ୍ୟନ୍ତ ଏହି ବାବାମାନେ ନିଜକୁ ଭଗବାନଙ୍କ ରୂପ ବା ଅବତାର ବୋଲି ବର୍ଣ୍ଣନା ନ କରନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ଚାରିପାଖରେ ଲୋକପ୍ରିୟତା, ବ୍ୟବସାୟ ଓ ଗତିଶୀଳ ବଜାର ସୃଷ୍ଟି ହେବାର ସମ୍ଭାବନା ଖୁବ୍ କମ୍।



ଅଭିଯୋଗ ହୁଏ ଯେ ବାବାମାନେ ତାଙ୍କ କଲ୍ଟ ମାଧ୍ୟମରେ ଏକ ଧାର୍ମିକ ଏକଛତ୍ରବାଦୀ ଗୋଷ୍ଠୀ ଚଳାନ୍ତି, ଯାହା ଅନୁଗାମୀଙ୍କ ମନକୁ ନିୟନ୍ତ୍ରଣ କରିଥାଏ। ଏହାକୁ ସାଧାରଣତଃ 'ବ୍ରେନ୍ ୱାସ୍' ବୋଲି କୁହାଯାଏ। କିନ୍ତୁ ସମାଜବିଜ୍ଞାନୀ ଏଲିଏନ୍ ବାର୍କେରନ୍ ମନ୍ତବ୍ୟ ରଖନ୍ତି ଯେ ବାବା ସେମାନଙ୍କ ଅନୁଗାମୀମାନଙ୍କ ସଂଖ୍ୟାକୁ ବଜାୟ ରଖିବାରେ ଅକ୍ଷମ। କାରଣ ଅଧିକାଂଶ ଅନୁଗାମୀ ସାଧାରଣତଃ ମଧ୍ୟବିତ୍ତ ଶ୍ରେଣୀର, ସୁଖୀ ଓ ସୁରକ୍ଷିତ ପୃଷ୍ଠଭୂମିରୁ ଆସିଥା'ନ୍ତି। ସେହିପରି ଭାରତୀୟ ସମାଜବିଜ୍ଞାନୀଙ୍କ ମତରେ 'ଲୋକମାନେ ଅର୍ଥନୈତିକ, ସାମାଜିକ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଅସୁରକ୍ଷିତ। ଲୋକମାନେ ଜୀବନର ଅର୍ଥ ଖୋଜନ୍ତି। କିଛି ଚମତ୍କାର ହେବାର ନୂଆ ଆଶା ଓ ଅସୁରକ୍ଷିତ ଭାବନା ସେମାନଙ୍କୁ ବାବାମାନଙ୍କର ନିକଟତର କରୁଛି। ଏହାସହ ବେରୋଜଗାରୀ, ଭେଦଭାବ, ଅଜ୍ଞତା ଓ ନିରକ୍ଷରତା ଏହି ଘନିଷ୍ଠତାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ବିଶେଷଜ୍ଞଙ୍କ ମତ ଦିଅନ୍ତି। ଏମିତି ମଧ୍ୟ ଅନେକ ଉଦାହରଣ ରହିଛି, ଯେଉଁଠାରେ ଅନୁଗାମୀମାନେ ନିଜ ବାବାଙ୍କୁ ବଞ୍ଚାଇବା ପାଇଁ ଯେକୌଣସି ସୀମାକୁ ଯାଇପାରନ୍ତି। ଏଠାରେ ଦୁଇଟି ଉଦାହରଣ ନେବା। ୧୯୫୫ ମସିହାରେ ଆମେରିକାର ଜଣେ ତଥାକଥିତ ବାବା ଜିମ୍ ଜୋନ୍ସଙ୍କ ଦ୍ୱାରା ସ୍ଥାପିତ 'ପିପୁଲ୍ସ ଟେମ୍ପଲ ସମ୍ପ୍ରଦାୟ'ର ଅନୁଗାମୀମାନେ ବ୍ରେନ୍ ୱାସ୍ ଏବଂ ନିର୍ଯାତନାର ଶିକାର ହେଉଥିଲେ ବୋଲି ଅଭିଯୋଗ ହେଇଥିଲା। ଜୋନ୍ସ ଗୁୟାନାରେ ଜୋନ୍ସଟାଉନ ନାମକ ଏକ ନୂତନ ସହର ପ୍ରତିଷ୍ଠା କରି ଶତାଧିକ ଅନୁଗାମୀଙ୍କ ସହ ପଳାୟନ କରିଥିଲେ। ଜୋନ୍ସଟାଉନରେ ୧୯୭୮ ମସିହା ନଭେମ୍ବର ୧୮ ତାରିଖ ଦିନ ୯୦୯ ଜଣ ପୁରୁଷ, ମହିଳା ଓ ଶିଶୁଙ୍କୁ ବିଷ ପିଇବାକୁ ଦେଇ ହତ୍ୟା କରାଯାଇଥିଲା। ସେହିପରି ଭାରତରେ ଡେରାସଚ୍ଚାସୌଦାର ଗୁରମିତ ରାମ ରହିମଙ୍କ ଗିରଫ ବେଳେ ଦଙ୍ଗା ଭଳି ପରିସ୍ଥିତି ଉପୁଜିଥିଲା। ୨୫ ଅଗଷ୍ଟ ୨୦୧୭ରେ ରାମ ରହିମଙ୍କୁ ସ୍ୱତନ୍ତ୍ର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଦାଲତ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ଅନୁଗାମୀମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଥିଲେ। ପୁଲିସ୍ ସହ ସଂଘର୍ଷରେ ଅନେକ ଲୋକ ମୃତାହତ ହୋଇଥିଲେ। ଭାରତରେ ବାବାମାନଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ତାଲିକା ଖୁବ ଲମ୍ବା। ଆଶାରାମ ବାପୁ, ରାମପାଲ, ସ୍ୱାମୀ ଓମ, ନିର୍ମଳ ବାବା ଏବଂ ରାଧେ ମା'ଙ୍କ ସହ ୧୪ଜଣ ନକଲି ବାବାଙ୍କୁ କଳା ତାଲିକାଭୁକ୍ତ କରାଯାଇଛି। ବେଆଇନ କାର୍ଯ୍ୟକଳାପ ଏବଂ ଦୁର୍ନୀତିରେ ସମ୍ପୃକ୍ତ ଥିବା ଏହି ସ୍ୱୟଂଘୋଷିତ ଆଧ୍ୟାତ୍ମିକ ନେତାମାନଙ୍କ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହି ତାଲିକାର ଉଦ୍ଦେଶ୍ୟ। ସେହିପରି ଓଡ଼ିଶାରେ ମଧ୍ୟ ବିଭିନ୍ନ ସମୟରେ ଅନେକ ଆତ୍ମଘୋଷିତ ବାବାଙ୍କ ବିରୋଧରେ ଯୌନ ନିର୍ଯାତନା, ଠକାମୀ ଆଦିର ଅଭିଯୋଗ ଆସିଛି ଏବଂ ବିବାଦୀୟ ପରିସ୍ଥିତି ଉପୁଜିଛି।

ସମାଜବିଜ୍ଞାନୀମାନେ ବାବା ସଂସ୍କୃତିକୁ ଏକ ସାମାଜିକ ପ୍ରସଙ୍ଗ ଭାବେ ବିବେଚନା କରୁଛନ୍ତି। ୱାଶିଂଟନ ପୋଷ୍ଟରେ ଜଣେ ପ୍ରଖ୍ୟାତ ସାମ୍ବାଦିକ ତଥା ପୁଲିତ୍‌ଜର ପୁରସ୍କାର ବିଜେତା ସାଇମନ୍ ଡେନିୟର ମନ୍ତବ୍ୟ ରଖିଥିଲେ ଯେ ଭାରତୀୟ ଗୁରୁ, ଚମତ୍କାରୀ ବାବା ଏବଂ ଆଧ୍ୟାତ୍ମିକ ନେତାମାନେ ପ୍ରାୟତଃ ସାମୂହିକ ଭାବରେ ଭଗବାନ ଭାବରେ ପରିଚିତ ଜଣେ ଜଣେ ଶକ୍ତିଶାଳୀ ବ୍ୟକ୍ତିତ୍ୱ, ଯେଉଁମାନେ ବ୍ୟାବସାୟିକ ସାମ୍ରାଜ୍ୟକୁ ବିସ୍ତାର କରନ୍ତି, ରାଜନୀତିରେ ନିଯୋଜିତ ହୁଅନ୍ତି ଏବଂ ଗଣମାଧ୍ୟମକୁ ନିୟନ୍ତ୍ରଣ କରନ୍ତି। ବାବା ସଂସ୍କୃତିର ଭାରତୀୟ ସମାଜ ଉପରେ ଯଥେଷ୍ଟ ପ୍ରଭାବ ରହିଛି। ଗୋଟିଏ ପଟେ ଏହି ସଂସ୍କୃତି ଲକ୍ଷଲକ୍ଷ ଲୋକଙ୍କୁ ସାନ୍ତ୍ୱନା, ସେବା ଓ ମାର୍ଗଦର୍ଶନ ପ୍ରଦାନ କରେ। ଅପରପକ୍ଷେ ଶୋଷଣ, ଅନ୍ଧବିଶ୍ୱାସ ଓ ଦୁର୍ନୀତି ଭଳି ଏହି ସଂସ୍କୃତିର ଅନ୍ଧକାର ଦିଗଗୁଡ଼ିକ ଅଧିକ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଥାଏ। ବ୍ରିଟିଶ ସମାଜବିଜ୍ଞାନୀ ଜେମ୍ସ ଓରଥୋର ବେକଫୋର୍ଡଙ୍କର ବାବା ସଂସ୍କୃତି ଓ ସେମାନଙ୍କ ସମ୍ପ୍ରଦାୟ ବିଷୟରେ ଭିନ୍ନ ମତ ରହିଛି। ତାଙ୍କ ମତରେ ବାବା ସଂସ୍କୃତି ନକାରାତ୍ମକ କିମ୍ବା ଅସ୍ୱାସ୍ଥ୍ୟକର ନୁହେଁ। କାରଣ କାହା ଆଖିରେ ପବିତ୍ର ଦେଖାଯାଉଥିବା ସଂସ୍କୃତି ଅନ୍ୟ ଆଖିରେ ଅପବିତ୍ର ଦେଖାଯାଇପାରେ। ଭାରତରେ ବାବା ସଂସ୍କୃତି ଏକ ଜଟିଳ ଏବଂ ବହୁମୁଖୀ ଘଟଣା। ଏହା ଭାରତୀୟ ସମାଜର ଗଭୀର ଆଧ୍ୟାତ୍ମିକ ଧାରଣାକୁ ପ୍ରତିଫଳିତ କରିବା ସହିତ ଆହ୍ୱାନ ଓ ବିବାଦ ମଧ୍ୟ ସୃଷ୍ଟି କରେ। ଭାରତ ବିକାଶ ସହିତ ତାଳ ଦେଇ ଏହି ଆଧ୍ୟାତ୍ମିକ ଗୁରୁମାନଙ୍କ ଭୂମିକା ଭବିଷ୍ୟତରେ ମଧ୍ୟ ଗୁରୁତ୍ୱ ବହନ କରିବ ଏବଂ ବିତର୍କର ବିଷୟ ହୋଇ ରହିବ।

# ସବୁଜ ଭବିଷ୍ୟତର ପରିକଳ୍ପନା



ନବ୍‌ନିତ୍ ପାଣିଗ୍ରାହି
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବନୀକରଣ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ସହିତ ତା'ର ସୁରକ୍ଷା, କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାଛଡ଼ା ଉଜୁଡ଼ା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ ସୃଷ୍ଟି, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ଅଛି। ଚଳିତ ବର୍ଷ ବନୀକରଣ ଯୋଜନା ମାଧ୍ୟମରେ ବହୁଳ ସଂଖ୍ୟାରେ ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ସୌନ୍ଦର୍ଯ୍ୟ ବର୍ଦ୍ଧକ ବୃକ୍ଷ, ଅର୍ଥକାରୀ ଚାରାରୋପଣ କରି ଜଙ୍ଗଲ ମଧ୍ୟରେ ଏବଂ ଅଣଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି। ଏହିକ୍ରମରେ ଚଳିତ ବର୍ଷ ୫ କୋଟି ଗଛ ଲଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ବନମହୋତ୍ସବ ପାଳନ ଅବସରରେ ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ 'ମିଶନ ଶକ୍ତି' ପକ୍ଷରୁ ମହିଳାମାନେ ୪.୫ କୋଟି ଗଛ ଲଗାଇବେ। କୃଷିବିଭାଗ, ବନବିଭାଗ ଓ ବିଭିନ୍ନ ନର୍ସରୀ ଦ୍ୱାରା 'ମିଶନ ଶକ୍ତି'କୁ ଚାରା ଯୋଗାଇ ଦିଆଯିବ। ଏହାଛଡ଼ା ଚଳିତ ବର୍ଷ ହାତୀ ଖାଦ୍ୟ ପାଇଁ ତଥା ବଜ୍ରପାତରୁ ରକ୍ଷା କରିବା ପାଇଁ ଜଙ୍ଗଲ ଓ କୃଷି ବିଭାଗ ୧୯ ଲକ୍ଷ ତାଳ ଚାରା ରୋପଣ ପାଇଁ ନିଷ୍ପତ୍ତି ନେବା ସହିତ ଏହାର ଅବାଧ କଟା ଉପରେ କଟକଣା ଜାରି କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବନୀକରଣରେ ସାଧାରଣତଃ କେତୋଟି ସମସ୍ୟା ଦେଖାଯାଇଥାଏ। ସେଗୁଡ଼ିକ ହେଲା -ଚାରାରୋପଣ ପାଇଁ ସାର୍ବଜନୀନ ସ୍ଥାନର ଅଭାବ, ଗଛ ବଡ଼ ହେଲା ପରେ ଦୁର୍ବୃତ୍ତଙ୍କ ଦ୍ୱାରା ଗଛକୁ କାଟି ଆସବାବପତ୍ର ନିର୍ମାଣ ତଥା ଇନ୍ଧନ ରୂପେ ବ୍ୟବହାର, ପଶୁଙ୍କ ଦ୍ୱାରା ଗଛ ନଷ୍ଟ ହେବା, ସାର, ପାଣି ଇତ୍ୟାଦି ଅଭାବରୁ ଚାରାଗୁଡ଼ିକ ବଢ଼ି ନ ପାରି ନଷ୍ଟ ହୋଇଯିବା, ରୋଗ ପୋକ ଲାଗିବା, ବନାଗ୍ନି ଇତ୍ୟାଦି। ଏହି ପରିପ୍ରେକ୍ଷୀରେ କେତୋଟି ପଦକ୍ଷେପ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଅଛି।



ଚାରାରୋପଣଠାରୁ ଆରମ୍ଭ କରି ଗଛଗୁଡ଼ିକ ବଞ୍ଚାଇ ରଖିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ଅଛି। ବୈଷୟିକ ଜ୍ଞାନକୌଶଳ (ଏଆଇ) ଉପଯୋଗ କରି ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ ସାହାଯ୍ୟରେ ବନୀକରଣର ଆବଶ୍ୟକ ସ୍ଥାନକୁ ଚିହ୍ନଟ କରି ଡ୍ରୋନ୍ ମାଧ୍ୟମରେ ବିପୁଳ ପରିମାଣରେ ଏବଂ କମ୍ ସମୟ ମଧ୍ୟରେ ବିହନ ଗୁଳା ନିକ୍ଷେପ/ଚାରା ରୋପଣ କରାଯାଇ ପାରିବ। ଜଙ୍ଗଲର ଘନତାକୁ ବଢ଼ାଇବା କିମ୍ବା ଅଳ୍ପ ସମୟ ମଧ୍ୟରେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଦ୍ରୁତ ବଢୁଥିବା ବୃକ୍ଷ ପ୍ରଣାଳୀ (ଜାପାନୀ ଶୈଳୀ-ମିଆୱାକୀ) କୁ ଆପଣାଇ ଯାଇପାରିବ। ପରବର୍ତ୍ତୀ ଅବସ୍ଥାରେ ଏହାର ସ୍ଥିତିକୁ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ। ଡ୍ରୋନ୍ ଦ୍ୱାରା ବନୀକରଣର ସୀମା ଓ କ୍ଷେତ୍ରଫଳ ନିର୍ଦ୍ଧାରଣ, ଫସଲର ବୃଦ୍ଧି ତଥା ଅନ୍ୟ ଜୈବିକ ପ୍ରକ୍ରିୟା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ, ମୃତ୍ତିକା ଓ ଖେତର ବିଶ୍ଳେଷଣ, କୀଟନାଶକ, କବକନାଶକ, ସାର ଇତ୍ୟାଦିକୁ ଅତି ସହଜରେ, ନିରାପଦରେ ଏବଂ ଅଳ୍ପ ଖର୍ଚ୍ଚରେ ସିଞ୍ଚନ କରାଯାଇପାରିବ। ଜଙ୍ଗଲ ସୀମାରେ ସୌର ବାଡ଼ ନିର୍ମାଣ କରାଯାଇ ପାରିବ। ଗଛ କଟାଳୀ ଏବଂ ଶିକାରୀଙ୍କ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସିସିଟିଭି ଡ୍ରୋନ୍ ଦ୍ୱାରା ନିରୀକ୍ଷଣ କରାଯାଇପାରିବ। ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୩୬୦ ଡିଗ୍ରୀ ବୁଲି ପାରୁଥିବା ଆଇଆର କ୍ୟାମେରାର ପ୍ରୟୋଗ ଦ୍ୱାରା ନିଆଁ ଲାଗିଥିବା ସଠିକ ସ୍ଥାନ ନିରୂପଣ କରି ନିଆଁକୁ ଆୟତ୍ତ କରିବା ଏବଂ ଆବଶ୍ୟକ ସ୍ଥଳେ ନିଆଁ ଲିଭାଇବା ପାଇଁ ରୋବଟ୍ ବ୍ୟବହାର କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ବନ କର୍ମଚାରୀଙ୍କୁ ଡ୍ରୋନ୍ ସମ୍ବନ୍ଧରେ ପ୍ରଶିକ୍ଷଣ ଦେବାକୁ ପଡ଼ିବ। ଏଥିସହିତ ଚାରାରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବନ ସୁରକ୍ଷା ସହାୟକ ଗୋଷ୍ଠୀ ଗଠନ କରିବାର ଆବଶ୍ୟକତା ଅଛି। ଗ୍ରାମବାସୀ/ସ୍ଥାନୀୟ ବାସିନ୍ଦା/ସ୍ୱେଚ୍ଛାସେବୀ/ମିଶନ ଶକ୍ତି କର୍ମଚାରୀଙ୍କୁ ନିଯୁକ୍ତି ଓ ପାରିଶ୍ରମିକ ଭିତ୍ତିରେ ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ଦେଇ ଆକର୍ଷଣୀୟ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ନିହାତି ଆବଶ୍ୟକ।

ବୃକ୍ଷ ପ୍ରକୃତିର ଏକ ମୂଲ୍ୟବାନ ଉପହାର ଏବଂ ଅମ୍ଳଜାନ ବିତରଣର ଏକ ପ୍ରଧାନ ଉତ୍ସ। ବ୍ୟାପକ ଚାରାରୋପଣ ଦ୍ୱାରା ବାୟୁ ବିଶୋଧନ, ଜଳ ସଂରକ୍ଷଣ, ଜଳବାୟୁ ନିୟନ୍ତ୍ରଣ, ମାଟି ସଂରକ୍ଷଣ ଇତ୍ୟାଦି କାର୍ଯ୍ୟ ଅନାୟାସରେ ସମ୍ପାଦନ ହୋଇଥାଏ ଏବଂ ପ୍ରକୃତି ଓ ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ, ଅନେକ ଆଦିବାସୀ ପରିବାର ପ୍ରତିପୋଷଣ ପାଇଁ ବନଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି। ଚାରାରୋପଣର ଉପକାରିତା ବିଷୟରେ ଆବାଳବୃଦ୍ଧବନିତାଙ୍କୁ ସଚେତନ କରିବାର ଆବଶ୍ୟକତା ମଧ୍ୟ ରହିଛି। ଜଙ୍ଗଲ ବିଭାଗ ଓ ଆମେ ସମସ୍ତେ ମିଳିତ ଭାବେ ଉଦ୍ୟମ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ଦିଗରେ ଆଗେଇ ଆସିଲେ ସ୍ୱର୍ଗଠାରୁ ବଳି ଆମରି ଧରିତ୍ରୀ ମା' ସବୁଜ ବଳୟରେ ହସି ଉଠିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଅବଶିଷ୍ଟାଂଶ...

## ସରିଲା ଯାଞ୍ଚ...

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି । ତେବେ ଶୁକ୍ରବାର ମଧ୍ୟାହ୍ନ ସାଢେ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି ।

ବିଧି ମୁତାବକ ନବଦିନାତ୍ମକ ଯାତ୍ରାରେ ଆସି ଆଡପ ମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି । ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ । ତେବେ ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ । ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ । ଗୁରୁବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି । ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା । ହେଲେ ଗଇଁଠାଳ ଫିଟି ନ ଥିଲା । ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି । ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡିଲେ । ବିଭିନ୍ନ ପଥି ସେବନ କରି ଆରୋଗ୍ୟ ଲାଭ କଲେ । ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭାଇଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡପ ମଣ୍ଡପରେ ଅବସ୍ଥାନ କରିଛନ୍ତି । ବିରହ ବେଦନାରେ ଥିବା ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇ ନେବା ଲାଗି ଆସିଥିଲେ । ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ମହାଲକ୍ଷ୍ମୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ । ଏଥିରେ ରୋଷ କରି ଲକ୍ଷ୍ମୀ ସାଆନ୍ତାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶକୁ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡିଥିଲେ । ଫେରିବା ସମୟରେ ପନ୍ତି ଭୋଗ ଗ୍ରହଣ କରିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା । ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଶ୍ରୀଗୁଣ୍ଡିଚା ଅଭିମୁଖେ ବାହାରିଥିଲେ । ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଓ ଦହିପଟି ମଣୋହି କରିଥିଲେ । ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟ ବିଜୟ ଦ୍ୱାର ନିକଟକୁ ଆସିଥିଲେ । ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହିତ ଫେରି ନ ଥିଲେ । ଏହାପରେ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇଥିଲେ । ସେଠାରେ ରଥର କିଛି ଅଂଶ ଭାଙ୍ଗିଥିଲେ । ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ମହାନ ନୀତିକୁ ଭକ୍ତମାନେ ଦର୍ଶନ କରିଥିଲେ ।

## ପ୍ରଶ୍ନପତ୍ର ପ୍ରଘଟ...

ଅନ୍ୟପକ୍ଷରେ ଗୁରୁବାର ସୁପ୍ରିମକୋର୍ଟ ନିଟ୍ ବିଭ୍ରାଟ ନେଇ ଦାଖଲ ୩୮ ଆବେଦନ ଉପରେ ଶୁଣାଣିକୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖି ଦେଇଛନ୍ତି । କେନ୍ଦ୍ର ସରକାର ଏବଂ ଏନ୍‌ଟିଏ ପକ୍ଷରୁ ଦାଖଲ ସତ୍ୟପାଠ ଉପରେ ଆବେଦନକାରୀଙ୍କୁ ଜବାବ ଦାଖଲ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସମୟ ଦେଇଛନ୍ତି । ସିବିଆଇ ପକ୍ଷରୁ ଗୁରୁବାର ସୁପ୍ରିମକୋର୍ଟରେ ମାମଲାର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରାଯାଇଛି । ସୂଚନା ଅନୁଯାୟୀ ପ୍ରଶ୍ନପତ୍ର ସବୁଆଡ଼େ ନୁହେଁ, ବରଂ ଗୋଟିଏ ସ୍ଥାନରେ ପ୍ରଘଟ ହୋଇଥିବା ସିବିଆଇ ପକ୍ଷରୁ କୁହାଯାଇଛି । ଏଥିରେ କିଛି ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି । ପ୍ରଶ୍ନପତ୍ର ଅନ୍‌ଲାଇନରେ ମଧ୍ୟ ଭାଇରାଲ ହୋଇନାହିଁ ବୋଲି କୁହାଯାଇଛି ।

## ମାଷ୍ଟରମାଇଣ୍ଡ ଚିଣ୍ଟୁର...

ଏ ପର୍ଯ୍ୟନ୍ତ ସିବିଆଇ ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କଲାଣି । ପ୍ରଶ୍ନପତ୍ର ପ୍ରଘଟ ମାମଲା ସାମ୍ନାକୁ ଆସିବା ପରଠାରୁ ରକି ଫେରାର ଥିଲା । ତାକୁ ଧରିବା ପାଇଁ ପାଟନା ପୁଲିସ, ଆର୍ଥିକ ଅପରାଧ ଶାଖା ଏବଂ ସିବିଆଇ ଟିମ୍ ଲାଗିଥିଲା । ସେ ନାଳନ୍ଦା ଜିଲ୍ଲା ହିଲସାର ଗଜେନ୍ଦ୍ରବିଘା ଗ୍ରାମର ବାସିନ୍ଦା । ସେ ଗତ କିଛି ବର୍ଷ ହେଲା ରାଞ୍ଚିରେ ରେଷ୍ଟୋରାଁ ଚଳାଉ ଥିଲା । ଏବେ ସଞ୍ଜୀବ ମୁଖିଆଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ।

## ନାମଲେଖା ପୂର୍ବରୁ...

ରେସିଡେଣ୍ଟ ଏବଂ ଟ୍ୟୁଟର ଆଦି ପଦବୀରେ ୧୨୫ ଫାକଲ୍ଟି ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ନାମ ଲେଖାଇବା ପୂର୍ବରୁ ଜାତୀୟ ଆୟୁର୍ବିଜ୍ଞାନ ଆୟୋଗର ଏକ ଟିମ୍ ଜୁନ୍ ୨୪ ତାରିଖରେ ଯାଜପୁର ମେଡିକାଲ କଲେଜର ଭିତ୍ତିଭୂମି ତଦାରଖ କରିବାକୁ ଆସିଥିଲେ । ଯାଜପୁର ମେଡିକାଲ କଲେଜରେ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ୪୨୦ଶଯ୍ୟା ବିଶିଷ୍ଟ ହସ୍‌ପିଟାଲର ବ୍ୟବସ୍ଥା ରହିଛି । ଏଥି ସହ ଏନ୍‌ଏମ୍‌ସିର ଗାଇଡ୍‌ଲାଇନ୍ ମୁତାବକ, ପ୍ରାକ୍ଟିକାଲ ଲ୍ୟାବ୍, ୫୦୦୦ ପୁସ୍ତକ ରହିଥିବା ଅତ୍ୟାଧୁନିକ ଲାଇବ୍ରେରୀ, ୨୧ଟି ଜାତୀୟ ଓ ୯ଟି ଆର୍ନ୍ତଦେଶୀୟ ଜର୍ନାଲ ଥିବା ମେଡିକାଲ ରିସର୍ଚ୍ଚ ଜର୍ନାଲ ସେଣ୍ଟର, ମ୍ୟୁଜିୟମ ଥିଏଟର, ୪ଟି ଲେକଚର ଥିଏଟର, ଶବ୍ଦ ରୋଧୀ ଅଡିଟୋରିଅମ୍, ଡିଜିଟାଲ କ୍ଲାସ୍ ରୁମ, ଛାତ୍ରଛାତ୍ରୀ ନିବାସ ଓ ଅନ୍ୟାନ୍ୟ ଭିତ୍ତିଭୂମିକୁ ଯାଜପୁର ମେଡିକାଲ କଲେଜ ପରିସରରେ ପ୍ରତିନିଧି ଦଳ ଅନୁଧ୍ୟାନ କରିଥିଲେ ।

୧୦୦ ସିଟ୍ ବିଶିଷ୍ଟ ଯାଜପୁର ମେଡିକାଲ କଲେଜରେ ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖା ନିମନ୍ତେ ଗତ ୧୦.୫.୨୩ରେ ଏସେନସିଆଲ ସାର୍ଟିଫିକେଟ୍ (ଇସି) ମିଳିଥିଲା । ଏନ୍‌ଏମସିର ମାପକାଠି ଓ ବିଭିନ୍ନ ସର୍ତ୍ତକୁ ପୂରଣ କରିବା ନିମନ୍ତେ ରାଜ୍ୟ ସରକାର ଆଙ୍କୁଲା, ବିନ୍ଧାଣ ଓ କିଆନାଳି କୂଳ ଅଞ୍ଚଳରେ ୪୦ ଏକର ଜମିକୁ ଯାଜପୁର ମେଡିକାଲ କଲେଜ ପାଇଁ ଉପଯୋଗ କରିଛି । ଏହି ଜମିରେ ମେଡିକାଲ କଲେଜର ପ୍ରଶାସନିକ ଭବନ, ଶିକ୍ଷା ପ୍ରକୋଷ୍ଠ, ୩୦୦ ବେଡ୍‌ର ଅତ୍ୟାଧୁନିକ ହସ୍‌ପିଟାଲ, ୫ ଶହ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ୍, ଡାକ୍ତର ଓ କର୍ମଚାରୀଙ୍କ ପାଇଁ ବାସଗୃହ ଆଦି ନିର୍ମାଣ ସରିଛି । ଯାଜପୁର ମେଡିକାଲ କଲେଜ ପୂର୍ବ ଭାରତର ଅଗ୍ରଣୀ ଗ୍ରୀନ୍ ଥିମ୍ ମେଡିକାଲ କଲେଜ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିଥିବା ବେଳେ ଯାଜପୁର ମେଡିକାଲ କଲେଜର ସିଟ୍ ସଂଖ୍ୟା ୫୦କୁ ହ୍ରାସ ହେବା ଘଟଣା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି ।

## ତାଳଗଛ ଭରସାରେ...

ତାହା ବଜ୍ରପାତ ମୃତ୍ୟୁ ରୋକିବାରେ ବିଫଳ ହୋଇଛି । ବର୍ତ୍ତମାନ ପ୍ରତିବର୍ଷ ହାରାହାରି ବଜ୍ରପାତ ଯୋଗୁଁ ୩୦୦ ଲୋକ ପ୍ରାଣ ହରାଉଛନ୍ତି । ହେଲେ ରାଜ୍ୟ ସରକାର କେବଳ ତାଳ ଗଛକୁ ଭରଷା କରି ବଜ୍ରପାତ ମୃତ୍ୟୁ ରୋକିବାକୁ ଯୋଜନା କଲେ ଏହା ସଫଳ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଗୋଟିଏ ତାଳଗଛ ନିର୍ଦ୍ଦିଷ୍ଟ ଉଚ୍ଚତା ଓ ସଠିକ୍ ଅବସ୍ଥାକୁ ଆସିବା ପାଇଁ ୨୦-୨୫ ବର୍ଷ ଲାଗିଥାଏ । ତେଣୁ ରାଜ୍ୟରେ ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ସରକାରଙ୍କୁ ତୁରନ୍ତ ପଦକ୍ଷେପର ଆବଶ୍ୟକତା ରହିଛି । ଅନ୍ୟ ବିପର୍ଯ୍ୟୟଗୁଡ଼ିକରେ ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ସଫଳତା ବହୁ ଆଗରେ ରହିଛି । ମାତ୍ର ବଜ୍ରପାତ ଜନିତ ମୃତ୍ୟୁ ରାଜ୍ୟ ପାଇଁ ଲଗାତାର ଭାବେ ଆହ୍ୱାନ ଛିଡ଼ା କରିବାରେ ଲାଗିଛି । ଯଦିଓ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସଚେତନତା ଓ ସୁରକ୍ଷିତ ରହଣି ଦ୍ୱାରା ହିଁ ବଜ୍ରପାତ ମୃତ୍ୟୁକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି, ତେଣୁ ଏହି କ୍ଷେତ୍ରକୁ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି କୁହାଯାଉଛି । ସାଧାରଣତଃ ବଜ୍ରପାତ ହେବା ପରେ ପ୍ରଥମେ ଏହା ଏକ ଉଚ୍ଚ ସ୍ଥାନକୁ ହିଁ ହିଟ୍ କରିଥାଏ । ଏହି କାରଣରୁ ତାଳଗଛ ସବୁଠ ଉଚ୍ଚ ପର୍ଯ୍ୟନ୍ତ ଲମ୍ବିଥିବାରୁ ଏହା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ସହାୟକ ହୋଇଥାଏ । ତେବେ ଏହାକୁ ଦୀର୍ଘ ମିଆଦି ଯୋଜନା ଭାବେ ଗ୍ରହଣ କରି ବର୍ତ୍ତମାନର ଆହ୍ୱାନ କିପରି ମୁକାବିଲା କରାଯାଇପାରିବ ତାହାକୁ ଗୁରୁତ୍ୱ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ବଜ୍ରପାତ ମୃତ୍ୟୁ ହ୍ରାସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ମୁଖ୍ୟତଃ ଗଛମୂଳେ ଆଶ୍ରୟ ନେଇ ଲୋକ ପ୍ରାଣହାନିର ଶିକାର ହେଉଥିବା ବେଳେ ବିଲରେ ଚାଷ କରୁଥିବା ବେଳେ ମଧ୍ୟ ବହୁ ଲୋକ ବଜ୍ରପାତରେ ପ୍ରାଣ ହରାଉଛନ୍ତି । ତେଣୁ ଏହି ବର୍ଗଙ୍କୁ କିପରି ବଜ୍ରପାତରୁ ସୁରକ୍ଷା ଦିଆଯାଇପାରିବ ସେନେଇ ବ୍ୟାପକ ସଚେତନତା ଆବଶ୍ୟକତା ରହିଛି । ବର୍ତ୍ତମାନ ବଜ୍ରପାତ ଜନିତ ଆକଳନ କେବଳ ଜିଲ୍ଲାୱାରୀ କରାଯାଉଛି । ମାତ୍ର ନିର୍ଦ୍ଦିଷ୍ଟ ଭାବେ କେଉଁ ଅଞ୍ଚଳରେ ବଜ୍ରପାତର ପ୍ରଭାବ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ଯାହାଦ୍ୱାରା ଲୋକେ ରାଜ୍ୟ ସରକାରଙ୍କ ଆକଳନକୁ ଅଣଦେଖା କରୁଛନ୍ତି । ତେଣୁ ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳୱାରୀ କିପରି ବଜ୍ରପାତକୁ ନେଇ ଆକଳନ ସମ୍ପର୍କରେ ସୂଚନା ଦିଆଯିବା ସେ ନେଇ ପଦକ୍ଷେପ ନେଲେ ହିଁ ବଜ୍ରପାତ ମୃତ୍ୟୁ ରୋକିବା କ୍ଷେତ୍ରରେ ଫଳପ୍ରଦ ହୋଇପାରିବ ବୋଲି ସେ କହିଛନ୍ତି । ସୂଚନା ଥାଉ କି ୨୦୧୭-୧୮ରେ ରାଜ୍ୟରେ ସର୍ବାଧିକ ୪୭୪ ଜଣଙ୍କ ଜୀବନ ବଜ୍ରପାତରେ ଯାଇଥିଲା । ୨୦୨୧ରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିଲା । ସେହି ବର୍ଷ ରାଜ୍ୟରେ ୨୧୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିଲା । ତେବେ ୨୦୨୩ରେ ୨୮୫ ଜଣଙ୍କର ଜୀବନ ଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଉ ମନ ଇଚ୍ଛା ତାଳ ଗଛ କଟାଯାଇପାରିବ ନାହିଁ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉଭୟ ସରକାରୀ ଓ ବ୍ୟକ୍ତିଗତ ସ୍ତରରେ ତାଳଗଛ କାଟିବା ପାଇଁ ମଧ୍ୟ ସାଧାରଣ ଲୋକଙ୍କୁ ଅନୁମତି ଆବଶ୍ୟକ ହେବ ଓ ଏହାସହିତ ରାଜ୍ୟରେ ଚଳିତ ବର୍ଷ ବନ ବିଭାଗ ୧୯ ଲକ୍ଷ ତାଳ ଗଛ ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି ।

## ନିଜେ ଦାୟିତ୍ୱ...

ସରକାରଙ୍କ ଏପରି ଆଭିମୁଖ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି । ଏହି ସମୟରେ ଘଟଣାକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ନବୀନ ଏହି ଘଟଣା ଯେପରି ପୁନର୍ବାର ଭବିଷ୍ୟତରେ ପୁନରାବୃତ୍ତି ନ ହେବ ତାହାକୁ ସୁନିଶ୍ଚିତ କରନ୍ତୁ ବୋଲି ଅନୁରୋଧ କରିଛନ୍ତି । ନବୀନ ଚିଠିରେ ଲେଖିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ । ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ । ସେ ହେଉଛନ୍ତି ଏ ଜାତିର ମଉଡମଣି । ଜଗତର ନାଥ ଜଗନ୍ନାଥ । ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ ନେବା ପାଇଁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ଆସି ପୁରୀ ଧାମରେ ସମ୍ମିଳିତ ହୋଇଥାନ୍ତି । ସାରା ବିଶ୍ୱର କୋଣ ଅନୁକୋଣରେ ରଥଯାତ୍ରା ବିପୁଳ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଇଥାଏ । ଏତଦ୍ ବ୍ୟତୀତ ଟିଭି ଓ ସାମାଜିକ ଗଣମାଧ୍ୟମ ଜରିଆରେ ସାରା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ମହାପ୍ରଭୁଙ୍କର ଏହି ମାନବୀୟ ଲୀଳାକୁ ସଂଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଥାନ୍ତି । ମାତ୍ର ଚଳିତବର୍ଷ ଆଡପ ମଣ୍ଡପକୁ ବଡ ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା, ତାହା ସାରା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି । ମୁଁ ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ । ମହାପ୍ରଭୁ ହେଉଛନ୍ତି ଓଡ଼ିଆ ଜାତିର ଇଷ୍ଟ । ତାଙ୍କର ପହଣ୍ଡି ବେଳେ ଏଭଳି ଅଘଟଣ ଅଶୃତପୂର୍ବ । ଚାରମାଳରେ ପହଣ୍ଡି ସମୟରେ ବଡ ଠାକୁର ମୁହଁ ମାଡି ପଡ଼ି ଯିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ । ରଥଯାତ୍ରାର ହଜାର ହଜାର ବର୍ଷର ପରମ୍ପରାରେ ଏଭଳି ଘଟଣା କେବେ ଘଟି ନଥିଲା । ଆଖିରେ ଦେଖି ମଧ୍ୟ ଏଭଳି ଅଘଟଣକୁ ବିଶ୍ୱାସ କରି ହେଲାନାହିଁ । ଏଭଳି ସ୍ପର୍ଶକାତର ବିଷୟରେ ରାଜ୍ୟ ମନ୍ତ୍ରିମଣ୍ଡଳର କିଛି ସଦସ୍ୟ ଯେଭଳି ହାଲୁକା ମନ୍ତବ୍ୟ ଦେଲେ, ତାହା ଜଗନ୍ନାଥ ପ୍ରେମୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଭକ୍ତର ଭାବାବେଗକୁ ଗଭୀର ଆଘାତ ଦେଇଛି । ସରକାରଙ୍କର ଏଭଳି ଅଭିମୁଖ୍ୟ ଜଗନ୍ନାଥ ପ୍ରେମୀଙ୍କୁ ଆଶ୍ୱସ୍ତ କରିବାରେ ସମର୍ଥ ହେଲାନାହିଁ । ମହାପ୍ରଭୁ ହେଉଛନ୍ତି ଓଡ଼ିଆ ଜାତିର ମୁରବୀ । ଆମ ବିଶ୍ୱାସର କେନ୍ଦ୍ରବିନ୍ଦୁ । ଏହି ପରିପ୍ରେକ୍ଷୀରେ ଆପଣ ନିଜେ ଦାୟିତ୍ୱ ନେଇ ଏଭଳି ଅଘଟଣ ଯେଭଳି ପୁନରାବୃତ୍ତି ନ ଘଟିବ ତାହା ସୁନିଶ୍ଚିତ କରିବେ । ମୋର ବିଶ୍ୱାସ ଏ ଦିଗରେ ଆପଣଙ୍କ ଦୃଷ୍ଟାନ୍ତମୂଳକ ପଦକ୍ଷେପ କୋଟି କୋଟି ଭକ୍ତଙ୍କୁ ଆଶ୍ୱସ୍ତ କରିବାରେ ସହାୟକ ହେବ ବୋଲି ନବୀନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଆଶାବ୍ୟକ୍ତ କରିଛନ୍ତି ।

## ଆପଣଙ୍କ ପରାମର୍ଶ...

ଜଗତର ନାଥ ଜଗନ୍ନାଥ କେବଳ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ନୁହନ୍ତି, ସେ ସାରା ଜଗତ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ନାଥ ଅଟନ୍ତି । ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମିଳିତ ସମାହାର । ତାଙ୍କର ପୂଜନ ବିଧି ବ୍ୟବସ୍ଥା ସାରା ଜଗତରେ ବିରଳ । ଚଳିତ ବର୍ଷ ଆଡପ ମଣ୍ଡପକୁ ବଡ଼ ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା ସେଥିରେ ସାରା ଜଗତ ଦୁଃଖିତ । ଆପଣ ଏ ଘଟଣାରେ ମର୍ମାହତ ହେବା ସ୍ୱାଭାବିକ; ମୁଁ ମଧ୍ୟ ଗଭୀର ଭାବେ ମର୍ମାହତ । ଆଡପ ମଣ୍ଡପ ପହଣ୍ଡି ବିଜେ ସମୟରେ ହୋଇଥିବା ଅଘଟଣ ବିଷୟରେ ଜାଣିବା ପରେ ମୁଁ ଉପ-ମୁଖ୍ୟମନ୍ତ୍ରୀ ପ୍ରବାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତୁରନ୍ତ ପୁରୀ ଯିବାକୁ ନିର୍ଦ୍ଦେଶ ଦେବା ସହ ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନଘଟିବ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଛି । ଏ ସମ୍ବନ୍ଧରେ ଆପଣ ମୋତେ ଲେଖିଥିବା ପତ୍ରକୁ ମୁଁ ଗୁରୁତର ସହ ପାଠ କରିଛି । ଆମେ ସମସ୍ତେ ମିଶି ଚତୁର୍ଦ୍ଧାମୂର୍ତ୍ତିଙ୍କର ସମସ୍ତ ସେବା ଓ ଶ୍ରୀଗୁଣ୍ଡିଚା ଯାତ୍ରା ସଠିକ୍ ଭାବେ ସମ୍ପନ୍ନ କରିବା । ଆପଣଙ୍କ ପରାମର୍ଶ ମୋ ପାଇଁ ସବୁବେଳେ ସମ୍ମାନର ସହ ଗ୍ରହଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଉତ୍ତରରେ କହିଛନ୍ତି ।

## ଭାରତରେ ଆତ୍ମହତ୍ୟା...

ଗୁରୁତର ହେଲେ ତାହା ବ୍ୟାକୁଳତାରେ ପରିଣତ ହୁଏ ଓ ଶେଷରେ ଅବସାଦ ଆସିଥାଏ । ଅବସାଦ ଆତ୍ମହତ୍ୟା ପାଇଁ ଦ୍ୱାର ଖୋଲିଥାଏ । ଯେଉଁମାନେ ଆତ୍ମହତ୍ୟା କରିଥାନ୍ତି ସେମାନଙ୍କ ମଧ୍ୟରୁ ୫୦ରୁ୯୦%ଙ୍କର ମାନସିକ ବିକୃତି ରହିଥାଏ । ଯୁବାବସ୍ଥାରେ ଆତ୍ମହତ୍ୟା କରୁଥିବା ବ୍ୟକ୍ତି ପ୍ରଚଣ୍ଡ ମାନସିକ ଚାପ ସହ୍ୟ କରିନପାରି ଆତ୍ମହତ୍ୟା କରିଥାନ୍ତି । ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇନପାରି ମଧ୍ୟ କିଛି ଲୋକ ଆତ୍ମହତ୍ୟା ପଥ ବାଛିଥାନ୍ତି । ଦୁରାରୋଗ୍ୟ ବ୍ୟାଧିରେ ଯନ୍ତ୍ରଣା ଭୋଗୁଥିବା ଲୋକ ମଧ୍ୟ ଆତ୍ମହତ୍ୟାକୁ ବାଛିଥାଏ । ଯୁବାବସ୍ଥାରେ ଚାକିରି ନପାଇ ଛଟପଟ ହେଉଥିବା ବ୍ୟକ୍ତି ମଧ୍ୟ ଆତ୍ମହତ୍ୟା କରିଦେବା ଭଲ ବୋଲି ନିଷ୍ପତ୍ତି ନେଇଥାଏ । ଅତି ପ୍ରୀୟଜନଙ୍କୁ ହରାଇବା ଦୁଃଖ ସହି ନପାରି କେତେକ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥାନ୍ତି । ଏକାକିତ୍ୱ ଓ ସମାଜରୁ ବିଚ୍ଛିନ୍ନ ରହୁଥିବା ଲୋକ ଭିତରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ଦେଖାଦିଏ ବୋଲି କହିଛନ୍ତି ସାଇକିଆଟ୍ରିଷ୍ଟ ଓ ଲିଭ, ଲଭ, ଲାଫ୍ ର ଅଧକ୍ଷ ଶ୍ୟାମ ଭଟ୍ଟ । ଭାରତରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଉଦ୍‌ବେଗର ବିଷୟ ଓ ଏହାକୁ ଅଣଦେଖା କରାନଯାଇ ପ୍ରତିକାର ଉପାୟ ଖୋଜାଯିବା ଦରକାର ବୋଲି କହିଛନ୍ତି ସମ୍ଭାବୀ ଜଇମନ । ଜଇମନ ଗୁରୁଗ୍ରାମରେ ଥିବା ଫର୍ଟିସ ମେମୋରିଆଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ କନସଲଟାଣ୍ଟ ସାଇକିଆଟ୍ରିଷ୍ଟ ଅଛନ୍ତି ।

## କେବଳ ତଦନ୍ତ...

ବୋଲି ଭର୍ତ୍ତୃହରି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରଥରେ କେଉଁମାନେ ଚଢ଼ିପାରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । କେଉଁମାନେ ପହଣ୍ଡି ନୀତି କରାଇବେ, ଉକ୍ତ ସେବାୟତମାନେ ପୂର୍ବରୁ ଚିହ୍ନଟ ହୋଇଥା'ନ୍ତି । କାହିଁକି ଏହି ବ୍ୟବସ୍ଥାର କାର୍ଯ୍ୟକାରୀ ହେଲାନାହିଁ, ପ୍ରଶାସନ ସେନେଇ ଧ୍ୟାନ ଦେବା ଉଚିତ୍ ବୋଲି ଶ୍ରୀ ମହତାବ କହିଛନ୍ତି ।

● ଉଲିବୁରୁ ଖଣି ଦୁର୍ନୀତି ସହ ପିଏମ୍‌ଏଲ୍‌ଏ ଆଇନରେ ମାମଲା ଚାଲିବା ପ୍ରସଙ୍ଗ

# ଦୁଇ ଆବେଦନ ହାଇକୋର୍ଟରେ ଖାରଜ

**କଟକ, ୧୧।୭(ସମିସ):** ଉଲିବୁରୁ ଖଣି ଦୁର୍ନୀତି ସହ କଳାଧନ କାରବାର ଜଡିତ ଅଭିଯୋଗ ପ୍ରସଙ୍ଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଚାଲେଞ୍ଜ କରି ଦାୟର ଦୁଇ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ପିଏମଏଲଏ ଆଇନର ଧାରା ୮ ଅନୁସାରେ ମାମଲାକୁ ବିରୋଧ କରି ହରିଚରଣ ଗୁପ୍ତା ଓ ଦୀପକ ଷ୍ଟିଲ ଆଣ୍ଡ ପାୱାଲ ଲିମିଟେଡ ତରଫରୁ ଦାୟର ଆବେଦନକୁ ଜଷ୍ଟିସ କେ.ଆର.ମହାପାତ୍ର ଖାରଜ କରିଦେଇଛନ୍ତି । ଅନ୍ୟପଟରେ ଏହି ଆଇନ ଅନୁସାରେ ହୋଇଥିବା ମାମଲାରେ ପ୍ରାଧିକୃତ ଅଧିକାରୀ ଆଗେଇ ପାରିବେ ବୋଲି ହାଇକୋର୍ଟ କହିଛନ୍ତି । ସେହିପରି ଆବେଦନକାରୀ ଚାହିଁଲେ ୧୦ ଦିନ ଭିତରେ ଜବାବ ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି । ଏହି ମାମଲାରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ମଧ୍ୟ ହାଇକୋର୍ଟ ଉଠାଇ ଦେଇଛନ୍ତି । ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ସହିତ ଜଡିତ ଦୁଇ ଆବେଦନକାରୀଙ୍କ ବିରୋଧରେ କଳାଧନ କାରବାର ଉପରେ ରୋକ ସମ୍ପର୍କିତ ପିଏମଏଲଏ ଆଇନ, ୨୦୦୨ ଅନୁସାରେ ମାମଲା ରୁଜୁ ହୋଇଥିଲା । ପିଏମଏଲଏ ମାମଲା ଓ କାରଣ ଦର୍ଶାଅ ନୋଟିସକୁ ଚାଲେଞ୍ଜ କରି ହାଇକୋର୍ଟରେ ଦୁଇଟି ପୃଥକ୍ ଆବେଦନ ଦାୟର ହୋଇଥିଲା । କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ମାମଲାର ଶୁଣାଣି ଶେଷ ପର୍ଯ୍ୟନ୍ତ ପିଏମଏଲଏ ଆଇନ ମାମଲାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା ।

XXI-25

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAA-MBJ-0017-2023-20151 R&DM, Dated 28.06.2024**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଶାଟଶଗଡିଆ**, ଥାନା- ବୈଶିଙ୍ଗା (ନଂ. ୨୧୧), ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଓ ଶାଟଶଗଡିଆ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୪୨୯୩୮ ତା. ୦୭.୧୨.୨୦୨୩** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ଶାଟଶଗଡିଆ**, ଥାନା- ବୈଶିଙ୍ଗା (ନଂ. ୨୧୧), ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ଲକ୍ଷ୍ମୀପୋଷି, ବାରିପଦା, ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: - ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶାଟଶଗଡିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୮.୩୬ | ଏକର ୧.୬୩ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)**

**ଜିଲ୍ଲା:- ମୟୂରଭଞ୍ଜ** **ତହସିଲ: - ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ- ୦୫.୦୧.୨୦୨୪ ।**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୦୫/୨୩
ଏ. ୧.୬୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଓ ଶାଟଶଗଡିଆ ସବ୍-ମାଇନର ନିମନ୍ତେ
ମୌଜା- ଶାଟଶଗଡିଆ ଥାନା-ବୈଶିଙ୍ଗା, ନଂ-୨୧୧, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ ଓ ସତ୍ତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 11 | 173 | 0.36 | 0.06 | ଶାରଦ ଦୁଇ | ଉମାକାନ୍ତ ମହାନ୍ତ ପି: କ୍ଷେତ୍ର ମୋହନ ମହାନ୍ତ, ବୈରାଗି ମହାନ୍ତ ପି: ଦୁବରାଜ ମହାନ୍ତ, ପ୍ରସାଦ ମହାନ୍ତ ପି: ଘାସିଆ ମହାନ୍ତ, ହେମ ମହାନ୍ତ ପି: ସନାତନ ମହାନ୍ତ, ପ୍ରେମଚାନ୍ଦ ମହାନ୍ତ ପି: ହଳଧର ମହାନ୍ତ, ଯଇରାମ ମହାନ୍ତ ପି: ନାରଣ ମହାନ୍ତ, ନଳକଣ୍ଠ ମହାନ୍ତ, ହଳଧର ମହାନ୍ତ, ସରଦାର ମହାନ୍ତ ପି: ଛୋଟୁ ମହାନ୍ତ, ଦେବେନ୍ଦ୍ର ମହାନ୍ତ ପି: ଚୈତନ ମହାନ୍ତ, ସତ୍ରୁଘନ ମହାନ୍ତ ପି: ଗଦାଧର ମହାନ୍ତ, କ୍ଷୁଦ୍ର ମହାନ୍ତ ପି: ପରିକ୍ଷିତ ମହାନ୍ତ ଜା: କୁଡୁମି ବା: ରାଘବପୁର |
| 38 | 180 | 0.05 | 0.03 | ଶାରଦ ଦୁଇ | ଚନ୍ଦ୍ର ମୋହନ ମହାନ୍ତ, ଆନନ୍ଦ ମହାନ୍ତ, ବୃନ୍ଦାବନ ମହାନ୍ତ, ଶ୍ରୀନାଥ ମହାନ୍ତ ପି: ଜିତା ମହାନ୍ତ ଜା: କୁଡୁମି ବା: ରାଘବପୁର |
| | 183 | 0.40 | 0.10 | ଶାରଦ ଦୁଇ | |
| 167/1 | 169 | 0.70 | 0.13 | ଶାରଦ ଦୁଇ | ସନାତନ ମହାନ୍ତ ପି: ନିଳକଣ୍ଠ ମହାନ୍ତ, ହଳଧର ମହାନ୍ତ, ସର୍ଦ୍ଦାର ମହାନ୍ତ ପି: କ୍ଷୁଦୁଆ ମହାନ୍ତ ଜା: କୁଡୁମି ବା: ସାରଦା |
| 167/5 | 168 | 0.50 | 0.08 | ଶାରଦ ଦୁଇ | ଜୟରାମ ମହାନ୍ତ ପି:ନାରଣ ମହାନ୍ତ ଜା: କୁଡୁମି କ୍ଷତ୍ରିୟ ବା: ଦେମୁରୁବହର |
| 167/6 | 174 | 1.24 | 0.01 | ଶାରଦ ଦୁଇ | ପ୍ରେମଚାନ୍ଦ ମହାନ୍ତ ପି:ହଳଧର ମହାନ୍ତ ଜା: କୁଡୁମି ବା: ରାଘବପୁର |
| 165/7 | 190 | 0.12 | 0.02 | ଶାରଦ ଦୁଇ | କ୍ଷୁଦ୍ର ମହାନ୍ତ ପି:ପରିକ୍ଷିତ ମହାନ୍ତ ଜା: କୁଡୁମି ବା: ଦେମୁରୁ ବହର |
| 165/8 | 184 | 0.30 | 0.03 | ଶାରଦ ଦୁଇ | ଦଶରଥ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ସୂର୍ଯ୍ୟ ମଦନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ ପି: ଆନନ୍ଦ ମହାନ୍ତ ଜା: କୁଡୁମି କ୍ଷତ୍ରିୟ ବା: ରାଘବପୁର |
| | 185 | 0.28 | 0.09 | ଶାରଦ ଦୁଇ | |
| | 186 | 0.37 | 0.13 | ଶାରଦ ଦୁଇ | |
| | 188 | 0.34 | 0.12 | ଶାରଦ ଦୁଇ | |
| 165/10 | 182 | 0.49 | 0.14 | ଶାରଦ ଦୁଇ | ବାଇଧର ମହାନ୍ତ, ଶ୍ରୀଧର ମହାନ୍ତ, ଗୋରାଚାନ୍ଦ ମହାନ୍ତ, ସହଦେବ ମହାନ୍ତ ପି: ସ୍ୱାଇଦୁ ମହାନ୍ତ ଜା: କୁଡୁମି ବା: ରାଉତରା |
| 159/14 | 189 | 0.13 | 0.03 | ଶାରଦ ଦୁଇ | ନରେନ୍ଦ୍ର ରାଏ ପି:ମଥୁରା ରାଏ ଜା: ରାଜୁଆଡ଼ ବା: ନିଜଗାଁ |
| 159/25 | 223/611 | 2.40 | 0.54 | ଶାରଦ ଦୁଇ | ବଳରାମ ମହାନ୍ତ ପି:ଗୋପାଳ ମହାନ୍ତ ଜା: କୁଡୁମି ବା: ଡମ୍ବରୁ ବହର ଥାନା- ବଇଶିଙ୍ଗା |
| 159/32 | 172 | 0.68 | 0.12 | ଶାରଦ ଦୁଇ | ଧନଞ୍ଜୟ ମହାନ୍ତ, ବୈଦ୍ୟନାଥ ମହାନ୍ତ, ହଳଧର ମହାନ୍ତ ପି: କୁଶ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୧୫ ପ୍ଲଟକୁ | ଏ. ୮.୩୬ ହେ.ମି. | ଏ. ୧.୬୩ ହେ.ମି. | | |

OIPR-24001/14/0072/2425

| AMIN | REV-INSPECTOR | Zone Officer-I cum-L.A. Collector | Spl. Land Acquisition Officer |
|---|---|---|---|
| Baripada Zone | ZONE-I, BARIPADA | S.I.P., Baripada Zone | S.I.P., Baripada Zone |

**ODISHA HYDRO POWER CORPORATION LTD.** CAD-528
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 232581(O) / 232641(R), FAX No. 06861 - 232541.
E-mail : unit.head_balimela@yahoo.com/ bhep.balimela@gmail.com

'E'-PROCUREMENT NOTICE INVITING TENDER NO. BHEP/09/2024-25 DATED 01.07.2024

Invites percentage rate bids in **double cover** system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'B' & 'A' class Civil Contractors/ Constructions Firms registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Construction of 1st floor of new officer's club including its peripheral development. | 1,01,98,914.00 | 10,20,000.00 | 'B' & 'A' | 10000/- + GST @ 18% = 11,800/- | 180 days |

| | |
|---|---|
| Date & Time of availability of bid document in the portal: | From 10:00 Hrs of 15.07.2024 to 30.07.2024 up to 17:00 Hrs |
| Last date & time of submission of bid: | Up to 17:00 Hrs of 30.07.2024 |
| The date & Time of opening of the bid: | 12:00 Hrs onwards of 31.07.2024 (Only Technical bid) |

Further details can be seen from the e-procurement portal https://tendersodisha.gov.in

OIPR-04019/11/0012/2425

Unit Head,
B.H.E.P, Balimela

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHURDA IRRIGATION DIVISION, KHURDA-752056
Tel: 06755-796308
Mail id:- eekhurdairrigationdivision@gmail.com
A-146

'e'-Procurement Notice No.KHD-02 OF 2024-25, Dtd. 10.07.2024

1. Name of the work : 03 (three) nos. of Civil Work
2. Tender Cost : Varies from Rs 3.18 Lakhs to Rs 9.21 Lakhs
3. Bid Document Cost : Rs 2000/- to Rs 4000/-
4. Bid Security : Varies from Rs. 3,200/-. to Rs 9,300/-
5. Class of Contractor : D & C
6. Period of Completion : 04 calendar months
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 02-01 of 2024-25 to KHD 02-03 of 2024-25 | 12.07.2024 at 11.00 A.M | 22.07.2024 up to 5.00 P.M | 23.07.2024 at 10.00 A.M. |

8. e-mail Id eekhurdairrigationdivision@gmail.com
9. If required lottery may be held on **24.07.2024 at 04.00 PM**

Further detail conditions can be seen from the Govt. website www.tendersodisha.gov.in

OIPR-32078/11/0002/2425

Superintending Engineer
Khurda Irrigation Division, Khurda.

**DEPUTY DIRECTOR,**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE-(M) 9437022023**
Email: deputydirector.kanan@gmail.com
MM-82
NANDANKANAN
Web: www.nandankanan.org

e-PROCUREMENT NOTICE

| | | | |
|---|---|---|---|
| 1 | Name of the work | :- | Re-tender for Construction of Cheetah enclosure and allied works inside Nandankanan Zoological Park for the year 2024-2025 |
| 2 | No. of works | :- | 1(one) no. |
| 3 | Date of availability of bid document in the portal | :- | 12.07.2024 |
| 4 | Class of Contractor | :- | 'A' & 'Special' Class Contractor |
| 5 | Last date for receipt of bids in the portal | :- | 22. 07. 2024 |
| 6 | Date of opening of Technical Bid (Cover-I) | :- | 23.07.2024 |
| 7 | Name & Address of Officer Inviting Tender (OIT) | :- | Deputy Director, Nandankanan Zoological Park, P.O-Barang, Dist- Khorda, Pin-754005. |

Further details can be seen from the e-procurement portal https//tenderodisha.gov.in.

Depurty Director
Nandankanan Zoological Park

OIPR-08070/11/0006/2425

### ଗୌରାଙ୍ଗପୁର ଓ ମଲିମାହାରା ଏସ୍କେପ୍ ବୁଲିଲେ ଜିଲ୍ଲାପାଳ

# ୧୫ ଦିନରେ କାମ ସାରିବାକୁ ନିର୍ଦ୍ଦେଶ

**ଭଦ୍ରକ/ଦୋବଲ, ୧୧।୭ (ସମିସ)**



ଧାମନଗର ଏକ ବନ୍ୟା ପ୍ଲାବିତ ଅଞ୍ଚଳ। ଏହି ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ପାଖାପାଖୀ ୨୬ ପଞ୍ଚାୟତ ସବୁବେଳେ ବୈତରଣୀ ଓ କୋଚିଲା ନଦୀର ବନ୍ୟା ପାଣିରେ ସମ୍ମୁଖୀନ ହୋଇଥାଆନ୍ତି। ପରନ୍ତୁ ଏହି ବ୍ଲକର ଆନନ୍ଦପୁର ପଞ୍ଚାୟତର ଉଦେଇପୁରଠାରେ ଥିବା ମଲ୍ଲିମାହାରା ଏସ୍କେପ ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁରଠାରେ ଥିବା ଏସ୍କେପ୍‌ର ବନ୍ୟାପାଣି ଲୋକଙ୍କୁ ସବୁ ବେଳେ ହିଁ ଡରାଇଥାଏ। ଦୁଇଟି ଏସ୍କେପ ଉପର ଦେଇ ସବୁଦିନିଆ ଯାତାୟାତ ସୁବିଧା କରିବା ଲାଗି ଫୁଟ ଓଭରବ୍ରିଜ କରାଯାଉଛି। ଉପର ମୁଣ୍ଡ ଓ ତଳ ମୁଣ୍ଡରେ ଥିବା ସୁରକ୍ଷା ପ୍ରାଚୀରକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଏବେ ଦୁଇଟି ଯାକ ଏସ୍କେପ ସମ୍ପୂର୍ଣ୍ଣ ମୁକୁଳା ହୋଇରହିଛି। ମଲ୍ଲିମାହାରା ଏସ୍କେପରେ ପୋଲ ପାଇଁ ବେସମେଣ୍ଟ ତିଆରି ସରିଛି। ହେଲେ ସେଠାରେ କାମ ମନ୍ଥର ଗତିରେ ହେଉଛି। ଉଭୟ ପାଖରେ ଖୋଲା ଯାଇଥିବାରୁ ବନ୍ୟା ହେଲେ ଅଧିକ ବନ୍ୟାପାଣି ପ୍ରବେଶ କରିବାର ସମ୍ଭାବନା ଥିବାରୁ ବିଭାଗ ପକ୍ଷରୁ ସେଠାରେ ଆଡ଼ିବନ୍ଧ କରାଯାଉଛି। ତାହା ଅତି ନିମ୍ନମାନର କରାଯାଉଛି। ତେବେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ମଧ୍ୟାହ୍ନ ୧୨ଟା ବେଳେ ମାଲିମାହାରା ଏସ୍କେପରେ ଅଚାନକ ପହଞ୍ଚି ନିର୍ମାଣ କାମକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ୧୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତ୍ରୁଟି ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ତାଗିଦ କରିଥିଲେ। ଗୌରାଙ୍ଗପୁର ଏସ୍କେପକୁ ମଧ୍ୟ ଜିଲ୍ଲାପାଳ ଯାଇ କାମ ଦେଖିବା ସହ ବର୍ଷା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଥାଉକି, ବୈତରଣୀ ନଦୀରେ ବନ୍ୟା ଆସିବା କ୍ଷଣି ଆଖୁଆପଦାରେ ବିପଦ ସଂକେତ ତଳେ ଥିଲେ ବି ଏ ଦୁଇ ଏସ୍କେପ ବାଟେ ବନ୍ୟା ପାଣି ପ୍ରବେଶ କରିଥାଏ। ବଡ଼ ବନ୍ୟାରେ ମଲ୍ଲିମାହାରାରେ ପ୍ରତି ସେକେଣ୍ଡକୁ ୫ ହଜାର ଘନଫୁଟ ପାଣି ପ୍ରବାହିତ ହୋଇଥାଏ। ଆଉ ଗୌରାଙ୍ଗପୁରରେ ପ୍ରତି ସେକେଣ୍ଡରେ ମଧ୍ୟ ୪ ହଜାର ୩୦୦ ଘନଫୁଟ ପାଣି ନିଷ୍କାସନ ହୁଏ। ଏଣୁ ଏସ୍କେପ ଖୋଲାଥିବାରୁ ବୈତରଣୀର ସବୁ ପାଣି ଜନବସତି ଭିତରେ ପଶିବ ଓ ବହୁ ମାତ୍ରାରେ କ୍ଷୟକ୍ଷତି କରିବ ବୋଲି ଲୋକମାନେ ଆଶଙ୍କା କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ଆଜି ଏହି ଦୁଇ ଏସ୍କେପ ଯାଇ ସ୍ଥିତି ସମୀକ୍ଷା କରିବା ସହ ବିଭିନ୍ନ ନଦୀବନ୍ଧ ବୁଲି ଦେଖିଥିଲେ। ଲୋକ ମାନେ କୌଣସି ଭୟଭୀତ ହେବାର ନାହିଁ। ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ କରାଯାଉଛି। ଅଧିକାରୀମାନେ ଦୈନିକ ନଦୀବନ୍ଧରେ ରହି ଦୁର୍ବଳ ସ୍ଥାନକୁ ନଜର ରଖି ତାହା ମରାମତି କରିବେ। ବିଭିନ୍ନ ନଦୀବନ୍ଧରେ ବାଲିବସ୍ତା ମହଜୁଦ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ, ଧାମନଗର ଏସ୍‌ଡିଓ ବିଜୟ ସେଠୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ୫ ସ୍କୁଲକୁ ଜମିପଟ୍ଟା ପ୍ରଦାନ



**ଭଣ୍ଡାରିପୋଖରୀ/ବାରିକପୁର, ୧୧।୭ (ସମିସ):** ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ସରୋଜକାନ୍ତ ନାୟକ ଗୁରୁବାର ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ଉପସ୍ଥିତିରେ ଜଳମଣ୍ଡୁଆ ପଞ୍ଚାୟତର କରଞ୍ଜି-ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୀରହସନପୁର ଉପ୍ରା ବିଦ୍ୟାଳୟ ଓ ଜଳମଣ୍ଡୁଆ ଉପ୍ରା ବିଦ୍ୟାଳୟ, ନିର୍ଗୁଣ୍ଡି ପଞ୍ଚାୟତର ନିର୍ଗୁଣ୍ଡି ଉପ୍ରା ବିଦ୍ୟାଳୟ ଓ କୋରିଗାଁ ପଞ୍ଚାୟତର ଚାରବାଟିଆ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନ ସମ୍ପୃକ୍ତ ସ୍କୁଲ ନାମରେ ସ୍ଥିତିବାନ ପଟ୍ଟା ପ୍ରଦାନ କରିଥିଲେ। ଏହି ସମସ୍ତ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ଜମି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ନାମରେ ରହିଥିଲା। ନିଜସ୍ୱ ଜମି ପଟ୍ଟା ଅଭାବରୁ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ଜମି ପ୍ରଦାନ ନିଷ୍ପତ୍ତି କ୍ରମେ ଜିଲ୍ଲାର ପ୍ରଥମ ତହସିଲ ଭାବେ ଭଣ୍ଡାରିପୋଖରୀ ଜମି ପଟ୍ଟା ବିତରଣ କରିଛି। ଏଥିପାଇଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ତରାଇ ସମ୍ପୃକ୍ତ ପ୍ରଧାନଶିକ୍ଷକମାନଙ୍କୁ ସେମାନଙ୍କ ସ୍ୱତନ୍ତ୍ର ଉଦ୍ୟମ ପାଇଁ ସମ୍ମାନିତ କରିଥିବା ଜଣାଯାଇଛି।

## ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

**ଅସୁରାଳି, ୧୧।୭ (ସମିସ):** ମା' ଶାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନାରେ ଆଲୋଚନାଚକ୍ର ଓ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ସାମ୍ବାଦିକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଧୁଷୁରୀ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ମୁଖ୍ୟବକ୍ତା ଅଧ୍ୟକ୍ଷା ପୁଷ୍ପାଞ୍ଜଳି ରାଉତ, ସମ୍ମାନିତ ଅତିଥି ଭାବେ ଧାମନଗର ବନ ଅଧିକାରୀ ରାଜକିଶୋର ନାୟକ, ଧୂଷୁରୀ ପ୍ରେସ୍ ୟୁନିଅନର ସଭାପତି ସାମ୍ବାଦିକ ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ଉପଦେଷ୍ଟା ଅନସୂୟା ମିଶ୍ର, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଧୂଷୁରୀ ଥାନା ଏଏସ୍ଆଇ ବନିତା ବେହେରା ପ୍ରମୁଖ ଯୋଗ ଦେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରାଇଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ୨୦୦ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ ଦଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ଭଦ୍ରକରେ ମିଳିଲା ଉତ୍କଳ ପ୍ରସଙ୍ଗର ରଥ ବିଶେଷାଙ୍କ

**ଭଦ୍ରକ, ୧୧।୭ (ସମିସ):** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ପ୍ରକାଶିତ ହେଉଥିବା ମାସିକ ପତ୍ରିକା ଓଡ଼ିଆ ଭାଷାରେ ଉତ୍କଳ ପ୍ରସଙ୍ଗ ଓ ଇଂରାଜୀରେ ଓଡ଼ିଶାରିଭ୍ୟୁର ରଥ ବିଶେଷାଙ୍କ ପବିତ୍ର ରଥଯାତ୍ରା ଅବସରରେ ଉନ୍ମୋଚିତ ହୋଇସାରିଛି। ଏହି ଅବସରରେ ଭଦ୍ରକ ଜିଲ୍ଲା ପାଇଁ ଉତ୍କଳ ପ୍ରସଙ୍ଗର ରଥ ବିଶେଷାଙ୍କ ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ଏହା ସହ ଶ୍ରୀଜଗନ୍ନାଥ ଭଜନ ଜଣାଣ ଓ ଚଉତିଶା ପୁସ୍ତିକା ମଧ୍ୟ ବିକ୍ରୟ କରାଯାଉଛି। ଉତ୍କଳ ପ୍ରସଙ୍ଗର ମୂଲ୍ୟ ଖଣ୍ଡପ୍ରତି ୫ ଟଙ୍କା ଏବଂ ଜଗନ୍ନାଥ ଜଣାଣ ପୁସ୍ତିକା ଖଣ୍ଡପ୍ରତି ମୂଲ୍ୟ ୧୦ ଟଙ୍କା ମାତ୍ର ରଖାଯାଇଛି। ଆଗ୍ରହୀ ଓ ଇଚ୍ଛୁକ ପାଠକ ମାନେ ଉକ୍ତ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଛି। ହରିବୋଲ କ୍ଷେତ୍ର କେଶପୁର ରଥଯାତ୍ରା ପାଳନ ଅବସରରେ ତିହିଡ଼ି ବ୍ଲକ ଗୁଆମାଳର ମୋଡ଼ସାହିରେ ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ା ଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଖୋଲାଯିବାକୁ ଥିବା ଅସ୍ଥାୟୀ ସୂଚନା କେନ୍ଦ୍ରରେ ମଧ୍ୟ ଏହି ପତ୍ରିକା ଓ ଜଣାଣ ପୁସ୍ତିକା ବିକ୍ରୟ କରାଯିବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

## ଧାରଣାରେ ବସିବେ ଟୋଲପ୍ଲାଜା କର୍ମଚାରୀ

**ଭଣ୍ଡାରିପୋଖରୀ, ୧୧।୭ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନାରାୟଣପୁର-ଭାଗଡ଼ା ଟୋଲଗେଟ କର୍ମଚାରୀ ୫ ଦଫା ଦାବି ପୂରଣ ପାଇଁ ଆଗାମୀ ୧୬ ତାରିଖରୁ ଧାରଣାରେ ବସିବେ। ଏଥିପାଇଁ ଗୁରୁବାର 'ନାରାୟଣପୁର-ଭାଗଡ଼ା ଟୋଲ ୱାର୍କର୍ସ ୟୁନିଅନ' ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ଦାବିପତ୍ର ଅନୁଗୁଳସ୍ଥିତ ଆଞ୍ଚଳିକ କେନ୍ଦ୍ରୀୟ ଲେବର କମିଶନ, ପାରାଦୀପ ଲେବର ଏନଫୋର୍ସମେଣ୍ଟ ଅଧିକାରୀ, ଚଣ୍ଡିଖୋଲସ୍ଥିତ ଜାତୀୟ ରାଜପଥ ପ୍ରୋଜେକ୍ଟ ଡାଇରେକ୍ଟର, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଧାମନଗର ଉପଆରକ୍ଷୀ ଅଧିକ୍ଷକ, ଭଣ୍ଡାରିପୋଖରୀ ଥାନାଧିକାରୀ ଓ ଟୋଲପ୍ଲାଜା ଠିକାସଂସ୍ଥା ର୍‌ୟାଙ୍କର ଇନଫ୍ରା ଡେଭଲପର ପ୍ରାଇଭେଟ ଲି.ଙ୍କୁ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ଆଧାରରେ ଟୋଲପ୍ଲାଜା କର୍ମଚାରୀଙ୍କୁ ମଜୁରୀ ପ୍ରଦାନ କରାଯିବା; ପ୍ରତ୍ୟେକ କର୍ମଚାରୀଙ୍କ ଭବିଷ୍ୟନିଧି ଓ ଇ.ଏସ.ଆଇ. ସୁବିଧା ପ୍ରଦାନ କରାଯିବା; ଲାଗୁ କରାଯିବା କର୍ମଚାରୀଙ୍କ ଡ୍ରେସକୋଡ ପାଇଁ ସଫାସୁତରା ଓ ଜୋତା ଭତ୍ତା ପ୍ରଦାନ କରାଯିବା; ପ୍ରତ୍ୟେକ କର୍ମଚାରୀଙ୍କୁ ମଜୁରୀ ସ୍ଲିପ ପ୍ରଦାନ କରାଯିବା ଓ କର୍ମଚାରୀଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦିଆଯିବା ଆଦି ଦାବି ଅନ୍ତର୍ଭୁକ୍ତ। ୧୫ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ପରଦିନ ୧୬ ତାରିଖ ଠାରୁ ଧାରଣା ଦିଆଯିବ ବୋଲି ୟୁନିଅନ ପକ୍ଷରୁ ସୂଚନା ଦିଆଯାଇଛି।

## ବିପ୍ଳବୀ ଚକ୍ରଧର ବେହେରା ବକ୍ତୃତା ପ୍ରତିଯୋଗିତା




**ଭଦ୍ରକ, ୧୧।୭ (ସମିସ):** ବିପ୍ଳବୀ ଚକ୍ରଧର ବେହେରା ସଂଗ୍ରାମ ଭୂମି ଭଦ୍ରକର ଅନ୍ୟତମ ଗର୍ବ ଓ ଗୌରବ। ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ରାଜ୍ୟସ୍ତରରେ ଭୁବନେଶ୍ୱର ଠାରେ ଏବଂ ଭଦ୍ରକ ଜିଲ୍ଲା ସଦର ମହକୁମାରେ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଜୁଲାଇ ୧୬ ତାରିଖରେ ଏହି ଜୟନ୍ତୀ ପାଳନ ହେବ। ତେଣୁ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ସଂସ୍କୃତି ଭବନରେ ହାଇସ୍କୁଲ ପିଲାମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ଉପାଧ୍ୟାୟ ଏବଂ ବାଦଲ କିଶୋର ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। 'ବିପ୍ଳବୀ ଚକ୍ରଧର ବେହେରା ଚିର ସ୍ମରଣୀୟ' ଶୀର୍ଷକ ଆଧାରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ଭଦ୍ରକ ପୌରାଞ୍ଚଳ ଓ ବିଭିନ୍ନ ବ୍ଲକରୁ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରୀ ତୃପ୍ତିତନୟା ପଣ୍ଡା ପ୍ରଥମ, ଉକ୍ତ ବିଦ୍ୟାଳୟର ଛାତ୍ର ଆସ୍ଥା ନାୟକ ଏବଂ ଉମାଚରଣ ସହଯୋଗ ବିଦ୍ୟାପୀଠ ମହରମ୍‌ପୁର, ତିହିଡ଼ିର ଆଦ୍ୟାଶା ସାହୁ ଯୁଗ୍ମ ଦ୍ୱିତୀୟ, ମୁରଲୀଧର ଉଚ୍ଚ ବିଦ୍ୟାପୀଠ ଧୂଷୁରୀର ଛାତ୍ରୀ ପ୍ରାଚୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର କୁମାର ବାରିକ୍ ମଧ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମହରମ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ



**ଧାମନଗର, ୧୧।୭ (ସମିସ):** ଆସନ୍ତା ଜୁଲାଇ ୧୭ ତାରିଖରେ ପାଳିତ ହେବାକୁ ଥିବା ମହରମ୍ ପର୍ବ ଉପଲକ୍ଷେ ଧାମନଗର ପ୍ରଶାସନ ଆନୁକୂଲ୍ୟରେ ପଞ୍ଚାୟତ ସମିତି କେନ୍ଦ୍ରୀୟ ସଭାଗୃହ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟିର ଆବାହକ ତଥା ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ରାମ, ଧାମନଗର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ବିଦ୍ୟୁତ ବିଭାଗ ଏସ୍‌ଡିଓ ଶିବପ୍ରସାଦ ଦାସ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦୀ, ସ୍ୱାସ୍ଥ୍ୟ ଅଧିକାରୀ, ପିଏଚ୍‌ଡି ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ୧୫ ତାରିଖ ଧାମନଗର ଠାରେ ମୁସଲମାନ ସମ୍ପ୍ରଦାୟର ପ୍ରଖ୍ୟାତ ଧର୍ମଗୁରୁ ତଥା ପୀରବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲତଙ୍କ ୧୨୩ତମ ଜନ୍ମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଚାଦର ଶୋଭାଯାତ୍ରା ଓ ବାହୁଡା ଯାତ୍ରା ଏବଂ ମହରମ ପର୍ବ ଅବସରରେ ବାଡ଼ିଖେଳ ନିମନ୍ତେ ଦୁଇ ପାର୍ଶ୍ୱରେ ଟ୍ରାଫିକ ସମସ୍ୟା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆଲୋଚନା କରାଯାଇଥିଲା। ଏହି ପର୍ବ ପାଳନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ବାଡ଼ିଖେଳ ବେଳେ ମଦ୍ୟପାନ ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି। ପରମ୍ପରା ଅନୁଯାୟୀ ଚଳିତ ବର୍ଷ ଧାମନଗର ସ୍ଥିତ କରବଲା ମଇଦାନ ଠାରେ ବିଭିନ୍ନ ସାହିବସ୍ତିରୁ ୧୭ଟି ଆଖଡା ଦଳ ମଧ୍ୟରେ ବାଡ଼ିଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, ଏମଡି ଇସ୍ରାଇଲ ହବିବ, ରାମଚନ୍ଦ୍ର ଜେନା, ମହେଶ୍ୱର ସ୍ୱାଇଁ, ଲମ୍ବୋଦର ଜେନା, ସେକ ଜାଫର ଅଲ୍ଲୀ, ସେକ ଅବଦୂର ରହେମାନ, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହାକିମ, ଏମଡି ହବିବୁର ରହେମାନ, ସୁଶାନ୍ତ କୁମାର ରାଉତ, ସେକ ଆସଲାମ ପ୍ରମୁଖ ଯୋଗଦେଇ ଭାଇଚାରା ମାଟିରେ ପରସ୍ପରକୁ ସହଯୋଗ କରି ଏହି ପର୍ବ ପାଳନ କରିବାକୁ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଅସହ୍ୟ ଗରମ ଯୋଗୁଁ ୪ଛାତ୍ରଛାତ୍ରୀ ଅସୁସ୍ଥ

**ଭଦ୍ରକ/ବାସୁଦେବପୁର, ୧୧।୭ (ସମିସ):** ଆଷାଢ଼ ମାସରେ ଡହ ଡହ ମୁଣ୍ଡ ଫଟା ଖରା। ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ। କାମ କରୁନାହିଁ ପଙ୍ଖା। ତା ସାଙ୍ଗକୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ଯୋଗୁଁ ସାଧାରଣ ଜୀବନ ଯାପନ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ସରକାରୀ ହାଇସ୍କୁଲରେ ୪ ଛାତ୍ର ଛାତ୍ରୀ ଅସହ୍ୟ ଗରମ ଯୋଗୁଁ ଅସୁସ୍ଥ ହୋଇ ପଡ଼ିଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଯାଇଛି। ଆଜି ବ୍ରାହ୍ମଣଗାଁ ହାଇସ୍କୁଲର ପ୍ରାର୍ଥନା ପରେ ଆରମ୍ଭ ହେଲା ପାଠ ପଢ଼ା। ସକାଳ ଠାରୁ ବିଦ୍ୟୁତ କାଟ୍ ହୋଇଥିଲା। ଏପାଖରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗରମ ହେଉଥାଏ। କିଛି ସମୟ ପରେ ଜଣକ ପରେ ଜଣେ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅଫିସରେ ବସାଇଥିଲେ। କ୍ରମାଗତ ଭାବେ ଅସୁସ୍ଥତା ଲାଗି ରହିବାରୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅସୁସ୍ଥ ଛାତ୍ରଛାତ୍ରଙ୍କ ମଧ୍ୟରେ ଅଷ୍ଟମ ଶ୍ରେଣୀର ଛାତ୍ର ରାହୁଲ ସାହୁ ଓ ଓମପ୍ରକାଶ ପାଣିଗ୍ରାହୀ, ନବମ ଶ୍ରେଣୀର ଛାତ୍ର ସାରୁ ଖାନ୍ ଓ ଦଶମ ଶ୍ରେଣୀର ଛାତ୍ରୀ ପୂର୍ବାଶା ସେନାପତି। ଏମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇ, ଶୀତତାପ ନିୟନ୍ତ୍ରିତ କୋଠରୀରେ ଚିକିତ୍ସା ଚାଲିଥିଲା। ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ଅଭିଭାବକମାନେ କହୁଛନ୍ତି ଆଜି ବିଦ୍ୟୁତ କାଟ୍ ହୋଇଛି, ଅତ୍ୟଧିକ ଗରମ ଯୋଗୁଁ ପିଲାମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କଲେ। ତାଙ୍କୁ ଡାକ୍ତରଖାନାର ଭର୍ତ୍ତି କରାଯାଇଛି। କେବଳ ଏହି ୪ଜଣ ଛାତ୍ରଛାତ୍ରୀ ନୁହଁନ୍ତି ବରଂ ଅନ୍ୟ ବହୁ ଛାତ୍ରଛାତ୍ରୀ ପାଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଫେରି ଯାଇଥିବା ଜଣାଯାଇଛି।



## ପଲିଟେକ୍‌ନିକ୍ କଲେଜର ସାଧାରଣ ପରିଷଦ ବୈଠକ



**ଭଦ୍ରକ, ୧୧।୭ (ସମିସ):** ଭଦ୍ରକ ବ୍ଲକ ଓଲଙ୍ଗ ଗ୍ରାମ ପଞ୍ଚାୟତ ତେନ୍ତୁଳିଗଡ଼ିଆ ସ୍ଥିତ ସରକାରୀ ପଲିଟେକ୍‌ନିକ୍ କଲେଜର ୬ଷ୍ଠ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ତଥା ସାଧାରଣ ପରିଷଦର ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟଧାରା ସମ୍ବନ୍ଧରେ ସମୀକ୍ଷା କରିଥିଲେ। ୫ମ ସାଧାରଣ ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବଉଳା ଛକରୁ ଅନୁଷ୍ଠାନ ପର୍ଯ୍ୟନ୍ତ ଆପ୍ରୋଚ୍ ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ଶେଷ ହୋଇଛି। ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲର ନିର୍ମାଣାଧୀନ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅନୁଷ୍ଠାନ ପରିସରରେ ହାଇମାଷ୍ଟ ଲାଇଟ୍ ଲଗାଇଛି। ଅନୁଷ୍ଠାନର ଖେଳପଡ଼ିଆ ଖାଲୁଆ ଅଞ୍ଚଳରେ ଥିବାରୁ ଗ୍ରୀଷ୍ମଋତୁ ବ୍ୟତୀତ ବର୍ଷ ତମାମ୍ ଜଳ ଜମି ରହୁଥିବାରୁ ପିଲାମାନଙ୍କ ପାଇଁ ବ୍ୟବହାର ଅନୁପଯୋଗୀ ହେଉଥିବାରୁ ବାଲିରେ ପୋତିବା କାର୍ଯ୍ୟ ପାଇଁ ଆଲୋଚନା କରାଯାଇଥିଲା। ବଉଳା ଛକରୁ ଅନୁଷ୍ଠାନ ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଅନୁଷ୍ଠାନର ଶିକ୍ଷା, ନାମଲେଖା, ମେଧାବୃତ୍ତି ବିଷୟରେ ମଧ୍ୟ ଜିଲ୍ଲାପାଳ ବିଶଦ ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ, ଗତ ୨୦୧୭ ମସିହାରେ ଭଦ୍ରକରେ ପ୍ରତିଷ୍ଠା ହୋଇଥିବା ଏହି ସରକାରୀ ପରିଟେକ୍‌ନିକ୍‌ରେ ଇଲେକ୍ଟ୍ରିକାଲ, ମେକାନିକାଲ, ଟେକ୍ସଟାଇଲ୍ ଇଞ୍ଜିନୟରିଂ ବ୍ରାଞ୍ଚରେ ୬୦ଟି ଲେଖାଏଁ ସିଟ୍‌ରେ ଡିପ୍ଲୋମା ଶିକ୍ଷା ଦିଆଯାଉଛି। ୨୦୨୩ ରେ କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ୩୦ଟି ସିଟ୍‌ରେ ଶିକ୍ଷା ପ୍ରଦାନ ଆରମ୍ଭ କରାଯାଇଛି। ଉଚ୍ଚଶିକ୍ଷା ଏବଂ ନିଯୁକ୍ତି ଉପରେ ଫୋକସ୍ ରଖିବାକୁ ଜିଲ୍ଲାପାଳ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ। ଏହି ବୈଠକରେ ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ରାଉତ, ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ସେଠୀ ଏବଂ ସତ୍ୟଜିତ୍ ଧଳ, ସମ୍ପୃକ୍ତ ପୂର୍ତ୍ତ, ଆର୍‌ଡି ବିଦ୍ୟୁତ୍, ଆରଡବ୍ଲୁଏସ୍ଏସ୍, ପ୍ରଭୃତି ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିଯୋଜନ ଅଧିକାରୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

### ନ୍ୟାୟ ପାଇବାରୁ ବଞ୍ଚିତ ଗ୍ରାମବାସୀ

# କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଚେତାବନୀ

**ବନ୍ତ/ଆଗରପଡ଼ା, ୧୧।୭ (ସମିସ)**



ଗତ ଜାନୁଆରୀ ୩୧ ତାରିଖରେ ବନ୍ତ ଥାନା ଅନ୍ତର୍ଗତ ଧନିଓଝା (କୋଳିପଦି) ଗ୍ରାମରେ ଥିବା ଏକ ଖାଲରେ କୋଳିପଦି ଗ୍ରାମର ଲୋକେ ପାଣି ଶୁଖାଇ ମାଛ ଧରିବା ପାଇଁ ପମ୍ପ ଲଗାଇଥିଲେ। ସନ୍ଧ୍ୟା ସମୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକ ଆସି ଏହି ମାଛଧରାକୁ ବିରୋଧ କରିବା ସହ ବିଭିନ୍ନ ପ୍ରକାର ଅସଭ୍ୟ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହିତ ଜାତିୟାଣ ଆକ୍ଷେପ କରିଥିଲେ। ଏହାକୁ କୋଳିପଦା ଯେନା ସାହିର ଲୋକେ ବିରୋଧ କରିଥିଲେ। କିନ୍ତୁ ଆସିଥିବା ୨୦ରୁ ଊର୍ଦ୍ଧ୍ୱ ଲୋକ ସେହି ଯେନା ସାହି ଗ୍ରାମର ଖାଲ ପାଖରେ ଉପସ୍ଥିତ ଥିବା ନିତ୍ୟାନନ୍ଦ, ସେମାନାଥ ଓ ବୈଦ୍ୟନାଥ ଯେନା ପ୍ରମୁଖଙ୍କୁ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିଥିଲେ। ଏହି ଖବର ପାଇ ଅନ୍ୟ ଗ୍ରାମବାସୀ ଗଣ୍ଡଗୋଳ ରୋକିବାକୁ ଆସିବାରୁ ସେମାନେ ମଧ୍ୟ ଅପରପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଏହି ଘଟଣାକୁ ନେଇ ସେତେବେଳେ ଅଧିକାରୀ ଯେନା ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବନ୍ତ ପୁଲିସ ଥାନାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ମଧ୍ୟ କରିଥିଲା। ଘଟଣାକୁ ଇତି ମଧ୍ୟରେ ୬ମାସ ବିତିଯାଇଥିଲେ ସୁଦ୍ଧା ପୁଲିସ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଡ଼ଖାଇଥିବା ଲୋକେ ଦଣ୍ଡ ପାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ପ୍ରକୃତ ଦୋଷୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବନ୍ତ ଥାନା, ଭଦ୍ରକ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି।

## ରାଜ୍ୟପାଳଙ୍କୁ ଫଟୋଚିତ୍ର ଦେଲେ ଶିଳ୍ପୀ କ୍ରିତିକ୍ରିଷ୍ଣା



**ଅସୁରାଳି,୧୧।୭(ସମିସ):** ଧାମନଗର ବ୍ଲକ କଟସାହି ପଞ୍ଚାୟତର ବଉଳନାଳି ଶାସନର ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ କନ୍ୟା ସୁନାମଧନ୍ୟ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ନିଜର ଚିତ୍ର ପ୍ରଦାନ ପୂର୍ବକ ଶୁଭାଶ୍ରୀବାଦ ଗ୍ରହଣ କରିଥିଲେ। ରାଜ୍ୟପାଳ କ୍ରିତିକ୍ରିଷ୍ଣାଙ୍କ ଚିତ୍ର ଓ ତାଙ୍କର ଚିତ୍ରକଳା କ୍ଷେତ୍ରରେ ଇଣ୍ଡିଆନ ବୁକ ଅଫ ରେକର୍ଡ ୨୦୨୪, ଲଣ୍ଡନ ବୁକ ଅଫ ରେକର୍ଡ ୨୦୨୪, ଆର୍ଟ ଡକ୍ଟରେଟ୍ ପ୍ରାପ୍ତି ଓ ଅନ୍ୟାନ୍ୟ ପୁରସ୍କାର ବିଷୟରେ ଅବଗତ ହୋଇ ଉଚ୍ଚ ପ୍ରଶଂସା କରିଥିଲେ। କ୍ରିତିକ୍ରିଷ୍ଣା ଏବେ ଭଦ୍ରକ ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ତୃତୀୟ ବର୍ଷର ଛାତ୍ରୀ ଅଟନ୍ତି।

## ଜନ୍ମଭୂମିରେ ପହଞ୍ଚିଲା ଅତିରିକ୍ତ ଜିଲ୍ଲାପାଳଙ୍କ ପାର୍ଥିବ ଶରୀର



**ଭଦ୍ରକ,୧୧।୭(ସମିସ):** ଗତକାଲି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜଗନ୍ନାଥଙ୍କ ଭଜନ ଗାଉଥିବା ବେଳେ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାଶଙ୍କ ହୃଦ୍‌ଘାତରେ ପରଲୋକ ଘଟିଥିଲା। ଆଜି ତାଙ୍କର ପାର୍ଥିବ ଶରୀର ନିଜ ଜନ୍ମମାଟି ଚାନ୍ଦବାଲି ବ୍ଲକର ଭୂଇଁବୃତ୍ତି ପଞ୍ଚାୟତର ନୂଆଗାଁରେ ପହଞ୍ଚିଛି । ତାଙ୍କ ପାର୍ଥିବ ଶରୀର ଚାନ୍ଦବାଲିରେ ପହଞ୍ଚିବା ପରେ ଚାନ୍ଦବାଲି ତହସିଲ, ବ୍ଲକ ଓ ପୁଲିସ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏକ ଶୋଭାଯାତ୍ରାରେ ତାଙ୍କୁ ଜନ୍ମମାଟି ନୂଆଗାଁକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ସେ ଏକା ଧାରାରେ ଜଣେ କବି, ଗାୟକ, ସମାଜସେବୀ, ପରୋପକରୀ ମଣିଷ ସହ ଜଣେ ଦକ୍ଷ ପ୍ରଶାସକ ଥିଲେ। କିଛି ଦିନ ତଳେ ନିଜର କାର୍ଯ୍ୟଦକ୍ଷତା ପାଇଁ ରାଷ୍ଟ୍ରପତିଙ୍କ ଠାରୁ ସେ ପୁରସ୍କୃତ ମଧ ହୋଇଥିଲେ। ତାଙ୍କ ବିୟୋଗ ସମସ୍ତ ଅଞ୍ଚଳବାସୀଙ୍କ ମନରେ ଶୋକର ଛାୟା ଖେଳେଇ ଦେଇଛି। ପରିବାର ଠାରୁ ଗ୍ରାମବାସୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆଖିରେ ଲୁହ ଭରିଯାଇଛି ।

## ରାସ୍ତା ମଝିରେ ହାଇୱାକୁ ନେଇ ଉତ୍ତେଜନା

**ବନ୍ତ/ଆଗରପଡ଼ା,୧୧।୭(ସମିସ):** ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ବାଲି ବୋଝେଇ ହାଇୱାର ପତି ଭାଙ୍ଗିଯିବା ଫଳରେ ହାଇୱାଟି ମଝି ରାସ୍ତାରେ ଦୀର୍ଘଘଣ୍ଟା ଧରି ରାସ୍ତା ଅବରୋଧ କରି ରହିଥିଲା। ଯଦ୍ୱାରା ଆଗରପଡ଼ାରୁ ଭଦ୍ରକକୁ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ; ଓଡ଼ି-୨୨ଆର-୩୦୪୪ ନଂ ବିଶିଷ୍ଟ ଏକ ହାଇୱା ଆନନ୍ଦପୁର ବୈତରଣୀ ନଦୀ ଘାଟରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିଲା। ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଛକ ନିକଟରେ ହଠାତ୍ ହାଇୱା ପତି ଭାଙ୍ଗିଯିବାରୁ ମଝି ରାସ୍ତାରେ ସେ ଅଟକି ଯାଇଥିଲା। ଯଦ୍ୱାରା ଏହି ରାସ୍ତା ଦେଇ ଅନ୍ୟ ଯାନବାହାନ ଗୁଡ଼ିକ ଚଳାଚଳ କରିପାରିନଥିଲା। ଯାହାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଆଗରପଡ଼ା-ଭଦ୍ରକ ପରି ବ୍ୟସ୍ତବହୁଳ ରାସ୍ତା ଓ ଆଗରପଡ଼ା ପରି ଜନଗହଳି ଅଂଚଳରେ ଏହିପରି ବାଲି,ଚିପ୍ସ ଆଦି ବୋଝେଇ ଭାରୀଯାନ ଗୁଡ଼ିକ ଅନବରତ ଯାଆଆସ କରୁଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବାର ଦେଖାଯାଉଛି। ଏଥିପ୍ରତି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ଧୀମାରେ ଚାଲିଛି ଛତାବର-ବଳିଘାଇ ରାସ୍ତା କାର୍ଯ୍ୟ

**ବାରିକପୁର,୧୧।୭(ସମିସ)**



ଅସମ୍ପୂର୍ଣ୍ଣ ସ୍ଥାନରେ ଦୁର୍ଘଟଣା ଘଟୁଛି

ଭଣ୍ଡାରିପୋଖରୀ ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ଠାରୁ ବୈତରଣୀ ବଳିଘାଇ ସେତୁ ଯାଏଁ ପୂର୍ତ୍ତ ବିଭାଗ ପକ୍ଷରୁ ଚାରି ଲାଇନ ବିଶିଷ୍ଟ ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଉକ୍ତ ରାସ୍ତାଟିର ଦୈର୍ଘ୍ୟ ପ୍ରାୟ ୮କିମି ହୋଇଥିବା ବେଳେ ପୂର୍ବରୁ ବିଭାଗ ଏହାକୁ ଦୁଇଲାଇନ ବିଶିଷ୍ଟ ନିର୍ମାଣ କରିଥିଲା। ଉକ୍ତ ପଥଟି ଭଦ୍ରକରୁ ଯାଜପୁର ବିରଜା କ୍ଷେତ୍ରକୁ ସଂଯୋଗ କରିଥିବାରୁ ଦିନକୁ ଦିନ ଏହା ଉପରେ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବା ଲକ୍ଷ୍ୟ କରି ସରକାର ରାସ୍ତା ପ୍ରଶସ୍ତିକରଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ତଦନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୪୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ୨୦୨୨ମସିହାରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଥିଲା। ସମସ୍ତ ନିୟମକାନୁନ ଭିତରେ ପଶ୍ଚିମବଙ୍ଗର ଏକ ଠିକାସଂସ୍ଥାକୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ନିର୍ଦ୍ଧାରିତ ତାରିଖରୁ କିଛି ମାସ ଅତିବାହିତ ହେବାପରେ ଠିକାସଂସ୍ଥା କାମ ଆରମ୍ଭ କରିଥିବା ବେଳେ ଏବେ ସୁଦ୍ଧା ପ୍ରାୟ ଶତକଡା ୩୦ଭାଗରୁ କମ କାମ ହୋଇଛି। ସମ୍ପୂର୍ଣ୍ଣ ରାସ୍ତାଟିର କିଛି ଅଂଶ କଂକ୍ରିଟ ଓ ବାକି କିଛି ଅଂଶ ପିଚ ନିର୍ମାଣ ପାଇଁ ଆକଳନ ପତ୍ରରେ ନିର୍ଦ୍ଦେଶ ରହିଥିବା ବେଳେ ଏଥିପାଇଁ ମାଟିକାମ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଛତାବର ଠାରୁ ପର୍ବତୀ ଘାଟ ଯାଏଁ କିଛି ମାଟି ପଡ଼ିଥିବା ବେଳେ ମଞ୍ଜୁରୀ ଠାରୁ କୋରକରା ଯାଏଁ ଦୁଇ ପାର୍ଶ୍ୱ ପ୍ରଶସ୍ତିକରଣ ପାଇଁ ପଡ଼ିଥିବା ମାଟି ଉପରେ କିଛି ପରିମାଣର ରୋଲିଙ୍ଗ କାମ ହୋଇଛି। ୩ନମ୍ବର ହାଇଲେବୁଲ କେନାଲ ଉପରେ ନିର୍ମାଣଧୀନ ସେତୁର ଛାତ ପଡ଼ିଥିଲେ ସୁଦ୍ଧା ଅନ୍ୟାନ୍ୟ ସ୍ଥାନରେ ନିର୍ମିତ ହେଉଥିବା ଛୋଟବଡ ପୋଲ ଗୁଡିକର କାମ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ପୁରୁଣା ପୋଲ ଗୁଡ଼ିକୁ ଭଙ୍ଗା ଯାଇ ଆଧୁନିକ ଶୈଳୀରେ ନୂତନ ପୋଲ ମାନ ନିର୍ମାଣ ହେଉଛି। ଭୂତିଆ ସମେତ, ମଞ୍ଜୁରୀ, ବାଙ୍କମୁହାଁ, କୁମ୍ଭାରୀଆ ଛକ ନିକଟରେ ପୋଲ ନିର୍ମାଣ କାର୍ଯ୍ୟ ଅଧା ହୋଇଥିବା ବେଳେ ଏହାର ବିପରୀତ ପାର୍ଶ୍ୱରେ ଯାନବାହନ ଚଳାଚଳ କରୁଛି। ଫଳରେ ଅର୍ଦ୍ଧ ନିର୍ମିତ ପୋଲ ନିର୍ମାଣ ସ୍ଥାନରେ ଛୋଟବଡ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ କେତେବେଳେ ସାଇକେଲ, ମୋଟର ସାଇକେଲ ତ ପୁଣି କେତେବେଳେ କାର ଚାଳକ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୀର୍ଘ ଦିନ ହେବ କାମ ପଡିରହିଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ଅର୍ଦ୍ଧ ନିର୍ମିତ ପୋଲ ନିର୍ମାଣ ସ୍ଥାନ ଗୁଡ଼ିରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକମାନେ ଜଣାଇଛନ୍ତି। ତେଣୁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମାନେ ଏହା ଉପରେ ଦୃଷ୍ଟି ଦେଇ ଛୋଟବଡ଼ ପୋଲର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ପାଇଁ ଦାବି ହୋଇଛି।

## ସନ୍ଥିଆରେ ଚୈତନ୍ୟ ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର ପ୍ରଦର୍ଶନ





**ଭଦ୍ରକ,୧୧।୭(ସମିସ):** ଭଦ୍ରକ ସହର ସାଳନ୍ଦୀ ନଦୀ କୂଳବର୍ତ୍ତୀ ସନ୍ଥିଆର ମଦନମୋହନ ମନ୍ଦିରରେ ୫ଶହ ବର୍ଷ ପୂର୍ବେ ଚୈତନ୍ୟ ମହାପ୍ରଭୁଙ୍କ ପ୍ରଦତ୍ତ ଅଙ୍ଗବସ୍ତ୍ର (କନ୍ଥା)ପ୍ରଦର୍ଶନ କାର୍ଯ୍ୟକ୍ରମ ଶେଷ ହୋଇଛି । ଏହି ଅବସରରେ ଭଦ୍ରକର ପ୍ରାଚୀନ ବୈଷ୍ଣବ ପୀଠ ଶ୍ରୀଶ୍ରୀ ରାଧାମୋହନ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ୧୧ଟା ଯାଏଁ ବାସୁ ବ୍ରହ୍ମଚାରୀଙ୍କ ଦ୍ୱାରା ଚୈତନ୍ୟ ଚରିତ୍ରାମୃତ ପାଠ କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଲୀଳା ସଂକୀର୍ତ୍ତନ କରାଯାଇଥିଲା। ରାତି ସାଢେ ୧୦ଟା ପର୍ଯ୍ୟନ୍ତ ସୁରକ୍ଷିତ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପରିଧେୟ ଦିବସ ବସ୍ତ୍ର (କନ୍ଥା) ସର୍ବସାଧରଣରେ ପ୍ରଦର୍ଶନ ହୋଇଥିଲା। ଦିନ ୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମହନ୍ତ ମହାରାଜାଙ୍କ ଦ୍ୱାରା ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କ ଲୀଳା, କୀର୍ତ୍ତନ, ଭଜନ ଓ ହରିନାମ ସଂକୀର୍ତ୍ତନ ଚାଲିଥିଲା। ସକାଳୁ ସନ୍ଧ୍ୟା ଯାଏଁ ହଜାର ହଜାର କୃଷ୍ଣପ୍ରେମୀଙ୍କ ଭିଡ ମନ୍ଦିରରେ ଲାଗି ରହିଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହୋଇ ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠିତ ଧର୍ମସଭାରେ ମହନ୍ତ ଆଶିଷ ଗୋସ୍ୱାମୀ ସଭାପତିତ୍ୱ କରିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନସ ମହାନ୍ତି ସଭା ପରିଚାଳନା କରିଥିଲେ। ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇଥିଲେ। ଭକ୍ତବଲ୍ଲଭ ଆଚାର୍ଯ୍ୟ ମହାରାଜ, ତ୍ରିଦଣ୍ଡି ସ୍ୱାମୀ ଭକ୍ତ ରକ୍ଷକ ସିଦ୍ଧାନ୍ତ ମହାରାଜ, ମୁକୁନ୍ଦକୃଷ୍ଣ ମହାରାଜ ଓ ପଣ୍ଡିତ ବିନୋଦବିହାରୀ ନାୟକ ପ୍ରବଚନ ଦେଇଥିଲେ। ଏହାବ୍ୟତୀତ କୋଲକତା ନବଦ୍ୱୀପରୁ ବହୁ ବୈଷ୍ଣବଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର




**ଭଦ୍ରକ,୧୧।୭(ସମିସ):** ୨୦୨୩-୨୪ ଖରିଫ ବର୍ଷ ପାଇଁ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଆଜି ଟାଉନହଲ ଠାରେ ଚାଷୀମାନଙ୍କୁ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଆରସିଏସ୍ ପ୍ରାଚିତା ଜେନା, ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ମାର୍କେଟିଂ ଇନ୍ସପେକ୍ଟର, ସପ୍ଲାଇ ଇନ୍ସପେକ୍ଟର, କୋଅପରେଟିଭ ଇନ୍ସପେକ୍ଟରମାନେ ଚାଷୀ ପଞ୍ଜୀକରଣ ଦାୟିତ୍ୱରେ ଥିବା ସମବାୟ ସମିତି ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟରଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦକ ଓ ଡିଏଓମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଚାଷୀ ପଞ୍ଜୀକରଣର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚାଷୀମାନେ ଆସନ୍ତା ୧୫ ତାରିଖରେ ସଂପୃକ୍ତ କେନ୍ଦ୍ର ଗୁଡିକରୁ ଫର୍ମ ନେବେ ଓ ଆସନ୍ତା ୧୬ ତାରିଖ ସୁଦ୍ଧା ଫର୍ମ ପୂରଣ କରି ଦାଖଲ କରିପାରିବେ। କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ ପ୍ଲାଟଫର୍ମରେ ଏହି ଫର୍ମ ଗୁଡିକୁ ଡିଜିଟାଇଲେସନ କରାଯିବ। ଆସନ୍ତା ଅଗଷ୍ଟ ୨୨ ତାରିଖ ସୁଦ୍ଧା ସମାପ୍ତ ହେବ। ଚାଷୀମାନଙ୍କର ପଞ୍ଜିକୃତ ଜମିଜମାର ପ୍ରଶାସନ ପକ୍ଷରୁ ଗଠିତ ଟିମ୍ ଯାଞ୍ଚ କରିବେ। ବିଶେଷ କରି ଚାଷ ଉପଯୋଗୀ ଜମି, ଜଳସେଚିତ କି ଅଣ ଜଳସେଚିତ କିସମର ଜମି, ଭାଗଚାଷୀ କିମ୍ବା ଭୂଲେଖ ଠିକ୍ ଅଛି କି ନାହିଁ ଏହି ଟିମ୍ ତଦାରଖ କରିବ।

**ଖବର ପ୍ରକାଶ ପରେବି କାର୍ଯ୍ୟାନୁଷ୍ଠାନ ଶୂନ**

## ଦିନିକୁ ଦିନ ବିଗିଡ଼ି ଚାଲିଛି ରାସ୍ତା



**ବନ୍ତ/ଆଗରପଡ଼ା,୧୧।୭(ସମିସ):** ଗତ ମେ' ୧୯ ତାରିଖ 'କଂକ୍ରିଟ ରାସ୍ତା ଫାଟି ଦୁଇ ଫାଳ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ଇତି ମଧ୍ୟରେ ୨ମାସ ବିତିବାକୁ ବସିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଉକ୍ତ ରାସ୍ତା ଦିନକୁ ଦିନ ଅଧିକ ବିଗିଡ଼ିବା ସହ ମରଣଯନ୍ତା ପାଲଟିବାରେ ଲାଗିଛି। ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଞ୍ଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୯ ବର୍ଷ ପରେବି କେବଳ ମରାମତିରେ ସୀମିତ ରହିଛି ଉକ୍ତ ରାସ୍ତା। ବାରମ୍ବାର ଅଭିଯୋଗ ଓ ଧାରଣା ଦେବାର ଚେତାବନୀ ଦେବା ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଗତ ସେପ୍ଟେମ୍ବର ମାସରେ ଏହାର ମରାମତି କରାଯାଇଥିଲା। ମରାମତିକୁ ଇତି ମଧ୍ୟରେ ୭ମାସ ନବିତୁଣୁ ରାସ୍ତା ତାର ପୂର୍ବ ଅବସ୍ଥାକୁ ଫେରିବାକୁ ବସିଲାଣି। କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପାଖାପାଖି ୪୫୦ମିଟର କଂକ୍ରିଟ ନିର୍ମିତ ରାସ୍ତା ମଧ ମଝିରୁ ଦୁଇଫାଳ ହୋଇଯାଇଥିଲା। ଯଦ୍ୱାରା ସାଇକଲ କିମ୍ବା ମୋଟରସାଇକେଲ ଆରୋହୀ ରାସ୍ତାରେ ଯିବାକୁ ନିରାପଦ ମଣୁ ନଥିଲେ। ଟିକେ ଅସାବଧାନତାରେ ଗାଡ଼ିଚକା ଫାଟିଥିବା ରାସ୍ତାରେ ପଶି ଦୁର୍ଘଟଣା ଘଟିବ ଏଥିରେ ସନ୍ଦେହ ନଥିଲା। ପରେ ବିଭାଗ ତରଫରୁ ଏହାର ମରାମତି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସେ ମଧ ତାର ପୂର୍ବାବସ୍ଥାକୁ ଫେରିବାରେ ଲାଗିଛି। ସେହିପରି ଜାମବଣୀ ଛକରେ ଥିବା କଂକ୍ରିଟ ରାସ୍ତା ମଝିରୁ ଫାଟି ଦୁଇଫାଳ ହୋଇ ବିପଦକୁ ଆମନ୍ତ୍ରଣ କରୁଛି। ତେଣୁ ଉକ୍ତ ରାସ୍ତାର ମରାମତି ଜରୁରୀ ହୋଇପଡ଼ିଥିବା ନେଇ ଖବର ପ୍ରକାଶିତ ହେବା ପରେ ମଧ ବିଭାଗୀୟ ଉଦାସୀନତା ବିପଦକୁ ଆମନ୍ତ୍ରଣ କରୁଛି। ବଡ଼ ଧରଣର କିଛି ଦୁର୍ଘଟଣା ଘଟିବା ଆଗରୁ ସ୍ଥାୟୀ ରାସ୍ତା ନିର୍ମାଣକୁ କାଗଜକଲମରେ ସୀମିତ ନରଖି ଏହାର ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି।

**ବଜାରରେ ପରିବା ଦର ଆକାଶଛୁଆଁ**

# ବଢୁନି ମଧ୍ୟାହ୍ନ ଭୋଜନ ଅର୍ଥ

**ବନ୍ତ/ଆଗରପଡ଼ା,୧୧।୭(ସମିସ):** ବଜାର ପନିପରିବା ଦର ଏବେ ଆକାଶଛୁଆଁ ହୋଇଛି। ଯାହାର ସିଧାସଳଖ ପ୍ରଭାବ ମଧ୍ୟାହ୍ନ ଭୋଜନ ଉପରେ ପଡିଛି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଚାଉଳ, ଡାଲି, ଲୁଣ ଓ କାଠ ଆଦିର ଦର ପ୍ରତିଦିନ ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ବଜାରରେ ପରିବା ଦର ହୁହୁ ହୋଇ ବଢୁଛି। ଟମାଟୋ, ବାଇଗଣ, ପୋଟଳ, ବୋଇତାଳୁ ଆଦିର କିଲୋ ପିଛା ଦର ୬୦ରୁ ଶହେ ଟଙ୍କା ଭିତରେ ରହୁଥିବା ବେଳେ ବର୍ତ୍ତମାନ ଗୋଟିଏ ଅଣ୍ଡାର ବଜାର ଦର ୭ଟଙ୍କା ରହିଛି। ଏହିପରି ସ୍ଥଳେ ସରକାର ସ୍ତରରେ ଏହି ଜିନିଷ ଗୁଡ଼ିକ ବାବଦକୁ ମଞ୍ଜୁର ହୋଇଥିବା ଅର୍ଥ ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଆଣିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ରାଥମିକ ବିଦ୍ୟାଳୟର ପ୍ରତି ପିଲା ମୁଣ୍ଡପିଛା ଚାଉଳ ୧୫୦ ଗ୍ରାମ, ଡାଲି ୩୦ ଗ୍ରାମ, ତେଲ ୭.୫ ଗ୍ରାମ, ପନିପରିବା ୧୦୦ଗ୍ରାମ ହିସାବରେ ପ୍ରତିଦିନ ଦିଆଯାଇଥାଏ। ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ପ୍ରତି ଉଚ୍ଚ ପ୍ରାଥମିକ ପିଲା ପିଛା ୬.୦୩ ଟଙ୍କା ଓ ପ୍ରାଥମିକ ପିଲା ପିଛା ୪.୦୪ ଟଙ୍କା ଦିଆଯାଉଥିଲା। ୨୦୧୬-୧୭ ଜୁଲାଇ ମାସରୁ ଏହା ବୃଦ୍ଧି ପାଇ ୬ ଟଙ୍କା ୮୩ ପଇସା ଓ ୪ ଟଙ୍କା ୫୮ ପଇସା ହୋଇଥିଲା। ଯାହାକି ୨୦୧୮ ନଭେମ୍ବର ମାସ ପର୍ଯ୍ୟନ୍ତ ବଳବତ୍ତର ଥିଲା। ସରକାର ୨୦୧୮ ଡିସେମ୍ବର ୧ ତାରିଖରୁ ଏହି ଦରରେ ପରିବର୍ତ୍ତନ ଆଣି ପ୍ରାଇମେରୀ ସ୍କୁଲ ପିଲା ପିଛା ୪ଟଙ୍କା ୫୮ ପଇସାକୁ ବର୍ଦ୍ଧିତ କରି ୪ଟଙ୍କା ୮୦ ପଇସା ଓ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୬ଟଙ୍କା ୮୩ ପଇସାକୁ ବର୍ଦ୍ଧିତ କରି ୭ ଟଙ୍କା ୧୬ ପଇସା ରଖିଥିଲେ। ଯାହାକି ପୂର୍ବରୁ ଥିବା ପ୍ରାଇମେରୀ ସ୍କୁଲ ପିଲା ପିଛା ଦର ଅପେକ୍ଷା ମାତ୍ର ୨୨ ପଇସା ବୃଦ୍ଧି ପାଇଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୩୩ ପଇସା ବୃଦ୍ଧି ପାଇଥିଲା। ପୁନଶ୍ଚ ଏଥିରେ ପରିବର୍ତ୍ତନ ଆଣି ସରକାର ଗତ ୨୦୧୯ ଜୁଲାଇ ମାସ ୧ତାରିଖରୁ ପ୍ରାଇମେରୀ ସ୍କୁଲ ପିଲା ପିଛା ୪ଟଙ୍କା ୮୦ ପଇସାକୁ ବର୍ଦ୍ଧିତ କରି ୪ଟଙ୍କା ୯୩ ପଇସା ଓ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୭ ଟଙ୍କା ୧୬ ପଇସାକୁ ବର୍ଦ୍ଧିତ କରି ୭ ଟଙ୍କା ୩୬ ପଇସା ରଖିଛନ୍ତି। ଯାହାକି ପୂର୍ବରୁ ଥିବା ପ୍ରାଇମେରୀ ସ୍କୁଲ ପିଲା ପିଛା ଦର ଅପେକ୍ଷା ମାତ୍ର ୧୩ ପଇସା ବୃଦ୍ଧି ପାଇଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୨୦ ପଇସା ବୃଦ୍ଧି ପାଇଥିଲା। ପୁନଶ୍ଚ ଏଥିରେ ପରିବର୍ତ୍ତନ ଆଣି ସରକାର ଗତ ୨୦୨୦ରୁ ପ୍ରାଇମେରୀ ସ୍କୁଲ ପିଲା ପିଛା ୪ଟଙ୍କା ୯୩ ପଇସାକୁ ବର୍ଦ୍ଧିତ କରି ୫ଟଙ୍କା ୪୨ ପଇସା ଓ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୭ ଟଙ୍କା ୩୬ ପଇସାକୁ ବର୍ଦ୍ଧିତ କରି ୮ ଟଙ୍କା ୧୦ ପଇସା ରଖିଛନ୍ତି। ଯାହାକି ପୂର୍ବରୁ ଥିବା ପ୍ରାଇମେରୀ ସ୍କୁଲ ପିଲା ପିଛା ଦର ଅପେକ୍ଷା ମାତ୍ର ୪୯ ପଇସା ବୃଦ୍ଧି ପାଇଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୭୪ ପଇସା ବୃଦ୍ଧି ପାଇଥିଲା। ପରେ ୨୦୨୨ ଅକ୍ଟୋବର ମାସରୁ ପ୍ରାଇମେରୀ ସ୍କୁଲ ପିଲା ପିଛା ୫ଟଙ୍କା ୪୨ ପଇସାକୁ ବର୍ଦ୍ଧିତ କରି ୫ଟଙ୍କା ୯୦ ପଇସା ଓ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୮ ଟଙ୍କା ୧୦ ପଇସାକୁ ବର୍ଦ୍ଧିତ କରି ୮ ଟଙ୍କା ୮୨ ପଇସା ରଖିଛନ୍ତି। ଯାହାକି ପୂର୍ବରୁ ଥିବା ପ୍ରାଇମେରୀ ସ୍କୁଲ ପିଲା ପିଛା ଦର ଅପେକ୍ଷା ମାତ୍ର ୪୮ ପଇସା ବୃଦ୍ଧି ପାଇଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ ପିଲା ପିଛା ୭୨ ପଇସା ବୃଦ୍ଧି ପାଇଥିଲା। ଇତି ମଧ୍ୟରେ ୨୦ମାସ ବିତିଯାଇଥିଲେ ସୁଦ୍ଧା ମଧ୍ୟାହ୍ନଭୋଜନ ଅର୍ଥରେ କୌଣସି ପରିବର୍ତ୍ତନ ସରକାର ଆଣିନଥିବାରୁ ବର୍ତ୍ତମାନର ବଜାର ଦରକୁ ଲକ୍ଷ୍ୟ କଲେ ଏତିକି ମୂଲ୍ୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ଏଥି ସହିତ ଲୁଣ, କାଠ ଆଦି ଜିନିଷର ଆବଶ୍ୟକତା ରହିଛି। ବିଭିନ୍ନ ବିଦ୍ୟାଳୟରେ ଏହି ଦାୟିତ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ତ ପୁଣି କେଉଁଠି ପ୍ରଧାନ ଶିକ୍ଷକଙ୍କୁ ନ୍ୟସ୍ତ କରାଯାଉଛି। ଏବାବଦକୁ ଆସୁଥିବା ଖର୍ଚ୍ଚ ପ୍ରତିମାସ ମିଳିପାରୁ ନଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ବା ସଂୟସହାୟକ ଗୋଷ୍ଠୀ ଏହି ସାମଗ୍ରୀ ଗୁଡ଼ିକୁ ବାକିରେ ଆଣିବାକୁ ବାଧ ହେଉଛନ୍ତି। ଏଥିନେଇ ଅନେକ ସମୟରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାର ପରିଲକ୍ଷିତ ହେଉଛି। ତତ୍‌ସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆସୁଥିବା ଅର୍ଥରେ ଉତ୍ତମ ଖାଦ୍ୟ ପ୍ରସ୍ତୁତ ହେବା ସମ୍ଭବପର ହେଉନଥିବାରୁ ପିଲାଙ୍କ ଉପସ୍ଥାନରେ ତାଳମେଳ ରହୁନଥିବା ପରିଲକ୍ଷିତ ହେଉଛି। ଯେଉଁଥି ପାଇଁ ବେଳେବେଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ବହୁ ଅପବାଦ ଶୁଣିବାକୁ ମିଳୁଛି। ଏହି ମୂଲ୍ୟକୁ ନେଇ ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ଥିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ଏଥିନେଇ ନିଜର କ୍ଷୋଭ ଓ ଅସହାୟତା ପ୍ରକାଶ କରିଛନ୍ତି। ଗତ ୨୦ମାସ ବର୍ଷ ସରକାର ମଧ୍ୟାହ୍ନ ଭୋଜନ ମୂଲ୍ୟରେ ପରିବର୍ତ୍ତନ କରିନଥିବାରୁ ଏତେ ସ୍ୱଳ୍ପ ମୂଲ୍ୟରେ ମଧ୍ୟାହ୍ନ ଭୋଜନରେ କେମିତି ପୁଷ୍ଟିକର ଖାଦ୍ୟ ମିଳିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

- ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବା ନେଇ ସନ୍ଦେହ
- ଅଣ୍ଡା ଦର ୭ଟଙ୍କା ଥିବା ବେଳେ ସରକାର ଦେଉଛନ୍ତି ୫ଟଙ୍କା



**ଶୁଣିଲାନି ପ୍ରଶାସନ**

## ଗ୍ରାମବାସୀ ମରାମତି କଲେ ରାସ୍ତା

**ବନ୍ତ/ଆଗରପଡ଼ା,୧୧।୭(ସମିସ):** ବାରମ୍ବାର ଅଭିଯୋଗ କଲା ପରେ ମଧ ବାଙ୍ଗତୀରା-ତୁମ୍ବାପଦୀ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପ୍ରଶାସନର ଏହିପରି ଉଦାସୀନତାକୁ ଦେଖି ଶେଷରେ ବାଧ ହୋଇ ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ।

ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅଧୀନ ୨ନଂ, ୩ନଂ ଓ ୪ନଂ ୱାଡର୍ ଅନ୍ତର୍ଗତ ଦୁଇଟି ଗାଁ ବାଙ୍କତିରା ଓ ତୁମ୍ବାପଦୀ। ସାମାନ୍ୟ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ଉକ୍ତ ୨ଗାଁର ବାସୀନ୍ଦା। ଏହି ଦୁଇ ଗାଁକୁ ଭଲ ରାସ୍ତା ନିର୍ମାଣ ହୋଇପାରୁନଥିଲା। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ପ୍ରକାଶ ପାଉଥିଲା। ବିଭିନ୍ନ ସମୟରେ ଭିନ୍ନଭିନ୍ନ ଯୋଜନାରେ ଉକ୍ତ ଦୁଇ ଗ୍ରାମର ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ଏହା ସଂପୂର୍ଣ୍ଣ ହୋଇପାରୁନଥିବାରୁ ବର୍ଷାଦିନରେ ଗମନାଗମନରେ ପୂର୍ବପରି ଅସୁବିଧା ଲାଗିରହୁଛି। ସରମରା ଠାରୁ ପାଖାପାଖି ୬ମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ସେହପରି ତୁମ୍ବାପଦିରୁ ବାଙ୍କତିରାକୁ ଲମ୍ବିଥିବା ପାଖାପାଖି ୨/୩ ମିଟର ରାସ୍ତା ଅବସ୍ଥା ମଧ ସେହିପରି। ତେଣୁ ରାସ୍ତା ନିର୍ମାଣ ହୋଇମଧ ଏକ ସଂପୂର୍ଣ୍ଣ ସ୍ଥାୟୀ ରାସ୍ତା ନିର୍ମାଣ ନ ହୋଇପାରିବାରୁ ଦୁଇ ଗ୍ରାମବାସୀଙ୍କ ସ୍ଥାୟୀ ରାସ୍ତା ସ୍ୱପ୍ନ ହାଇ ରହିଯାଇଥିଲା। ଏହିପରି ସ୍ଥଳେ ତୁମ୍ବାପଦି ସ୍କୁଲ ପାଖରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ରାସ୍ତାକୁ ଗୁରୁବାର ରମେଶ ଚନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ଗିରି, ପ୍ରଦୀପ ଖଣ୍ଡା, ଉପେନ୍ଦ୍ର ଜେନା, ରାଜେଶ ଗିରି, ଶରତ ଗିରି, ହରିହର ଗିରି, ସୁବାସ ଚନ୍ଦ୍ର ଗିରି, ବଳରାମ ଗିରି, ନାରାୟଣ ଚନ୍ଦ୍ର ଜେନା, ଜୟରାମ ହେମ୍ବ୍ରମ, ସୁନ୍ଦର ରାୟ ମୁର୍ମୁ ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ମରାମତି କରାଯାଇଥିଲା। ଅପରପକ୍ଷରେ ରାସ୍ତା ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ପର୍ଯ୍ୟାୟ କ୍ରମରେ ବିଭିନ୍ନ ପ୍ରକାର ଯୋଜନାରେ ଉକ୍ତ ରାସ୍ତାର ମରାମତି ନିମନ୍ତେ ଅର୍ଥ ମଞ୍ଜୁର ହେଉଥିବା ପ୍ରକାଶ କରିଥିଲେ।



## ନାକରେ କନ୍ଦାଇଲାଣି ଖାଦ୍ୟ ସାମଗ୍ରୀର ଦରବୃଦ୍ଧି

# ହାତ ଟେକିଦେଲେ ମନ୍ତ୍ରୀ

**ଭୁବନେଶ୍ୱର, ୧୧।୭(ସମିସ):** ପନିପରିବାଠୁ ଆରମ୍ଭ କରି ଡାଲି, ଚାଉଳ, ତେଲ ଭଳି ଖାଦ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧିରେ ଗରିବ ଓ ମଧ୍ୟବିତ୍ତ ପରିବାର ତ୍ରାହିତ୍ରାହି ଡାକ ଛାଡ଼ିଲେଣି। ସ୍ୱଳ୍ପ ରୋଜଗାରରେ ପରିବାର ଚଳାଉଥିବା ମୁରବୀମାନେ କେମିତି ଘରର ସବୁ ଖର୍ଚ୍ଚ ତୁଲାଇବେ, ଦିନରାତି ତାଙ୍କୁ ସେଇ ଚିନ୍ତା ଘାରିଲାଣି। ଏଭଳି ସମୟରେ ସରକାରୀସ୍ତରରେ ଲୋକଙ୍କ ସହାୟତା ଯୋଗାଇବା କି ଲୋକଙ୍କ

### ଆଗାମୀ ଦିନରେ ମୂଲ୍ୟ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବୁ

ସୁହାଇଲା ଭଳି ଦର କରିବାକୁ ନେଇ ମାନସମନ୍ଥନ କରିବା ପରିବର୍ତ୍ତେ ଆମ ରାଜ୍ୟରେ ଉତ୍ପାଦନ କମ୍ ଓ ଆମକୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି କହି ହାତ ଟେକି ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅନ୍ୟପକ୍ଷରେ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ୩୦-୩୫ ଭିତରେ ରହିଛି। ଏହା ଖାଉଟିଙ୍କୁ ବିଶେଷ ପ୍ରଭାବିତ କରୁନି ବୋଲି କହିଛନ୍ତି ମନ୍ତ୍ରୀ। ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ନାପସନ୍ଦ କରିଛନ୍ତି ସାଧାରଣ ଖାଉଟି। ସାଧାରଣ ପରିବାର କ'ଣ କେବଳ ଆଳୁ, ପିଆଜ ଖାଇ ବଞ୍ଚୁଛି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଜନତା।

ସୂଚନାନୁସାରେ, ଦରଦାମ୍ ଉପରେ ପ୍ରଶାସନର ନିୟନ୍ତ୍ରଣ ରହୁ ନଥିବାରୁ ଏଭଳି ମୂଲ୍ୟବୃଦ୍ଧି ହେଉଛି ବୋଲି ଖାଉଟି ସିଧାସଳଖ ଅଭିଯୋଗ କରିଛନ୍ତି। ମନ୍ତ୍ରୀ କେବଳ ହୋଲ୍‌ସେଲ୍ ମାର୍କେଟ୍ ବୁଲୁଛନ୍ତି। ଖୁଚୁରା ବଜାରରେ ଖାଉଟିଙ୍କୁ ବେପାରୀମାନେ ଶୋଷଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏଥିସହ କିଛି କିଛି ସ୍ଥାନରେ



ସ୍ଥାନୀୟ ଅଞ୍ଚଳର ପନିପରିବା ଆଦି ଉତ୍ପାଦିତ ହେଉଥିଲେ ହେଁ ସେଠାରେ ଦରବୃଦ୍ଧି ହେବା ମନୁଷ୍ୟକୃତ ବୋଲି କୁହାଯାଉଛି। ପନିପରିବା ଦାମ୍ ଏମିତି ବଢ଼ୁଛି ଯେ ଗୋଟିଏ ଗୋଟିଏ ପରିବାର ୧ କେଜି ବଦଳରେ ୫ଶହ ଓ ୩ଶହ ଗ୍ରାମ୍‌ରେ କାମ ଚଳୁଛି। ୫ଶହ ଟଙ୍କାରେ ବ୍ୟାଗ୍ ପୂରୁନଥିବାରୁ ଖଟିଖିଆ ବା ଦିନମଜୁରିଆଙ୍କ ପରିବାର ଓ ଯୌଥ ପରିବାରଙ୍କୁ ଏବେ ଚିନ୍ତା ଘାରିଛି।

ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ପହାଳ, ଜୋହଳ ଆଦି ଅଞ୍ଚଳରେ ପରିବା ଚାଷ ହେଉଛି। ସେହି ପରିବା ସ୍ଥାନୀୟ ଅଞ୍ଚଳରେ ଓ ରାଜଧାନୀ ବଜାରକୁ ଆସୁଛି। ମାତ୍ର ଚାଷୀଠାରୁ କମ ଦରରେ କିଣି ବେପାରୀ ଚଡ଼ା ଦରରେ ବିକ୍ରି କରୁଛନ୍ତି। ଆଉ କିଛି ପରିବା ପାଇଁ ମଧ୍ୟ ବାହାର ରାଜ୍ୟରେ ନିର୍ଭର କରିବାକୁ ପଡୁଛି। ବର୍ଷାଦିନିଆ ତାଜା ପନିପରିବା ଏବେ କାଁଭାଁ ମିଳୁଥିଲା ବେଳେ ବାହାରୁ ଚାଲାଣ ପରିବା ସବୁ ଆସୁଛି। ଖରାଟିଆ ପରିବା ଉତ୍ପାଦନ କମିବା ପରେ ବାହାରୁ ଆସୁଥିବା ପରିବାରେ ହାତ ମାରିହେଉନି। କେବଳ ସେତିକି ନୁହେଁ; ଆଳୁ, ପିଆଜ, ଟମାଟୋ, ଆଦି ବି ହାତ ମାରି ହେଉନି।

ଏକ ନମ୍ବର ହାଟର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାମଲ କହିଛନ୍ତି, ଆଳୁ କିଲୋ ୩୫ରୁ ୪୦ ଟଙ୍କା ପିଆଜ ୪୦, ଅଦା-୨୦୦, ଟମାଟୋ ୬୦, ବାଇଗଣ ୬୦, ଝୁଡ଼ଙ୍ଗ ୭୦, କୁନ୍ଦୁରି ୫୦, ଅମୃତଭଣ୍ଡା ୩୦ ଟଙ୍କା, ସାରୁ କେଜି ପିଛା ୫୦ରୁ ୬୦ ଟଙ୍କା, ପୋଟଳ ୪୦ରୁ ୮୦ ଟଙ୍କା, ଦେଶୀ ପୋଟଳ ୬୦ରୁ ୮୦ ଟଙ୍କା, କୋବି ୫୦ ଟଙ୍କାରେ ବିକ୍ରି ହେଉଛି। ଡାଲି, ତେଲ ଓ ଅନ୍ୟାନ୍ୟ ରାସନ୍ ସାମଗ୍ରୀ କଥା ନକହିଲେ ଭଲ। ମାଛ ମାଂସ ବଜାର ବି ଏଥିରୁ ବାଦ୍ ଯାଇନି। ଆନ୍ଧ୍ରରୁ ରୋହି, ଭାକୁର ମାଛ ଆସୁଛି। ଉପକୂଳରେ ମାଛର ଉତ୍ପାଦନ ହ୍ରାସ ପାଇଥିବାରୁ ଲୋକଙ୍କ ଆବଶ୍ୟକତାକୁ ଦେଖି ଚଡ଼ା ଦରରେ ମାଛ ଶୁଖୁଆ ବିକ୍ରି ହେଉଛି।

ଏପରିସ୍ଥଳେ ସାଧାରଣ ଦିନମଜୁରିଆ ଶ୍ରେଣୀର ଲୋକଙ୍କୁ ମଧ୍ୟ ନିୟମିତ କାମ ମିଳୁନି। ବର୍ଷା ଆରମ୍ଭ ହୋଇଯାଇଥିବାରୁ ନିର୍ମାଣ କାମ ପ୍ରାୟ ସ୍ଥାନରେ ବନ୍ଦ ରହିଛି। ତେଣୁ ଅନ୍ୟାନ୍ୟ କାମ ପାଇଁ ବିଶେଷ ଲୋକଙ୍କ ଆବଶ୍ୟକତା ପଡୁନି। ତେଣୁ ଦିନେ କାମ କଲେ ୫ ଦିନ ବସିବାକୁ ପଡୁଛି। ଏହି ସମୟରେ ପୁଣି ଦରଦାମ ବୃଦ୍ଧି ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଏଥିପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଆଗାମୀ ଦିନରେ ମୂଲ୍ୟ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବୁ। ଓଡ଼ିଶାର ପ୍ରତିଟି ବ୍ଲକ୍‌ରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆଳୁ ଓ ପିଆଜ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ। ଏହାଦ୍ୱାରା ଦର ନିୟନ୍ତ୍ରଣ ହୋଇପାରିବ ବୋଲି ସେ କହିଛନ୍ତି।

# ୫ ବର୍ଷ ପରେ ଘରକୁ ଫେରିଲା ୫ ବର୍ଷର ହଜିଲା ପୁଅ

**ବାଲେଶ୍ୱର, ୧୧।୭ (ସମିସ):** ୫ ବର୍ଷ ପରେ ଘରକୁ ଫେରିଲା ୫ ବର୍ଷର ହଜିଲା ପୁଅ। ବାଲେଶ୍ୱର ଉତ୍କଳ ବାଳାଶ୍ରମରେ ଗତ ୫ ବର୍ଷ ହେଲା ରହି ଆସୁଥିବା ଏକ ଶିଶୁକୁ ଆଜି ତା'ର ବାସ୍ତବିକ୍ ପରିଚୟ ମିଳିଛି। ତା' ବାପା-ମା' ଆଜି ଶିଶୁଟିକୁ ଘରକୁ ଫେରାଇ ନେଇଛନ୍ତି। ଏହି ଭାବବିହ୍ୱଳ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଶିଶୁଟି ହେଲା ରୁପ୍‌ସା ଅଞ୍ଚଳର ସଞ୍ଜୟ ହେମ୍ବ୍ରମ ଓ ମିନତି ହେମ୍ବ୍ରମଙ୍କ ପୁଅ ବେଡେଗା। କହି ପାରିବାରୁ ସେବେଠାରୁ ବେଡେଗା ଉତ୍କଳ ବାଳାଶ୍ରମରେ ରହି ଆସୁଥିଲା। ବର୍ତ୍ତମାନ ବେଡେଗାକୁ ୧୦ ବର୍ଷ ହୋଇଗଲାଣି। ସେ ଉତ୍କଳ ବାଳାଶ୍ରମ ନିକଟ ମ୍ୟୁନିସିପାଲ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଛି। ତେବେ ନିକଟରେ ଉକ୍ତ ସ୍କୁଲରେ ଚାଲିଥିଲା ପୁସ୍ତକ ପ୍ରଦାନ କାର୍ଯ୍ୟକ୍ରମ ବେଡେଗା ଓ ତା'ର ପରିବାର ପାଇଁ ବରଦାନ ସାଜିଥିଲା। ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରୁପସା ଅଞ୍ଚଳର ଜଣେ ଲୋକ




- ଟ୍ରେନ୍‌ରେ ଚଢ଼ି ଚାଲିଯାଇଥିଲା ବାଲେଶ୍ୱର
- ବରଦାନ ସାଜିଲା ପୁସ୍ତକ ପ୍ରଦାନ କାର୍ଯ୍ୟକ୍ରମ

ବେଡେଗାକୁ ଚିହ୍ନି ପାରିଥିଲେ। ତା' ପରେ ବାଳାଶ୍ରମ ପକ୍ଷରୁ ଏ ନେଇ ଯାଞ୍ଚ ଆରମ୍ଭ ହୋଇଥିଲା। ବାପା-ମା'ଙ୍କ ପରିଚୟ ପତ୍ର ଦେଖିଥିଲେ। ଶେଷରେ ତାଙ୍କ ପରିବାରଲୋକଙ୍କୁ ସନ୍ଧାନ ପାଇଥିଲେ। ଖବର ପାଇ ମିନତି ଓ ସଞ୍ଜୟ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟକୁ ଆସି ନିଜ ପୁଅକୁ ଘରକୁ ଫେରାଇ ନେଇଛନ୍ତି। ତେବେ ବେଡେଗାଙ୍କୁ ମାସିକ ପାଠପଢ଼ା ଖର୍ଚ୍ଚ ଚାରି ହଜାର ଟଙ୍କା ଯୋଗାଇଦେବା ପାଇଁ ଉତ୍କଳ ବାଳାଶ୍ରମ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସଞ୍ଜୟଙ୍କ ଘର ରୁପ୍‌ସା ଷ୍ଟେସନ ନିକଟରେ। ୫ ବର୍ଷ ତଳେ ତାଙ୍କ ପୁଅ ବେଡେଗା ଭୁଲ୍‌ବଶତଃ ଟ୍ରେନରେ ଚଢ଼ି ବାଲେଶ୍ୱର ଷ୍ଟେସନରେ ପହଞ୍ଚି ଯାଇଥିଲା। ସେଠାରେ ଆରପିଏଫ ତାକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ସେଠାରେ ପିଲାକୁ ପଚରାଉଚରା କରିଥିଲେ ବି ସେ କିଛି ସ୍ପଷ୍ଟ ଭାବେ କହିପାରିନଥିଲା। ଘର ଓ ଠିକଣା ବାବଦରେ ଠିକ୍ ଭାବେ ନ

# ମାଥିଲିରେ ଝାଡ଼ାବାନ୍ତି: ୧୨ ଆକ୍ରାନ୍ତ



**ମାଥିଲି, ୧୧।୭(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ କର୍ତ୍ତନପାଲ୍ଲି ପଞ୍ଚାୟତ କୋପ୍ରା ଗ୍ରାମର ମାଡ଼ି ସାହିରେ ଝାଡ଼ାବାନ୍ତିରେ ୧୨ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଅମୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଅନ୍ୟ ୪ ଜଣଙ୍କୁ ଚିକିତ୍ସା କରୁଥିବା ଜଣାଯାଇଛି। ଆକ୍ରାନ୍ତମାନେ ହେଲେ, କମଳ ଲୋଚନ ସମରଥ (୨୫), ମୋତି ସିଂ ଦୋରା (୨୩), ହରି ପୂଜାରୀ (୩୫), ମୁକୁନ୍ଦ ଦୋରା (୨୫), ଲଳିତା ପୂଜାରୀ (୩୦), ସମ୍ବନ୍ଧ ସମରଥ (୪୦), କମଳ ଲୋଚନ ପୂଜାରୀ (୨୫), ଶୁକ୍ରୀ ସମରଥ (୨୫), ଦେବବନ୍ଧୁ ପୂଜାରୀ (୪୦), ଖଗ ଦୋରା (୨୫), କମଳା ଦୋରା (୧୬), ଦନେଇ ଦୋରା (୨୪)। ଅନ୍ୟପକ୍ଷରେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଛି, ଜିଲ୍ଲାର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ପହଞ୍ଚି ତାହାର ଅନୁସନ୍ଧାନ ଚଳାଇଛି। ଜଳ ପାଇଁ ଝାଡ଼ାବାନ୍ତି ହୋଇଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ନଳକୂଅ ପାଣି ସଂଗ୍ରହ କରାଯାଇଛି, ପରୀକ୍ଷା ପରେ ଜଣାପଡ଼ିବ ବୋଲି ଚିକିତ୍ସାଧିକାରୀ ଡା. ସ୍ୱାଇଁ କହିଛନ୍ତି। ସେହିପରି ଖବର ପାଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ କୋପ୍ରା ଗ୍ରାମରେ ପହଞ୍ଚି ସ୍ଥିତ ସମୀକ୍ଷା କରିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

**ବେତନଟୀ, ୧୧।୭(ସମିସ):** ଗୁରୁବାର ଅପରାହ୍ଣରେ ଦହିକୋଟି ଗ୍ରାମରେ ଗାଇ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନତିଦୂରରେ ଥିବା ତାଙ୍କ ସ୍ତ୍ରୀ ଏବଂ ବଡ଼ଭାଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ, ଦହିକୋଟି ଗ୍ରାମର ବୁଦ୍ଧେଶ୍ୱର ମହାନ୍ତ (୫୫)। ସୂଚନା ମୁତାବକ, ବୁଦ୍ଧେଶ୍ୱର, ତାଙ୍କ

### ବର୍ତ୍ତିଗଲେ ସ୍ତ୍ରୀ ଓ ବଡ଼ଭାଇ

ସ୍ତ୍ରୀ ପ୍ରମିଳା ଏବଂ ବଡ଼ଭାଇ ହରିମୋହନଙ୍କ ସହ ଗାଇ, ବଳଦ ଓ ଛେଳି ନେଇ ବଗାଳ କରିବାକୁ ଯାଇଥିଲେ। ଅପରାହ୍ଣରେ ହଠାତ୍ ପ୍ରଚଣ୍ଡ ବଜ୍ରପାତ ଆରମ୍ଭ ହୋଇଯାଇଥିଲା। ବୁଦ୍ଧେଶ୍ୱର, ତାଙ୍କ ସ୍ତ୍ରୀ ପ୍ରମିଳା ଏବଂ ବଡ଼ଭାଇ ହରିମୋହନ ତରତର ହୋଇ ଘରକୁ ଫେରିଆସୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ବୁଦ୍ଧେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଜର୍ମାନୀ ବିଶ୍ୱବିଦ୍ୟାଳୟ ସହ ଡ୍ରିମ୍‌ସର ବୁଝାମଣାପତ୍ର

**କଟକ, ୧୧।୭(ସମିସ):** ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ଏବଂ ଆନ୍ତର୍ଜାତିକ ସହଭାଗିତା ପାଇଁ ଜର୍ମାନୀର ଆଚେନ୍ ବିଶ୍ୱବିଦ୍ୟାଳୟ ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାକୁ ଯାଉଛି। ଡ୍ରିମ୍‌ସ ପକ୍ଷରୁ ଏସଂକ୍ରାନ୍ତ ପ୍ରସ୍ତାବ ଆଚେନ୍ ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କୁ ଦିଆଯାଇଛି।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ସ୍ୱାକ୍ଷରିତ ଏହି ପ୍ରସ୍ତାବ ଜର୍ମାନ ଗସ୍ତରେ ଥିବା ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ଆଚେନ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ମାନ୍‌ଫେଡ୍ ନେଟକୋଭେନ୍‌ଙ୍କୁ ସାକ୍ଷାତ କରିବା ଅବସରରେ ପ୍ରଦାନ କରିବା ସହ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଇଂଜିନିୟରିଂ, ମ୍ୟାନେଜେମେଣ୍ଟ, ମେଡିକାଲ ସାଇନ୍ସ ସମେତ ଅନ୍ୟାନ୍ୟ ପାଠ୍ୟକ୍ରମରେ ଅଧ୍ୟୟନ, ମିଳିତ ଗବେଷଣା, ପ୍ରୋଜେକ୍ଟ ପ୍ରସ୍ତୁତି, ଶିକ୍ଷକ ବିନିମୟ, ଶିକ୍ଷା କ୍ଷେତ୍ରରେ ସର୍ବୋତ୍ତମ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକ ପରିଚିତ ହେବା ସହିତ ଉପଲବ୍ଧ ସୁବିଧାସୁଯୋଗ ହାସଲ କରିପାରିବେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଭଳି ପ୍ରୟାସକୁ ସ୍ୱାଗତ କରିବା ସହ ଏହା ଫଳରେ ଆମର ବିଶ୍ୱସ୍ତରୀୟମାନର ଅଭିବୃଦ୍ଧି ଘଟିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

■ ମାତୃ ଓ ଭ୍ରାତୃହନ୍ତାକୁ ଆଜୀବନ

## ନିମ୍ନ ଅଦାଲତଙ୍କ ଆଦେଶ ହାଇକୋର୍ଟରେ କାଏମ

**କଟକ, ୧୧।୭ (ସମିସ):** ମା' ଓ ୧୮ ଦିନର ଛୋଟ ଭାଇକୁ ହତ୍ୟା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତର ଆଜୀବନ ଜେଲ୍ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ନବରଙ୍ଗପୁର ଅତିରିକ୍ତ ଦୌରାଜଜ୍ ୨୦୧୦ ସେପ୍ଟେମ୍ବର ୨୫ରେ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ଜେଲରେ ଥାଇ ଅଭିଯୁକ୍ତ ରୂପଧର ଜାନି ହାଇକୋର୍ଟରେ ଗତ ୨୦୧୦ରେ ଏକ ଅପିଲ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଛନ୍ତି। ବିଚାରପତି ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଆବେଦନକାରୀଙ୍କୁ ମିଳିଥିବା ଦୋଷୀ ସାବ୍ୟସ୍ତ ଆଦେଶ କାଏମ ରଖିଛନ୍ତି। ସମସ୍ତ ତଥ୍ୟ ପ୍ରମାଣକୁ ତର୍ଜମା କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୦୭ ଜୁଲାଇ ୧୯ ତାରିଖ ସକାଳେ ଅଭିଯୁକ୍ତ ରୂପଧର ନିଜ ମା' ରତନି ଜାନୀଙ୍କୁ ଚାଉଳ ମାଗିବାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ମା' ରତନୀଙ୍କ ସହ ୧୮ ଦିନର ଶିଶୁ ଭାଇ ଶୋଇଥିବା ବେଳେ କଟୁରିରେ ରୂପଧର ଦୁହିଁଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା।

■ ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ବିଳମ୍ବରେ ରିଟ୍ ଅପିଲ ଦାୟର

# ୪୬ହଜାର ଟଙ୍କା ଦଣ୍ଡ ଗଣିବେ ରାଜ୍ୟ ସରକାର

**କଟକ,୧୧।୭(ସମିସ):** ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ନିର୍ଦ୍ଧାରିତ ସମୟଠାରୁ ୪୬୦ ଦିନ ବିଳମ୍ବରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠରେ ରାଜ୍ୟ ସରକାର ରିଟ୍ ଅପିଲ ଦାୟର କରିବା ହେତୁ ଦଣ୍ଡ ଗଣିବେ। ଯଦିଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହି ବିଳମ୍ବକୁ କ୍ଷମା କରିଛନ୍ତି, କିନ୍ତୁ ଏଥିପାଇଁ ସରକାର ୪୬ ହଜାର ଟଙ୍କା ଦଣ୍ଡ ଗଣିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଳମ୍ବ ପାଇଁ ସରକାର ଯେଉଁ କାରଣ ଦର୍ଶାଇଥିଲେ, ତାହା ସନ୍ତୋଷଜନକ ନଥିଲା ବୋଲି ହାଇକୋର୍ଟ କହିଛନ୍ତି। ଏଭଳି ମାମଲାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଫାଇଲର ଗତିଶୀଳତା ନେଇ ସାଧାରଣ ବିଳମ୍ବକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ବିଳମ୍ବକୁ ହାଇକୋର୍ଟ କ୍ଷମା କରିବା ସହ ପ୍ରତିପକ୍ଷଙ୍କୁ ରାଜ୍ୟ ସରକାର ୪୬ ହଜାର ଟଙ୍କା ଦୁଇ ମାସ ଭିତରେ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରିଟ ଅପିଲ ଦାୟର ବିଳମ୍ବ କ୍ଷମା ପ୍ରସଙ୍ଗରେ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଅନ୍ୟପଟରେ ମୂଳ ରିଟ୍ ଅପିଲର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୮ କୁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯେ, ଜଣେ ବ୍ୟକ୍ତିଙ୍କୁ ସଂଶୋଧିତ ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ପ୍ରଦାନ ପାଇଁ ୨୦୨୨, ଡିସେମ୍ବର ୧୫ରେ ହାଇକୋର୍ଟ ରାୟ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର, ବହୁ ବିଳମ୍ବରେ ତଥା ୨୦୨୪, ଏପ୍ରିଲ ୨୨ରେ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

## ଭଦ୍ରକରେ ନକଲି ଜର୍ଦ୍ଦା କାରଖାନା ଠାବ

# ୫୦ ଲକ୍ଷର ନକଲି ଜର୍ଦ୍ଦା ଓ ସାମଗ୍ରୀ ଜବତ

**ଭଦ୍ରକ, ୧୧।୭(ସମିସ):** ଭଦ୍ରକ ପୁରୁଣା ବଜାର ଥାନା ଅଞ୍ଚଳ ନକଲି ଜର୍ଦ୍ଦାର ହବ୍ ପାଲଟିଛି। ଏହି ଥାନା ଅଞ୍ଚଳରେ ନକଲି ଜର୍ଦ୍ଦା କାରବାର ଏକପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଗଲାଣି। ଗତ ବୁଧବାର ରାତିରେ ପୁରୁଣାବଜାର ହେଲାସାହି ଅଞ୍ଚଳରୁ ପୁଲିସ୍ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ଏହି କାରଖାନାରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ମୂଲ୍ୟର ନକଲି ଜର୍ଦ୍ଦା, ଆନୁଷଙ୍ଗିକ ସାମଗ୍ରୀ, ଯନ୍ତ୍ରାଂଶ ଆଦି ଜବତ ହୋଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତ ସେକ୍ ରବାନୀ ଓ ସେକ୍ ଖଲିକଙ୍କୁ ପୁଲିସ୍ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ପୁଲିସ୍ ୩ଟି ପୃଥକ ସ୍ଥାନରେ ଚଢ଼ଉ କରିଥିବା ବେଳେ



ଘଟଣାରେ ୩ଟି ପୃଥକ ମାମଲା ରୁଜୁ କରିଥିବା ଆଜି ପୁରୁଣା ବଜାର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ପୁରୁଣା ବଜାର ଥାନା ଆଇଆଇସି ନିରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଭଦ୍ରକ ପୁରୁଣାବଜାର ଥାନା ହେଲାସାହିରେ ଏକ ନକଲି ଜର୍ଦ୍ଦା କାରଖାନା ଚାଲିଥିବା ସୂଚନା ପାଇଥିଲା ପୁଲିସ। ଗତ ରାତିରେ ପୁଲିସ ଅତର୍କିତ ଚଢ଼ଉ କରି ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ, ଷ୍ଟିକର୍, ଜର୍ଦ୍ଦା ଡବା ଓ ଅନ୍ୟାନ୍ୟ ବ୍ୟବହୃତ ଯନ୍ତ୍ରାଂଶ ସାମଗ୍ରୀ ସହ ନକଲି ଜର୍ଦ୍ଦା ଜବତ କରିଥିଲା। ଏହି ନକଲି ଜର୍ଦ୍ଦାକୁ ଚୋରା ବେପାରୀମାନେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିବା ଜଣାଯାଇଛି।

## ଡ୍ରଗ୍ସ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ରଦ୍ଦ କଲେ ହାଇକୋର୍ଟ

**କଟକ, ୧୧।୭ (ସମିସ):** ଡ୍ରଗ୍ସ ଇନ୍ସପେକ୍ଟର ନିଯୁକ୍ତି ନିମନ୍ତେ ପ୍ରଶ୍ନପତ୍ର (ଟେଷ୍ଟ ବୁକଲେଟ) ଧାର୍ଯ୍ୟ ନିୟମ ଅନୁସାରେ କରାଯାଇ ନଥିବା ଅଭିଯୋଗରେ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ସର୍ଭିସ (ଓଡିସିଏସ)ରୁଲ୍ ୨୦୨୦ର ଧାରା ୬କୁ ଉଲ୍ଲଂଘନ କରି ହୋଇଥିବା ୨୦୨୩ ମାର୍ଚ୍ଚ ୧୯ର ନିଯୁକ୍ତି ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏଥିସହ ଡ୍ରଗ୍ସ ଇନ୍ସପେକ୍ଟର ପଦରେ ନିଯୁକ୍ତି ପାଇଁ ଉପରୋକ୍ତ ନିୟମାବଳୀ ଅନୁସରଣ ପୂର୍ବକ ସାନି ପରୀକ୍ଷା କରାଇବାକୁ ଓପିଏସସି(ଓଡ଼ିଶା ଲୋକସେବା ଆୟୋଗ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟବ୍ରତ ସାମନ୍ତସିଂହାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ମୁରାହାରି ଶ୍ରୀ ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ସାନି ପରୀକ୍ଷା କରାଇବାକୁ ଓପିଏସସିକୁ ନିର୍ଦ୍ଦେଶ

ମାମଲାରୁ ପ୍ରକାଶ ଯେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଗତ ୨୦୨୨-୨୩ପାଇଁ ଡ୍ରଗ୍ସ ଇନ୍ସପେକ୍ଟର ନିଯୁକ୍ତି ନିମନ୍ତେ ଓପିଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡିସିଏସ ନିୟମାବଳୀ-୨୦୨୦ଅନୁସାରେ ଡ୍ରଗ୍ସ ଇନ୍ସପେକ୍ଟର ନିଯୁକ୍ତି ପାଇଁ ହେଉଥିବା ଲିଖିତ ପରୀକ୍ଷାରେ ପ୍ରତି ବିଷୟରେ ୨୫ ମାର୍କ ରହିବା କଥା। ମୋଟ ୮ ଗୋଟି ବିଷୟରେ ଏହିଭଳି ନମ୍ବର ପାର୍ଟନ ରହି ନଥିବା ଆବେଦନକାରୀ ଅଭିଯୋଗ କରିଥିଲେ। ଓପିଏସସି ପକ୍ଷରୁ ପରୀକ୍ଷାରେ ଦିଆଯାଇଥିବା ଟେଷ୍ଟ ବୁକଲେଟରେ ଫାର୍ମାସିଟ୍ୟୁକାଲ ଆଣ୍ଡ ମେଡିସିନାଲ କେମିଷ୍ଟ୍ରିରେ ମୋଟ ୧୩ ନମ୍ବର, ଫାର୍ମାକୋଲୋଜିରେ ୪୮, ଫାର୍ମାସିଟ୍ୟୁକିସରେ ୨୫, ଫାର୍ମାକୋଗ୍ନୋସି ଓ ଫାଇଟୋକେମିଷ୍ଟ୍ରିରେ ୨୬, ଫାର୍ମାସିଟ୍ୟୁକାଲ ବାୟୋକେମିଷ୍ଟ୍ରି ଓ ମାଇକ୍ରୋବାୟୋଲୋଜିରେ ୨୨, ହ୍ୟୁମାନ ଆନାଟୋମିରେ ୨୪ ଏବଂ ହସପିଟାଲ, କ୍ଲିନିକାଲ ଆଣ୍ଡ ଫରେନସିକ ଫାର୍ମାସିରେ ୧୭ ନମ୍ବରର ପ୍ରଶ୍ନ; ଏହିପରି ମୋଟ ୨୦୦ ମାର୍କ ପଡ଼ିଥିଲା। ଏହି ପ୍ରଶ୍ନପତ୍ର ନିୟମାବଳୀ ପୂର୍ବକ କରାଯାଇନଥିବା ତଥା ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଏହାକୁ ରଦ୍ଦ କରିବା ସହ ସାନି ପରୀକ୍ଷା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ। ପରୀକ୍ଷାର ବିଷୟଗୁଡ଼ିକ ଇଣ୍ଟରଲିଙ୍କ ହୋଇଥିବା ଓପିଏସ୍‌ସି ପକ୍ଷରୁ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ହାଇକୋର୍ଟ ଉକ୍ତ ପରୀକ୍ଷାକୁ ରଦ୍ଦ କରିଦେଇଛନ୍ତି।

# ଓଡ଼ିଶାରେ ବନ୍ଦ ହେବନି ମଦ ବିକ୍ରି: ମନ୍ତ୍ରୀ

**ଭୁବନେଶ୍ୱର,୧୧।୭(ସମିସ):** ଓଡ଼ିଶାରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନୁହେଁ, ଚୋରା ମଦ ବିକ୍ରୟ ବନ୍ଦ କରାଯିବ। ଚୋରା ମଦ ପାଇଁ ଲୋକଙ୍କ ମଧ୍ୟରେ ମଦ୍ୟପାନ ହାର ବଢ଼ୁଛି। ତେଣୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ସବୁ ସ୍ଥାନରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଓଡ଼ିଶାରେ ବିଜେପି ସରକାର ଆସିବା ପରେ ମଦ ବ୍ୟବସାୟ ଉପରେ ଅଙ୍କୁଶ ଲାଗିବ ବୋଲି ଜୋରଦାର ଆଲୋଚନା ହେଲା। ଯଦିଓ ବିଜେପିର ନିର୍ବାଚନୀ ଇସ୍ତାହାରରେ ମଦ ବନ୍ଦ ପାଇଁ କୌଣସି ପ୍ରତିଶ୍ରୁତି ଦିଆଯାଇ ନଥିଲା, ତେବେ ଦଳର ବଡ଼ବଡ଼ିଆ ନେତା ମଦ ବନ୍ଦ କରାଯିବ ବୋଲି ନିର୍ବାଚନୀ ସଭାରେ କହିଥିଲେ। ଏପରିକି ଏସ୍‌ଏସ୍‌ଇପିଡି ବିଭାଗ ମନ୍ତ୍ରୀ ମଦ ବିକ୍ରି ବନ୍ଦ କରାଯିବ ବୋଲି ସୂଚନା ଦେଇଥିଲେ। କିନ୍ତୁ ଖୋଦ୍ ଅବକାରୀ ବିଭାଗ ମନ୍ତ୍ରୀଙ୍କର ଏହି ବୟାନ୍ ମଦ ବିକ୍ରି ବନ୍ଦ ହେବ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ କରିଛି।

ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ମଦ ବିକ୍ରି ବନ୍ଦ କରିବା କିଛି ବଡ଼ କଥା ନୁହେଁ। କିନ୍ତୁ ଯଦି

- ଅନ୍ୟ ରାଜ୍ୟରେ ମଦ ବିକ୍ରି ହେଉଛି, ଓଡ଼ିଶାରେ ବନ୍ଦ କଲେ ଉଦ୍ଦେଶ୍ୟ ପୂରଣ ହେବନି
- ମଦ ନୁହେଁ; ଚୋରା ମଦ ପାଇଁ ମଦୁଆଙ୍କ ସଂଖ୍ୟା ବଢୁଛି
- ଚଳିତ ବର୍ଷ ସୁଦ୍ଧା ଚୋରାମଦ କାରବାର ବନ୍ଦ କରାଯିବା ଲକ୍ଷ୍ୟ

ପଡ଼ୋଶୀ ରାଜ୍ୟରେ ମଦ ବିକ୍ରି ହେଉଛି, ତା ହେଲେ ଆମ ରାଜ୍ୟରେ ମଦ ବନ୍ଦ କରି କିଛି ଲାଭ ନାହିଁ। କାରଣ ଚୋରା ମଦ କାରବାର ବୃଦ୍ଧି ପାଇବ। ଗୁଜରାଟ, ବିହାରରେ ମଦ ବିକ୍ରି ବନ୍ଦ ହୋଇଛି ସତ କିନ୍ତୁ ସେଠାରେ ଚୋରାରେ ମଦ ମିଳିଯାଉଛି। ଆମ ରାଜ୍ୟରେ ଘରେ ଘରେ ମଦ ସେବନ ବଢ଼ିଛି, ସେଥିପାଇଁ ଚୋରା ମଦ କାରବାର ଦାୟୀ। ସେ କହିଥିଲେ ଯେ ମଦ ବିକ୍ରି ନିଷେଧ କରାଗଲେ ଆର୍ଥିକ କ୍ଷତି ହେବ। କିନ୍ତୁ ସରକାର ଚାହିଁଲେ ଅନ୍ୟ ବାଟରୁ ସେହି କ୍ଷତି ଭରଣା କରିପାରିବେ। କିନ୍ତୁ ଯଦି ଚୋରା ମଦ କାରବାର ହେବ, ତା ହେଲେ ନା ନିଶାସକ୍ତଙ୍କ ସଂଖ୍ୟା କମିବ ନା ସରକାର ରାଜସ୍ୱ ପାଇବେ। ଓଡ଼ିଶା ଆହୁରି ତଳକୁ ତଳକୁ ଚାଲିଯିବ। ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ପରବର୍ତ୍ତୀ ସମୟରେ ଚିନ୍ତା କରାଯାଇପାରେ। କିନ୍ତୁ ଆମେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସଂଖ୍ୟା ବଢ଼ାଇବକୁ ନାହିଁ। କେବଳ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବୁ। ମଦ କୋଦାନୀମାନେ ଯେପରି ଭାବେ ଚୋରା ମଦ କାରବାର ଚଳାଇଛନ୍ତି, ତାହା ବନ୍ଦ କରାଯିବ। ରାଜ୍ୟର ଅନେକ ଜିଲ୍ଲାରେ ମହୁଆ, ଦେଶୀ ମଦ ବିକ୍ରି ହେଉଛି। ତାକୁ କିପରି ବ୍ୟବସ୍ଥିତ କରିହେବ ତାହା ଉପରେ ବିଭାଗ ପଦକ୍ଷେପ ନେବ ବୋଲି ମନ୍ତ୍ରୀ କହିଛନ୍ତି।

ବିଜେପି ସରକାରରୁ ହିଁ ମଦ ବିକ୍ରି ବନ୍ଦ ପାଇଁ ଆହ୍ୱାନ ଉଠିଥିଲା। ପରେ ପରେ ରାଜ୍ୟର ବିଭିନ୍ନ ସଂଗଠନ, ବ୍ୟକ୍ତିବିଶେଷ ମଦ ବନ୍ଦ ପାଇଁ ଯୁକ୍ତି ବାଢ଼ିଲେ। ଏହାକୁ ରାଜ୍ୟରେ ମଦ ବନ୍ଦ ହେବ କି ନାହିଁ ତାକୁ ନେଇ ଚର୍ଚ୍ଚା ଏପର୍ଯ୍ୟନ୍ତ ଥମି ନାହିଁ। ମଦ ଦୋକାନ ପାଇଁ ଲାଇସେନ୍ସ ଜାରି ହେବ କି ନାହିଁ, ଜାରି ହୋଇଥିବା ଲାଇସେନ୍ସ ରଦ୍ଦ ହେବ କି ନାହିଁ, ରାଜସ୍ୱ ଭରଣା କିପରି କରାଯିବ ତାକୁ ନେଇ ପ୍ରଶ୍ନବାଚୀ ଲାଗି ରହିଛି। ତେବେ ଅବକାରୀ ମନ୍ତ୍ରୀଙ୍କର ଏହି ବୟାନ ଚିତ୍ର ସ୍ପଷ୍ଟ କରି ଦେଇଛି ଯେ ରାଜ୍ୟରେ ମଦ ବନ୍ଦ ହେବ ନାହିଁ। ବେଆଇନ ମଦ କାରବାର ବନ୍ଦ କିଛି ନୂଆ କଥା ନୁହେଁ। ବେଆଇନ ମଦ କାରବାର ବନ୍ଦ ପାଇଁ ବିଭାଗ ପଦକ୍ଷେପ ନେଉଥିଲା, ଆଉ ଆଗକୁ ମଧ୍ୟ ନେବ।

## ଭାରତର ଶ୍ରୀଲଙ୍କା ଗସ୍ତ

# ପାଲେକେଲେରେ ଖେଳାଯିବ ଟି-୨୦ ସିରିଜ



**କଲମ୍ବୋ, ୧୧।୭ (ଏଜେନ୍ସି):** ଜିମ୍ବାୱେ ବିପକ୍ଷ ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ପରେ ଭାରତୀୟ ଦଳ ଜୁଲାଇ ଶେଷ ସପ୍ତାହରେ ଶ୍ରୀଲଙ୍କା ଗସ୍ତରେ ଯିବ। ଏହି ଗସ୍ତରେ ଭାରତ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ୩ଟି ଲେଖାଏ ଟି-୨୦ ଓ ଏକଦିବସୀୟ ମ୍ୟାଚ୍ ଜୁଲାଇ ୨୬ରୁ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ଆୟୋଜକ ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ଗୁରୁବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୨୬, ୨୭ ଓ ୨୯ରେ ଯଥାକ୍ରମେ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ୩ଟି ଯାକ ଟି-୨୦ ମ୍ୟାଚ୍ ପାଲେକେଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେହିଭଳି ଅଗଷ୍ଟ ୧, ୪ ଓ ୭ ତାରିଖରେ ଯଥାକ୍ରମେ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଟି-୨୦ ଭଳି ଏକଦିବସୀୟ ସିରିଜ ମଧ୍ୟ ଗୋଟିଏ ଭେନ୍ୟୁ କଲମ୍ବୋସ୍ଥିତ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଗୁରୁବାର ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାପରେ ଭାରତୀୟ ଦଳର ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ବିରାଟ କୋହଲି, ଓ ରବୀନ୍ଦ୍ର ଜାଡେଜା ଏହି ସଂକ୍ଷିପ୍ତ ଫର୍ମାଟ୍‌ରୁ ଅବସର ନେଇଛନ୍ତି। ଫଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ ଖେଳିବ ଭାରତ। ସେହିଭଳି ଏକଦିବସୀୟ ସିରିଜରୁ ରୋହିତ୍ ବିଶ୍ରାମ ନେଉଥିବାରୁ ଲୋକେଶ ରାହୁଲଙ୍କୁ ନେତୃତ୍ୱ ଭାର ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରୀଲଙ୍କା ଗସ୍ତରୁ ମଧ୍ୟ ଭାରତୀୟ ଦଳର ନୂଆ ପ୍ରଶିକ୍ଷକ ଗୌତମ ଗମ୍ଭୀର ତାଙ୍କ କାର୍ଯ୍ୟଭାର ଆରମ୍ଭ କରିବେ।

### ଭାରତ-ଶ୍ରୀଲଙ୍କା ସିରିଜ କାର୍ଯ୍ୟସୂଚୀ

- ଜୁଲାଇ ୨୬: ପ୍ରଥମ ଟି-୨୦
- ଜୁଲାଇ ୨୭: ଦ୍ୱିତୀୟ ଟି-୨୦
- ଜୁଲାଇ ୨୯: ତୃତୀୟ ଟି-୨୦
- ଅଗଷ୍ଟ ୧: ପ୍ରଥମ ଏକଦିବସୀୟ
- ଅଗଷ୍ଟ ୪: ଦ୍ୱିତୀୟ ଏକଦିବସୀୟ
- ଅଗଷ୍ଟ ୭: ତୃତୀୟ ଏକଦିବସୀୟ

ବି.ଦ୍ର. ଟି-୨୦ ମ୍ୟାଚ୍ ପାଲେକେଲେରେ ଏବଂ ଏକଦିବସୀୟ ମ୍ୟାଚ୍ କଲମ୍ବୋରେ ଖେଳାଯିବ।

# ଟି-୨୦ ଅଧିନାୟକ ପଦ ଛାଡ଼ିଲେ ହାସରଙ୍ଗା



ଭାରତ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଘରୋଇ ଶ୍ରୀଲଙ୍କା ଦଳକୁ ଝଟ୍‌କା ଲାଗିଛି। ଶ୍ରୀଲଙ୍କା ଟି-୨୦ ଦଳର ଅଧିନାୟକ ପଦରୁ ଅଲ୍‌ରାଉଣ୍ଡର ୱାନିନ୍ଦୁ ହାସରଙ୍ଗା ଇସ୍ତଫା ଦେଇଛନ୍ତି। ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ଗୁରୁବାର ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। 'ଜଣେ ଖେଳାଳି ଭାବେ ମୋର ଶ୍ରେଷ୍ଠ ପ୍ରଦର୍ଶନକୁ ଶ୍ରୀଲଙ୍କା ସର୍ବଦା ପ୍ରଶଂସା କରିବ। ମୁଁ ମଧ୍ୟ ମୋର ଦଳ ଓ ନେତୃତ୍ୱକୁ ସର୍ବଦା ସମର୍ଥନ କରିବି' ବୋଲି ହାସରଙ୍ଗା କରିଛନ୍ତି। ପ୍ରକାଶଯୋଗ୍ୟ, ହାସରଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗତ ଟି-୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଶ୍ରୀଲଙ୍କା ଦଳ ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବାବେଳେ ୨ଟି ପରାଜୟ, ଗୋଟିଏ ବିଜୟ ଓ ଗୋଟିଏ ମ୍ୟାଚ୍ ବାତିଲ ସହ ୩ ପଏଣ୍ଟ ପାଇ ସୁପର୍-୮ ପର୍ଯ୍ୟାୟକୁ ଉଠିବାରେ ବିଫଳ ହୋଇଥିଲା। ଶ୍ରୀଲଙ୍କା ଦଳର ଏହି ପ୍ରଦର୍ଶନ ପରେ ଅଧିନାୟକ ହାସରଙ୍ଗାଙ୍କ ନେତୃତ୍ୱଶୈଳୀ ଉପରେ ଚାରିଆଡୁ ସମାଲୋଚନା କରାଯାଇଥିଲା।

# କ୍ରମାଗତ ଫାଇନାଲରେ ଇଂଲଣ୍ଡ

## ଟାଇଟଲ୍ ଲଢ଼େଇରେ ସ୍ପେନ୍‌କୁ ଭେଟିବ

**ଡର୍ଟମଣ୍ଡ,୧୧।୭ (ଏଜେନ୍ସି):** ଇଂଲଣ୍ଡ ଫୁଟବଲ ଦଳ କ୍ରମାଗତ ଦ୍ୱିତୀୟଥର ପାଇଁ ୟୁରୋକପ୍ ଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ପାଇଁ ବିଦେଶରେ କୌଣସି ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳି ଇଂଲଣ୍ଡ ଫାଇନାଲକୁ ଉଠି ଇତିହାସ ସୃଷ୍ଟି କରିଛି। ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ବିଭିବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମୁକାବିଲାରେ ଇଂଲଣ୍ଡ ୨-୧ ଗୋଲରେ ନେଦରଲାଣ୍ଡସକୁ ପରାସ୍ତ କରି ୟୁରୋକପ୍ ଫାଇନାଲ ଟିକଟ୍ ହାସଲ କରିଛି। ରବିବାର ଇଂଲଣ୍ଡ ଟାଇଟଲ ପାଇଁ ବର୍ଲିନର ଅଲିମ୍ପିକ ପାର୍କର ଅଲିମ୍ପିଆ ଷ୍ଟାଡିୟମରେ ଫାଇନାଲରେ ସ୍ପେନ୍‌କୁ ଭେଟିବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ସ୍ପେନ୍ ୨-୧ ଗୋଲରେ ଫ୍ରାନ୍ସକୁ ହରାଇ ଫାଇନାଲକୁ ଉଠିଥିଲା। ଫିଫା ମାନ୍ୟତାରେ ଇଂଲଣ୍ଡ ୫ମ ସ୍ଥାନରେ ରହିଥିବା ବେଳେ ନେଦରଲାଣ୍ଡସ ୭ମ ସ୍ଥାନରେ ରହିଛି। ପୂର୍ବରୁ ଇଂଲଣ୍ଡ ଘରୋଇ ପରିବେଶରେ ଅନୁଷ୍ଠିତ ୧୯୬୬ ଫିଫା ବିଶ୍ୱକପ୍‌ରେ ପ୍ରଥମ ଓ ଶେଷଥର ପାଇଁ ଟାଇଟଲ ଜିତିଥିଲା। ପୁଣି ୨୦୨୦ରେ ଇଂଲଣ୍ଡ ଘରୋଇ ପରିବେଶରେ ଖେଳାଯାଇଥିବା ୟୁରୋକପ୍‌ର ଗତ ସଂସ୍କରଣ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଇଟାଲୀଠାରୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ୧୯୬୬ ଫିଫା ବିଶ୍ୱକପ୍ ପରେ ଇଂଲଣ୍ଡ କୌଣସି ବଡ଼ ଟୁର୍ଣ୍ଣାମେଣ୍ଟ ହାସଲ କରିପାରି ନାହିଁ। ଏବେ ଦୀର୍ଘ ୫୮ ବର୍ଷ ପରେ ଇଂଲଣ୍ଡ ପାଇଁ କୌଣସି ମେଜର ଟୁର୍ଣ୍ଣାମେଣ୍ଟ ଜିତିବାର ସୁଯୋଗ ସୃଷ୍ଟି ହୋଇଛି।




### ଅନ୍ତିମ ମୁହୂର୍ତ୍ତରେ ୱାଟକିନ୍ସଙ୍କ ଗୋଲରେ ଜିତିଲା ଇଂଲଣ୍ଡ

ସ୍ଥାନୀୟ ସିଗ୍‌ନାଲ ଇଦୁନା ପାର୍କରେ ଇଂଲଣ୍ଡ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ କିନ୍ତୁ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରିଥିଲା ଓ ଇଂଲଣ୍ଡ ଏହି ବିଜୟର ହକ୍‌ଦାର ଥିଲା। ମ୍ୟାଚ୍‌ର ୭ମ ମିନିଟ୍‌ରେ ୨୧ ବର୍ଷୀୟ ଆଟର୍କିଂ ମିଡ୍‌ଫିଲ୍ଡର ଜାଭି ସାଇମନ୍ସ ଗୋଲ ସ୍କୋର କରି ନେଦରଲାଣ୍ଡସକୁ ଅଗ୍ରଣୀ କରାଇଥିଲେ। ଗୋଟିଏ ଗୋଲ ପଛରେ ଥିଲେ ମଧ୍ୟ ଇଂଲଣ୍ଡ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ୧୮ତମ ମିନିଟ୍‌ରେ ୩୦ ବର୍ଷୀୟ ଅଭିଜ୍ଞ ଷ୍ଟ୍ରାଇକର ତଥା ସୁପରଷ୍ଟାର ହ୍ୟାରୀ କେନ୍ ପେନାଲ୍ଟି ଜରିଆରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚର ପ୍ରଥମ ୨୫ ମିନିଟ୍‌ରେ ଇଂଲଣ୍ଡ ୪ଟି ସୁଯୋଗ ସୃଷ୍ଟି କରିଥିଲା। ମ୍ୟାଚ୍‌ରେ ଇଂଲଣ୍ଡ ମୋଟ ଉପରେ ୫୯ ପ୍ରତିଶତ ସମୟ ବଲ୍ ନିଜ ଅକ୍ତିଆରରେ ରଖିଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଇଂଲଣ୍ଡ ଯଥେଷ୍ଟ ଆଗରେ ରହିଥିଲା। ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ଇଂଲଣ୍ଡ ଦୁଇପାଦ ଆଗରେ ରହିଥିଲା। ଫଳରେ ଇଂଲଣ୍ଡ ସୁବିଧାଜନକ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇଦଳ ଗୋଟିଏ ଲେଖାଏ ପରିବର୍ତ୍ତନ କରିଥିଲେ। ଦ୍ୱିତୀୟାର୍ଦ୍ଧ ଶେଷ ହେବାର ୨୦ ମିନିଟ ପୂର୍ବରୁ ଇଂଲଣ୍ଡ ହ୍ୟାରି କେନ୍ ଓ ଫିଲ୍ ଫେଡେନଙ୍କୁ ବାହାରକୁ ପଠାଇବା ସହ ଓଲି ୱାଟ୍‌କିନ୍ସ ଓ କୋଲ ପାମରଙ୍କୁ ପଡିଆକୁ ଡାକିଥିଲା। ଇଂଲଣ୍ଡର ଏହି ରଣନୀତି କାମ ଦେଇଥିଲା। ୱାଟକିନ୍ସ ୯୦ତମ ମିନିଟ୍ ଗୋଲ ସ୍କୋର କରି ଇଂଲଣ୍ଡକୁ ଅଗ୍ରଣୀ କରାଇବା ସହ ୨-୧ରେ ଜିତାଇଥିଲେ।

### ସ୍ପେନ୍ ବିପକ୍ଷରେ ଇଂଲଣ୍ଡର ଅସଲି ପରୀକ୍ଷା

ଗତ ସଂସ୍କରଣ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ ହୋଇଥିବା ଇଂଲଣ୍ଡ ଏଥର ଏହି ତ୍ରୁଟି ନ ଦୋହରାଇବାକୁ ପ୍ରୟାସ କରିବ। ଫାଇନାଲରେ ସ୍ପେନ୍ ବିପକ୍ଷରେ ଇଂଲଣ୍ଡ ଅସଲି ପରୀକ୍ଷାର ସମ୍ମୁଖୀନ ହେବ। ଫିଫା ମାନ୍ୟତାରେ ଇଂଲଣ୍ଡ ୫ମ ଓ ସ୍ପେନ୍ ୮ମ ସ୍ଥାନରେ ରହିଛି। ୟୁରୋକପ୍‌ରେ ଇଂଲଣ୍ଡ ଓ ସ୍ପେନ୍ ତୃତୀୟଥର ପାଇଁ ପରସ୍ପରକୁ ଭେଟିବେ। ପୂର୍ବରୁ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଥିଲା। ବିଶ୍ୱକପ୍‌ରେ ଦୁଇ ଦଳ ଦୁଇଥର ଭେଟିଥିଲେ। ସ୍ପେନ୍ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଆଉ ଗୋଟିଏ ଡ୍ର ରହିଥିଲା। ଫାଇନାଲରେ ସ୍ପେନ୍‌କୁ ହରାଇ ଇଂଲଣ୍ଡ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ଅଛି।



କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ନବନିଯୁକ୍ତ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଗୁରୁବାର କଳିଙ୍ଗ ଷ୍ଟାଡ଼ିୟମସ୍ଥିତ ଜିମ୍ନାଷ୍ଟିକ୍ ଓ ଆକ୍ୱାଟିକ୍ ସେଣ୍ଟର୍ ପରିଦର୍ଶନ କରିଛନ୍ତି

# ଇଣ୍ଡିଆନ୍ ରେସିଂ ଫେଷ୍ଟିଭାଲରେ ଦଳ କିଣିଲେ ଗାଙ୍ଗୁଲି

**କୋଲକାତା, ୧୧।୭ (ଏଜେନ୍ସି):** ଭାରତର ଅଗ୍ରଣୀ ମୋଟରସ୍ପୋର୍ଟ୍ସ ଇଭେଣ୍ଟ ଇଣ୍ଡିଆନ ରେସିଂ ଫେଷ୍ଟିଭାଲ (ଆଇଆର୍‌ଏଫ୍)ରେ ଭାରତୀୟ କ୍ରିକେଟ୍ ଦଳର ପ୍ରାକ୍ତନ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ଦଳ କିଣିଛନ୍ତି। ଆଇଆର୍‌ଏଫ୍‌ର ୩ୟ ସଂସ୍କରଣ ଆରମ୍ଭ ହେବାକୁ ଥିବାବେଳେ ଗାଙ୍ଗୁଲି କୋଲକାତା ରୟାଲ ଟାଇଗର୍ସ ରେସିଂ ଟିମ୍‌କୁ କ୍ରୟ କରିଛନ୍ତି। ଏହି ରେସିଂ ଫେଷ୍ଟିଭାଲରେ ଇଣ୍ଡିଆନ ରେସିଂ ଲିଗ୍ (ଆଇଆର୍‌ଏଲ୍) ଓ ଫର୍ମୁଲା ୪ ଇଣ୍ଡିଆନ ଚାମ୍ପିଅନସିପ୍ (ଏଫ୍‌୪ଆଇସି) ନାମରେ ୨ଟି ମୁଖ୍ୟ ଚାମ୍ପିଅନସିପ୍ ରହିଛି। ଇଣ୍ଡିଆନ୍ ରେସିଂ ଫେଷ୍ଟିଭାଲର ପରବର୍ତ୍ତୀ ସଂସ୍କରଣ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ କୋଲକାତା ପ୍ରଥମଥର ଲାଗି ଅଂଶଗ୍ରହଣ କରିବ। କୋଲକାତା ବ୍ୟତୀତ, ହାଇଦରାବାଦ୍, ବେଙ୍ଗାଲୁରୁ, ଚେନ୍ନଇ, ଦିଲ୍ଲୀ, ଗୋଆ, କୋଚି ଓ ଅହମ୍ମଦାବାଦ ଦଳଙ୍କ ମଧ୍ୟରେ ଏକ ହାଇ-ସ୍ପିଡ୍ ଆକ୍ସନ ଦେଖିବାକୁ ମିଳିବ।

# ଓସିଏଲ୍: ଜାଗୁଆର୍ସଙ୍କୁ ହରାଇଲା ଚିତାସ୍

**କଟକ,୧୧।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଓଡ଼ିଶା କ୍ରିକେଟ ଲିଗ (ଓସିଏଲ୍)-୨୦୨୪ ଜାରି ରହିଛି। ବର୍ଷା ଯୋଗୁଁ ବାତିଲ ହୋଇଥିବା ଟୁର୍ଣ୍ଣାମେଣ୍ଟର ଗୋଟିଏ ମ୍ୟାଚ୍ ଗୁରୁବାର ବିଶ୍ରାମ ଦିବସରେ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଚିତାସ୍ ୧୮ ରନରେ ଓଡ଼ିଶା ଜାଗୁଆର୍ସଙ୍କୁ ପରାସ୍ତ କରିଛି। ୪୦ ରନର ଦ୍ରୁତ ପାଳି ଖେଳିଥିବା ଚିତାସ୍ ଦଳର ଆଶୀର୍ବାଦ ସ୍ୱାଇଁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଓସିଏ ସଦସ୍ୟ ସୁନୀଲ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଆଶୀର୍ବାଦଙ୍କୁ ପୁରସ୍କୃତ କରିଥିଲେ।

ଚଳିତ ଓସିଏଲ୍‌ରେ କ୍ରମାଗତ ବିଜୟ ଧାରା ଜାରି ରଖିଛି ଚିତାସ୍ ଦଳ। ଅଧିନାୟକ ବିପ୍ଳବ ସାମନ୍ତରାୟ ଗୁରୁବାର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୪୦ ରନ ସଂଗ୍ରହ କରିଥିଲା। ଦିନେଶ କୁମାର ମାଝୀ ଏବଂ ଶ୍ରେୟାଂଶ ଭରଦ୍ୱାଜ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଶୈଳୀରେ ନଜର ଆସିଥିଲେ। ୩ଟି ଚୌକା ବଳରେ ୧୯ରନ କରିଥିବା ବିନେଶଙ୍କ ୱିକେଟକିପର ହାତରେ ଧରାପକାଇ ସ୍ପିନର କ୍ରୀଷ୍ଣା ପଲାଇ ଜାଗୁଆର୍ସଙ୍କୁ ପ୍ରଥମ ସଫଳତା ଦେଇଥିଲେ। ଶ୍ରେୟାଂଶ ୩୦ ରନରେ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ବିପ୍ଳବ ୨୦ ଏବଂ ଓମ ଟି ମୁଣ୍ଡେ ୧୨ ରନରେ ଆଉଟ ହୋଇଥିଲେ। ଦଳ ୯୫ ରନରେ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇଥିଲା। ତେବେ ବ୍ୟାଟିଂ କ୍ରମ ୫ ନମ୍ବରରେ କ୍ରିଜକୁ ଆସିଥିବା ଆଶୀର୍ବାଦ ବଡ ସଟ୍ ଖେଳି ଜାଗୁଆର୍ସଙ୍କୁ ନିରାଶ କରିଥିଲେ। ସେ ୨୬ଟି ବଲରୁ ୩ଟି ଛକା ଏବଂ ୨ଟି ଚୌକା ବଳରେ ୪୦ରନର ପାଳି ଖେଳିଥିଲେ। ଏହାଛଡ଼ା ଆର୍ଯ୍ୟଶ୍ରୀ ଭଞ୍ଜ ୧୬ ରନ କରିଥିଲେ। ଫଳରେ ଚିତାସ୍ ୭ ୱିକେଟ ବିନିମୟରେ ୧୫୮ ରନ କରିଥିଲା। ଜାଗୁଆର୍ସର କ୍ରୀଷ୍ଣା ଏବଂ ଆଶିଷ ରଏ ୨ଟି ଲେଖାଏ, ଶୁଭମ ନାୟକ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୫୯ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଜାଗୁଆର୍ସ ୪ ୱିକେଟ ହରାଇ ୧୪୦ ରନ କରିଥିଲା। ଜାଗୁଆର୍ସ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ସମ୍ମୁଖରେ ଚିତାସ୍ ବ୍ୟାଟର ସହଜରେ ରନ୍ ସଂଗ୍ରହ କରି ପାରିନଥିଲେ। ଭେଙ୍କଟେଶ ଭାଣ୍ଡେ ୫୦ବଲରୁ ୬୪ ରନର ପାଳି ଖେଳିଥିଲେ। ଅଧିନାୟକ ଅନୀଲ ପରିଡା ୩୪ ରନକୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ପାଳି ଖେଳିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତିଙ୍କ ୨ଟି ୱିକେଟ ଦଖଲ କରିଥିଲେ। ମିଳନ ସାମଲ ଏବଂ ତାପସ କୁମାର ଦାସଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।




## କୋପା ଆମେରିକା ଫୁଟବଲ

# ଆର୍ଜେଣ୍ଟିନା-କଲମ୍ବିଆ ଫାଇନାଲ

**ଚାର୍ଲୋଟ,୧୧।୭ (ଏଜେନ୍ସି)**

ଦକ୍ଷିଣ ଆମେରିକାର ସର୍ବବୃହତ୍ ତଥା ବିଶ୍ୱର ତୃତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କୋପା ଆମେରିକାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଓ କଲମ୍ବିଆ ସୋମବାର ସକାଳେ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ଆର୍ଜେଣ୍ଟିନା ୨-୦ ଗୋଲରେ କାନାଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଲମ୍ବିଆ ଗୁରୁବାର ସକାଳେ ଟୁର୍ଣ୍ଣାମେଣ୍ଟର ଅନ୍ୟତମ ସଫଳତମ ଦଳ ଉରୁଗୁଏକୁ ୧-୦ ଗୋଲରେ ହରାଇ ଫାଇନାଲ ଟିକଟ ହାସଲ କରିଛି। ଏଥିସହ ଦୀର୍ଘ ୨୩ ବର୍ଷ ପରେ କଲମ୍ବିଆ କୋପା ଆମେରିକା ଫାଇନାଲରେ ପ୍ରବେଶ କରିଛି। ଉରୁଗୁଏ ୨୦୦୧ରେ ଟାଇଟଲ ହାସଲ କରି ପ୍ରଥମ ଓ ଶେଷଥର ପାଇଁ ଚାମ୍ପିଅନ ହୋଇଥିଲା। ସେହିପରି ଏହି ଦଳ ୧୯୭୫ରେ କଲମ୍ବିଆ ଫାଇନାଲରେ ପେରୁଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା ଓ ୫ଥର ତୃତୀୟ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅପରପକ୍ଷରେ ଆର୍ଜେଣ୍ଟିନା ୧୫ଥର ଟାଇଟଲ ହାସଲ କରିବା ସହ ୧୪ଥର ରନର୍ସଅପ, ୫ଥର ତୃତୀୟ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରି ଟୁର୍ଣ୍ଣାମେଣ୍ଟର ସଫଳତମ ଦଳ ବିବେଚିତ ହେଉଛି। ଆମେରିକାର ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଫ୍ଲୋରିଡାସ୍ଥିତ ମିଆମି ଗାର୍ଡେନ୍ସର ହାର୍ଡରକ୍ ଷ୍ଟାଡିୟମରେ ସୋମବାର ଖେଳାଯିବ।



ଜେଫରସନ ଲେର୍ମା

### କ୍ରମାଗତ ୨୮ ମ୍ୟାଚ୍‌ରେ କଲମ୍ବିଆ ଅପରାଜେୟ

ସ୍ଥାନୀୟ ବ୍ୟାଙ୍କ ଅଫ୍ ଆମେରିକା ଷ୍ଟାଡିୟମରେ ୭୦ ହଜାର ଦର୍ଶକଙ୍କ ସାମ୍ନାରେ କଲମ୍ବିଆ ଓ ଉରୁଗୁଏ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଉରୁଗୁଏ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। ଏହି ବିଜୟ ସହ କଲମ୍ବିଆ କ୍ରମାଗତ ୨୮ଟି ମ୍ୟାଚ୍‌ରେ ଅପରାଜେୟ ରହି ଇତିହାସ ସୃଷ୍ଟି କରିବା ସହ ବିଶ୍ୱରେକର୍ଡ ସୃଷ୍ଟି କରିଛି। ପୂର୍ବରୁ କଲମ୍ବିଆ ୧୯୯୨ରୁ ୯୪ ମଧ୍ୟରେ କଲମ୍ବିଆ କ୍ରମାଗତ ୨୭ଟି ମ୍ୟାଚ୍‌ରେ ଅପରାଜେୟ ରହିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୨୯ ବର୍ଷୀୟ ମିଡ୍‌ଫିଲ୍ଡର ଜେଫରସନ ଲେର୍ମା ୩୯ତମ ମିନିଟ୍‌ରେ ଗୋଲ ସ୍କୋର କରି କଲମ୍ବିଆକୁ ଅଗ୍ରଣୀ କରାଇଥିଲେ। ଜେମ୍ସ ରୋଡ୍ରିଗ୍ୱେଜଙ୍କ କର୍ଣ୍ଣର ପାସକୁ ହେଡକରି ଲେର୍ମା ଏହି ଗୋଲ ସ୍କୋର କରିଥିଲେ। ଏହାପରେ ମ୍ୟାଚ୍‌ରେ ଆଉ କୌଣସି ଗୋଲ ନ ହେବା କାରଣରୁ କଲମ୍ବିଆ ବିଜୟୀ ହୋଇ ଫାଇନାଲକୁ ଉଠିଥିଲା। ଉରୁଗୁଏ ଫୁଟବଲ ଓ ପ୍ରଶଂସକ ନିରାଶ ହୋଇଥିଲେ। କିମ୍ବଦନ୍ତୀ ଫୁଟବଲ ପେଲେ (୧୯୭୦ ବିଶ୍ୱକପ)ଙ୍କ ପରେ ରୋଡ୍ରିଗ୍ୱେଜ ଏଥିସହ ପ୍ରଥମ ଦକ୍ଷିଣ ଆଫ୍ରିକା ଫୁଟବଲର ଭାବେ କୌଣସି ମେଜର ଟୁର୍ଣ୍ଣାମେଣ୍ଟରେ ରେକର୍ଡ ସର୍ବାଧିକ ୬ଟି ଆସିଷ୍ଟ କରିଛନ୍ତି।

### ସୁଯୋଗ ହାତଛଡ଼ା କଲେ ସୁଆରେଜ, ନୁନେଜ

ସଟ୍ ଅନ୍ ଟାର୍ଗେଟ୍‌ରେ କଲମ୍ବିଆ ଆଗରେ ରହିଥିଲା ଓ ଏହାର ଫାଇଦା ହାସଲ କରିଥିଲା। ସଟ୍‌ରେ କିନ୍ତୁ ଦୁଇ ଦଳର ପ୍ରଦର୍ଶନ ସମାନ ରହିଥିଲା। ଉରୁଗୁଏ ମ୍ୟାଚ୍‌ର ୬୨ ପ୍ରତିଶତ ସମୟ ବଲକୁ ଅକ୍ତିଆରରେ ରଖିଥିଲା। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଉରୁଗୁଏ ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ କରିବାକୁ ଉରୁଗୁଏ ଖେଳାଳି ପ୍ରାଣପଣେ ଚେଷ୍ଟା କରିଥିଲେ। ଅଭିଜ୍ଞ ଲୁଇସ୍ ସୁଆରେଜ ଓ ଡାରୱିନ୍ ନୁନେଜ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନଥିଲେ। କଲମ୍ବିଆର ଡିଫେନ୍ସକୁ ଭେଦ କରିପାରି ନଥିଲେ ଉରୁଗୁଏ ଖେଳାଳି। ପରାଜୟ ପରେ ଉରୁଗୁଏ ଖେଳାଳି ଓ ପ୍ରଶଂସକଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ

# ପ୍ରି-କ୍ୱାର୍ଟରରେ ନାଗଲଙ୍କ ବିପର୍ଯ୍ୟୟ



**ବର୍ଲିନ,୧୧।୭ (ଏଜେନ୍ସି):** ଜର୍ମାନୀର ବ୍ରୁନସ୍ୱିକ୍‌ଠାରେ ଚାଲିଥିବା ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟରେ ଭାରତର ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ପ୍ରି- କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ନାଗଲ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଆର୍ଜେଣ୍ଟିନାର ପେଡ୍ରୋ କାଚିନଙ୍କଠାରୁ ୬-୪, ୭-୫ ସିଧାସଳଖ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଫଳରେ ନାଗଲଙ୍କ ପ୍ୟାରିସ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଝଟ୍‌କା ଲାଗିଛି। ନାଗଲ ଏଟିପି ମାନ୍ୟତାର ୭୩ତମ ସ୍ଥାନରେ ରହିଥିବା ବେଳେ କାଚିନ ୧୧୭ତମ ସ୍ଥାନରେ ରହିଛନ୍ତି। ନାଗଲ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ଓ ଏହି ଟୁର୍ଣ୍ଣାମେଣ୍ଟ ଖେଳି ଅଭ୍ୟାସ କରିବା ଲକ୍ଷ୍ୟ ରହିଥିଲେ। ପୂର୍ବରୁ ପ୍ରଥମ ରାଉଣ୍ଡ ମୁକାବିଲାରେ ନାଗଲ ୬-୧, ୬-୪ ସେଟ୍‌ରେ ବ୍ରାଜିଲର ଫେଲିପ୍ ମେଲିଜେନି ଆଲଭେସ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଥିଲେ।

# ପାକିସ୍ତାନ ଗସ୍ତ କରିବନି ଭାରତ

## ଦୁବାଇ କିମ୍ବା ଶ୍ରୀଲଙ୍କାରେ ଖେଳିବାକୁ କହିପାରେ



**ନୂଆଦିଲ୍ଲୀ,୧୧।୭(ଏଜେନ୍ସି):** ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚ ମାସରେ ପାକିସ୍ତାନରେ ଆୟୋଜନ ହେବ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ। ତେବେ ଭାରତ ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ଜଣାପଡିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତର ମ୍ୟାଚ୍‌ଗୁଡିକୁ ପାକିସ୍ତାନ ବଦଳରେ ଦୁବାଇ କିମ୍ବା ଶ୍ରୀଲଙ୍କାରେ ଆୟୋଜନ କରାଇବାକୁ ଆଇସିସିକୁ କହିବ ବୋଲି ବୋର୍ଡ ସୂତ୍ରରୁ ଜଣାଯାଇଛି। ତେବେ ବିସିସିଆଇ ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ।

ଗତବର୍ଷ ପାକିସ୍ତାନରେ ଅନୁଷ୍ଠିତ ଏସିଆ କପ୍ ଖେଳିବାକୁ ଭାରତ ପାକିସ୍ତାନ ଯାଇ ନଥିଲା ଓ ଭାରତର ମ୍ୟାଚ୍ ଶ୍ରୀଲଙ୍କାରେ ଆୟୋଜିତ ହୋଇଥିଲା। ଭାରତ ୨୦୦୮ରେ ଶେଷଥର ପାଇଁ ପାକିସ୍ତାନ ଗସ୍ତ କରିଥିଲା। ଏହାପରେ ମୁମ୍ବଇରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଗସ୍ତରେ ଭାରତ ଯାଇନାହିଁ। ତେବେ ୨୦୧୨-୧୩ରେ ପାକିସ୍ତାନ ଭାରତ ଆସି ୩ଟି ଦିନିକିଆ ଓ ୨ଟି ଟି-୨୦ ମ୍ୟାଚ୍ ଖେଳିଥିଲା। ଦୁଇଦେଶ ମଧ୍ୟରେ ଏହା ଥିଲା ଶେଷ ଦ୍ୱିପାକ୍ଷିକ ସିରିଜ। ଏହାପରେ ୨୦୧୩ରୁ ୨୦୨୪ ମଧ୍ୟରେ ଭିନ୍ନ ଭିନ୍ନ ଭେନ୍ୟୁରେ ଅନୁଷ୍ଠିତ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଦୁଇଦଳ ୮ଟି ଟି-୨୦ ଓ ୧୧ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଗତବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ଖେଳିବାକୁ ପାକିସ୍ତାନ ଭାରତ ଆସିଥିଲା।

### ୨୮ ବର୍ଷ ପରେ ପାକିସ୍ତାନରେ ବଡ଼ ଟୁର୍ଣ୍ଣାମେଣ୍ଟ

ଆସନ୍ତାବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ପାଇଁ ୧୫ ମ୍ୟାଚ୍‌ର ଏକ ଡ୍ରାଫ୍ଟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଇସିସି ନିକଟକୁ ପଠାଇଛି। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ୮ଟି ଦଳର ମତାମତ ନେବା ପରେ ଆଇସିସି ଏହି କାର୍ଯ୍ୟସୂଚୀକୁ ଅନୁମୋଦନ କରିବ। ୧୯୯୬ ପରେ ଅର୍ଥାତ ଦୀର୍ଘ ୨୮ ବର୍ଷ ପରେ ପାକିସ୍ତାନ ପ୍ରଥମଥର ପାଇଁ କୌଣସି ବଡ଼ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି।

### ଲାହୋରରେ ଭାରତ ମ୍ୟାଚ୍ ଆୟୋଜନ କରିବାକୁ ପ୍ରସ୍ତାବ

ଚାମ୍ପିଅନ୍ସ ଟ୍ରଫିରେ ଭାରତର ସବୁ ମ୍ୟାଚ୍‌କୁ ଲାହୋରରେ ଆୟୋଜନ କରିବାକୁ ପିସିବି ଭାରତକୁ ପ୍ରସ୍ତାବ ଦେଇଥିଲା। ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ପାଇଁ ପିସିବି ଏପରି ପ୍ରସ୍ତାବ ଦେଇଥିଲା। ଲାହୋରରେ ୭, କରାଚୀରେ ୩ ଓ ରାୱଲପିଣ୍ଡିରେ ୫ଟି ମ୍ୟାଚ୍ ଆୟୋଜନ କରାଯିବ ବୋଲି ଡ୍ରାଫ୍ଟରେ ଉଲ୍ଲେଖ କରାଯାଇଥିଲା। ଯଦି ଭାରତ ସେମିକୁ ଉଠେ ତେବେ ଏହି ମ୍ୟାଚ୍ ମଧ୍ୟ ଲାହୋରରେ ଖେଳାଯିବ ବୋଲି ପିସିବି କହିଛି। ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ'ରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆଫଗାନିସ୍ତାନ ସ୍ଥାନୀତ ହୋଇଛନ୍ତି।

# ପ୍ରକାଶ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ମେଣ୍ଟର୍

## ପ୍ୟାରିସ ଅଲିମ୍ପିକ୍ସ ଆଉ ୧୩ ଦିନ



**ନୂଆଦିଲ୍ଲୀ,୧୧।୭(ଏଜେନ୍ସି):** ଜୁଲାଇ ୨୬ ତାରିଖରୁ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଆରମ୍ଭ ହେବାକୁ ଯାଉଛି ଅଲିମ୍ପିକ୍ସର ୩୩ତମ ସଂସ୍କରଣ। ଏହି ମେଗା ଇଭେଣ୍ଟରେ ଏଥର ମଧ୍ୟ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳିମାନେ ପଦକ ହାସଲ କରିବେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଅଲିମ୍ପିକ୍ସରେ ବ୍ୟାଡମିଣ୍ଟନ ଇଭେଣ୍ଟ ଜୁଲାଇ ୨୭ରୁ ଆରମ୍ଭ ହୋଇ ଅଗଷ୍ଟ ୫ରେ ଶେଷ ହେବ। କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍ ଭାରତୀୟ ବ୍ୟାଡମିଣ୍ଟନ ଦଳର ମେଣ୍ଟର ଭାବେ ଦାୟିତ୍ୱ ନିର୍ବାହ କରିବେ। ପାଦୁକୋନ ପ୍ରଥମ ଭାରତୀୟ ଖେଳାଳି ଭାବେ ହାଇପ୍ରୋଫାଇଲ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଟାଇଟଲ ଜିତି ଇତିହାସ ସୃଷ୍ଟି କରିବା ସହ ଭାରତୀୟ ବ୍ୟାଡମିଣ୍ଟନକୁ ନୂଆ ସୋପାନରେ ପହଞ୍ଚାଇଥିଲେ। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ବ୍ୟାଡମିଣ୍ଟନକୁ ସାମିଲ କରାଯାଇଥିଲା। ଏହା ସତ୍ତ୍ୱେ ସେ ୧୯୯୧ରେ ବ୍ୟାଡମିଣ୍ଟନରୁ ଅବସର ନେଇଥିଲେ।

### ତୃତୀୟ ଅଲିମ୍ପିକ୍ସ ଖେଳିବେ ସିନ୍ଧୁ

ପ୍ରକାଶ ସ୍ଥାପନ କରିଥିବା 'ପ୍ରକାଶ ପାଦୁକନ ବ୍ୟାଡମିଣ୍ଟନ ଏକାଡେମୀ'ରୁ ଲକ୍ଷ୍ୟ ସେନଙ୍କ ଭଳି ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ମହିଳା ତାରକା ପିଭି ସିନ୍ଧୁ ମଧ୍ୟ ପାଦୁକୋନଙ୍କୁ ତାଙ୍କର ମେଣ୍ଟର ବୋଲି ପୂର୍ବରୁ ଘୋଷଣା କରିସାରିଥିଲେ। ସେ ତୃତୀୟଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ମହିଳା ଏକକରେ ରୌପ୍ୟ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ। ପ୍ରଶିକ୍ଷକ ଓ ଫିଜିଓଙ୍କ ସହ ୭ ଖେଳାଳି ଓ ୮ ସପୋର୍ଟ ଷ୍ଟାଫ୍ ପ୍ୟାରିସ ଗସ୍ତ କରିବେ। ପୁଲେଲା ଗୋପୀଚାନ୍ଦ, ଆରଏମ୍‌ଭି ଗୁରୁସାଇଦତ୍ତ, ଅଗୁସ ସାଣ୍ଟୋସ, ବିମଲ କୁମାର ଓ ମାଥିଆସ ବୋଏ କୋଚ୍ ଭାବେ ପ୍ୟାରିସ୍ ଗସ୍ତ କରିବେ। ସେହିପରି ଜେଇନିଆ ସମର ଓ କିରନ ଚଲ୍ଲାଗୁଣ୍ଡଲା ଫିଜିଓଥେରାପିଷ୍ଟ ଭାବେ ଦଳ ସହ ଗସ୍ତ କରିବେ। ଗୋପୀଚାନ୍ଦ ଜାତୀୟ ଦଳର କୋଚ୍ ରହିଥିବା ବେଳେ ଏଚ୍‌ଏସ୍ ପ୍ରଣୟଙ୍କ କୋଚ ରହିଛନ୍ତି ଗୁରୁସାଇଦତ୍ତ। ସେହିପରି ବୋଏ ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକ ଓ ଚିରାଗଙ୍କର ଏବଂ ମହିଳ ଯୁଗଳ ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନୀଶାଙ୍କ କୋଚ୍ ଭାବେ ଗସ୍ତ କରିବେ। ସେହିପରି ବିମଲ କୁମାର ଲକ୍ଷ୍ୟଙ୍କୁ ଓ ଅଗସ ସିନ୍ଧୁଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

**ଭାରତୀୟ ବ୍ୟାଡମିଣ୍ଟନ ଦଳ:** ପିଭି ସିନ୍ଧୁ (ମହିଳା ଏକକ), ଏଚ୍‌ଏସ୍ ପ୍ରଣୟ (ପୁରୁଷ ଏକକ), ଲକ୍ଷ୍ୟ ସେନ୍ (ପୁରୁଷ ଏକକ), ଚିରାଗ ସେଟ୍ଟୀ (ପୁରୁଷ ଯୁଗଳ), ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ (ପୁରୁଷ ଯୁଗଳ), ତନୀଶା କ୍ରାଷ୍ଟୋ (ମହିଳା ଯୁଗଳ), ଅଶ୍ୱିନୀ ପୋନାପ୍ପା (ମହିଳା ଯୁଗଳ)।

## ବିଶ୍ୱର ପ୍ରଥମ ଦଳ ଭାବେ କୀର୍ତ୍ତିମାନ

# ୧୫୦ତମ ଟି-୨୦ ମ୍ୟାଚ୍ ଜିତିଲା ଭାରତ

**ହରାରେ, ୧୧।୭ (ଏଜେନ୍ସି):** ଚଳିତ ଜିମ୍ବାୱେ ଗସ୍ତରେ ୩ୟ ଟି-୨୦ ମ୍ୟାଚକୁ ୨୩ ରନରେ ଜିତି ଭାରତୀୟ ଦଳ ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ୍ ଜିତିବା ସହ ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ଟି-୨୦ ଫର୍ମାଟ୍‌ରେ ୧୫୦ ମ୍ୟାଚ୍ ଜିତିବାର ବିଶ୍ୱକୀର୍ତ୍ତିମାନ କରିଛି। ଟିମ୍ ଇଣ୍ଡିଆ ୨୦୦୬ ଡିସେମ୍ବର ୧ ତାରିଖରେ ଜୋହାନ୍ସବର୍ଗରେ ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହା ସର୍ବପ୍ରଥମ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ଏହି ଛୋଟିଆ ଫର୍ମାଟ୍‌ରେ ଯାତ୍ରା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ୧୮ ଦେଶ ବିପକ୍ଷରେ ମୋଟ୍ ୨୩୦ ଟି-୨୦ ମ୍ୟାଚ୍ ଖେଳି ୧୫୦ରେ ବିଜୟ ସ୍ୱାଦ ଚାଖିଛି। ବିଶ୍ୱରେ ସର୍ବାଧିକ ଟି-୨୦ ମ୍ୟାଚ୍ ଜିତିବାରେ ଭାରତ ପ୍ରଥମ ସ୍ଥାନରେ ରହିଥିବାବେଳେ ପାକିସ୍ତାନ (୧୪୨ଟି), ନ୍ୟୁଜିଲାଣ୍ଡ (୧୧୧), ଅଷ୍ଟ୍ରେଲିଆ (୧୦୫) ଓ ଦକ୍ଷିଣ ଆଫ୍ରିକା (୧୦୪ ବିଜୟ) ଯଥାକ୍ରମେ ପରବର୍ତ୍ତୀ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ସର୍ବାଧିକ ୩୨ ମ୍ୟାଚ୍ ଖେଳି ସର୍ବାଧିକ ୨୦ରେ ବିଜୟୀ ହୋଇଛି। ଏହା ପଛକୁ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୯ଟି ଲେଖାଏ ମ୍ୟାଚ୍ ଜିତିଛି। ଭାରତ ହଂକଂ, ନାମିବ୍ୟା, ଆମେରିକା, ନେପାଳ, ନେଦରଲାଣ୍ଡସ, ୟୁଏଇ ବିପକ୍ଷରେ ଗୋଟିଏ ଲେଖାଏ ମୁକାବିଲା ଖେଳି ବିଜୟୀ ହୋଇଛି। ସେହିଭଳି ସ୍କଟଲାଣ୍ଡ ବିପକ୍ଷରେ ୨ ମୁକାବିଲାରୁ ଗୋଟିଏ ଜିତିଥିବାବେଳେ ଗୋଟିଏରେ ଫଳାଫଳ ବାହାରିନାହିଁ।

**ଟି-୨୦ରେ ଭାରତର ବିଜୟ ରେକର୍ଡ**

| ପ୍ରତିପକ୍ଷ | ଖେଳିଛି | ଜିତିଛି |
|---|---|---|
| ଅଷ୍ଟ୍ରେଲିଆ | ୩୨ | ୨୦ |
| ୱେଷ୍ଟଇଣ୍ଡିଜ | ୩୦ | ୧୯ |
| ଶ୍ରୀଲଙ୍କା | ୨୯ | ୧୯ |
| ଦ.ଆଫ୍ରିକା | ୨୭ | ୧୫ |
| ନ୍ୟୁଜିଲାଣ୍ଡ | ୨୪ | ୧୩ |
| ବାଂଲାଦେଶ | ୧୪ | ୧୩ |
| ନ୍ୟୁଜିଲାଣ୍ଡ | ୨୫ | ୧୨ |
| ପାକିସ୍ତାନ | ୧୩ | ୯ |
| ଜିମ୍ବାୱେ | ୧୧ | ୮ |
| ଆୟର୍ଲାଣ୍ଡ | ୮ | ୮ |
| ଆଫଗାନିସ୍ତାନ | ୯ | ୭ |



ବେନ୍ ଷ୍ଟୋକ୍ସ

## ଲର୍ଡ୍ସ ଟେଷ୍ଟ: ପାଳି ପରାଜୟ ଆଶଙ୍କାରେ ୱେଷ୍ଟଇଣ୍ଡିଜ

**ଲଣ୍ଡନ, ୧୧।୭ (ଏଜେନ୍ସି):** କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପାଳି ପରାଜୟ ଦ୍ୱାରରେ ପହଞ୍ଚିଛି। ୱେଷ୍ଟଇଣ୍ଡିଜର ପ୍ରଥମ ପାଳି ସ୍କୋର ୧୨୧ ରନ ଜବାବରେ ଘରୋଇ ଇଂଲଣ୍ଡ ଗୁରୁବାର ୨ୟ ଦିବସରେ ୩୭୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ଜ୍ୟାକ୍ କ୍ରଲୀ ସର୍ବାଧିକ ୭୬, ୱିକେଟ୍‌ରକ୍ଷକ ଜାମି ସ୍ମିଥ୍ ୭୦, ଜୋ ରୁଟ୍ ୬୮, ଓଲି ପୋପ୍ ୫୭ ଓ ହ୍ୟାରୀ ବ୍ରୁକ୍ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାଡେନ ସେଲ୍ସ ୪ ଏବଂ ଜାସନ ହୋଲ୍ଡର ଓ ଗୁଡାକେଶ ମୋତି ୨ଟି ଲେଖାଏ ୱିକେଟ୍ ହାସଲ କରିଥିଲେ। ଜବାବରେ ୨୫୦ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ରିପୋର୍ଟ ଲେଖା ହେଲାବେଳକୁ ୨୧ ଓଭରରେ ୪୨ ରନରେ ୪ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପାଳି ପରାଜୟରୁ ବର୍ତ୍ତିବା ଲାଗି ଇଣ୍ଡିଜ ବଳକା ୬ ୱିକେଟ୍‌ରେ ଆହୁରି ୨୦୮ ରନ ଆବଶ୍ୟକ କରୁଛି। ଅଧିନାୟକ କ୍ରେଗ୍ ବାର୍ଥୱେଟ୍ ୪, ମାଇକଲେ ଲୁଇସ ୧୪, କାଭିମ ହୋଡଗେ ୪ ରନରେ ଆଉଟ୍ ହୋଇଥିବାବେଳେ କିର୍କ ମ୍ୟାକେଞ୍ଜି ଖାତା ଖୋଲିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଛି।

# ପ୍ରଥମ ଫାଇନାଲରେ ପାଓଲିନି



ୱିମ୍ବଲଡନ ଟେନିସ୍

**ଲଣ୍ଡନ,୧୧।୭(ଏଜେନ୍ସି):** ଇଟାଲୀ ମହିଳା ଟେନିସ ତାରକା ଜସ୍ମିନ୍ ପାଓଲିନି ଇତିହାସ ସୃଷ୍ଟି କରିଛନ୍ତି। ଚଳିତ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ମହିଳା ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ୭ମ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୨-୬,୬-୪, ୭-୬ ସେଟ୍‌ରେ କ୍ରୋଏସିଆର ଡୋନା ଭେକିକଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଛନ୍ତି। ଏଥିସହ ୨୮ ବର୍ଷୀୟା ପାଓଲିନ୍ ପ୍ରଥମ ଇଟାଲୀ ମହିଳା ଖେଳାଳି ଭାବେ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରି ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ସେ ଦ୍ୱିତୀୟଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଉଠିଛନ୍ତି।

ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ସେ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ସେଟ୍‌କୁ ସହଜରେ ହାତେଇଥିଲେ ମଧ୍ୟ ସେ ତୃତୀୟ ସେଟ୍ ଜିତିବାକୁ କଡ଼ା ସଂଘର୍ଷ କରିଥିଲେ। କିମ୍ବଦନ୍ତୀ ଆମେରିକୀୟ ମହିଳା ଖେଳାଳି ସେରେନା ୱିଲିୟମ୍ସଙ୍କ ପରେ ସେ ପ୍ରଥମ ମହିଳା ଖେଳାଳି ଭାବେ ଗୋଟିଏ ସିଜନରେ ଉଭୟ ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ସେ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ଆମେରିକାର ୧୯ତମ ସିଡ୍ ଖେଳାଳି ଇମା ନାଭାରୋଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପାଓଲିନି ଏବେ ଟାଇଟଲ ପାଇଁ ଶନିବାର ଦ୍ୱିତୀୟ ସେମିଫାଇନାଲର ବିଜୟିନୀ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା କିମ୍ବା ୩୧ତମ ସିଡ୍ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭାଙ୍କୁ ଭେଟିବେ। ପାଓଲିନି ଗତମାସରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ ଫାଇନାଲରେ ୨-୬, ୧-୬ ସେଟ୍‌ରେ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଡବ୍ଲ୍ୟୁଟିଏ ମାନ୍ୟତାର ୭ମ ସ୍ଥାନରେ ରହିଥିବା ପାଓଲିନି ଏପର୍ଯ୍ୟନ୍ତ କ୍ୟାରିୟରରେ ଦୁଇଟି ଏକକ ଓ ୪ଟି ଯୁଗଳ ଟାଇଟଲ ଜିତିଛନ୍ତି।

### ଫାଇନାଲରେ ପୁର୍ସେଲ- ଥମ୍ପସନ

ୱିମ୍ବଲଡନ ପୁରୁଷ ଯୁଗଳ ପ୍ରତିଯୋଗିତାରେ ୧୫ତମ ସିଡ୍ ମାନ୍ୟତା ପାଇଥିବା ଅଷ୍ଟ୍ରେଲୀୟ ଯୋଡି ମ୍ୟାକ୍ସ ପୁର୍ସେଲ ଓ ଜୋର୍ଡାନ ଥମ୍ପସନ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡି ୬-୪, ୬-୪ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ଯୋଡି ସ୍ପେନ୍‌ର ମାର୍ସେଲ ଗ୍ରାନୋଲେର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଫାଇନାଲରେ ଏହି ଅଷ୍ଟ୍ରେଲୀୟ ଯୋଡି ଫିନଲାଣ୍ଡର ହାରି ହେଲିଓଭାରା ଓ ବ୍ରିଟେନର ହେନେରୀ ପାଟେନଙ୍କୁ ଭେଟିବେ।

## ଫିଲ୍ଡିଂ ପ୍ରଶିକ୍ଷକ ନିଯୁକ୍ତି

# ଗମ୍ଭୀରଙ୍କ ପ୍ରସ୍ତାବକୁ ବିସିସିଆଇର ଅଗ୍ରାହ୍ୟ

**ନୂଆଦିଲ୍ଲୀ,୧୧।୭(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ନବ ନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଫିଲ୍ଡିଂ କୋଚ୍ ନିଯୁକ୍ତ ନେଇ ଦେଇଥିବା ପ୍ରସ୍ତାବକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଗ୍ରାହ୍ୟ କରିଛି। ଫିଲ୍ଡିଂ ପ୍ରଶିକ୍ଷକ ପଦରେ ଗମ୍ଭୀର ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ତଥା ମହାନ ଫିଲ୍ଡର ଜଣ୍ଟି ରୋଡ୍ସଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ। ବିସିସିଆଇ କୋଚିଂ ଷ୍ଟାଫ୍‌ରେ କେବଳ ଭାରତୀୟଙ୍କୁ ହିଁ ନିଯୁକ୍ତି ଦେବାକୁ ଚାହୁଁଛି। ତେଣୁ ଗମ୍ଭୀରଙ୍କ ସହ ବୋର୍ଡ ଏ ନେଇ ଏକମତ ହୋଇନାହିଁ ବୋଲି କୁହାଯାଇଛି। ବୋଲିଂ ପ୍ରଶିକ୍ଷକ ଦୌଡ଼ରେ ପୂର୍ବତନ ଦ୍ରୁତ ବୋଲର ଜାହିର ଖାନ୍ ଓ ଲକ୍ଷ୍ମୀପତି ବାଲାଜୀ ସାମିଲ ହୋଇଥିଲେ। ପୂର୍ବରୁ ମଙ୍ଗଳବାର ରାହୁଲ ଦ୍ରାବିଡ୍‌ଙ୍କ ସ୍ଥାନରେ ଗମ୍ଭୀରଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ଖୁବଶୀଘ୍ର ସବୁ ସପୋର୍ଟ ଷ୍ଟାଫ୍ ନିଯୁକ୍ତି ଦିଆଯିବ ବୋଲି ଆଶା କରାଯାଉଛି।

## ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ

# ଜ୍ୟୋତ୍ସ୍ନା, ରିଙ୍କିଙ୍କୁ ସ୍ୱର୍ଣ୍ଣିମ ସଫଳତା

**ଭୁବନେଶ୍ୱର, ୧୧।୭ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଟୁର୍ଣ୍ଣାମେଣ୍ଟ (ଜୋନ-ଏ)ର ପ୍ରଥମ ଦିବସରେ ଓଡ଼ିଶାକୁ ୫ଟି ପଦକ ସଫଳତା ମିଳିଛି। ଯେଉଁଥିରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ସହ ଗୋଟିଏ ରୌପ୍ୟ ପଦକ ରହିଛି। ଜ୍ୟୋତ୍ସ୍ନା ଶବର ଓ ରିଙ୍କି ନାୟକ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଯୁବା ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ୟୁଥ୍ ୪୯ କିଗ୍ରା ବିଭାଗରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ସ୍ନାଚରେ ୫୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୬୮ କିଗ୍ରା ସହ ମୋଟ୍ ୧୨୭ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରିଙ୍କି ବରିଷ୍ଠ ୪୫ କିଗ୍ରା ବିଭାଗରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରିଙ୍କି ସ୍ନାଚରେ ୬୧ ଓ କ୍ଲିନ ଆଣ୍ଡ ଜର୍କରେ ୮୦ ସହ ମୋଟ୍ ୧୪୧ କିଗ୍ରା ଭାର ଉଠାଇଥିଲେ। ଅନ୍ୟତମ ଅଭିଜ୍ଞ ଭାରୋତ୍ତୋଳିକା ଝିଲ୍ଲି ଦଳବେହେରା ଓ ସନ୍ଧ୍ୟାରାଣୀ ନାୟକ ବରିଷ୍ଠ ୪୯ କିଗ୍ରା ବିଭାଗରେ ଯଥାକ୍ରମେ ପୋଡିୟମର ୨ୟ ଏବଂ ୩ୟ ସ୍ଥାନରେ ରହି ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଝିଲ୍ଲି ମୋଟ୍ ୧୬୬ କିଗ୍ରା ଓ ସନ୍ଧ୍ୟା ୧୫୪ କିଗ୍ରା ଭାର ଉତ୍ତୋଳନ କରିଥିଲେ। ଏଥିରେ ଛତିଶଗଡ଼ର ଜ୍ଞାନେଶ୍ୱରୀ ଯାଦବ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ଓଡ଼ିଶା ପାଇଁ ୨ୟ କାଂସ୍ୟ ପଦକ ତୁଳସୀ ଶବର ଜିତିଥିଲେ। ସେ ୟୁଥ୍ ୪୫ କିଗ୍ରା ବିଭାଗରେ ମୋଟ୍ ୧୧୮ କିଗ୍ରା ଭାର ଉଠାଇ ୩ୟ ସ୍ଥାନରେ ରହିଥିଲେ।

ଗୁରୁବାର ପଦକ ପ୍ରଦାନ ଉତ୍ସବରେ ଅଲିମ୍ପିକ ପଦକ ବିଜେତା ବୀରେନ୍ଦ୍ର ଲାକ୍ରା, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ, ଲାଜରୁସ ବାର୍ଲା ଓ ଚେସ୍ ତାରକା ପଦ୍ମିନୀ ରାଉତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଭାରୋତ୍ତୋଳନ ମହାସଂଘ, ରାଜ୍ୟ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଏଥିରେ ୧୧ଟି ରାଜ୍ୟ ଓ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ)ର ମୋଟ୍ ୧୫୦ଜଣ ଭାରୋତ୍ତୋଳିକା ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଘରୋଇ ଓଡ଼ିଶାରୁ ୨୨ ଜଣ ଭାରୋତ୍ତୋଳିକା ରହିଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS